# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୧/୨୦୨୩ (୧୬ ପୃଷ୍ଠା) Bhubaneswar, Friday, September 1/2023 Page 16 ₹ 7.00

୪୯ଶ ଭାଗ ୨୭୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 277 ମୂଲ୍ୟ₹୭/-




**ଆତ୍ମଘାତୀ ବିସ୍ଫୋରଣ: ୯ ସୈନିକ ମୃତ**

ପେଶାୱର,୩୧।୮: ପାକିସ୍ତାନର ଖାଇବର ପଖ୍ତୁନ୍‌ରେ ଗୁରୁବାର ଆତ୍ମଘାତୀ ବିସ୍ଫୋରଣ ଘଟିଛି। ଆତ୍ମଘାତୀ ଜଣକ ଏକ ବାଇକ୍‌ରେ ଆସି ସୁରକ୍ଷା ଗାଡ଼ିକୁ ଲକ୍ଷ୍ୟ କରି ବିସ୍ଫୋରଣ ଘଟାଇଥିଲେ। ଏଥିରେ ୯ଜଣ ପାକିସ୍ତାନୀ ସୈନିକଙ୍କ ମୃତ୍ୟୁ ଘଟିଥିବାବେଳେ ୨୦ ଜଣ ଆହତ ହୋଇଛନ୍ତି। ଆଫଗାନିସ୍ତାନ ସୀମା ସଂଲଗ୍ନ ବାନୁ ଅଞ୍ଚଳରେ ହୋଇଥିବା ବିସ୍ଫୋରଣ ଯୋଗୁ କୌଣସି ଆତଙ୍କବାଦୀ ସଂଗଠନ ନିଜକୁ ଦାୟୀ କରିନାହାନ୍ତି। ୨୦୨୨ରୁ ଆତଙ୍କବାଦୀ ସଂଗଠନ ପକ୍ଷରୁ ବିଭିନ୍ନ ସମୟରେ ପାକିସ୍ତାନ ସେନା ଉପରେ ଆକ୍ରମଣ କରାଯାଉଛି।



ଆମେରିକାର ଫ୍ଲୋରିଡାରେ ଇଡାଲିଆ ଝଡ଼ ପରେ ଜଳମଗ୍ନ ଟାର୍ପୋନ୍ ସ୍ପ୍ରିଙ୍ଗସ୍।

# ଚନ୍ଦ୍ରରେ ସଲ୍‌ଫର ଥିବା ସ୍ପଷ୍ଟକଲା ରୋଭର

**ବେଙ୍ଗାଲୁରୁ,୩୧।୮**



ଚନ୍ଦ୍ରର ଦକ୍ଷିଣ ମେରୁରେ ସଲ୍‌ଫର (ଗନ୍ଧକ) ଏବଂ ଅନ୍ୟାନ୍ୟ ଉପାଦାନ ରହିଥିବା ରୋଭର ପ୍ରଜ୍ଞାନ ପୁଣିଥରେ ସ୍ପଷ୍ଟ କରିଛି। ଏଥର ଭିନ୍ନ ପ୍ରଯୁକ୍ତିରେ ରୋଭର ଉପରୋକ୍ତ ଉପାଦାନ ରହିଥିବା ଜାଣିବାକୁ ପାଇଛି ବୋଲି ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ପକ୍ଷରୁ ଘୋଷଣା କରାଯାଇଛି। ପ୍ରଜ୍ଞାନରେ ଥିବା ଲେଜର-ଇଣ୍ଡ୍ୟୁସ୍‌ଡ ବ୍ରେକ୍‌ଡାଉନ ସ୍ପେକ୍ଟ୍ରୋସ୍କୋପ୍ (ଏଲ୍‌ଆଇବିଏସ୍) ଉପକରଣ ଦ୍ୱାରା ଚନ୍ଦ୍ର ଦକ୍ଷିଣ ମେରୁରେ ସଲ୍‌ଫର ଥିବା ସ୍ପଷ୍ଟ ହୋଇଥିଲା। ରୋଭରର ଆଲ୍‌ଫା ପାର୍ଟିକ୍ଲ ଏକ୍ସ-ରେ ସ୍ପେକ୍ଟ୍ରୋସ୍କୋପ୍ (ଏପିଏକ୍ସଏସ୍) ଉପକରଣ ପୁନର୍ବାର ସଲ୍‌ଫର ଓ ଅନ୍ୟ କେତେକ ଉପାଦାନକୁ ଚିହ୍ନଟ କରିପାରିଛି।

ଚନ୍ଦ୍ରୟାନ-୩ର ଲ୍ୟାଣ୍ଡର ବିକ୍ରମରେ ଥିବା ୩ ପ୍ଲେଲୋଡ୍ ଚନ୍ଦ୍ର ଦକ୍ଷିଣ ମେରୁ ଅଞ୍ଚଳର ପ୍ଲାଜ୍‌ମା ପରିବେଶର ପ୍ରଥମ ଆକଳନ କରିଛି। ବିକ୍ରମରେ ଥିବା ସମ୍ବେଦନଶୀଳ ଆୟନୋସ୍ପିୟର ଏବଂ ଆଟମୋସ୍ପିୟରର ରେଡିଓ ଆନାଟୋମି-ଲାଙ୍ଗମୁଇର ପ୍ରୋବ୍ (ରମ୍ଭା-ଏଲ୍‌ପି) ପ୍ଲେଲୋଡ୍ ପ୍ଲାଜ୍‌ମାର ଆକଳନ କରିଥିଲା।

# 'ଏକ୍ସ'କୁ ଆସିବ ଭିଡିଓ, ଅଡିଓ କଲ୍

**ୱାଶିଂଟନ,୩୧।୮**

'ଏକ୍ସ' (ପୂର୍ବର ଟୁଇଟର)କୁ ଭିଡିଓ ଏବଂ ଅଡିଓ କଲ୍ ଆସିପାରିବ ବୋଲି ଏହାର ନୂଆ ମାଲିକ ଏଲନ୍ ମସ୍କ ଘୋଷଣା କରିଛନ୍ତି। ସେ ତାଙ୍କ ଆପ୍‌କୁ ସୁପର ଆପ୍‌ରେ ପରିବର୍ତ୍ତନ କରିବା ଲାଗି ଯୋଜନା ରଖିଛନ୍ତି। ଭିଡିଓ ଏବଂ ଅଡିଓ କଲ୍ ସେ ଦିଗରେ ଅନ୍ୟତମ ପଦକ୍ଷେପ। କିଛିଦିନ ହେଲା କଳ୍ପନାଜଳ୍ପନା ଲାଗିରହିଥିବାବେଳେ ମସ୍କ ଏହାକୁ ସ୍ପଷ୍ଟ କରିଛନ୍ତି। ଏହି ନୂଆ ଫିଚର ଆଇଓଏସ୍, ଆଣ୍ଡ୍ରଏଡ୍, ମାକ୍ ଏବଂ ପିସି ସେଟ୍‌ରେ କାର୍ଯ୍ୟ କରିବ। ଭିଡିଓ ଏବଂ ଅଡିଓ କଲ୍ ପାଇଁ ଫୋନ୍ ନମ୍ବର ଆବଶ୍ୟକ ପଡ଼ିବ ନାହିଁ। ବିଶ୍ୱସ୍ତରରେ ଏକ୍ସ ଏକ ଠିକଣା ପୁସ୍ତକ ବୋଲି ମସ୍କ କହିଛନ୍ତି।

# ଜି-୨୦ ସମିଟ୍‌ରେ ଜିନ୍‌ପିଙ୍ଗ୍ ଯୋଗଦେଇ ନ ପାରନ୍ତି

**ନୂଆଦିଲ୍ଲୀ,୩୧।୮(ପି.ଟି.)**



ଶି ଜିନ୍‌ପିଙ୍ଗ୍

ନୂଆଦିଲ୍ଲୀରେ ଆସନ୍ତା ସପ୍ତାହରେ ହେବାକୁ ଥିବା ଜି-୨୦ ସମିଟ୍‌ରେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ଯୋଗଦେଇ ନ ପାରନ୍ତି। ସମିଟ୍‌ରେ ଚାଇନା ପ୍ରଧାନମନ୍ତ୍ରୀ ଲି କିଆଙ୍ଗ ବେଜିଂର ପ୍ରତିନିଧିତ୍ୱ କରିବା ଆଶା କରାଯାଉଛି। ଜିନ୍‌ପିଙ୍ଗ ସମିଟ୍‌ରେ ଯୋଗ ନ ଦେବାର କାରଣ ଜଣାପଡ଼ିନାହିଁ। ତାଙ୍କର ଯୋଗଦାନ ସମ୍ପର୍କରେ ଚାଇନା ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସ୍ୱୀକୋକ୍ତି ମିଳିନାହିଁ। ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ ଯୋଗଦେବେ ନାହିଁ ବୋଲି ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଫୋନ୍ ଯୋଗେ ଜଣାଇଥିଲେ। ତାଙ୍କ ସ୍ଥାନରେ ବହିର୍ବ୍ୟାପାର ମନ୍ତ୍ରୀ ସର୍ଗେଇ ଲାଭରୋଭ୍ ଜି-୨୦ରେ ରୁଷିଆର ପ୍ରତିନିଧିତ୍ୱ କରିବେ। ସେପ୍ଟେମ୍ବର ୯ ଓ ୧୦ରେ ଜି-୨୦ ସମିଟ୍ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଏଥିରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁ, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନୀ ଆଲବାନିସ୍, ଜର୍ମାନୀ ଚାନ୍ସେଲର ଓଲାଫ ସ୍କୋଲ୍‌ଜ, ବ୍ରିଟେନ ପ୍ରଧାନମନ୍ତ୍ରୀ ଋଷି ସୁନକ, ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଡା ଏବଂ ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭା ଯୋଗଦେବେ ବୋଲି ପୂର୍ବରୁ ସ୍ପଷ୍ଟ କରିଛନ୍ତି। ୨୦୨୦ ଜୁନ୍‌ରେ ଲଦାଖର ଗଲ୍‌ୱାନ ଉପତ୍ୟକାରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ପରେ ଦୁଇ ଦେଶର ସମ୍ପର୍କରେ ତିକ୍ତତା ଲାଗି ରହିଛି। ଉଭୟ ପକ୍ଷ ବିଭିନ୍ନ ଅଞ୍ଚଳରୁ ସୈନ୍ୟ ଫେରାଇ ନେଇଥିଲେ ମଧ୍ୟ ପୂର୍ବ ଲଦାଖର କେତେକ ସ୍ଥାନରେ ଏବେ ବି ଚାଇନା ସୈନ୍ୟ ମହଜୁଦ ରହିଛନ୍ତି। ସମ୍ପର୍କ ସ୍ୱାଭାବିକ କରିବାକୁ ହେଲେ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଜରୁରୀ ବୋଲି ଭାରତ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ସୀମା ପ୍ରସଙ୍ଗ ସମ୍ପୂର୍ଣ୍ଣ ଦ୍ୱିପାକ୍ଷିକ ସମ୍ପର୍କ ସହ ଜଡ଼ିତ ନୁହେଁ ବୋଲି ଚାଇନା କହିଛି।

# ଯେକୌଣସି ସମୟରେ କଶ୍ମୀର ନିର୍ବାଚନ

**ସୁପ୍ରିମକୋର୍ଟଙ୍କୁ ଜଣାଇଲା କେନ୍ଦ୍ର**

**ରାଜ୍ୟ ମାନ୍ୟତା ଫେରିବା ପାଇଁ ସମୟ ଲାଗିପାରେ**

**ବିଫଳତାରୁ ଧ୍ୟାନ ହଟାଇବା ପାଇଁ କୌଶଳ: କଂଗ୍ରେସ**

ଜମ୍ମୁ/ଶ୍ରୀନଗର/ନୂଆଦିଲ୍ଲୀ,୩୧।୮: ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରାଇବା ଉପରେ ଗୁରୁବାର ସୁପ୍ରିମକୋର୍ଟରେ କେନ୍ଦ୍ର ସରକାର କହିଥିବା କଥାରେ କୌଣସି ନୂତନତ୍ୱ ନାହିଁ। ଏହା ବିଫଳତାରୁ ଧ୍ୟାନ ହଟାଇବା ପାଇଁ ଏକ କୌଶଳ ବୋଲି ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି। ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ବାଢ଼ିଥିବା ଯୁକ୍ତିକୁ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) କେନ୍ଦ୍ରର ୨୦୧୯ ଅଗଷ୍ଟ ୫ ନିଷ୍ପତ୍ତିକୁ କରାଯାଇଥିବା ଚ୍ୟାଲେଞ୍ଜରୁ ଧ୍ୟାନ ହଟାଇବା ଲାଗି କୌଶଳ ଭାବେ ଅଭିହିତ କରିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତିଙ୍କ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ମତରେ ରାଜ୍ୟ ମାନ୍ୟତା ଫେରସ୍ତ କିମ୍ବା ନିର୍ବାଚନ କରାଇବା ବେଶି ଗୁରୁତ୍ୱପୂର୍ଣ୍ଣ ନୁହେଁ। ଅନୁଚ୍ଛେଦ ୩୭୦ ଉଚ୍ଛେଦର ସାମ୍ବିଧାନିକ ବୈଧତା ଉପରେ ସୁପ୍ରିମକୋର୍ଟ କି ନିଷ୍ପତ୍ତି ନେଉଛନ୍ତି, ତାହା ବଡ଼ କଥା। କେନ୍ଦ୍ରକୁ ଏହା ଉପରେ ଜବାବ ମାଗିଥିବାରୁ ସୁପ୍ରିମକୋର୍ଟଙ୍କୁ କଂଗ୍ରେସ କୃତଜ୍ଞତା ଜଣାଇଛି। ଅନ୍ୟ ଦଳଗୁଡ଼ିକ କହିଛନ୍ତି, କେନ୍ଦ୍ର କିଛି ବର୍ଷ ହେଲା ଏମିତି କହିଆସୁଛି। ଏଥିରେ ନୂତନତ୍ୱ ନାହିଁ।



**ନୂଆଦିଲ୍ଲୀ,୩୧।୮**

ଜମ୍ମୁ-କଶ୍ମୀରରେ ଯେକୌଣସି ସମୟରେ ବିଧାନସଭା ନିର୍ବାଚନ କରାଯାଇପାରେ। ଭୋଟର ତାଲିକା ପ୍ରସ୍ତୁତି କାର୍ଯ୍ୟ ପ୍ରାୟ ଶେଷ ହୋଇଗଲାଣି। କେଉଁ ଦିନ ନିର୍ବାଚନ କରାଯିବ, ତାହା ନିର୍ବାଚନ କମିଶନଙ୍କ ଉପରେ ନିର୍ଭର କରେ। କେନ୍ଦ୍ର ସରକାର ଗୁରୁବାର ଏହି ଗୁରୁତ୍ୱପୂର୍ଣ୍ଣ ବିଷୟ ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି।

୨୦୧୯ ଅଗଷ୍ଟ ୫ରେ କେନ୍ଦ୍ର ସରକାର ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରିଥିଲେ। ଫଳରେ ୩୭୦ ବଳରେ ଜମ୍ମୁ-କଶ୍ମୀରକୁ ମିଳିଆସୁଥିବା ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରତ୍ୟାହୃତ ହୋଇଥିଲା। ସେବେଠୁ ଜମ୍ମୁ-କଶ୍ମୀର ଓ ଲଦାଖ ଦୁଇଟି ଭିନ୍ନ କେନ୍ଦ୍ରଶାସିତ ଅଞ୍ଚଳ ପାଲଟିଛି। କେନ୍ଦ୍ରର ଏହି ନିଷ୍ପତ୍ତି ବିରୋଧରେ ସୁପ୍ରିମକୋର୍ଟରେ ୨୦ରୁ ଊର୍ଦ୍ଧ୍ୱ ପିଟିଶନ ଦାଖଲ ହୋଇଛି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ଏହାର ନିୟମିତ ଶୁଣାଣି କରୁଛନ୍ତି। ସାମ୍ବିଧାନିକ ପୀଠର ଅନ୍ୟ ବିଚାରପତିମାନେ ହେଲେ ଜଷ୍ଟିସ୍ ଏସ୍.କେ. କୌଲ, ସଞ୍ଜୀବ ଖାନ୍ନା, ବି.ଆର୍. ଗଭାଇ ଏବଂ ସୂର୍ଯ୍ୟକାନ୍ତ। ମଙ୍ଗଳବାର ଶୁଣାଣି ବେଳେ ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା କେବେ ଫେରାଇବ ଓ ସେଠାରେ ବିଧାନସଭା ନିର୍ବାଚନ କେବେ କରାଇବ ବୋଲି ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଥିଲେ। ଏଥିସହ ଏ ସଂକ୍ରାନ୍ତ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରି ୩୧ ତାରିଖ (ଗୁରୁବାର) ସୁଦ୍ଧା ଏହା ଉପରେ ବିସ୍ତୃତ ବିବରଣୀ ଦେବାକୁ ସାମ୍ବିଧାନିକ ପୀଠ ନିର୍ଦ୍ଦେଶ ଦେଇଥିଲେ। ଗୁରୁବାର ଥିଲା ପୀଠରେ ଶୁଣାଣିର ଚତୁର୍ଦ୍ଦଶ ଦିନ। କେନ୍ଦ୍ର ପକ୍ଷରୁ ଶୀର୍ଷ ଅଦାଲତରେ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ (ଏସ୍‌ଜି) ତୁଷାର ମେହେଟ୍ଟା କହିଥିଲେ, ଜମ୍ମୁ-କଶ୍ମୀରକୁ ଅସ୍ଥାୟୀ ଭାବେ କେନ୍ଦ୍ରଶାସିତ ଅଞ୍ଚଳ ମାନ୍ୟତା ଦିଆଯାଇଛି। ଏହାକୁ ରାଜ୍ୟ ମାନ୍ୟତା ଫେରାଇବା ପାଇଁ କିଛି ସମୟ ଲାଗିବ। ତେବେ ସେଠାରେ ୩ଟି ପର୍ଯ୍ୟାୟରେ ନିର୍ବାଚନ କରାଯିବ। ପ୍ରଥମେ ପଞ୍ଚାୟତ ଭୋଟ। ପୌରପାଳିକା ପରେ ଅନ୍ତିମ ପର୍ଯ୍ୟାୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ କେନ୍ଦ୍ର ପ୍ରସ୍ତୁତ। କେଉଁ ତାରିଖରେ କେଉଁ ନିର୍ବାଚନ ହେବ ତାହା ଭାରତର ନିର୍ବାଚନ କମିଶନ ଏବଂ ରାଜ୍ୟ ନିର୍ବାଚନ କମିଶନ ସ୍ଥିର କରିବେ। ଭୋଟର ତାଲିକା କାମ ମାସକ ମଧ୍ୟରେ ସମ୍ପୂର୍ଣ୍ଣ ହେବ। ମେହେଟ୍ଟା ଆହୁରି କହିଥିଲେ, ପାର୍ଲାମେଣ୍ଟରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ବିବୃତିରୁ କିଛି ଅଂଶ ଉଦ୍ଧୃତ କରି ସେ ଅଦାଲତଙ୍କୁ ଜଣାଇସାରିଛନ୍ତି, 'ଜମ୍ମୁ-କଶ୍ମୀରର କେନ୍ଦ୍ରଶାସିତ ଅଞ୍ଚଳ ମାନ୍ୟତା ଏକ ଅସ୍ଥାୟୀ ବିଷୟ'। ଆମେ ଏକ ଅତ୍ୟନ୍ତ ଅସ୍ୱାଭାବିକ ସ୍ଥିତିର ସମ୍ମୁଖୀନ ହୋଇଛୁ। କେବେ ନିର୍ବାଚନ ହେବ ତାହା ନିର୍ଦ୍ଦିଷ୍ଟ ଭାବେ ଏବେଠୁ କହିହେବ ନାହିଁ।

# ସୋରୋସ୍ ଖୋଲିଲେ ଆଦାନୀ ପେଡ଼ି

## ଜାଲ୍ କମ୍ପାନୀ ଜରିଆରେ ନିଜ ଶେୟାରରେ ନିବେଶ କରିଛି ଆଦାନୀ ପରିବାର

**ନୂଆଦିଲ୍ଲୀ,୩୧।୮(ପି.ଟି.)**



ଜର୍ଜ ସୋରୋସ୍



ଗୌତମ ଆଦାନୀ

ଶିଳ୍ପପତି ଗୌତମ ଆଦାନୀଙ୍କ କମ୍ପାନୀ ସମୂହ ବିରୋଧରେ ନୂଆ ଅଭିଯୋଗ ଆସିଛି। ଆଦାନୀ ଗ୍ରୁପ୍ ଶେୟାରରେ ଆଦାନୀଙ୍କ ପରିବାର ସହଯୋଗୀମାନେ ଗୋପନୀୟ ଭାବେ ବହୁ କୋଟି ଟଙ୍କା ନିବେଶ କରିଥିଲେ। ମରିସସ୍‌ରେ ଥିବା ଓପାକ୍ ଇନ୍‌ଭେଷ୍ଟମେଣ୍ଟ ଫଣ୍ଡ ଜରିଆରେ ଏହି ବୃହତ୍ ପୁଞ୍ଜିନିବେଶ ଯୋଗୁ ୨୦୧୩ରୁ ୨୦୧୮ ମଧ୍ୟରେ ଆଦାନୀ ଗ୍ରୁପ୍‌ର ଶେୟାର ମୂଲ୍ୟ ଅହେତୁକ ଭାବେ ବୃଦ୍ଧି ପାଇଥିଲା। ଅର୍ଗାନାଇଜ୍‌ଡ କ୍ରାଇମ୍ ଆଣ୍ଡ କରପ୍ସନ





ରିପୋର୍ଟିଂ ପ୍ରୋଜେକ୍ଟ (ଓସିସିଆର୍‌ପି) ପକ୍ଷରୁ ଗୁରୁବାର ଏହି ଚାଞ୍ଚଲ୍ୟକର ପ୍ରଘଟ କରାଯାଇଛି। ଅନ୍ୟପକ୍ଷେ ଆଦାନୀ ଗ୍ରୁପ୍ ଏହାକୁ ଖଣ୍ଡନ କରିଛି।

ଓସିସିଆର୍‌ପି କହିଛି ଯେ, ଆମ ହାତରେ କେତେକ ଦସ୍ତାବିଜ ଲାଗିଛି। ପ୍ରମୋଟର ପରିବାରର ସହଯୋଗୀଙ୍କ ଦ୍ୱାରା ପରିଚାଳିତ ମରିସସ୍‌ର ୨ଟି ଫଣ୍ଡରେ ନିବେଶ କରାଯାଇଥିଲା। ବନ୍ଦରରୁ ନେଇ ଶକ୍ତି କ୍ଷେତ୍ର ପର୍ଯ୍ୟନ୍ତ ବ୍ୟବସାୟ କରୁଥିବା ଆଦାନୀ ସମୂହର ଶେୟାର ପ୍ରାଇସ୍ ହଠାତ୍ ବଢ଼ିଯାଇଥିଲା। ଗୌତମ ଆଦାନୀଙ୍କ ବଡ଼ଭାଇ ବିନୋଦ ଆଦାନୀଙ୍କ ୨ ଜଣ ଘନିଷ୍ଠ ସହଯୋଗୀ ହେଉଛନ୍ତି ମରିସସ୍‌ଭିତ୍ତିକ କମ୍ପାନୀଗୁଡ଼ିକର ମୁଖ୍ୟ ହିତାଧିକାରୀ, ଯାହାଙ୍କ ଜରିଆରେ ଟଙ୍କାର ସ୍ରୋତ ଖୋଲିଥିବା ମନେକରାଯାଉଛି।

ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ନାସିର ଅଲୀ ଶବାନ ଅହଲି ଏବଂ ତାଇୱାନର ଚାଙ୍ଗ୍‌ଚୁଙ୍ଗ୍-ଲିଙ୍ଗ୍ ପାରମ୍ପରିକ ଭାବେ ମରିସସ୍ ଫଣ୍ଡଗୁଡ଼ିକ ଜରିଆରେ ଆଦାନୀ ଗ୍ରୁପ୍‌ରେ ଦୀର୍ଘବର୍ଷ ଧରି ଅନେକ ଶହ କୋଟି ଟଙ୍କା ନିବେଶ କରିଥିଲେ। ଏହି ଦୁଇ ଫଣ୍ଡ ଦୁବାଇର ଏକ କମ୍ପାନୀ ତତ୍ତ୍ୱାବଧାନରେ ପରିଚାଳିତ, ଯାହାର ମାଲିକ ହେଉଛନ୍ତି ବିନୋଦ ଆଦାନୀ। ଏହି ସନ୍ଦିଗ୍ଧ କାରବାର ନେଇ ୨୦୧୪ରେ ବଜାର ନିୟନ୍ତ୍ରକ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି)କୁ ପ୍ରମାଣ ଦିଆଯାଇଥିଲା ବୋଲି ଓସିସିଆର୍‌ପି ଏକ ପତ୍ରକୁ ଅନୁଧ୍ୟାନ କରି ଅଭିଯୋଗ ଆଣିଛି। ୨୦୧୪ରେ ସେବି ମୁଖ୍ୟ ଥିବା ୟୁ.କେ. ସିହ୍ନା ବର୍ତ୍ତମାନ ଆଦାନୀ ମାଲିକାନାରେ ଥିବା ନ୍ୟୁଜ୍ ଚ୍ୟାନେଲ ଏନ୍‌ଡିଟିଭିର ଜଣେ ନିର୍ଦ୍ଦେଶକ ତଥା ଅଧ୍ୟକ୍ଷ।

ଆମେରିକୀୟ ଶର୍ଟ-ସେଲିଂ ଫାର୍ମ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଗତ ଜାନୁୟାରୀରେ ଆଦାନୀ ଗ୍ରୁପ୍‌ର କଳାକାରନାମା ଉପରୁ ପରଦା ହଟାଇବା ପରେ ପୁଞ୍ଜି ବଜାରରେ ତାଲିକାଭୁକ୍ତ ଆଦାନୀ ଗ୍ରୁପ୍‌ର ୧୦ କମ୍ପାନୀ ଶେୟାର ମୂଲ୍ୟ ଅତି ତଳକୁ ଖସିଯାଇଥିଲା। ଫଳରେ ଗୌତମ ଆଦାନୀଙ୍କୁ ପ୍ରାୟ ୧୫୦ ବିଲିୟନ୍ ଡଲାର ହରାଇବାକୁ ପଡ଼ିଥିଲା। ଉକ୍ତ କମ୍ପାନୀଗୁଡ଼ିକର ଆକାଉଣ୍ଟ ଏବଂ ଷ୍ଟକ୍ ପ୍ରାଇସ୍‌ରେ ହେରଫେର କରାଯାଇଥିବା ସେତେବେଳେ ହିଣ୍ଡେନ୍‌ବର୍ଗ ନିଜ ୱେବ୍‌ସାଇଟ୍‌ରେ ପ୍ରକାଶ କରିଥିଲା। ଏହାର ୭ ମାସ ନ ବିତୁଣୁ ହଙ୍ଗେରୀୟ-ଆମେରିକୀୟ ନିବେଶକ ଜର୍ଜ ସୋରୋସ୍‌ଙ୍କ ଓସିସିଆର୍‌ପି ପକ୍ଷରୁ ଆଗତ ଅଭିଯୋଗକୁ ଗୁରୁବାର ଆଦାନୀ ଗ୍ରୁପ୍ ପୁରୁଣା ଅଭିଯୋଗର ରିସାଇକ୍ଲିଂ ବୋଲି ଅଭିହିତ କରିଛି। ପ୍ରକାଶ ଯେ, ଗୌତମ ଆଦାନୀଙ୍କ ଶିଳ୍ପ ସାମ୍ରାଜ୍ୟରେ ହୋଇଥିବା ବୃହତ୍ ଷ୍ଟକ୍ ଅନିୟମିତତା ପରିପ୍ରେକ୍ଷୀରେ ବିଦେଶୀ ନିବେଶକମାନେ ପ୍ରଧାନମନ୍ତ୍ରୀ ମୋଦିଙ୍କଠାରୁ ଜବାବ ଚାହୁଁଥିବା କହି ସୋରୋସ୍ ଚର୍ଚ୍ଚାକୁ ଆସିଥିଲେ।

> ଆଦାନୀ ଗ୍ରୁପ୍ ସହ ଜଡ଼ିତ ଜାଲ୍ କମ୍ପାନୀଗୁଡ଼ିକ ଉପରେ ମାର୍କେଟ ରେଗୁଲେଟର ସେବିର ତଦନ୍ତ ବାଟବଣା ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ଘନିଷ୍ଠ ବନ୍ଧୁଙ୍କୁ ଫାଇଦା ଦେବା ପାଇଁ ସବୁ ନିୟମର ଉଲ୍ଲଂଘନ କରିଛନ୍ତି। ମୋଦି ସରକାର ଯେତେ ଲୁଚାଇଲେ ବି ସତ ଲୁଚୁନାହିଁ।
>
> **- ଜୟରାମ ରମେଶ, କଂଗ୍ରେସ ନେତା**

> ଆଦାନୀ ଗ୍ରୁପ୍ ବିରୋଧରେ ପ୍ରଘଟ ହୋଇଥିବା ଦୁର୍ନୀତି ଉପରେ କେନ୍ଦ୍ର ସରକାର ଘଣ୍ଟ ଘୋଡ଼ାଉଛନ୍ତି। ତେଣୁ ସୁପ୍ରିମକୋର୍ଟ ଏହାକୁ ସଂଜ୍ଞାନକୁ ନେଇ ଆଦାନୀ ଗ୍ରୁପ୍ ବିରୋଧରେ ନିଜ ଆଡୁ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ଉଚିତ। ସେବି ଏହା ଉପରେ ତଦନ୍ତ କରିପାରିବ ନାହିଁ।
>
> **- ସଞ୍ଜୟ ସିଂ, ଏଏପି ଏମ୍‌ପି**

> ଏକ ଶକ୍ତିଶାଳୀ ରାଷ୍ଟ୍ର ରୂପେ ଭାରତର ଅଭ୍ୟୁତ୍ଥାନକୁ ଅନେକ ଲୋକ ସହ୍ୟ କରିପାରୁ ନାହାନ୍ତି। ତେଣୁ ମୋଦି ସରକାରଙ୍କୁ ବଦନାମ କରିବା ଉଦ୍ଦେଶ୍ୟରେ ଏଭଳି ଅଭିଯୋଗ ଅଣାଯାଉଛି।
>
> **- ସୟଦ ଜାଫର ଇସ୍‌ଲାମ, ଭାଜପା ମୁଖପାତ୍ର**

# ଘୁଷୁରି ଫସଲ ନଷ୍ଟକରିବାରୁ ପରିବାରର ୩ ଜଣଙ୍କୁ ପିଟି ହତ୍ୟା

**ରାଞ୍ଚି,୩୧।୮(ପି.ଟି.)**

ଝାଡ଼ଖଣ୍ଡ ରାଜଧାନୀ ରାଞ୍ଚି ଉପକଣ୍ଠରେ ଗୋଟିଏ ପରିବାରର ୨ ମହିଳାଙ୍କ ସମେତ ୩ ଜଣଙ୍କୁ ଗୁରୁବାର ପ୍ରାୟ ୧୦ ଜଣ ଲୋକ ପିଟି ମାରିଦେଇଛନ୍ତି। ଉକ୍ତ ପରିବାରର ଘୁଷୁରି ସେମାନଙ୍କର ଜଣେ ସମ୍ପର୍କୀୟଙ୍କ କ୍ଷେତର ଫସଲ ନଷ୍ଟ କରିବାରୁ ସେମାନେ ଅମାନୁଷିକ ଭାବେ ଆକ୍ରମଣ କରିଥିଲେ ବୋଲି ପୋଲିସ କହିଛି। ଓର୍ମାଞ୍ଝି ଥାନା ଅନ୍ତର୍ଗତ ଝାଞ୍ଜି ଟୋଲା ଗ୍ରାମରେ ଏହି ଘଟଣା ଘଟିଥିବା ରାଞ୍ଚି ଗ୍ରାମାଞ୍ଚଳ ଏସ୍‌ପି ହରିଶ ବିନ୍ ଜମନ କହିଛନ୍ତି। ମୃତକ ହେଲେ ଜନେଶ୍ୱର ବେଡିଆ (୪୨), ସରିତା ଦେବୀ (୩୯) ଏବଂ ସଞ୍ଜୁ ଦେବୀ(୨୫)। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବାବେଳେ ଉତ୍ତେଜନା ଲାଗିରହିଥିବାରୁ ଗାଁରେ ପୋଲିସ ମୁତୟନ ହୋଇଛି। ଆକ୍ରମଣକାରୀଙ୍କୁ ଧରିବା ପାଇଁ ପୋଲିସ ଏକ ଟିମ୍ ଗଠନ କରିଛି।

# ଜୋହାନ୍ସବର୍ଗ ବିଲ୍ଡିଂରେ ନିଆଁ: ୭୩ ମୃତ



**ଜୋହାନ୍ସବର୍ଗ,୩୧।୮(ପି.ଟି.)**

ଦକ୍ଷିଣ ଆଫ୍ରିକାର ସର୍ବବୃହତ୍ ସହର ଜୋହାନ୍ସବର୍ଗରେ ଏକ ପାଞ୍ଚ ମହଲା ବିଲ୍ଡିଂରେ ବୁଧବାର ବିଳମ୍ବିତ ରାତିରେ ନିଆଁ ଲାଗି ୭୩ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୫୨ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୭ ଜଣ ଶିଶୁ ଅଛନ୍ତି। ଏବେ ବି ବିଲ୍ଡିଂ ଭିତରୁ ମୃତଦେହ ବାହାରୁଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ବିଲ୍ଡିଂରୁ ଏବେ ବି ମୃତଦେହ ବାହାରୁଥିବାରୁ ସେଠାରେ ଜରୁରୀ କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଧୂଆଁରେ ଅଣନିଶ୍ୱାସୀ ହୋଇପଡ଼ିଛନ୍ତି କିମ୍ବା ସାମାନ୍ୟ ଆହତ ହୋଇଥିବା ଜରୁରୀ ସେବା ମୁଖପାତ୍ର ରବର୍ଟ ମୁଲାଉଜି କହିଛନ୍ତି। ନିଆଁରେ ବିଲ୍ଡିଂ ସମ୍ପୂର୍ଣ୍ଣ ଜଳିଯାଇଥିବାବେଳେ ବାସହୀନ ହୋଇଥିବା ଲୋକଙ୍କ ଥଇଥାନ ପାଇଁ ବ୍ୟବସ୍ଥା କରାଯାଉଥିବା ମୁଲାଉଜି ସୂଚନା ଦେଇଛନ୍ତି। ନିକଟ ଅତୀତରେ ଏହା ବିଶ୍ୱର ସବୁଠୁ ଭୟାବହ ଅଗ୍ନି ଦୁର୍ଘଟଣା ବୋଲି କୁହାଯାଉଛି।

ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୧/୨୦୨୩ | Bhubaneswar, Friday, September 1/2023 | ପୃଷ୍ଠା-୧


# ୨୨ରୁ ବିଧାନସଭା ଆରମ୍ଭ

■ ୨୧ରେ ବାଚସ୍ପତି ନିର୍ବାଚନ

■ ଅକ୍ଟୋବର ୩ରେ ଅତିରିକ୍ତ ବ୍ୟୟମଞ୍ଜୁରୀ ବିଲ୍



ଭୁବନେଶ୍ୱର,୩୧।୮(ଅନିଲ ଦାସ)

ଆସନ୍ତା ସେପ୍ଟେମ୍ବର ୨୨ ତାରିଖରୁ ବିଧାନସଭାର ସ୍ୱଳ୍ପକାଳୀନ ମୌସୁମୀ ଅଧିବେଶନ ଆରମ୍ଭ ହେବ। ଏହା ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଅଧିବେଶନର ପ୍ରଥମ ଦିବସରେ ୨୦୨୩-୨୪ ଆର୍ଥିକବର୍ଷ ପାଇଁ ପ୍ରଥମ ଅତିରିକ୍ତ ବଜେଟ୍ ଆଗତ ହେବ। ଏହି ଅଧିବେଶନରେ ମୋଟ ୮ଟି କାର୍ଯ୍ୟ ଦିବସ ରହିଛି। ଅକ୍ଟୋବର ୩ ତାରିଖରେ ଅତିରିକ୍ତ ବ୍ୟୟମଞ୍ଜୁରୀ ବିଲ୍ ଆଗତ ହେବ। ଅଧିବେଶନ ପୂର୍ବରୁ ବିଧାନସଭାରେ ଖାଲି ପଡ଼ିଥିବା ବାଚସ୍ପତି ପଦବୀ ପାଇଁ ସେପ୍ଟେମ୍ବର ୨୧ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ବାଚସ୍ପତି ନିର୍ବାଚନ ପାଇଁ ୧୮ ତାରିଖରେ ପ୍ରାର୍ଥୀପତ୍ର ଦାଖଲ ହେବ। ବିକ୍ରମ କେଶରୀ ଆରୁଖ ବାଚସ୍ପତି ପଦରୁ ଇସ୍ତଫା ଦେବା ପରେ ଏହି ପଦ ଖାଲିପଡ଼ିଛି। କିଏ ବାଚସ୍ପତି ହେବେ ଓ କେବେ ନିର୍ବାଚନ ହେବ ତାକୁ ନେଇ ଗତ କିଛି ମାସ ଧରି କଳ୍ପନାଜଳ୍ପନା ଜାରି ରହିଥିଲା । ବାଚସ୍ପତି ନିର୍ବାଚନ ପାଇଁ ତାରିଖ ଘୋଷଣା ହେବା ପରେ ଏହାର ଅନ୍ତ ଘଟିଛି। ଏଠାରେ ସୂଚନାଯୋଗ୍ୟ, ଗତ ମେ' ୧୨ ତାରିଖରେ ବିକ୍ରମ କେଶରୀ ଆରୁଖ ☞ପୃଷ୍ଠା-୨

# ୧୮ରୁ ସଂସଦର ସ୍ୱତନ୍ତ୍ର ଅଧିବେଶନ

**ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଶେଷ ହେବାର ୩ ସପ୍ତାହ ପରେ ସେପ୍ଟେମ୍ବର ୧୮ରୁ ୨୨ ଯାଏ ସ୍ୱତନ୍ତ୍ର ଅଧିବେଶନ ଡକାଯାଇଛି। ଏଭଳି ଅଚାନକ ଅଧିବେଶନ କାହିଁକି ଆହ୍ୱାନ କରାଯାଇଛି ସେନେଇ ସରକାରୀ ଭାବେ କୌଣସି କାରଣ ଦର୍ଶାଯାଇନାହିଁ। ତେବେ 'ଏକ ଦେଶ, ଏକ ନିର୍ବାଚନ' ସଂକ୍ରାନ୍ତ ବିଲ୍ ଆସିପାରେ ବୋଲି ଆଲୋଚନା ହେଲାଣି ।**

## କାରଣ କହିନାହିଁ କେନ୍ଦ୍ର

ନୂଆଦିଲ୍ଲୀ,୩୧।୮(ପି.ଟି.)

ଆସନ୍ତା ସେପ୍ଟେମ୍ବର ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ଡକାଯାଇଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ଗୁରୁବାର 'ଏକ୍ସ' ମାଧ୍ୟମରେ ଏହି ସୂଚନା ଦେଇଛନ୍ତି। କିନ୍ତୁ ଏହି ୫ ଦିନିଆ ଅଧିବେଶନର କାର୍ଯ୍ୟସୂଚୀ ନେଇ ସରକାରଙ୍କ ପକ୍ଷରୁ ଆନୁଷ୍ଠାନିକ ଭାବେ କିଛି କୁହାଯାଇ ନ ଥିବାରୁ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇବାରେ ଲାଗିଛି। ତେବେ 'ଏକ ଦେଶ, ଏକ ନିର୍ବାଚନ' ସଂକ୍ରାନ୍ତ ବିଲ୍ ଏହି ଅଧିବେଶନରେ ଆସିବାର ସମ୍ଭାବନା ରହିଛି ବୋଲି ସୂତ୍ରରୁ ଜଣାପଡ଼ିଛି।

ଚଳିତବର୍ଷ ଭାରତ ଅଧ୍ୟକ୍ଷତା କରୁଥିବା ଜି୨୦ ସମ୍ମିଳନୀ ଜାତୀୟ ରାଜଧାନୀ ଦିଲ୍ଲୀରେ ସେପ୍ଟେମ୍ବର ୯ରୁ ୧୦ ପର୍ଯ୍ୟନ୍ତ ଚାଲିବ। ଏହାର ସପ୍ତାହେ ପରେ ସଂସଦର ସ୍ୱତନ୍ତ୍ର ଅଧିବେଶନ ବସିବ। ଏନେଇ କେନ୍ଦ୍ରମନ୍ତ୍ରୀ ଜୋଷୀ କହିଛନ୍ତି, ପାର୍ଲାମେଣ୍ଟର ସ୍ୱତନ୍ତ୍ର (ସପ୍ତଦଶ ଲୋକ ସଭାର ତ୍ରୟୋଦଶ ଏବଂ ରାଜ୍ୟ ସଭାର ୨୬୧ତମ) ଅଧିବେଶନ ଡକାଯାଇଛି। ☞ପୃଷ୍ଠା-୨


**ଆଜିର ସମ୍ପାଦକୀୟ**

ବୌଦ୍ଧିକ ସ୍ୱାଧୀନତାର ଅଭାବ








**ଆଜିର ମନ୍ତବ୍ୟ**

"ଜି-୨୦ ସମିଟ୍ ପୂର୍ବରୁ ଆଦାନୀ ଗ୍ରୁପ୍ ବିରୋଧରେ ସାନି ଅଭିଯୋଗ ଦେଶର ଖ୍ୟାତିକୁ ବାଜିରେ ଲଗାଇଛି। ପ୍ରଧାନମନ୍ତ୍ରୀ ଏହାର ଜବାବ ରଖିବା ସହ ଯୁଗ୍ମ ସଂସଦୀୟ କମିଟି (ଜେପିସି) ଦ୍ୱାରା ଅଭିଯୋଗର ତଦନ୍ତ କରାଯାଉ। **-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାଳ ହେଲାଣି ବାବରା**
**ଅସତୀ ଖାଇଲେ ସରୁ ଚାଉଳ**
**ସତୀଙ୍କି ନ ମିଳେ ବଗଡ଼ା।**

ବିଟପି ବା ଦୁଶ୍ଚରିତ୍ର ନାରୀଙ୍କ ପ୍ରତି ମନରେ ଦରଦ ଅଥଚ ଧର୍ମକର୍ମ କରୁଥିବା ବ୍ୟକ୍ତିଙ୍କ ପ୍ରତି ମନରେ ଘୃଣା, ହିଂସା ଭାବ। କାଳର ଓଲଟା ଗତି। ସମାଜରେ ଭଲ ବା ଉତ୍ତମ ବ୍ୟକ୍ତିଙ୍କୁ ଯେତେ ଆଦର ସମ୍ମାନ ମିଳି ନ ଥାଏ ତା' ଠାରୁ କାହିଁ କେତେ ଗୁଣ ପ୍ରାଧାନ୍ୟ ଖଳ ବା ଦୁଶ୍ଚରିତ୍ର ବ୍ୟକ୍ତିଙ୍କୁ ଦିଆଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କଣ୍ଟାରେ ବସନ ପକାଇ**
**ଛାଟି ହେଉଛି କାହିଁ ପାଇଁ ?**

ସାଧାରଣତଃ କଳହପ୍ରିୟ ବ୍ୟକ୍ତି କୌଣସି କାରଣ ନ ଥାଇ ଅନ୍ୟ ସହ ଝଗଡାଝାଟି କରୁଥିବାର ଦେଖିବାକୁ ମିଳିଥାଏ। ଏହା ସେମାନଙ୍କର ଏକ ପ୍ରକୃତି ବୋଲି ବୁଝିବାକୁ ହୋଇଥାଏ। ଏପରି ଜାଣିଶୁଣି କଣ୍ଟା ବାଡ଼ରେ ଲୁଗା ପକାଇ କଳି କରୁଥିବା ବ୍ୟକ୍ତି ପ୍ରତି ଏଭଳି କଟୁକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

## ରାସ୍ତାରେ ଶୋଇଥିବା ଗୋରୁଙ୍କ ଉପରେ ମାଡ଼ିଗଲା ଟ୍ରକ୍




## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଗୁରୁଚାଣ୍ଡାଳ ଯୋଗ ପ୍ରଭାବରେ ଦୂରଦର୍ଶିତା ବିହୀନ କାର୍ଯ୍ୟ କରିବା ଓ ପୁରାତନ ରୋଗପୀଡ଼ା ଯୋଗୁ ମାନସିକ ସୁସ୍ଥତା ହରାଇପାରନ୍ତି। ଫେରନ୍ତା ବାଟରେ ଜଣେ ନୀଚ ଜାତିର ଲୋକ ପ୍ରତିବନ୍ଧକ ସୃଷ୍ଟି କରିବାର ଆଶଙ୍କା ଦେଖାଦେଇପାରେ। ଆଇନ ଅଦାଲତ, ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବ।

**ବୃଷ** ତୃତୀୟସ୍ଥ ଶୁକ୍ରଜନିତ ମନୋରଞ୍ଜନ କାର୍ଯ୍ୟକ୍ରମରେ ସାମିଲ ହୋଇପାରନ୍ତି। ଆଜକୁ କେତେ ଦିନ ହେଲା ଭଲ ଲାଗୁ ନ ଥିବା ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ସାମାଜିକ ସ୍ତରରେ ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହୋଇପାରନ୍ତି।

**ମିଥୁନ** ବୁଧାଦିତ୍ୟ ଯୋଗ ପ୍ରଭାବରେ କୌଣସି ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିପାରନ୍ତି। ଅଧିକାଂଶ ସମୟରେ ଭାବପ୍ରବଣତା ବୃଦ୍ଧି ପାଇବ, ଯାହାକି ଅଶାନ୍ତିର ହେତୁ ସ୍ୱରୂପ ହୋଇପାରେ। ପାରିବାରିକ କ୍ଷେତ୍ର ବୁଝାମଣା ମାଧ୍ୟମରେ ଶୃଙ୍ଖଳିତ ରହିବ। ଆପଣଙ୍କ କାର୍ଯ୍ୟ ଦକ୍ଷତା ଓ ବିଚାର ଶୈଳୀକୁ ପଡ଼ୋଶୀମାନେ ଖୁବ୍ ପ୍ରଶଂସା କରିପାରନ୍ତି।

**କର୍କଟ** ଶନି ଓ ବୁଧଙ୍କ ପାରସ୍ପରିକ ଦୃଷ୍ଟି ଭ୍ରାତୃବିବାଦକୁ ବୃଦ୍ଧି କରିବ। କେତେକ କାମ ଅଟକି ରହିଥିବା କାରଣରୁ ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିବେ। ଆଲୋଚନା କାଳରେ କୌଣସି ମନ୍ତବ୍ୟକୁ କେନ୍ଦ୍ରକରି ବନ୍ଧୁ ଅଭିମାନ କରିପାରନ୍ତି। ଯିବା ରାସ୍ତାରେ ନୀଚଜାତିର ବ୍ୟକ୍ତି ଦ୍ୱାରା ଅସମ୍ମାନିତ ହୋଇପାରନ୍ତି।

**ସିଂହ** ପଦସ୍ଥଙ୍କ ଅନୁକମ୍ପାରୁ ସମସ୍ୟା ସମାଧାନପୂର୍ବକ ମାର୍ଗଦର୍ଶନ ଲାଭକରିବେ। ଏହା ସାଙ୍ଗକୁ ପରିବାରରେ ଭୁଲ୍ ବୁଝାମଣା ହେତୁ ନିକଟ ସମ୍ପର୍କୀୟମାନେ ଦୂରେଇ ଯାଇପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ଗବେଷଣା, ଅନୁସନ୍ଧାନ, ରାଜନୀତି ଓ ସଭାସମିତିରେ ଚେଷ୍ଟା ସଫଳ ହେବେ।

**କନ୍ୟା** ପ୍ରତ୍ୟେକ ପରିସ୍ଥିତିରେ ଜଗି ରଖି ଚଳିବା ଭଲ ନଚେତ୍ ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିବେ। ପରିବାରର ବିଭିନ୍ନ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡ଼ିବା ସହଜ ସାଧ ହୋଇ ନ ପାରେ।

**ତୁଳା** ସାମାଜିକ କ୍ଷେତ୍ରରେ ଭଲ କହିଲେ ମଧ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଆଜି ଦିନ ଭିତରେ ବିଶେଷ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିବେ। କିଣା ବିକା କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ସାହିତ୍ୟ, ସଙ୍ଗୀତ ଓ ସଭାସମିତିରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ।

**ବିଛା** କେତେକ ସମସ୍ୟା ଉପସ୍ଥିତ ହେବା କାରଣରୁ ପାଇବାକୁ ଥିବା ଆଶା ପୁଣି ମଉଳି ଯିବ। ଆତ୍ମୀୟଙ୍କ ସହିତ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ। କର୍ମକ୍ଷେତ୍ରରେ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିପାରେ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ କିନ୍ତୁ ବ୍ୟବସାୟ ଓ ବାଣିଜ୍ୟରେ କ୍ଷତିର ଆଶଙ୍କା ରହିଛି।

**ଧନୁ** ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଯେତେ ନେହୁରା ହେଲେ ମଧ ବନ୍ଧୁଙ୍କ ସଦ୍‌ଭାବ, ସହକର୍ମୀମାନଙ୍କ ସହଯୋଗ ପାଇବେ ନାହିଁ। କର୍ମକ୍ଷେତ୍ରରେ ମଧ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଅବଶ୍ୟ ପାରିବାରିକ କ୍ଷେତ୍ର ବିଶେଷ ଖରାପ ରହିବ ନାହିଁ।

**ମକର** ବନ୍ଧୁମାନଙ୍କ କଥାରେ ପଡ଼ି ହଠାତ୍ କୌଣସି ନୂତନ କାର୍ଯ୍ୟରେ ହାତଦେବାକୁ ସ୍ଥିର କରିବେ। ଖଳଲୋକମାନେ ଅପପ୍ରଚାର କରିବା ଫଳରେ ନିଜଲୋକଙ୍କଠାରୁ ଆସ୍ଥାହରାଇବାକୁ ପଡ଼ିପାରେ। କଳା, ସାହିତ୍ୟ, ସଙ୍ଗୀତାଦି ମନୋରଞ୍ଜନ କାର୍ଯ୍ୟକ୍ରମରେ କିମ୍ବା ଖେଳକୁଦରେ ପ୍ରଶଂସା ପାଇବେ।

**କୁମ୍ଭ** ପ୍ରତ୍ୟେକ କ୍ଷେତ୍ରରେ ଅଧୈର୍ଯ୍ୟ ନ ହୋଇ କାମ କରି ଚାଲନ୍ତୁ, ସବୁ ଠିକ୍ ହୋଇଯିବ। ଆଲୋଚନା କାଳରେ ଅପ୍ରିୟ ସତ୍ୟ କଥା ବନ୍ଧୁଙ୍କ ମନରେ ଦୁଃଖ ଦେଇପାରେ। କର୍ମକ୍ଷେତ୍ରରେ ସହକର୍ମୀ ଫାଇଦା ଉଠାଇବା ପାଇଁ ଚେଷ୍ଟା କରିପାରନ୍ତି। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ, କିନ୍ତୁ ବେଶିକ୍ଷଣ ତିଷ୍ଠି ରହିବ ନାହିଁ।

**ମୀନ** ପାରିବାରିକ ଅଶାନ୍ତି କାରଣରୁ ମନରେ ଦୁର୍ଭାବନା ବଢ଼ିଚାଲିବ ଏବଂ ଆପଣ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରିବେ ନାହିଁ। ଶିଳ୍ପ, ବାଣିଜ୍ୟ ବ୍ୟବସାୟ ଓ ପରିବହନରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଅସାବଧାନତା କାରଣରୁ ଦ୍ରବ୍ୟନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ।

ଆଜି ଭାଦ୍ରବ କୃଷ୍ଣ ଦ୍ୱିତୀୟା ଶୁକ୍ରବାର, ସେପ୍ଟେମ୍ବର ୦୧ ତାରିଖ, ଶ୍ରୀମନ୍ଦିରରେ ଝୁଲଣଯାତ୍ରା ଶେଷ, ଜାତୀୟ ପରିପୁଷ୍ଟି ସପ୍ତାହ ଆରମ୍ଭ, ରାଶି-ନକ୍ଷତ୍ର-ପୂର୍ବଭାଦ୍ରପଦ/କୁମ୍ଭ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୩୪ ଗତେ ଘ.୦୬।୨୪ ମଧ୍ୟେ, ଘ.୦୭।୧୩ ଗତେ ଘ.୦୮।୪୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୧୦।୧୩ ଗତେ ଘ. ୧୧।୪୬ ମଧ୍ୟେ ରାହୁକାଳ।

# ସରକାରୀ ମେଡିକାଲ, ଇଞ୍ଜିନିୟରିଂ କଲେଜରେ ପଢୁଥିବା ଏସ୍‌ଟି,ଏସ୍‌ସିଙ୍କ ଫି' ଫେରସ୍ତ ହେବ

ଭୁବନେଶ୍ୱର,୩୧।୮ (ଅନିଲ ଦାସ)

ସରକାରୀ ମେଡିକାଲ କଲେଜ ଏବଂ ଇଞ୍ଜିନିୟରିଂ କଲେଜରେ ପଢୁଥିବା ସମସ୍ତ ଏସ୍‌ଟି,ଏସ୍‌ସି ଛାତ୍ରୀଛାତ୍ରଙ୍କ ସମସ୍ତ ଫି' ଫେରାଯିବ। ସମସ୍ତ ପାଠପଢ଼ା ଖର୍ଚ୍ଚ ବିଭାଗ ତରଫରୁ ବହନ କରାଯିବ। ଏ ନେଇ ବିଭାଗୀୟ କମିଶନର ତଥା ଶାସନ ସଚିବ ରୂପାରୋଶନ ସାହୁ ଗୁରୁବାର ସମସ୍ତ ଜିଲାପାଳଙ୍କୁ ଚିଠି ଲେଖି ଜଣାଇଛନ୍ତି। ଏସ୍‌ସି,ଏସ୍‌ଟି ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା (ଏମ୍‌ଏମ୍‌ସିପିୱାଇ)ଅଧୀନରେ ରାଜ୍ୟ ବଜେଟରୁ ଉଚ୍ଚଶିକ୍ଷା ଗ୍ରହଣ କରୁଥିବା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଛାତ୍ରୀଛାତ୍ରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଏମ୍‌ଏମ୍‌ସିପିୱାଇ ଅଧୀନରେ ଏମ୍‌ବିବିଏସ୍ ଏବଂ ଇଞ୍ଜିନିୟରିଂ (ବି-ଟେକ୍, ଏମ୍-ଟେକ୍) ପାଠ୍ୟକ୍ରମ ପ୍ରଦାନ କରୁଥିବା ସରକାରୀ ଅନୁଷ୍ଠାନର ଯୋଗ୍ୟ ଏସ୍‌ଟି ଏବଂ ଏସ୍‌ସି ଛାତ୍ରୀଛାତ୍ରଙ୍କ ପାଇଁ ପାଠ୍ୟକ୍ରମ ଅବଧିର ସମ୍ପୂର୍ଣ୍ଣ କୋର୍ସ ଫି' ଅନ୍ତର୍ଭୁକ୍ତ ହେବ। କୋର୍ସ ଫି'ରେ ନାମଲେଖା ଦେୟ, ସିଟ୍ ଗ୍ରହଣ ଦେୟ, ପ୍ରାରମ୍ଭିକ ଜମା, ବାର୍ଷିକ ପାଠ୍ୟକ୍ରମ ଫି' (ଟ୍ୟୁଶନ୍ ଫି' ଏବଂ ଅନୁଷ୍ଠାନକୁ ସମସ୍ତ ବାଧ୍ୟତାମୂଳକ ଦେୟ), ଛାତ୍ରାବାସ ନାମଲେଖା ଦେୟ ଓ ବାର୍ଷିକ ହଷ୍ଟେଲ ଖର୍ଚ୍ଚ ଏବଂ ପାଠପଢ଼ା ପାଇଁ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ଅନ୍ତର୍ଭୁକ୍ତ ହୋଇଛି। ଅନୁଷ୍ଠାନର ଡିନ୍/ମୁଖ୍ୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାକ୍ଷରିତ ଏ ସମସ୍ତ ଖର୍ଚ୍ଚକୁ ଏହି ଯୋଜନା ଅଧୀନରେ ଭରଣା ପାଇଁ ଜିଲାପାଳଙ୍କ ନିକଟକୁ ପଠାଇପାରିବେ। ୨୦୨୩-୨୪ ଆର୍ଥିକ ବର୍ଷରେ ଏହି ବିଭାଗକୁ ସମସ୍ତ ଯୋଗ୍ୟ ଛାତ୍ରୀଛାତ୍ରଙ୍କ ଉପରୋକ୍ତ ଆବଶ୍ୟକତା ପଠାଯାଇପାରିବ ବୋଲି ଚିଠିରେ କୁହାଯାଇଛି।

**ପ୍ରଥମ ପୃଷ୍ଠାରୁ...**

## ୨୨ରୁ ବିଧାନସଭା ...

ବାଚସ୍ପତି ପଦରୁ ଇସ୍ତଫା ଦେଇଥିଲେ। ମେ' ୨୨ ତାରିଖରେ ସେ ଅର୍ଥ ବିଭାଗ ମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଏହା ପୂର୍ବରୁ ଅର୍ଥ ବିଭାଗ ନିରଞ୍ଜନ ପୂଜାରୀଙ୍କ ହାତରେ ଥିଲା। ନିରଞ୍ଜନ ପୂଜାରୀ ଏବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ଦାୟିତ୍ୱରେ ଅଛନ୍ତି। ୨୦୨୨ ଜୁନ୍‌ରେ ସୂର୍ଯ୍ୟନାରାୟଣ ପାତ୍ର ବାଚସ୍ପତି ପଦରୁ ଇସ୍ତଫା ଦେବା ପରେ ଏହି ଆସନରେ ବିକ୍ରମ କେଶରୀ ଆରୁଖ ବସିଥିଲେ। ତେବେ ବାଚସ୍ପତି ପଦବୀ ପାଇଁ ତାରିଖ ଘୋଷଣା ହେବା ପରେ ଏହି ପଦବୀରେ କିଏ ବସିବେ ସେ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ବାଚସ୍ପତି ଦୌଡ଼ରେ ବରିଷ୍ଠ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ନୃସିଂହ ଚରଣ ସାହୁ, ଦେବୀ ମିଶ୍ର ଓ ସ୍ନେହାଙ୍ଗିନୀ ଛୁରିଆଙ୍କ ନାମ ଆଗରେ ରହିଛି । ମୁଖ୍ୟମନ୍ତ୍ରୀ କାହା ମୁଣ୍ଡରେ କଳସ ଢାଳିବେ ତାହା ସେପ୍ଟେମ୍ବର ୧୮ ତାରିଖ ସୁଦ୍ଧା ସ୍ପଷ୍ଟ ହେବ।

# କଳାହାଣ୍ଡି ଉତ୍‌କେଲାକୁ ଉଡ଼ିଲା ବିମାନ

ଭୁବନେଶ୍ୱର,୩୧।୮ (ଅନିଲ ଦାସ)

ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନ ବନ୍ଦରରୁ କଳାହାଣ୍ଡିର ଉତ୍‌କେଲାକୁ ଗୁରୁବାର ବିମାନ ସେବା ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ପତାକା ହଲାଇ ଶୁଭାରମ୍ଭ କରିଛନ୍ତି। ଇଣ୍ଡିଆ ୱାନ୍ ଏୟାର ପକ୍ଷରୁ ଏହି ୯ ସିଟ୍ ବିଶିଷ୍ଟ ବିମାନ ସେବା ଆରମ୍ଭ କରାଯାଇଛି। ପ୍ରଥମେ ସପ୍ତାହକୁ ୨ ଦିନ ମଙ୍ଗଳବାର ଓ ଗୁରୁବାର ଉଡ଼ିବ ବିମାନ। ପରେ ସପ୍ତାହର ସବୁଦିନ ବିମାନ ଚଳାଚଳ କରିବ। ଏଥିସହ ଉତ୍‌କେଲା ବିମାନ ବନ୍ଦର ଉଦ୍‌ଘାଟନ ହୋଇଛି। କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଏହାକୁ ଉଦ୍‌ଘାଟନ କରିଛନ୍ତି। ସପ୍ତାହର ୨ ଦିନ ସକାଳ ୭ଟା ୧୫ରେ ଭୁବନେଶ୍ୱରରୁ ବିମାନ ଉଡ଼ାଣ କରିବ। ୮ଟା ୨୫ରେ ଉତ୍‌କେଲାରେ ପହଞ୍ଚିବ। ସେହିପରି ଉତ୍‌କେଲାରୁ ସକାଳ ୮ଟା ୫୦ରେ ବାହାରି ପୂର୍ବାହ୍ନ ୧୦ଟାରେ ଭୁବନେଶ୍ୱରରେ ପହଞ୍ଚିବ। ମାତ୍ର ୧ ଘଣ୍ଟା ୧୦ ମିନିଟରେ ଭୁବନେଶ୍ୱରରୁ କଳାହାଣ୍ଡି ପହଞ୍ଚି ହେବ। କଳାହାଣ୍ଡିବାସୀଙ୍କ ପକ୍ଷରୁ ହେଉଥିବା ଦୀର୍ଘଦିନର ଦାବି ପୂରଣ ହୋଇପାରିଛି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ପାଇଁ ସରକାରଙ୍କ ଏହି ପଦକ୍ଷେପ ଯୋଗାଯୋଗ କ୍ଷେତ୍ରରେ ଆଉ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି। ଏଥିସହ ଖୁବ୍‌ଶୀଘ୍ର କଳାହାଣ୍ଡିରୁ ରାୟପୁରକୁ ବିମାନ ଉଡ଼ିବ ବୋଲି ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ସୂଚନା ଦେଇଛନ୍ତି। ଓଡ଼ିଶା ସରକାର ଆର୍‌ସିଏସ୍-ଉଡାନ ସ୍କିମ୍ ଜରିଆରେ ରାଜଧାନୀରୁ ରାଜ୍ୟର ଅନ୍ୟାନ୍ୟ ସହରକୁ ବିମାନ ସେବା ବୃଦ୍ଧି କରିବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ଏହି ବିମାନ ସେବା କଳାହାଣ୍ଡି ଜିଲାର ପର୍ଯ୍ୟଟନର ବିକାଶ ଦିଗରେ ସହାୟତା କରିବ। ଜିଲାରେ ମାଣିକେଶ୍ୱରୀ ମନ୍ଦିର, ଫୁରଲିଝରନ ୱାଟରଫଲ୍, ରବନ୍ଧରା ୱାଟରଫଲ୍, ଖରିଆପାଟ ବନ୍ୟଜନ୍ତୁ ଅଭୟାରଣ୍ୟ ଭଳି ପର୍ଯ୍ୟଟନ ସ୍ଥଳ ରହିଛି। ଶହୀଦ ରେଣ୍ଡୋ ମାଝି ମେଡିକାଲ କଲେଜ ଓ ହସ୍ପିଟାଲରେ ନିଯୁକ୍ତ ବରିଷ୍ଠ ଡାକ୍ତର, ପ୍ରଫେସର ଏବଂ ଜିଲାର ବ୍ୟବସାୟୀମାନେ ଏହି ବିମାନ ସେବାର ଫାଇଦା ନେଇପାରିବେ। ପୂର୍ବରୁ ଉତ୍‌କେଲା ଏୟାରଷ୍ଟ୍ରିପ୍ କେବଳ ଅତିଥିମାନଙ୍କୁ ନେବା ଆଣିବାରେ ବ୍ୟବହୃତ ହେଉଥିଲା। ଓଡ଼ିଶାର ପ୍ରତ୍ୟେକ କୋଣଅନୁକୋଣର ରୂପାନ୍ତର ସହ ବିକାଶ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇ ଆସିଛନ୍ତି। ଜିଲାର ଅର୍ଥନୈତିକ ବିକାଶ ଦୃଷ୍ଟିରୁ ଭୁବନେଶ୍ୱର ବିମାନବନ୍ଦର ସହ ଉତ୍‌କେଲାକୁ ସଂଯୋଗ କରିବା ପାଇଁ ସ୍ଥାନୀୟ ଜନସାଧାରଣ ବହୁ ଦିନରୁ ଦାବିକରି ଆସୁଥିଲେ। କଳାହାଣ୍ଡି ହେଉଛି ପଶ୍ଚିମ ଓଡ଼ିଶାର ବ୍ୟବସାୟିକ ହବ୍। ସେଠାରେ ଶିକ୍ଷାନୁଷ୍ଠାନର ବୃଦ୍ଧି ଘଟିଛି। ଏହି ବିମାନ ସେବା ଉଭୟ ପର୍ଯ୍ୟଟନ ଓ ଶିକ୍ଷାନୁଷ୍ଠାନକୁ ଅଧିକ ଶକ୍ତି ଯୋଗାଇବ।

ଏହି କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ(୫-ଟି) ଭି.କେ. ପାଣ୍ଡିଆନ ଏବଂ ପରିବହନ ବିଭାଗର ବହୁ ଅଧିକାରୀ ଉପସ୍ଥିତ ଥିଲେ।



- **ପତାକା ହଲାଇ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ**
- **ପୂରଣ ହେଲା ଜିଲାବାସୀଙ୍କ ଦୀର୍ଘଦିନର ଦାବି**

# ଜଙ୍ଗଲରେ ଭାଲୁ-ମଣିଷ ମୁହାଁମୁହିଁ

ବିଶୋଇ,୩୧।୮ (ଅମିତ ଦାସ)

ମୟୂରଭଞ୍ଜ ଜିଲା ବିଶୋଇ ବ୍ଲକ ଖଡ଼ମବେଡା ପଞ୍ଚାୟତ ଅନ୍ତର୍ଗତ ବାଡୁଣିଆ ଗ୍ରାମ ତାଲେସାହିର ରେଙ୍ଗା ପିଙ୍ଗୁଆ (୫୩) ଭାଲୁ ସହ ଲଢ଼ି ଜୀବନ ବଞ୍ଚାଇ ଫେରିଛନ୍ତି। ଗୁରୁବାର ସନ୍ଧ୍ୟାରେ ଘଟିଥିବା ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ସ୍ଥାନୀୟ କିତାବେଡ଼ା ଜଙ୍ଗଲକୁ ରେଙ୍ଗା ଏକାକୀ ଯାଇଥିବା ବେଳେ ଭାଲୁ ସହିତ ମୁହାଁମୁହିଁ ହୋଇଯାଇଥିଲେ। ନିଜକୁ ବଞ୍ଚାଇବା ପାଇଁ ସେ ଭାଲୁ ସହିତ ଲଢ଼େଇ କରିଥିଲେ। ବହୁତ ସମୟ ଭାଲୁ ଓ ମଣିଷ ଲଢେଇ ପରେ କୌଶଳ କ୍ରମେ ରେଙ୍ଗା ଲହୁଲୁହାଣ ଅବସ୍ଥାରେ ଘରକୁ ଫେରିଥିଲେ। ରେଙ୍ଗାଙ୍କ ୨ହାତ ଓ ପିଠିରେ ଭାଲୁ ଆଘାତ କରିଥିବା ଦେଖିବାକୁ ମିଳିଛି। ପରିବାର ଲୋକ ଓ ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ପ୍ରଥମେ ବିଶୋଇ ପ୍ରାଥମିକ ଚିକିତ୍ସାଳୟ ଓ ପରେ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ରେଙ୍ଗା ରାଜମିସ୍ତ୍ରୀ କାମ କରି ଗୁଜୁରାଣ ମେଣ୍ଟାଉ ଥିବାବେଳେ ବନ ବିଭାଗ ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ପରିବାର ଲୋକେ ଦାବି କରିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ୧୮ରୁ ସଂସଦର ...

ଏଥିରେ ୫ଟି କାର୍ଯ୍ୟଦିବସ ରହିବ। ଅମୃତ କାଳ ଚାଲିଥିବାବେଳେ ସଂସଦରେ ଫଳପ୍ରଦ ଆଲୋଚନା ଓ ବିତର୍କ ନେଇ ଆଶାବାଦୀ। ସୂତ୍ରରୁ ଜଣାପଡ଼ିଛି ଯେ, ମେ' ୨୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଉଦ୍‌ଘାଟିତ ନୂଆ ପାର୍ଲାମେଣ୍ଟ ବିଲ୍ଡିଂରେ ସ୍ୱତନ୍ତ୍ର ଅଧିବେଶନ ଚାଲିପାରେ। ଏଥିସକାଶେ ନୂଆ ସଂସଦ ଭବନରେ ଶେଷସ୍ପର୍ଶ ଦିଆଯାଉଛି। ସାଧାରଣତଃ ବର୍ଷକୁ ସଂସଦର ୩ଟି ଅଧିବେଶନ ଅନୁଷ୍ଠିତ ହୋଇଥାଏ। ସେଗୁଡ଼ିକ ହେଲା ବଜେଟ, ମୌସୁମୀ ଓ ଶୀତ ଅଧିବେଶନ। କିନ୍ତୁ ସଦ୍ୟ ଆହୂତ ସ୍ୱତନ୍ତ୍ର ଅଧିବେଶନ ଉପରେ ସରକାର କିଛି କହି ନ ଥିବାରୁ ବିଭିନ୍ନ ମହଲରେ ଭିନ୍ନ ଭିନ୍ନ ଆଲୋଚନା ଚାଲିଛି। ମୋଦି ସରକାର ଲୋକ ସଭା ନିର୍ବାଚନ ପର୍ଯ୍ୟନ୍ତ ରାଜନୈତିକ ପାଣିପାଗ ସରଗରମ ରହିବା ଭଳି କିଛି ବିଲ୍ ଆଗତ କରିପାରନ୍ତି ବୋଲି କୁହାଯାଉଛି। ଅଗଷ୍ଟ ୨୩ରେ ଚନ୍ଦ୍ରୟାନ-୩ର ଐତିହାସିକ ସଫଳତା ଏବଂ 'ଅମୃତ କାଳ' ପାଇଁ ଭାରତର ଲକ୍ଷ୍ୟ ଉପରେ ଏହି ଅଧିବେଶନରେ ବିସ୍ତୃତ ଆଲୋଚନା ହୋଇପାରେ।

କଂଗ୍ରେସ ନେତା ଜୟରାମ ରମେଶ ଅଭିଯୋଗ ଆଣିଛନ୍ତି, ମୌସୁମୀ ଅଧିବେଶନ ଶେଷ ହେବାର ୩ ସପ୍ତାହ ପରେ ଏହି ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ମୁମ୍ବାଇରେ ବିରୋଧୀ ବ୍ଲକ୍ ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ପକ୍ଷରୁ ଚାଲିଥିବା ବୈଠକ ଏବଂ ଆଦାନୀ ସମ୍ପର୍କିତ ନୂଆ ପ୍ରଘଟର ମୁକାବିଲା ବେଳେ 'ନ୍ୟୁଜ୍ ସାଇକଲ'କୁ ମ୍ୟାନେଜ୍ କରିବା ପାଇଁ ସରକାର ସ୍ୱତନ୍ତ୍ର ଅଧିବେଶନ ଡାକିଛନ୍ତି। ତେବେ ଆଦାନୀ ପ୍ରସଙ୍ଗରେ ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ନେଇ ପାର୍ଲାମେଣ୍ଟ ଭିତରେ ଓ ବାହାରେ ଦାବି ଜାରି ରହିବ। ଶିବସେନା (ୟୁବିଟି) ନେତ୍ରୀ ପ୍ରିୟଙ୍କା ଚତୁର୍ବେଦୀ ଏକ୍ସ'ରେ କହିଛନ୍ତି, ଭାରତର ସବୁଠୁ ଗୁରୁତ୍ୱପୂର୍ଣ୍ଣ ପର୍ବ ଗଣେଶ ଚତୁର୍ଥୀ ବେଳେ ସ୍ୱତନ୍ତ୍ର ଅଧିବେଶନ ଡାକିବା ଦୁର୍ଭାଗ୍ୟଜନକ ଏବଂ ଏହା ହିନ୍ଦୁ ଭାବାବେଗ ବିରୋଧୀ। ସେମାନଙ୍କ ତାରିଖ ଚୟନକୁ ଦେଖି ଆଶ୍ଚର୍ଯ୍ୟ ଲାଗୁଛି।

ସଂଯୋଗବଶତଃ ଏହି ସ୍ୱତନ୍ତ୍ର ଅଧିବେଶନ ପ୍ରଧାନମନ୍ତ୍ରୀ ମୋଦିଙ୍କ ଜନ୍ମଦିନର ଦିନକ ପରେ ପଡୁଛି। ଭାଜପା ମୋଦିଙ୍କ ଜନ୍ମତାରିଖଠାରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ୧୬ ଦିନ ଧରି 'ସେବା ପକ୍ଷ' ପାଳନ କରିଥାଏ। ଏହି ଅବସରରେ ଦେଶବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ଉପରୋକ୍ତ ୩ ଅଧିବେଶନ ବାହାରେ ଶେଷଥର ପାଇଁ ୨୦୧୭ ଜୁନ୍ ୩୦ରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଗୃହୀତ କରାଇବା ପାଇଁ ଅଧିବେଶନ ବସିଥିଲା, ଯାହାକି ମଧ୍ୟରାତ୍ରି ପର୍ଯ୍ୟନ୍ତ ଚାଲିଥିଲା। ତେବେ ଏହା ଥିଲା ଲୋକ ସଭା ଓ ରାଜ୍ୟ ସଭାର ମିଳିତ ଅଧିବେଶନ। ଏହା ପୂର୍ବରୁ ୧୯୯୭ ଅଗଷ୍ଟରେ ଭାରତ ସ୍ୱାଧୀନ ହେବାର ୫୦ତମ ବର୍ଷ ପୂର୍ତ୍ତି ଅବସରରେ ଏକ ୬ ଦିନିଆ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ସେହିପରି ୧୯୯୨ ଅଗଷ୍ଟ ୯ରେ ଭାରତ ଛାଡ଼ ଆନ୍ଦୋଳନର ୫୦ ବର୍ଷ ପୂର୍ତ୍ତି ଏବଂ ୧୯୭୨ ଅଗଷ୍ଟ ୧୪-୧୫ରେ ସ୍ୱାଧୀନତାର ରୌପ୍ୟ ଜୟନ୍ତୀ ପାଳନ ସକାଶେ ସ୍ୱତନ୍ତ୍ର ଅଧିବେଶନ ବସିଥିଲା। ସ୍ୱାଧୀନତାର ଅବ୍ୟବହିତ ପୂର୍ବରୁ ୧୯୪୭ ଅଗଷ୍ଟ ୧୪-୧୫ରେ ସଂସଦର ପ୍ରଥମ ସ୍ୱତନ୍ତ୍ର ଅଧିବେଶନ ହୋଇଥିଲା। ଗତ ମୌସୁମୀ ଅଧିବେଶନ ଅଗଷ୍ଟ ୧୧ରେ ଶେଷ ହୋଇଥିଲା।

# କଳ୍ପନାଜଳ୍ପନା ଭିତରେ ସ୍ୱତନ୍ତ୍ର ଅଧିବେଶନ

ନୂଆଦିଲ୍ଲୀ,୩୧।୮ (କୁଲଦୀପ ସିଂ)



ସେପ୍ଟେମ୍ବର ୧୮ରୁ ୨୨ ପର୍ଯ୍ୟନ୍ତ ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ଚାଲିବ ବୋଲି ଗୁରୁବାର କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ଏହି ଘୋଷଣା ପରେ ମୋଦି ସରକାରଙ୍କ ଏଭଳି ଅପ୍ରତ୍ୟାଶିତ ପଦକ୍ଷେପ ପଛର କାରଣକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇବାରେ ଲାଗିଛି। 'ଅମୃତ କାଳରେ' ଆଲୋଚନା ଓ ବିତର୍କ ପାଇଁ ଏହି ଅଧିବେଶନ ଡକାଯାଇଥିବା ବିଷୟ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଷୀ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'ରେ ଉଲ୍ଲେଖ କରିଛନ୍ତି। ଯୋଷୀ ଯାହା କହିଛନ୍ତି, ସେଥିରୁ ଅଧିକ ସୂଚନା ସରକାରଙ୍କ କୌଣସି ଅଧିକାରୀ ଦେଇନାହାନ୍ତି। ତେବେ ସୂତ୍ରରୁ ଜଣାପଡ଼ିଛି ଯେ, ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ଼, ତେଲଙ୍ଗାନା ଓ ମିଜୋରାମ ବିଧାନସଭା ନିର୍ବାଚନ ପୂର୍ବରୁ ସରକାର ଏହି ଅଧିବେଶନକୁ ନିଜ ସଫଳତା ପ୍ରଚାର ପାଇଁ ବ୍ୟବହାର କରିପାରନ୍ତି। ଅଧିବେଶନର ୫ଟି କାର୍ଯ୍ୟଦିବସରେ ସରକାର ଚନ୍ଦ୍ରୟାନ-୩ ଏବଂ ଜି୨୦ ସମ୍ମିଳନୀର ସଫଳତା ବତାଇବା ସହ ଅମୃତକାଳ ପାଳନ ସମ୍ପର୍କରେ ଜଣାଇବେ। ଗୁରୁତ୍ୱପୂର୍ଣ୍ଣ ବିଧାନସଭା ନିର୍ବାଚନ ପୂର୍ବରୁ ଚନ୍ଦ୍ର ମିଶନ ଏବଂ ଜି୨୦ ସମିଟ୍‌ରେ ସଫଳତାକୁ ପ୍ରୋତ୍ସାହିତ କରିବା ପାଇଁ ଏହି ସ୍ୱତନ୍ତ୍ର ଅଧିବେଶନ ସରକାରଙ୍କ ପାଇଁ ଏକ ପ୍ଲାଟ୍‌ଫର୍ମ ପାଲଟିବାକୁ ଯାଉଛି।

ସରକାରଙ୍କ ପକ୍ଷରୁ କୌଣସି ବିଲ୍ ଆଗତ ନେଇ ଘୋଷଣା କରାଯାଇ ନ ଥିଲେ ସୁଦ୍ଧା 'ଏକ ଦେଶ, ଏକ ନିର୍ବାଚନ' କରାଇବା ପାଇଁ ଏହି ଅଧିବେଶନ ଡକାଯାଇଥିବା ଆଲୋଚନା ହେଉଛି। ଦେଶବ୍ୟାପୀ ଏକକାଳୀନ ଲୋକ ସଭା ଓ ବିଧାନସଭା ନିର୍ବାଚନ କରାଇବା ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୋର୍ ଦେଇଆସୁଛନ୍ତି। ଏକସଙ୍ଗେ ନିର୍ବାଚନ କରାଯିବା ଦ୍ୱାରା ଖର୍ଚ୍ଚ ଓ ପ୍ରଶାସନିକ ବୋଝ କମିଯିବ ବୋଲି ମୋଦି ଅନେକ ସମୟରେ କହିଆନ୍ତି। ଏହାଦ୍ୱାରା ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ମୋଦି ଗତ ବର୍ଷ ଜାନୁୟାରୀରେ କହିଥିଲେ।

ସେହିପରି ମହିଳା ସଂରକ୍ଷଣ ବିଲ୍‌କୁ ନେଇ ମଧ ଚର୍ଚ୍ଚା ହେଉଛି। ଲୋକ ସଭା ଓ ବିଧାନସଭାଗୁଡ଼ିକରେ ମହିଳାମାନଙ୍କୁ ୩୩% ସଂରକ୍ଷଣ ଦେବା ପାଇଁ ଉଦ୍ଦିଷ୍ଟ ଏହି ବିଧେୟକକୁ ସରକାର ଲୋକ ସଭାରେ ଆଗତ କରିପାରନ୍ତି। କାରଣ ଏହା ଉପରେ ପ୍ରାୟ ସବୁ ଦଳର ଆଭିମୁଖ୍ୟ ସମାନ ରହିଛି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ନିର୍ବାଚନରେ ମହିଳାଙ୍କ ଯୋଗଦାନକୁ ସରକାର ଅଣଦେଖା କରିପାରିବେ ନାହିଁ। ଭାରତର ନିର୍ବାଚନ କମିଶନ(ଇସିଆଇ)ଙ୍କ ସୂତ୍ରରୁ ମିଳିଥିବା ତଥ୍ୟାନୁସାରେ ୨୦୧୯ ଲୋକ ସଭା ନିର୍ବାଚନରେ ମହିଳା ଭୋଟରଙ୍କ ମତଦାନ ବଢ଼ିଥିଲା। ମହିଳାମାନେ ୬୭.୧୮% ମତଦାନ କରିଥିବାବେଳେ ପୁରୁଷ ମତଦାତାଙ୍କ ସଂଖ୍ୟା ୬୭.୦୧% ରହିଥିଲା। ନିର୍ବାଚନରେ ମହିଳାମାନେ ଅଧିକରୁ ଅଧିକ ଭାଗନେଉଥିବାରୁ ନିମ୍ନ ସଦନରେ ମହିଳା ବିଲ୍ ଆଗତ କରିବା ସରକାରଙ୍କ ପାଇଁ ଜରୁରୀ ହୋଇପଡ଼ିଛି। ଏହି ବିଲ୍ ରାଜ୍ୟ ସଭାରେ ପାରିତ ହୋଇଛି। ସେହିପରି ଜମ୍ମୁ-କଶ୍ମୀରରେ ନିର୍ବାଚନ କରାଇବା ପାଇଁ ସରକାର ପ୍ରସ୍ତୁତ ଥିବା ବିଷୟ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ସୁପ୍ରିମକୋର୍ଟଙ୍କୁ ଜଣାଇଥିବାବେଳେ ଏହା ଉପରେ ମଧ କିଛି ନିଷ୍ପତ୍ତି ହୋଇପାରେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଶିଳ୍ପପତି ଗୌତମ ଆଦାନୀ (ମୋଦାନୀ)ଙ୍କ ସମ୍ପର୍କକୁ ନେଇ ସଦ୍ୟ ପ୍ରଘଟ ପରେ ଏହି ଖବର ସାମ୍ନାକୁ ଆସିଛି। ମୁମ୍ବାଇରେ ବିରୋଧୀ ବ୍ଲକ୍ ଇଣ୍ଡିଆର ବୈଠକ ଚାଲିଥିବାବେଳେ କିପରି ଏହାର ମୁକାବିଲା କରାଯିବ। ତେଣୁ ୫ ଦିନିଆ ଅଧିବେଶନ ଡକାଯାଇଥିବା ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ ସମାଲୋଚନା କରିଛନ୍ତି।


ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ରାୟପୁରରେ ପହଞ୍ଚିବା ପରେ ସ୍ୱାଗତ କରୁଛନ୍ତି ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଓ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ।

# 'ମିଶନ ଶକ୍ତି ମହିଳାମାନେ ବିକାଶର କର୍ଣ୍ଣଧାର ସାଜିଛନ୍ତି'

**ଯାଜପୁର/ବିଞ୍ଝାରପୁର/ଧର୍ମଶାଳା/ବଡ଼ଚଣା, ୩୧।୮(ହର୍ଷବର୍ଦ୍ଧନ ବେହେରା/ରାମକୃଷ୍ଣ ଦାସ/ବଟକୃଷ୍ଣ ପରିଡ଼ା/ଦିଲୀପ କୁମାର ମହାନ୍ତି)**

ମୁଖ୍ୟମନ୍ତ୍ରୀଙ୍କ ପରିକଳ୍ପିତ ବିକଶିତ ଓଡ଼ିଶା ଗଠନ ପାଇଁ ସମସ୍ତଙ୍କ ସହଯୋଗ ରହିଲେ ଓଡ଼ିଶା ଭାରତର ଶ୍ରେଷ୍ଠ ରାଜ୍ୟରେ ପରିଣତ ହେବ। ଏଥିପାଇଁ ମିଶନ ଶକ୍ତି ମହିଳାମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମିଶନ ଶକ୍ତି ମହିଳାମାନେ ରାଜ୍ୟର ବିକାଶ ଏବଂ ନୂତନ ଓଡ଼ିଶା ଗଠନର କର୍ଣ୍ଣଧାର ସାଜିଛନ୍ତି ବୋଲି ୫-ଟି ସଚିବ ଭି.କେ.ପାଣ୍ଡିଆନ୍ କହିଛନ୍ତି।

ଗୁରୁବାର ୫-ଟି ସଚିବ ପାଣ୍ଡିଆନ ଯାଜପୁର ଜିଲାର ବଡ଼ଚଣା, ଧର୍ମଶାଳା ଓ ବିଞ୍ଝାରପୁର ଗସ୍ତ କରିବା ଅବସରରେ ଆହୁରି କହିଛନ୍ତି, ଚଳିତବର୍ଷ ୫୪୦ କୋଟି ଟଙ୍କାର ଋଣ ନେଇ ଯାଜପୁର ଜିଲାର ମିଶନ ଶକ୍ତି ମହିଳାମାନେ ନିଜର ତଥା ନିଜ ପରିବାରର ବିକାଶ କରିବା ସହିତ ରାଜ୍ୟ ବିକାଶରେ ସାମିଲ ହୋଇ ପାରିଛନ୍ତି। ଏହାବାଦ୍ ଯାଜପୁର ଜିଲାର ବିଞ୍ଝାରପୁର ଓ ଦଶରଥପୁର ବ୍ଲକର ସର୍ବାଙ୍ଗୀନ ବିକାଶ ପାଇଁ ବିଭିନ୍ନ ଯୋଜନାରେ ୪୦୬ କୋଟି ଟଙ୍କା ମଞ୍ଜୁର ହୋଇଛି। ଯେଉଁଠି ପିଇବା ପାଣିର ଅସୁବିଧା ଅଛି, ସେ ନେଇ ଅଭିଯୋଗ କଲେ ତୁରନ୍ତ ବିଭାଗୀୟ ଅଧିକାରୀମାନେ ସେଠାରେ ପହଞ୍ଚି ତୁରନ୍ତ ପାଣି ଯୋଗାଇ ଦେବେ।

୫-ଟି ସଚିବ ପାଣ୍ଡିଆନ ପ୍ରଥମେ ଚଣ୍ଡିଖୋଲ ମହାବିନାୟକ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରେ ଏକ ବିଶାଳ ଜନ ସମାବେଶରେ ଯୋଗଦେଇଥିଲେ। ସେଠାରେ ସେ କହିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ସାଧାରଣ ଲୋକଙ୍କ ସମସ୍ୟା ଓ ଏହାର ତୁରନ୍ତ ସମାଧାନ ପାଇଁ ମୁଁ ଆସିଛି। ଚାଲିଥିବା ପ୍ରକଳ୍ପଗୁଡିକ ତୁରନ୍ତ ସମ୍ପୂର୍ଣ୍ଣ କରିବା ସହ ମନ୍ଦିର, ମସ୍‌ଜିଦ, ଗିର୍ଜା, କମ୍ୟୁନିଟି ସେଣ୍ଟର ଓ କୃଷି, ଶିଳ୍ପ, ଶିକ୍ଷା ଆଦି ବିଭାଗଗୁଡିକର ଉନ୍ନତି କରିବା ପାଇଁ ସେ ଆର୍ଥିକ ଅନୁଦାନ ଘୋଷଣା କରିଥିଲେ। ବଡ଼ଚଣା ବ୍ଲକରେ ଥିବା ସମସ୍ତ କଲେଜକୁ ୫-ଟିରେ ଅନ୍ତର୍ଭୁକ୍ତ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ମିଶନ ଶକ୍ତି ମହିଳାଙ୍କୁ ପ୍ରଦାନ କରାଯାଉଥିବା ୫ ଲକ୍ଷ ଟଙ୍କା ଋଣ ପରିମାଣକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ୫-ଟି ସଚିବ ଘୋଷଣା କରିଥିଲେ। ବିଭିନ୍ନ ସ୍ଥାନରେ ଅବ୍ୟବହୃତ କୋଠାଗୁଡିକୁ ମହିଳାମାନଙ୍କ ପାଇଁ ପ୍ରଦାନ କରିବାକୁ ଉପସ୍ଥିତ ଜିଲାପାଳ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ଅନୁଷ୍ଠାନର ୭ ଶହରୁ ଊର୍ଦ୍ଧ୍ୱ ଅଭିଯୋଗ ପତ୍ରକୁ ନିଜେ ଗ୍ରହଣ କରିବା ସହ ଲୋକଙ୍କ ପାଖକୁ ଯାଇ କରମର୍ଦ୍ଦନ କରିଥିଲେ।

## ୫-ଟି ସଚିବଙ୍କ ଯାଜପୁର ଜିଲା ଗସ୍ତ


୫-ଟି ସଚିବଙ୍କ ସହ ମହିଳାମାନେ ସେଲ୍‌ଫି ନେଉଛନ୍ତି।

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ମହୋତ୍ସବ ପଡ଼ିଆଠାରେ ଆୟୋଜିତ ସଭାରେ ପାଣ୍ଡିଆନ ଯୋଗଦେଇ ଲୋକଙ୍କ ସମସ୍ୟା ବୁଝିବା ସହ ଯେଉଁମାନେ ଜଙ୍ଗଲ ଅଧିକାର ଆଇନରେ ଏବଂ ଅନ୍ୟାନ୍ୟ ଯୋଜନାରେ ଜମି ପଟ୍ଟା ପାଇବାରୁ ବଞ୍ଚିତ ହେଉଛନ୍ତି,ସେମାନେ କିପରି ତୁରନ୍ତ ପଟ୍ଟା ପାଇବେ ସେ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ମିଶନ ଶକ୍ତିର ମହିଳାମାନଙ୍କ ବିଭିନ୍ନ କାର୍ଯ୍ୟକୁ ପ୍ରଶଂସା କରିବା ସହ ଓ ବିଜୁ ସ୍ୱାସ୍ଥ୍ୟ କାର୍ଡରେ କିପରି ଉତ୍ତମ ସ୍ୱାସ୍ଥ୍ୟସେବା ମିଳିପାରିବ ତା' ଉପରେ ଗୁରୁତ୍ୱାରୋପ କରିଥିଲେ।

ବିଞ୍ଝାରପୁର ବ୍ଲକ ମଇଁଦାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ନିର୍ମିତ ଅସ୍ଥାୟୀ ହେଲିପ୍ୟାଡ୍‌ରେ ଅବତରଣ କରି ୫-ଟି ସଚିବ ସିଧା ବରୁଣେଶ୍ୱର ମନ୍ଦିର ଯାଇଥିଲେ। ସେଠାରେ ବରୁଣେଶ୍ୱରଙ୍କ ଦର୍ଶନ କରିବା ସହିତ ମନ୍ଦିରର ଐତିହ୍ୟ ଓ କଥାବସ୍ତୁ ସମ୍ପର୍କରେ ସେବାୟତମାନଙ୍କଠାରୁ ପଚାରି ବୁଝିଥିଲେ। ଏହାପରେ ସ୍ଥାନୀୟ ପଡ଼ିଆରେ ଆୟୋଜିତ ସଭାସ୍ଥଳୀରେ ଉପସ୍ଥିତ ମହିଳାମାନେ ତାଙ୍କୁ ଫୁଲ ଚନ୍ଦନ, ହୁଳହୁଳି ଦେଇ ସ୍ୱାଗତ କରିବା ସହିତ ତାଙ୍କ ହାତରେ ରାଖୀ ବାନ୍ଧିଥିଲେ। ସଭାରେ ପ୍ରାୟ ୪୦ ହଜାରରୁ ଊର୍ଦ୍ଧ୍ୱ ଜନସମାଗମ ଦେଖି ୫-ଟି ସଚିବ ସମସ୍ତଙ୍କୁ କୃତଜ୍ଞତା ଜଣାଇବା ସହିତ ଏହା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତାକୁ ପ୍ରତିପାଦନ କରୁଛି ବୋଲି କହିଥିଲେ। ବିଞ୍ଝାରପୁର ଓ ଦଶରଥପୁର ଅଞ୍ଚଳବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ରାଜ୍ୟ ସରକାର ୩୧୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସେହି ଅର୍ଥରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ଚାଲିଛି। ଆସନ୍ତା ୩ ମାସ ମଧ୍ୟରେ ପ୍ରତି ପରିବାର ପାଖରେ ବିଶୁଦ୍ଧ ପାନୀୟ ଜଳ ପହଞ୍ଚି ପାରିବ ବୋଲି ସେ କହିଥିଲେ। ସେହିପରି ଉତ୍ତଙ୍ଗରା ବାହାରକୁଳ ରାସ୍ତା ପାଇଁ ୩୧ କୋଟି, ନାରିଗାଁ ଦୁବକଣା ରାସ୍ତା ପାଇଁ ୩୦ କୋଟି, ମଲିଆ ବଳଭଦ୍ରପୁର ରାସ୍ତା ପାଇଁ ୨୦ କୋଟି, ନଦୀବନ୍ଧ ସୁଦୃଢୀକରଣ ପାଇଁ ୧୦ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଥିବା ୫-ଟି ସଚିବ ଘୋଷଣା କରିଥିଲେ। ବରୁଣେଶ୍ୱର ପୀଠର ବିକାଶ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ସଭାରେ ୨୫୦ରୁ ଊର୍ଦ୍ଧ୍ୱ ଦରଖାସ୍ତ ନିଜେ ବୁଲି ବୁଲି ସଂଗ୍ରହ କରିବା ସହିତ ଆସନ୍ତା ୭ ଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀ ଏହି ସବୁ ସମସ୍ୟାର ସମାଧାନ କରିବେ ବୋଲି ସୂଚନା ଦେଇଥିଲେ।

ବିଞ୍ଝାରପୁର ସାମ୍ବାଦିକ ୟୁନିୟନ ପକ୍ଷରୁ ରାଜ୍ୟର ସବୁ ବ୍ଲକ ଓ ଜିଲା ମୁଖ୍ୟାଳୟରେ ସାମ୍ବାଦିକ ଭବନ ନିର୍ମାଣ ସହିତ ରାଜ୍ୟରେ ସାମ୍ବାଦିକ ସୁରକ୍ଷା ଆଇନ କାର୍ଯ୍ୟକାରୀ କରିବାକୁ ୫-ଟି ସଚିବଙ୍କୁ ଦରଖାସ୍ତ ପ୍ରଦାନ କରାଯାଇଥିଲା। ଏହିସବୁ କାର୍ଯ୍ୟକ୍ରମରେ ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର, ଏସ୍‌ପି ଭିନିତ ଅଗ୍ରୱାଲଙ୍କ ସମେତ ସମ୍ପୃକ୍ତ ଅଞ୍ଚଳର ପଦାଧିକାରୀ ଓ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ପ୍ରକାଶ ପାଇଲା ଓଟିଇଟି ରେଜଲ୍ଟ

**କଟକ,୩୧।୮(ସୁପ୍ରିୟା ପ୍ରିୟଦର୍ଶିନୀ)**

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି)-୨୦୨୨ ରେଜଲ୍ଟ ଗୁରୁବାର ପ୍ରକାଶ ପାଇଛି। ଛାତ୍ରୀଛାତ୍ରମାନେ ବୋର୍ଡ ୱେବ୍‌ସାଇଟ୍ (www.bseodisha.ac.in)ରେ ସେମାନଙ୍କ ରୋଲ୍ ନମ୍ବର ଓ ମୋବାଇଲ ନମ୍ବର ଦାଖଲ କରି ପରୀକ୍ଷାଫଳ ଦେଖିପାରିବେ। ଗତ ଜୁଲାଇ ୧ରେ ରାଜ୍ୟର ୩୦୭ କେନ୍ଦ୍ରରେ ପରୀକ୍ଷାର୍ଥୀମାନେ ଦୁଇଟି ପେପରରେ ପରୀକ୍ଷା ଦେଇଥିଲେ। ପୂର୍ବାହ୍ନ ୮ଟାରୁ ସାଢେ ୧୦ଟା ପର୍ଯ୍ୟନ୍ତ ପେପର-୧ ଓ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ସାଢେ ୨ଟା ପର୍ଯ୍ୟନ୍ତ ପେପର-୨ ପରୀକ୍ଷା ହୋଇଥିଲା। ତେବେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ନେଇ ଚର୍ଚ୍ଚା ହୋଇଥିଲା। ମାତ୍ର ତାହାକୁ ତତ୍କାଳୀନ ବୋର୍ଡ ସଭାପତି ଖଣ୍ଡନ କରିଥିଲେ।

# କଣ୍ଠଶିଳ୍ପୀ ସୌରିନ୍‌ଙ୍କୁ ଗିରଫ ପାଇଁ ପୋଲିସ ଟିମ୍ ଗଠନ ହେବ

**କଟକ,୩୧।୮ (କାର୍ତ୍ତିକ ସାହୁ)**

ବଲିଉଡ୍ କଣ୍ଠଶିଳ୍ପୀ ସୌରିନ୍ ଭଟ୍ଟଙ୍କୁ ଗିରଫ କରିବା ପାଇଁ କମିଶନରେଟ୍ ପୋଲିସ ପ୍ରସ୍ତୁତି ଆରମ୍ଭ କରିଛି। ହାଇକୋର୍ଟରେ ସୌରିନ୍‌ଙ୍କ ଆଗୁଆ ଜାମିନ ଆବେଦନ ଖାରଜ ହେବା ସହ ତାଙ୍କ ଉପରୁ ଅନ୍ତରୀଣ ସୁରକ୍ଷାକୁ ହାଇକୋର୍ଟ ହଟାଇ ଦେଇଛନ୍ତି। ଫଳରେ ପୋଲିସ ପାଇଁ ମାମଲା ଆଗକୁ ବଢ଼ାଇବା ନିମନ୍ତେ ବାଟ ପରିଷ୍କାର ହୋଇଯାଇଛି। କମିଶନରେଟ୍ ପୋଲିସର ଜୋନ୍-୨ ଏସିପି ଅମିତାଭ ମହାପାତ୍ର କହିଛନ୍ତି, ସୌରିନ୍‌ଙ୍କୁ ଗିରଫ କରିବା ପାଇଁ ଆଉ କୌଣସି ଅଦାଲତି ପ୍ରତିବନ୍ଧକ ନାହିଁ। ତାଙ୍କୁ ଗିରଫ କରିବା ପାଇଁ ପୋଲିସ ଟିମ୍ ଗଠନ ହେବ। ସେ ଏବେ କେଉଁଠି ରହୁଛନ୍ତି। ସେ ସମ୍ପର୍କରେ ଖବର ନିଆଯିବ। ତାଙ୍କ ବିଷୟରେ ସୂଚନା ମିଳିବା ପରେ ତାଙ୍କୁ ଗିରଫ କରିବା ପାଇଁ କଟକରୁ ଏକ ପୋଲିସ ଟିମ୍ ସେଠାକୁ ଯିବ। ତେବେ ଖୁବ୍‌ଶୀଘ୍ର ଏହା କରାଯିବା ପରେ ମାମଲାର ତଦନ୍ତ ଆଗକୁ ନିଆଯିବ ବୋଲି ଏସିପି ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ଜଗତପୁର ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ସୌରିନ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ସହିତ ନିର୍ଯାତନା ଦେଉଥିଲେ। ଏ ନେଇ ଯୁବତୀ ଜଣଙ୍କ କଟକ ମହିଳା ଥାନାରେ ଜୁନ୍ ୧୨ରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ସୌରିନ୍‌ଙ୍କୁ ହାଜର ହେବା ପାଇଁ ନୋଟିସ୍ ଦେଇଥିଲା। ହେଲେ ସେ ହାଜର ହୋଇ ନ ଥିଲେ। ପରେ ପୋଲିସ ତାଙ୍କୁ ଗିରଫ କରିବା ପାଇଁ କୋଲକାତା ଯାଇଥିଲେ ମଧ୍ୟ ନିରାଶ ହୋଇ ଫେରିଥିଲା। ଅପରପକ୍ଷରେ ଗିରଫଦାରିରୁ ବର୍ତ୍ତିବା ପାଇଁ ସୌରିନ୍ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମାମଲାର ରାୟ ପ୍ରକାଶ କରି ସୌରିନ୍‌ଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରିଥିଲେ। ଏଥିସହ ତାଙ୍କୁ ପ୍ରାଥମିକ ଅବସ୍ଥାରେ ଯୋଗାଇ ଦିଆଯାଇଥିବା ଅନ୍ତରୀଣ ସୁରକ୍ଷାକୁ ହଟାଇ ଦେଇଥିଲେ।

# ତେଲଙ୍ଗାନାରୁ ୫ ଫେରାର ଅଭିଯୁକ୍ତ ରାୟଗଡ଼ାରୁ ଗିରଫ

**ୱାରାଙ୍ଗଲ ହତ୍ୟା ମାମଲା**

**ରାୟଗଡ଼ା,୩୧।୮ (ଆଶିଷ ରଞ୍ଜନ ପଣ୍ଡା)**

ତେଲଙ୍ଗାନା ୱାରାଙ୍ଗଲର ଏକ ହତ୍ୟା ମାମଲାରେ ସମ୍ପୃକ୍ତ ୫ ଫେରାର ଅଭିଯୁକ୍ତଙ୍କୁ ରାୟଗଡ଼ା ରେଲବାଇ ପୋଲିସ ବୁଧବାର ରାତିରେ ବିଶାଖାପାଟଣା - ଦୁର୍ଗ ଟ୍ରେନ୍‌ରୁ ଗିରଫ କରିଛି। ଗୁରୁବାର ସକାଳେ ସେମାନଙ୍କୁ ୱାରାଙ୍ଗଲ ପୋଲିସକୁ ହସ୍ତାନ୍ତର କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ମଧ୍ୟପ୍ରଦେଶ ଭିଣ୍ଡ ଜିଲା ରାମା ଗ୍ରାମର ଓମ୍‌କାର ଯାଦବ, ନୟାଗା ଗ୍ରାମର ରାହୁଲ ସିଂ, ମୋରେନା ଜିଲା ବାଗୁଚିନି ଗ୍ରାମର ବାଲା ରାମ୍, ସୋନିଆ ଗ୍ରାମର ସଚିନ ସିଂ ଏବଂ ଉତ୍ତରପ୍ରଦେଶ ଇଟାଓ୍ୱା ଜିଲା କୁବାରକୁର୍ଚ୍ଚା ଗ୍ରାମର ଦୀପକ ସିଂ। ଅଭିଯୁକ୍ତମାନେ ଫେରିବାଲା କାମ କରୁଥିଲେ ବୋଲି ୱାରାଙ୍ଗଲ ପୋଲିସ ପକ୍ଷରୁ ସୂଚନା ମିଳିଛି।

ତେଲଙ୍ଗାନା ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ୱାରାଙ୍ଗଲରେ ଜଣଙ୍କୁ ହତ୍ୟା କରି ବିଜୟୱାଡ଼ା ପଳାଇଥିଲେ। ସେଠାରୁ ଏକ ଟ୍ରେନ୍ ଯୋଗେ ବିଶାଖାପାଟଣାରେ ପହଞ୍ଚି ଦୁର୍ଗ ପାସେଞ୍ଜର ଟ୍ରେନ୍‌ରେ ରାୟପୁର ଫେରାର ହେଉଥିଲେ। ବିଶାଖାପାଟଣା ପର୍ଯ୍ୟନ୍ତ ସେମାନଙ୍କୁ ଖୋଜି ନ ପାଇବାରୁ ୱାରାଙ୍ଗଲ ପୋଲିସ ରେଳବାଇ ପୋଲିସକୁ ସୂଚନା ଦେଇଥିଲେ। ରେଳବାଇ ପୋଲିସ ବୁଧବାର ରାତିରେ ରାୟଗଡ଼ା ରେଳଷ୍ଟେଶନଠାରେ ଅପେକ୍ଷା କରିଥିବାବେଳେ ବିଶାଖାପାଟଣା - ଦୁର୍ଗ ପାସେଞ୍ଜର ଟ୍ରେନ୍‌ର ସଂରକ୍ଷିତ ବଗିରୁ ୫ ଅଭିଯୁକ୍ତଙ୍କୁ ରେଳବାଇ ପୋଲିସ କାବୁ କରିଥିଲା। ୱାରାଙ୍ଗଲ ପୋଲିସ ଅଭିଯୁକ୍ତଙ୍କୁ ଧରି ରାୟଗଡ଼ା ରେଳ ଷ୍ଟେଶନଠାରୁ ୱାରାଙ୍ଗଲ ଯାତ୍ରା କରିଛି।

# ଟ୍ରକ୍ ଧକ୍କାରେ ମା' ଝିଅ ମୃତ, ବାପା ଗୁରୁତର

**ପାଟଣା(ବୀର କିଶୋର ଦାଶ)/ଠାକୁରମୁଣ୍ଡା (ତାରାକାନ୍ତ ପଟ୍ଟନାୟକ),୩୧।୮**

କେନ୍ଦୁଝର ଓ ମୟୂରଭଞ୍ଜ ଜିଲା ଦେଇ ଯାଇଥିବା ୪୯ନଂ. ଜାତୀୟ ରାଜପଥର ଚଢ଼େଇଭୋଳଠାରେ ଗୁରୁବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଟ୍ରକ୍ ଧକ୍କାରେ ମା' ଓ ୪ ମାସର ଶିଶୁକନ୍ୟାଙ୍କ ମୃତ୍ୟୁ ହୋଇଥିବା ବେଳେ ବାପା ଗୁରୁତର ହୋଇଛନ୍ତି। ମୃତକ ଘଟଗାଁ ବ୍ଲକ୍ ସରସପଶି ପଞ୍ଚାୟତ ଗୋବରାବେଡ଼ାର ପ୍ରାଣବନ୍ଧୁ ନାଏକଙ୍କ ସ୍ତ୍ରୀ ମଲ୍ଲୀ ନାଏକ ଓ ଶିଶୁ କନ୍ୟା ସିନ୍ଧୁ ନାଏକ।

ସୂଚନା ଅନୁଯାୟୀ, ଶିଶୁ କନ୍ୟାଙ୍କୁ ଜ୍ୱର ହୋଇଥିବାରୁ ଦମ୍ପତି ଇନ୍ଦୁପୁର ଚିକିତ୍ସାଳୟକୁ ନେଇଥିଲେ। ଡାକ୍ତରଙ୍କୁ ଦେଖାଇ ବାଇକ୍ ଯୋଗେ ଫେରୁଥିବା ବେଳେ ଏକ ଟ୍ରକ୍ ଧକ୍କାଦେଇ ପଳାଇଯାଇଥିଲା। ସମସ୍ତେ ରାସ୍ତାରେ ଛିଟିକି ପଡ଼ିଥିବା ବେଳେ ଘଟଣାସ୍ଥଳରେ ମଲ୍ଲୀଙ୍କ ମୃତ୍ୟୁ ଘଟିଥିଲା। ବାପ-ଝିଅଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରୁ ଶିଶୁଙ୍କ କଟକ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କରଞ୍ଜିଆ ପୋଲିସ ଏକ ମାମଲା (ନଂ. ୨୬୨/୨୩) ରୁଜୁ କରି ତଦନ୍ତ କରୁଛି।

# ବିଲରେ ଟଳିପଡ଼ିଲେ ଚାଷୀ: ଅଂଶୁଘାତ ସନ୍ଦେହ

**ସୋର, ୩୧।୮(ଜନ୍ମେଜୟ ମିଶ୍ର)**

ବାଲେଶ୍ୱର ଜିଲା ସୋର ବ୍ଲକ କେଦାରପୁର ପଞ୍ଚାୟତ କେଦାରପୁର ଗ୍ରାମର ଭରତ ସାହୁ (୬୪) ନାମକ ଚାଷୀ ବିଲରେ ସାର ପକାଉଥିବା ବେଳେ ହଠାତ୍ ଟଳିପଡିଥିଲେ। ଡାକ୍ତରଖାନାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ଅଂଶୁଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ସନ୍ଦେହ କରୁଛନ୍ତି। ଭରତ ଗୁରବାର ମଧ୍ୟାହ୍ନରେ ବିଲରେ ସାର ପକାଉଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜିବାକୁ ବିଲକୁ ଯାଇଥିଲେ। ପ୍ରବଳ ଖରା ସହିତ ଗୁଳୁଗୁଳି ହେଉଥିବାରୁ ଭରତ ବିଲରେ ମୁହଁ ମାଡ଼ି ପାଣିରେ ପଡ଼ିଥିଲେ। ତାଙ୍କ ଦେହରୁ ଚମଡ଼ା ଉତୁରି ଯାଇଥିଲା। ପରିବାର ଲୋକେ ଏବଂ ଗ୍ରାମବାସୀ ତାଙ୍କୁ ତୁରନ୍ତ ଉଦ୍ଧାର କରି ସୋର ମେଡିକାଲକୁ ଆଣିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସୋର ପୋଲିସ ଡାକ୍ତରଖାନାରେ ପହଞ୍ଚି ଏକ ମାମଲା(ନଂ. ୫୬/୨୩) ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଶବ ବ୍ୟବଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଡାକ୍ତର କହିଛନ୍ତି।






ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧ ସେପ୍ଟେମ୍ବର, ୨୦୨୩

"ଭଗବାନ କେବେ ଦୁଃଖିତ ହୁଅନ୍ତି ନାହିଁ। ଭଗବାନଙ୍କୁ ଉପଲବ୍ଧି କରିବାକୁ ହେଲେ ତୁମକୁ ତୁମ ଭିତରୁ ସମସ୍ତ ଦୁଃଖଭାବ ଦୂରକୁ ଫିଙ୍ଗି ଦେବାକୁ ହେବ ଏବଂ ସବୁପ୍ରକାର ଭାବପ୍ରବଣ ଦୁର୍ବଳତା ମଧ୍ୟ ତ୍ୟାଗ କରିବାକୁ ହେବ। **-ଶ୍ରୀମା**



# ବୌଦ୍ଧିକ ସ୍ୱାଧୀନତାର ଅଭାବ



ମିଲନ୍ ବୈଷ୍ଣବ

ଜାତୀୟ ଶିକ୍ଷାନୀତି ୨୦୨୦ ଲାଗୁ ହେବାପରଠାରୁ ଭାରତ ନିଜକୁ ଏକବିଂଶ ଶତାବ୍ଦୀର ଜ୍ଞାନର କେନ୍ଦ୍ର ଭାବେ ସ୍ଥାନିତ କରିବାକୁ ଚେଷ୍ଟା କରିଛି। ଉଚ୍ଚଶିକ୍ଷାର ବୈଶ୍ୱିକ ପ୍ରତିଯୋଗିତାମୂଳକ ପ୍ରତିଷ୍ଠାନଗୁଡ଼ିକର ବିଶେଷତା ପ୍ରତିପାଦିତକରି ଏହା ହାସଲ କରିବାକୁ ଚାହୁଁଛି। କିନ୍ତୁ ଦେଶର ଏକ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରୁ ଜଣେ ଯୁବ ଅର୍ଥନୀତିଜ୍ଞଙ୍କ ଆକସ୍ମିକ ଇସ୍ତଫା ଏବଂ ଏହାକୁ କେନ୍ଦ୍ରକରି କ୍ୟାମ୍ପସରେ ଦେଖାଦେଇଥିବା ବିଦ୍ରୋହ ଏହି ଅଭିଳାଷକୁ ସଫଳ କରିବା ପାଇଁ ଭାରତର ସାମର୍ଥ୍ୟ ଉପରେ ସନ୍ଦେହ ସୃଷ୍ଟି କରିଛି। ଜୁଲାଇରେ, ଅଶୋକା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ସବ୍ୟସାଚୀ ଦାସ ଭାରତର ୨୦୧୯ ସାଧାରଣ ନିର୍ବାଚନରେ ହୋଇଥିବା ଅନିୟମିତତା ଉପରେ ଅଭିଯୋଗ କରି ଏକ ଅନୁଧ୍ୟାନଭିତ୍ତିକ ରିପୋର୍ଟ ପ୍ରକାଶ କରିଥିଲେ। ଏହି ରିପୋର୍ଟକୁ ଏଯାବତ ଅନ୍ୟ ବିଶେଷଜ୍ଞଙ୍କ ଦ୍ୱାରା ସମୀକ୍ଷା କରାଯାଇନାହିଁ। ରିପୋର୍ଟରେ ଦର୍ଶାଯାଇଛି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାରତୀୟ ଜନତା ପାର୍ଟି (ଭାଜପା) ନିର୍ବାଚନରେ ଚଞ୍ଚକତା କାରଣରୁ ଅର୍ଥାତ୍ ଭୋଟର ତାଲିକାରୁ ମୁସଲମାନଙ୍କୁ ବାଦ୍‌ଦେଇ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ନିର୍ବାଚନମଣ୍ଡଳୀରେ ଅଧିକ ଭୋଟ ପାଇ ଜିତିଥିଲା। ନିଶ୍ଚିତ କରିବାକୁ ଯାଇ ଦାସ କହିଛନ୍ତି, ତଥାକଥିତ ଅନିୟମିତତା ଭୋଟଦାନ ପରିଣାମକୁ ପ୍ରଭାବିତ କରି ନ ଥିଲା ; ଭାଜପାର ଏକ ବିରାଟ ବିଜୟ ଘଟିଥିଲା। କିନ୍ତୁ ମୋଦିଙ୍କ ଦଳ ହିନ୍ଦୁ ଜାତୀୟତାର ଆଭିମୁଖ୍ୟକୁ ପ୍ରୋତ୍ସାହିତ କରୁଛି ଏବଂ ଭାରତର ମୁସଲମାନ ସଂଖ୍ୟାଲଘୁଙ୍କୁ ନିର୍ବାଚନରେ ଅପ୍ରାସଙ୍ଗିକ ବୋଲି ମନେକରୁଛି। ତେଣୁ ନିର୍ବାଚନ ଅନିୟମିତତା ଅତ୍ୟନ୍ତ ଚିନ୍ତାଜନକ ଓ ଏହା ସମସ୍ୟା ସୃଷ୍ଟି କରୁଛି।

ଦାସଙ୍କ ଏହି ରିପୋର୍ଟ ନିଆଁ ତେଜିଦେଇଛି। ନୂଆଦିଲ୍ଲୀ ବାହାରେ ଘରୋଇ କଳା ବିଶ୍ୱବିଦ୍ୟାଳୟ ଅଶୋକା ଅବସ୍ଥିତ। ଏଭଳି ସ୍ଥିତିରେ ଏହି ବିଶ୍ୱବିଦ୍ୟାଳୟ ଦାସଙ୍କ ଅନୁସନ୍ଧାନର ପ୍ରାସଙ୍ଗିକତା ଏବଂ ସତ୍ୟତା ଉପରେ ପ୍ରଶ୍ନକରି ତାଙ୍କଠାରୁ ଦୂରରେ ରହିବାକୁ ଚେଷ୍ଟା କରିଛି। ଏହି ରିପୋର୍ଟକୁ ବାହାରେ ପ୍ରକାଶ ନ କରିବା କିମ୍ବା ଆଲୋଚନା ନ କରିବା ଲାଗି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କୁ ଆଦେଶ ଦେବା ଏବଂ ଏକ ଯାଞ୍ଚ କମିଟି ଆରମ୍ଭ କରିବା ପରେ ଦାସ ଇସ୍ତଫା ଦେଇଥିଲେ। ଅର୍ଥନୀତି ବିଭାଗ ତୁରନ୍ତ ଏହି ପଦକ୍ଷେପକୁ ନିନ୍ଦା କରିଛି ଏବଂ ଦାସଙ୍କୁ ବିନା ସର୍ତ୍ତରେ ପୁନଃ ଅବସ୍ଥାପିତ କରିବାକୁ ଜୋର ଦେଇଛି। ବିଶ୍ୱବିଦ୍ୟାଳୟର ଅନ୍ୟ ବିଭାଗଗୁଡ଼ିକ ଏଥିରେ ଏକମତ ହୋଇଛନ୍ତି। ଛାତ୍ରମାନେ ମଧ୍ୟ ବିଶ୍ୱବିଦ୍ୟାଳୟ ପଦକ୍ଷେପ ଉପରେ ଅସନ୍ତୋଷର ସ୍ୱର ଉଠାଇଛନ୍ତି।

ଅନେକ ଦଶନ୍ଧି ହେଲା ସରକାର ବିଶ୍ୱବିଦ୍ୟାଳୟର ଗବେଷକଙ୍କ ସ୍ୱାଧୀନତା ଓ ଉତ୍କୃଷ୍ଟ ପ୍ରଦର୍ଶନ ଉପରେ ଚାପ ପକାଇ ଆସିଛନ୍ତି। ଏପରିକି ବହୁ ସମୟରେ ଯେଉଁ ଅଧ୍ୟାପକଙ୍କ ଗବେଷଣା ବା ଅନୁଧ୍ୟାନ ସରକାରୀ ବ୍ୟବସ୍ଥା ବିରୋଧରେ ଯାଇଛି ତାହାକୁ ପରୋକ୍ଷରେ ଖଣ୍ଡନ କରାଯାଇଛି। କିନ୍ତୁ ୨୦୧୪ରେ ମୋଦି କ୍ଷମତାକୁ ଆସିବା ପରଠାରୁ ଏହି ଚାପ ନୂତନ ସ୍ତରରେ ପହଞ୍ଚିଛି। ୨୦୨୧ରେ ମୋଦିଙ୍କ ନୀତିର ଦୃଢ଼ ସମାଲୋଚକ ତଥା ରାଜନୈତିକ ବୈଜ୍ଞାନିକ ପ୍ରତାପଭାନୁ ମେହେଟ୍ଟା ମଧ୍ୟ ଅଶୋକାରୁ ଇସ୍ତଫା ଦେଇଥିଲେ। ସେ ଉଲ୍ଲେଖ କରିଛନ୍ତି ଯେ, ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତାମାନେ ଏହାକୁ ଅଧିକ ସ୍ପଷ୍ଟ କରିଛନ୍ତି। ତେବେ ବାହାରକୁ କମ୍ ଜଣାଶୁଣା ଶିକ୍ଷାନୁଷ୍ଠାନଗୁଡ଼ିକରେ ଗବେଷକଙ୍କ ଉପରେ ପ୍ରବଳ ଚାପ ରହିଛି। ଏହା କ୍ୟାମ୍ପସ ବାହାରକୁ ବ୍ୟାପିଛି, ଯାହା ଭାରତର ଅନ୍ୟତମ ସମ୍ମାନଜନକ ଥିଙ୍କ୍ ଟ୍ୟାଙ୍କ୍ ସେଣ୍ଟର ଫର୍ ପଲିସି ରିସର୍ଚ୍ଚ ଦ୍ୱାରା ପ୍ରମାଣିତ ହୋଇଛି।



ବିଦେଶୀ ବିଶ୍ୱବିଦ୍ୟାଳୟଗୁଡ଼ିକ ଦେଶରେ ସେମାନଙ୍କ କେନ୍ଦ୍ର ଖୋଲନ୍ତୁ ବୋଲି ମୋଦି ସରକାର ଚାହୁଁଛନ୍ତି ଏବଂ ଇନ୍‌ଷ୍ଟିଚ୍ୟୁଟସ୍ ଅଫ୍ ଏମିନେନ୍ସ ଭାବରେ ମନୋନୀତ ନିର୍ଦ୍ଦିଷ୍ଟ ଭାରତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଅତ୍ୟଧିକ ନିବେଶ କରିଛନ୍ତି। ତେବେ ଏବକାର ବିବାଦଗୁଡ଼ିକରୁ ଜଣାପଡୁଛି ଯେ, ମୋଦି ବହୁ ସମୟରେ ଭାରତ ବିଶ୍ୱଗୁରୁ ହେବ ବୋଲି ଯାହା କହୁଛନ୍ତି ତାହା ସମ୍ଭବ ହେବ ନାହିଁ। ଉଭୟ ସରକାର ଏବଂ ବିଶ୍ୱବିଦ୍ୟାଳୟର ନେତୃତ୍ୱମାନେ ବିଶ୍ୱସନୀୟ ଭାବରେ ବୌଦ୍ଧିକ ସ୍ୱାଧୀନତା ବଜାୟ ରଖିବାରେ ପ୍ରତିବଦ୍ଧତା ପ୍ରକାଶ ନ କଲେ ଏହା ହାସଲ ହୋଇପାରିବ ନାହିଁ। ଭାରତର ବିଶ୍ୱବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଅଧ୍ୟାପକମାନଙ୍କୁ ବିବାଦୀୟ ବିଷୟଗୁଡ଼ିକ ଉପରେ ଅନୁସନ୍ଧାନ କରିବା ଏବଂ ରାଜନୈତିକ ଦୃଷ୍ଟିରୁ ଅଡୁଆ ହେଉଥିବା ସିଦ୍ଧାନ୍ତକୁ ପ୍ରକାଶ କରିବା ପାଇଁ ସ୍ୱାଧୀନତା ଦେବା ଦରକାର। ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡିକ ଉପରେ ସରକାର ବଜାୟ ରଖିଥିବା କ୍ଷମତା ଯୋଗୁ ଏଭଳି ପରିବେଶ ସୃଷ୍ଟି କରିବାକୁ ଦାୟିତ୍ୱରେ ବିଶ୍ୱବିଦ୍ୟାଳୟଗୁଡ଼ିକର ମୁଖ୍ୟମାନେ ଏକ କଷ୍ଟକର ସ୍ଥିତିରେ ରହିଛନ୍ତି। ଏହା ସୂଚାଇଦିଏ ଯେ, ସରକାରଙ୍କ ନିୟାମକ ନିୟନ୍ତ୍ରଣ ଏବେ ସୁଦ୍ଧା ଶେଷ ହୋଇନାହିଁ, ବରଂ ଉଦାରୀକରଣ ପରେ ଏହା ବଢ଼ିଛି। ଏପରିକି ବିଭିନ୍ନ ପାର୍ଶ୍ୱରେ ଚାଲୁଥିବା ଘରୋଇ ବିଶ୍ୱବିଦ୍ୟାଳୟଗୁଡ଼ିକ ରାଜନୈତିକ ଚାପରୁ ସେତେ ସୁରକ୍ଷିତ ନୁହନ୍ତି ଯେତିକି ଲୋକେ ବିଶ୍ୱାସ କରୁଛନ୍ତି। କିନ୍ତୁ ତାହାକୁ ନେଇ ଅଧ୍ୟାପକମାନଙ୍କ ପାଇଁ ବିଶ୍ୱବିଦ୍ୟାଳୟ ପ୍ରଶାସକମାନେ ପ୍ରକାଶ କରୁଥିବା ଅଦମ୍ୟ ସମର୍ଥନରୁ ଓହରିଯିବା ଉଚିତ ନୁହେଁ। ଏପରିକି ବିଶେଷଭାବରେ ସେମାନେ ବିବାଦୀୟ ବିଷୟ ଚୟନ କରୁଥିବା ସମୟରେ ଏଭଳି କରିବା ଅନୁଚିତ। ଏକ ଜଗତୀକରଣ ବିଶ୍ୱରେ, ଯେଉଁ ପ୍ରଜ୍ଞାଧାରୀ ଭାରତୀୟମାନେ ନିଜ ନିଜ ଦେଶରେ ବାଧାର ସମ୍ମୁଖୀନ ହେଉଛନ୍ତି ସେମାନେ ବିଦେଶରେ ଭଲ ସୁଯୋଗ ଖୋଜିପାରିବେ। ଅନେକେ ଏହା କରିସାରିଛନ୍ତି। ୨୦୨୨ରେ ୨,୨୫,୦୦୦ରୁ ଅଧିକ ଭାରତୀୟ ସେମାନଙ୍କ ନାଗରିକତ୍ୱରୁ ତ୍ୟାଗ କରିଛନ୍ତି, ଯାହାକି ଏକ ଦଶନ୍ଧି ମଧ୍ୟରେ ସର୍ବାଧିକ। ଶେଷ କଥା ହେଉଛି, ଅତ୍ୟଧିକ ପ୍ରଜ୍ଞାଧାରୀ ଭାରତର ଉଚ୍ଚଶିକ୍ଷାରୁ ବିଦେଶକୁ ପଳାୟନ କରିବାକୁ ବାଧ୍ୟ ହୋଇଛନ୍ତି। ଯେଉଁଥିପାଇଁ ନିକଟରେ କରାଯାଇଥିବା କ୍ୟୁଆର୍ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଙ୍ଗ୍‌ରେ ଦେଶର ସବୁଠୁ ଭଲ ପ୍ରଦର୍ଶନ କରୁଥିବା ବିଶ୍ୱବିଦ୍ୟାଳୟ ୧୪୯ ସ୍ଥାନରେ ରହିଛି। ସରକାରୀ ସମର୍ଥକମାନେ ଯେଉଁମାନେ ଚିନ୍ତକମାନଙ୍କୁ ଜାତୀୟ ବିରୋଧୀ ଭାବରେ ପରିହାସ କରିଥିଲେ, ସେମାନେ ସାଥୀ ଗବେଷକଙ୍କ ଦ୍ୱାରା ରିପୋର୍ଟର ସମୀକ୍ଷା କରାଯିବାର ଯୁକ୍ତିଯୁକ୍ତତାକୁ ଜାଣିବାରେ ବିଫଳ ହୋଇଛନ୍ତି। ତେବେ ଦାସ ତାଙ୍କ ରିପୋର୍ଟରେ ଯେଉଁ ବିବାଦୀୟ ସିଦ୍ଧାନ୍ତଗୁଡିକ ଉଲ୍ଲେଖ କରିଥିଲେ ତାହାକୁ ଯାଞ୍ଚରେ ଶେଷ କରିଦିଆଯାଇପାରେ। କିନ୍ତୁ ଯଦି ସେମାନେ ସାହସ ଜୁଟାଇ ସମର୍ଥନ କରନ୍ତି, ତେବେ ତାଙ୍କ ତଥ୍ୟ ଓ ଲେଖା ସମସ୍ତଙ୍କ ପାଇଁ ଯାଞ୍ଚର ବାଟ ଖୋଲିଦେବ।

ଦୁର୍ଭାଗ୍ୟବଶତଃ, ଏହି ମାମଲା ସମ୍ଭାବ୍ୟ ଦୁନିଆର ସବୁଠାରୁ ଖରାପ ଦିଗକୁ ସୂଚିତ କରୁଛି। ପ୍ରଥମରେ ଜଣେ ସଙ୍କଳ୍ପଧାରୀ ଗବେଷକ ନିଜ ଚାକିରି ଛାଡ଼ିବାକୁ ବାଧ୍ୟ ବୋଲି ଅନୁଭବ କଲେ। ଏକ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ଆତ୍ମବିଶ୍ୱାସର ସଙ୍କଟ ଦେଇ ଗତି କରୁଛି, ଯେହେତୁ ଅଧ୍ୟାପକ ଏବଂ ଛାତ୍ରମାନେ ପ୍ରଶାସକଙ୍କ ବିରୋଧରେ ଠିଆହେବା ଲାଗି ପଛଘୁଞ୍ଚା ଦେଇଛନ୍ତି ଏବଂ ସାମାଜିକ-ବିଜ୍ଞାନ ଅନୁସନ୍ଧାନର ମୌଳିକ ନୀତିଗୁଡିକ ବୁଝିବାରେ ବିଶ୍ୱବିଦ୍ୟାଳୟ ବିଫଳ ହୋଇଛି। ଫଳସ୍ୱରୂପ, ଭାରତର ଉଦାରବାଦ ଦକ୍ଷତା ବା ପରିଚୟ ଆଉ ଏକ ଶକ୍ତ ଝଟ୍‌କା ପାଇଛି। ସବୁ ସମାଜ ଭଳି ଭାରତ ମଧ୍ୟ ଏକାଡେମିକ ଉତ୍କର୍ଷ ଲାଭ କରିବାକୁ ଚାହେଁ। ବାମ କିମ୍ବା ଦକ୍ଷିଣପନ୍ଥୀ ଆଦର୍ଶକୁ ଅନୁମତି ଦେଇ ନୁହେଁ , ବରଂ ଗବେଷଣାକୁ ମାର୍ଗଦର୍ଶନ କରି ଏହା କରାଯାଇପାରିବ। ଭାରତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକ ଅଧ୍ୟାପକଙ୍କୁ ତ୍ୟାଗ କରିପାରିବେ ନାହିଁ, ଯେଉଁମାନେ ରାଜନୈତିକ ସ୍ତରରେ ବିବାଦୀୟ ତଥା ଉତ୍ତେଜନାମୂଳକ ପ୍ରଶ୍ନ ଉତ୍ଥାପନ କରୁଛନ୍ତି। ଅନ୍ୟଥା, ମାନବ ପୁଞ୍ଜି କୁହାଯାଉଥିବା ଛାତ୍ରମାନେ ଏକ 'ନୂତନ ଭାରତ'କୁ ଇନ୍ଧନ ଦେବ ବୋଲି ଯାହା ଆଶା କରାଯାଏ ସେଥିରେ ବି କ୍ଷତି ହେବ। ସରକାର ରାଜନୈତିକ ଅନୁସନ୍ଧାନ ଭାବନାକୁ ବନ୍ଦ କରିଦେଇଛନ୍ତି।

**ନିର୍ଦ୍ଦେଶକ, ସାଉଥ୍ ଏସିଆ ପ୍ରୋଗ୍ରାମ(କାର୍ନେଗି ଏଣ୍ଡୋମେଣ୍ଟ ଫର୍ ଇଣ୍ଟରନ୍ୟାଶନାଲ ପିସ୍)**

# ସାହିତ୍ୟ ଓ ବିଜ୍ଞାନ



ବିଚିତ୍ରାନନ୍ଦ ପ୍ରଧାନ

ସାହିତ୍ୟର ମୂଳଧାରା ମନୁଷ୍ୟର ଆତ୍ମା। ହୃଦୟରେ ଏହା ନିତ୍ୟ ବିଦ୍ୟମାନ। ଯେ ପର୍ଯ୍ୟନ୍ତ ମନୁଷ୍ୟର ଆତ୍ମା ଓ ହୃଦୟ ଅଛି, ସେ ପର୍ଯ୍ୟନ୍ତ ସାହିତ୍ୟର ସ୍ଥିତି ରହିଛି। ମାନବ ସହିତ ସାହିତ୍ୟର ମୌଳିକ ସମ୍ବନ୍ଧରେ ଚିରନ୍ତନତା ହେତୁ ସାହିତ୍ୟ ଓ ମାନବ ସମ୍ପର୍କ କାହିଁ କେଉଁ କାଳରୁ ରହିଆସିଛି। ସୃଷ୍ଟିର ଆରମ୍ଭରୁ ମନୁଷ୍ୟ ସହିତ ସାହିତ୍ୟର ଅଙ୍ଗାଙ୍ଗୀ ସମ୍ବନ୍ଧ ଏଭଳି ଅବିଚ୍ଛେଦ୍ୟ ଯେ ପରସ୍ପର ମଧ୍ୟରୁ ଗୋଟିକୁ ଛାଡ଼ି ଅନ୍ୟଟି ତିଷ୍ଠି ରହିବା ଅସମ୍ଭବ। ଆଜିର ସଭ୍ୟ ସମାଜ ତା'ର ସ୍ଥିତି ଓ ପ୍ରଗତି ଲାଗି ସାହିତ୍ୟ ଉପରେ ପୂର୍ଣ୍ଣ ଭାବରେ ନିର୍ଭର କରୁଛି। ସାମାଜିକ ଜୀବନର ଭଲମନ୍ଦ, ହାନିଲାଭ, ଆନନ୍ଦ, ବିଷାଦ, ଅଶ୍ରୁ ଓ ହାସ୍ୟର ପରିଚୟ ଆମେ ସାହିତ୍ୟ ମଧ୍ୟରୁ ପାଇଥାଉ। ସାହିତ୍ୟ ଆମ୍ଭମାନଙ୍କର ପଥ ପ୍ରଦର୍ଶକ। ମନୁଷ୍ୟ ସାହିତ୍ୟରୁ ମହାପୁରୁଷମାନଙ୍କର ମହତ୍ ଉପଦେଶ ଓ ଭାବଧାରା ପଠନ କରିବା ଦ୍ୱାରା ତା'ର ସାମାଜିକ ଜୀବନ ଉନ୍ନତ ହେବା ସହିତ ସେ ପ୍ରଗତି ପଥରେ ଅଗ୍ରସର ହୁଏ। ସାହିତ୍ୟକୁ ଉପଯୁକ୍ତ ମର୍ଯ୍ୟାଦା ଦେଲେ ମନୁଷ୍ୟ ପଥଚ୍ୟୁତ ହେବାର ଭୟ ରହେ ନାହିଁ। ଅପରପକ୍ଷରେ ଦୁଇଶତ ବର୍ଷ ହେବ ବିଜ୍ଞାନର ଆବିର୍ଭାବ ହୋଇଛି। ବିଜ୍ଞାନର ନବ ଆଲୋକରେ ଆଜି ସମଗ୍ର ମାନବ ସମାଜ ଆଲୋକିତ । ବୈଜ୍ଞାନିକ ଆଇନ୍‌ଷ୍ଟାଇନଙ୍କ ମତରେ, ସମାଜରୁ କ୍ରୀତଦାସ ପ୍ରଥା ନିରାକରଣର ମୌଳିକ କାରଣ ହେଉଛି ବିଜ୍ଞାନ। ବିଜ୍ଞାନର ଅଗ୍ରଗତି ଫଳରେ ସମାଜର ଦୀର୍ଘ ପାରମ୍ପରିକ କୁସଂସ୍କାରଗୁଡ଼ିକ ଦୂରୀଭୂତ ହୋଇ ପୃଥିବୀର ବୈପ୍ଳବିକ ପରିବର୍ତ୍ତନ ଦେଖାଦେଇଛି। ବିଜ୍ଞାନ ଜ୍ଞାନାଲୋକର ଅସରନ୍ତି ଉତ୍ସ। ବିଜ୍ଞାନର ଲକ୍ଷ୍ୟ ହେଲା ସତ୍ୟର ଅନୁସନ୍ଧାନ ଓ ସତ୍ୟର ପ୍ରତିଷ୍ଠା। ବିଜ୍ଞାନର ପ୍ରଭାବ, ମାନବୀୟ ଚିନ୍ତାଧାରାର ଆଭିମୁଖ୍ୟକୁ ସୁଶୃଙ୍ଖଳିତ ବୈଜ୍ଞାନିକ ଧାରାରେ ପରିପ୍ରକାଶ କରିଛି। ଫଳରେ ମନୁଷ୍ୟ ବହୁ ପାରମ୍ପରିକ ଅନ୍ଧବିଶ୍ୱାସରୁ ମୁକ୍ତ ହୋଇଛି। ବିଜ୍ଞାନ ସହାୟତାରେ ଯେଉଁ ଆବିଷ୍କାର ଓ ଉଦ୍ଭାବନ କରାଯାଇଛି ତାହାଦ୍ୱାରା ଜୀବନ ସୁସ୍ଥ ଏବଂ ସୁଖମୟ ହୋଇପାରିଛି। ବିଜ୍ଞାନକୁ ଛାଡ଼ି ମନୁଷ୍ୟ ଜାତିର ନୂତନ ସଭ୍ୟତା କ୍ଷଣେ ହେଲେ ତିଷ୍ଠିପାରିବ ନାହିଁ। ବସ୍ତୁତଃ ସାହିତ୍ୟ ଭଳି ବିଜ୍ଞାନ ମଧ୍ୟ ପ୍ରତ୍ୟେକ ମନୁଷ୍ୟ ତଥା ମାନବ ସମାଜର ହିତ ସାଧନ କରୁଛି।

ଆଧୁନିକ ବିଜ୍ଞାନ ଓ ସାହିତ୍ୟର ଦାନକୁ କେବେ ଅସ୍ୱୀକାର କରିହେବ ନାହିଁ। ବୈଜ୍ଞାନିକମାନେ ସେମାନଙ୍କ ପରୀକ୍ଷାର ତଥ୍ୟମାନ ସାହିତ୍ୟରେ ଲିପିବଦ୍ଧ କରିଥାନ୍ତି ଓ ତାହା ଗବେଷଣା ପାଇଁ ସହାୟକ ହୋଇଥାଏ। ଭାଷା ଓ ସାହିତ୍ୟ ସାମାଜିକ ବନ୍ଧନକୁ ଦୃଢ଼ କରିଥାଏ । ଏହା ମାନବ ସମାଜର କଲ୍ୟାଣ ଓ ଜନସଚେତନତା ସୃଷ୍ଟି କରିଥାଏ। କେତେକ ବ୍ୟକ୍ତି ବିଜ୍ଞାନର ବୈଷୟିକ ଦିଗକୁ ଲକ୍ଷ କରି ମତ ପ୍ରକାଶ କରିଛନ୍ତି ଯେ ବିଜ୍ଞାନ ମନୁଷ୍ୟର ସମସ୍ତ କାର୍ଯ୍ୟକୁ ଆବଶ୍ୟକତା ଅନୁଯାୟୀ ପୂରଣ କରିବାକୁ ସକ୍ଷମ ହୋଇ ପାରିଛି। କିନ୍ତୁ ଏହା ସତ୍ୟ ଯେ ବିଜ୍ଞାନକୁ ଆଶ୍ରୟ କରି ମାନବ ଜୀବନ ପୂର୍ଣ୍ଣତା ଲାଭ କରିପାରିବ ନାହିଁ। ମନୁଷ୍ୟ ଜୀବନର ପୂର୍ଣ୍ଣତା ଲାଗି ବିଜ୍ଞାନ ସହିତ ସାହିତ୍ୟର ଆବଶ୍ୟକତା ଅବଶ୍ୟମ୍ଭାବୀ। ମାନବ ସୃଷ୍ଟି ଥିବା ପର୍ଯ୍ୟନ୍ତ ସାହିତ୍ୟର ସ୍ଥିତି ରହିବ। ଏହା କେବେ ଲୋପ ହେବ ନାହିଁ। ଅତୀତରେ ସାହିତ୍ୟ ଯେପରି ଶାଶ୍ୱତ ବାଣୀ ମାନବ ସମାଜରେ ପ୍ରଚାର କରୁଥିଲା, ଏବେ ସେହିପରି ବିଜ୍ଞାନର ନବ ଉଦ୍ଭାବନ ଓ ଆବିଷ୍କାର ବିଶଦ ବର୍ଣ୍ଣନା କରି ମାନବ ସମାଜ ମଧ୍ୟରେ ପ୍ରଚାର ଓ ପ୍ରସାର କରୁଅଛି। ସାହିତ୍ୟିକ ଓ ଲେଖକମାନେ ଦୁର୍ବୋଧ୍ୟ ବୈଜ୍ଞାନିକ ତଥ୍ୟ ସବୁ ସାଧାରଣ ବ୍ୟକ୍ତି ଯେପରି ସରଳ ଓ ବୋଧଗମ୍ୟ ଭାବରେ ଲେଖାଯାଇପାରିବ, ସେଥିପାଇଁ ଯତ୍ନବାନ ହୋଇ ପଡ଼ିଛନ୍ତି ଓ ଦେଶ ବିଦେଶରେ ସାହିତ୍ୟ ମାଧ୍ୟମରେ ବୈଜ୍ଞାନିକ ତଥ୍ୟମାନ ପ୍ରଚାର ଓ ପ୍ରସାର କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି । ବିଜ୍ଞାନର ପ୍ରଗତିକୁ ସାହିତ୍ୟ ଯୋଗାଇ ଦେଇଛି ପ୍ରୋତ୍ସାହନ ଓ କଳ୍ପନା। ଅପରପକ୍ଷରେ ସାହିତ୍ୟ ମଧ୍ୟ ବିଜ୍ଞାନ ସାହାଯ୍ୟରେ ଅଭିନବ ରୂପରେ ପରିପୂର୍ଣ୍ଣ ହୋଇ ମର୍ଯ୍ୟାଦା ପାଇପାରିଛି। ବିଜ୍ଞାନ ନବ ଜ୍ଞାନର ଆବିଷ୍କାର କରି ସାହିତ୍ୟର ଗନ୍ତାଘରକୁ ଋଦ୍ଧିମନ୍ତ କରିଛି। ବିଜ୍ଞାନର ବାସ୍ତବିକତାକୁ ପରିପ୍ରକାଶ କରି ସାହିତ୍ୟକାର ରଚନା କରୁଛି ବିଜ୍ଞାନଭିତ୍ତିକ ଗଳ୍ପ ଓ ଉପନ୍ୟାସ। ଲେଖକମାନେ ଶିଶୁ ଓ ମନୋବିଜ୍ଞାନକୁ ଅବଲମ୍ବନ କରି ଶିଶୁ ସାହିତ୍ୟମାନ ରଚନା କରୁଛନ୍ତି। ଏଥିରୁ ସ୍ପଷ୍ଟ ଅନୁମେୟ ଯେ ସାହିତ୍ୟ ଓ ବିଜ୍ଞାନ ପରସ୍ପର ମଧ୍ୟରେ ସାମଞ୍ଜସ୍ୟ ରକ୍ଷା କରି ଦେଶର ପ୍ରଗତି ଓ ବିକାଶ ପାଇଁ ସଦାସର୍ବଦା ପ୍ରୟାସ କରିଆସୁଛନ୍ତି। ଆଶା କରାଯାଏ, ସାହିତ୍ୟ ଓ ବିଜ୍ଞାନର ବିପୁଳ ଅବଦାନରେ ମାନବ ଜଗତର ଅଶେଷ ଉନ୍ନତି ହେବା ସହିତ ଆମ ରାଷ୍ଟ୍ର ଏକ ଆର୍ଥିକ ଅଭିବୃଦ୍ଧି ସମ୍ପନ୍ନ ରାଷ୍ଟ୍ର ହୋଇପାରିବ।

**ସିଡିଏ, ସେକ୍ଟର-୯, କଟକ**
**ମୋ-୯୯୩୭୨୨୪୦୮୫**

## ଏଇ ଭାରତରେ

ହାଇଦ୍ରାବାଦର ୫ ଜଣ ସାଥୀ ବର୍ଜ୍ୟ ମାର୍କେଟିଂ କ୍ଷେତ୍ରରେ ଅପୂର୍ବ ପରିବର୍ତ୍ତନ ଆଣିପାରିଛନ୍ତି। ସେମାନେ ବର୍ଜ୍ୟ ସଂଗ୍ରହକାରୀ ଓ ଡିଲରମାନଙ୍କୁ ଅଧିକ ଲାଭ ପାଇବାର ବାଟ ଦେଖାଇଛନ୍ତି। ଦେଶପାଣ୍ଡେ ଓ ତାଙ୍କ ସାଥୀ ପୂର୍ବରୁ ଚାଲିଆସିଥିବା ଅନୌପଚାରିକ ବର୍ଜ୍ୟ ଯୋଗାଣ ଶୃଙ୍ଖଳକୁ ଭାଙ୍ଗି ଏକ ନୂଆ ପଦ୍ଧତି ସାମ୍ନାକୁ ଆଣିଛନ୍ତି। ହାଇଦ୍ରାବାଦ ବାସିନ୍ଦା ଅଭୟ ଦେଶପାଣ୍ଡେ ଅନ୍‌ଲାଇନ ରିସାଇକେଲ ମାର୍କେଟପ୍ଲେସ୍ ଆରମ୍ଭ କରି ଏହି କାର୍ଯ୍ୟ କରୁଛନ୍ତି। ଫଳରେ ବର୍ଜ୍ୟ ସଂଗ୍ରହକାରୀ ଓ ଡିଲରମାନେ ସିଧାସଳଖ ରିସାଇକେଲ କେନ୍ଦ୍ରକୁ ପଠାଇପାରୁଛନ୍ତି। ୨୦୧୬ରେ ସେ ଏହି ଅନ୍‌ଲାଇନ ମାର୍କେଟ ବ୍ୟବସ୍ଥା ଆରମ୍ଭ କରିଥିଲେ। ପରେ ତାଙ୍କ ସହ ସାମିଲ ହୋଇଛନ୍ତି ବିକ୍ରମ ପ୍ରଭାକର, ଅଭିଷେକ ଦେଶପାଣ୍ଡେ, ଅନିରୁଦ୍ଧ ଜଲାନ ଏବଂ ଏକତା ନରିନ। ପାଞ୍ଚଜଣଙ୍କ ଦ୍ୱାରା ପରିଚାଳିତ ଏହି ଅନ୍‌ଲାଇନ ମାର୍କେଟରେ ଏବେ ସୁଦ୍ଧା ଦେଶରେ ୪,୦୦୦ କବାଡିବାଲା ଯୋଡ଼ି ହୋଇଛନ୍ତି। ସେମାନେ ରିସାଇକେଲରଙ୍କ ସହ ଯୋଗାଯୋଗ କରି ଭଲ ଲାଭ ପାଉଛନ୍ତି। ସେମାନଙ୍କ ଆୟ ଏବେ ପୂର୍ବାପେକ୍ଷା ୩୬% ଅଧିକ ହୋଇଛି। ଏପରି କି ଜଣେ ବର୍ଜ୍ୟ ଡିଲର ରିସାଇକେଲ ଆପ୍ ମାଧ୍ୟମରେ ମାସକୁ ୧୫୦-୨୦୦ ଟନ ବର୍ଜ୍ୟ ବିକ୍ରି କରିପାରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧ ସେପ୍ଟେମ୍ବର ୧୯୯୮**

- ଆଲଜେରିଆର ରାଜଧାନୀ ଆଲଜିଅର୍ସ ପରିସରଭୁକ୍ତ ଏକ ଜନାକୀର୍ଣ୍ଣ ମାର୍କେଟରେ ବୋମା ବିସ୍ଫୋରଣ ଘଟି ୧୭ ନିହତ।
- କୃଷି, ବୈଷୟିକ ସହଯୋଗ ଏବଂ ପାରସ୍ପରିକ ବୈଦେଶିକ କାର୍ଯ୍ୟାଳୟ ମଧ୍ୟରେ ଯୋଗାଯୋଗ ରକ୍ଷା ସହ ଦ୍ୱିପାକ୍ଷିକ ଅର୍ଥନୈତିକ ସମ୍ପର୍କ ବୃଦ୍ଧିର ଲକ୍ଷ୍ୟ ନେଇ ଭାରତ ଏବଂ ନାମିବିୟା ମଧ୍ୟରେ ୫ଟି ରାଜିନାମା ସ୍ୱାକ୍ଷରିତ।
- ରାଜସ୍ଥାନର ଉଦୟପୁର ଜିଲାର ମାଭାଲି-ବଡ଼ିସଦାରି ରେଳ ସେକ୍‌ସନ ଅନ୍ତର୍ଗତ ଖେରେଦା ଷ୍ଟେସନ ନିକଟରେ ଥିବା ଏକ ବିନା ଜଗୁଆଳ ଲେବଲ କ୍ରସିଂଠାରେ ଏକ ଟ୍ରେନ୍ ଯାତ୍ରୀବାହୀ ବସ୍‌କୁ ଧକ୍କା ଦେବା ଫଳରେ ୩୦ ମୃତ।

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 5 | | | | | 9 | 3 | |
| 4 | | 1 | | | | | | 6 |
| | 3 | | | | 1 | | | 2 |
| | 7 | | | 4 | | | 2 | 8 |
| | | | 2 | | | | | |
| | | | | 7 | | | | |
| | 8 | | 1 | | 7 | | 5 | 3 |
| | 4 | 5 | | | 6 | 8 | | |
| 1 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 9 | 5 | 1 | 2 | 4 | 6 | 3 | 8 |
| 3 | 1 | 8 | 6 | 7 | 9 | 4 | 2 | 5 |
| 6 | 2 | 4 | 8 | 3 | 5 | 7 | 1 | 9 |
| 9 | 5 | 7 | 3 | 4 | 1 | 2 | 8 | 6 |
| 1 | 6 | 2 | 7 | 9 | 8 | 3 | 5 | 4 |
| 8 | 4 | 3 | 2 | 5 | 6 | 1 | 9 | 7 |
| 4 | 8 | 1 | 5 | 6 | 2 | 9 | 7 | 3 |
| 2 | 3 | 6 | 9 | 8 | 7 | 5 | 4 | 1 |
| 5 | 7 | 9 | 4 | 1 | 3 | 8 | 6 | 2 |

ଗତକାଲିର ଉତ୍ତର

# ସକାରାତ୍ମକ କଥା



ଡ. ସନ୍ତୋଷ କୁମାର ମହାପାତ୍ର

ଦିନେ ଜଣେ ବନ୍ଧୁ ଦେଖାହେଲେ। ସେ ପ୍ରଶ୍ନ କଲେ 'ଆପଣ ସରକାରଙ୍କର ଖାଲି ଦୋଷ ଦୁର୍ବଳତା ଦେଖାଉଛନ୍ତି, କିଛି ସକାରାତ୍ମକ କଥା କହୁନାହାନ୍ତି। ସରକାରଙ୍କ କ'ଣ କିଛି ଭଲ ନାହିଁ? ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ବକ୍ତବ୍ୟକୁ ଉଦ୍ଧୃତ କରି କହିଲେ କିପରି ଭାରତର ପଞ୍ଚମ ବୃହତ୍ତମ ଅର୍ଥନୀତି ହୋଇଛି ଏବଂ ଆଗାମୀ ଦିନରେ ତୃତୀୟ ବୃହତ୍ତମ ଅର୍ଥନୀତି ହେବ, ମୁଣ୍ଡପିଛା ଆୟ ଗତ ୯ ବର୍ଷରେ ଦୁଇଗୁଣିତ ହୋଇଛି, ପ୍ରଧାନମନ୍ତ୍ରୀ ବିଦେଶରେ ପ୍ରଶଂସିତ ହେଉଛନ୍ତି, ହଜାର ହଜାର ପ୍ରବାସୀ ଭାରତୀୟ ତାଙ୍କୁ ସମ୍ବର୍ଦ୍ଧନା ଜଣାଉଛନ୍ତି, ଜି-୨୦ର ଅଧ୍ୟକ୍ଷ ହୋଇଛନ୍ତି, ଦାରିଦ୍ର୍ୟ ଗହ୍ୱରରୁ ଗତ ୫ ବର୍ଷରେ ୧୩.୫ କୋଟି ଲୋକ ମୁକୁଳିଛନ୍ତି। ୨୦୪୭ରେ ଭାରତ ବିକଶିତ ରାଷ୍ଟ୍ର ହେବ। ସେ ମଧ୍ୟ ଚନ୍ଦ୍ରୟାନ ୩ର ସଫଳତା କଥା କହିଲେ। ଆମେ ତାଙ୍କୁ ଓଲଟା ପ୍ରଶ୍ନ କଲୁ ସରକାରଙ୍କର କ'ଣ କିଛି ବିଫଳତା ନାହିଁ। ଦେଶରେ କ'ଣ ସମସ୍ତେ ଖୁସିରେ ଅଛନ୍ତି ? ବେକାରି, ଦାରିଦ୍ର୍ୟ, କ୍ଷୁଧା ଓ ବୈଷମ୍ୟ, ଦରଦାମ ବୃଦ୍ଧି, ମୁଦ୍ରାସ୍ଫୀତି, ବାସହୀନତା ଆଦି ଭୟଙ୍କର ସମସ୍ୟା କ'ଣ ନାହିଁ। ଯେଉଁ କୋଟି କୋଟି ଲୋକ ଦୁଃଖରେ ଦୁର୍ବିଷହ ଜୀବନ ବିତାଉଛନ୍ତି, ଯେଉଁ କୋଟି କୋଟି ଲୋକ ମୁଠାଏ ଭାତ ପାଇଁ ସଂଘର୍ଷ କରୁଛନ୍ତି, ସେମାନଙ୍କ କଥା ପ୍ରଧାନମନ୍ତ୍ରୀ ତଥା ଶାସକ ଦଳ କାହିଁକି ବୁଝୁନାହାନ୍ତି?

ସେମାନଙ୍କ ଦୁଃଖ ଓ ସମସ୍ୟା କଥା ଆଉ ଗଣମାଧ୍ୟମରେ ଆଲୋଚନା ହେଉନି? ଜିଡିପି କ'ଣ ସେମାନେ ଖାଇ ବଞ୍ଚିବେ। ରୋଗରେ ପଡ଼ି ଅର୍ଥ ଅଭାବରୁ ଚିକିତ୍ସା ନ ପାଇ ଯନ୍ତ୍ରଣାରେ ଛଟପଟ ହୋଇ ମରିବାକୁ ଯାଉଥିବା ଲୋକଟି କିପରି ଚନ୍ଦ୍ରୟାନ ୩ର ସଫଳତାରେ ଖୁସି ହେବ। ଯେଉଁ ପିଲାଟି ଅର୍ଥାଭାବରୁ ସ୍କୁଲକୁ ଯାଇପାରୁନି ବା ଅଧାରୁ ପାଠ ଛାଡୁଛି, ଯେଉଁ ମହିଳାଟି ପରିବାରରେ ନିର୍ଯ୍ୟାତନା ବା ବଳାତ୍କାରର ଶିକାର ହେଉଛି, ଯେଉଁ ବୟସ୍କ ଲୋକଟି ପିଲାଙ୍କ ଯତ୍ନ ଅଭାବରୁ ଦୁର୍ବିଷହ ଜୀବନ ବିତାଉଛି ସେମାନଙ୍କ ପାଇଁ ୨୦୪୭ର ବିକଶିତ ରାଷ୍ଟ୍ରର ସ୍ୱପ୍ନ ଏକ ଦୁଃସ୍ୱପ୍ନ ନୁହେଁ କି? ଆମେ ତାଙ୍କୁ ପଚାରିଲୁ ସତରେ କ'ଣ 'ଅଚ୍ଛେଦିନ' 'ଅମୃତ ବେଳା' ଆସିଛି ଏବଂ 'ସବ୍‌କା ସାଥ୍ , ସବ୍‌କା ବିକାଶ' ଦେଖିବାକୁ ମିଳୁଛି? ସେ ହଠାତ୍ ଚୁପ ହୋଇଗଲେ। ପୁନଶ୍ଚ କହିଲୁ ଏକ ସରକାର କେବେ ସମ୍ପୂର୍ଣ୍ଣ ବିଫଳ ହୋଇପାରିବ ନାହିଁ କାରଣ ଟିକସ ବାବଦରେ ଲୋକଙ୍କଠାରୁ ଯେଉଁ ଲକ୍ଷ ଲକ୍ଷ କୋଟି ଟଙ୍କା ଆଦାୟ ହୁଏ ତାହା ବ୍ୟୟ କରିବେ। କିନ୍ତୁ ଯେଉଁଠି ସରକାର ବିଫଳ ହୁଅନ୍ତି ବା ନୀତି ଗରିବଙ୍କ ସପକ୍ଷରେ ନ ହୋଇ ଧନୀଙ୍କ ସପକ୍ଷରେ ହୁଏ ସେତେବେଳେ ବୁଦ୍ଧିଜୀବୀ ସ୍ୱର ଉତ୍ତୋଳନ କରିବା ଉଚିତ। ଜିଡିପି ଲୋକଙ୍କର ଭଲ ମନ୍ଦର ପ୍ରତୀକ ନୁହେଁ ଏବଂ ଆୟ, ବ୍ୟୟ, ଋଣ, ଜିଡିପି ସବୁ ମୁଦ୍ରାସ୍ଫୀତି ଯୋଗୁ ନାମାଙ୍କନ ମୂଲ୍ୟରେ ବୃଦ୍ଧିପାଏ। ଜିଡିପି ବୃଦ୍ଧି ପାଇଲେ ମଧ୍ୟ ମୁଣ୍ଡପିଛା ଆୟ ଦୃଷ୍ଟିରୁ ଭାରତ ୧୪୧ଟି ଦେଶ ତଳେ ଅଛି। ଯେଉଁ ଜିଡିପି ବୃଦ୍ଧିକୁ ସମୃଦ୍ଧି କଥା କୁହାଯାଉଛି ତାହାର ଶ୍ରେୟ



ଯିବ ମନମୋହନ ସିଂଙ୍କ ଆର୍ଥିକ ସଂସ୍କାରକୁ। କିନ୍ତୁ ଏହି ସଂସ୍କାର ଯୋଗୁ ଆର୍ଥିକ ବୈଷମ୍ୟ ବୃଦ୍ଧି ସହିତ ଶିକ୍ଷା, ସ୍ୱାସ୍ଥ୍ୟ ଅତ୍ୟାବଶ୍ୟକ ସେବା ବ୍ୟୟସାପେକ୍ଷ ହୋଇଛି। ଲୋକ ଅଧିକ ଲୋଭୀ ହୋଇଛନ୍ତି ଏବଂ ମାନବିକ ମୂଲ୍ୟବୋଧ ମଧ୍ୟ ହ୍ରାସ ପାଇଛି।

ଆମେ ମହାତ୍ମା ଗାନ୍ଧୀଙ୍କର ଏକ ଉକ୍ତିକୁ ପ୍ରକାଶ କଲୁ। ଗାନ୍ଧିଜୀ ୧୯୪୮ରେ କହିଥିଲେ- "ମୁଁ ଅପଣଙ୍କୁ ଏକ ପଥର/ମୁଦି /ଡେଉଁରିଆ ଦେବି। ଯେତେବେଳେ ତୁମେ ସନ୍ଦେହରେ ଥିବ, କିମ୍ବା ଯେତେବେଳେ ତୁମ ନିଜ କଥାକୁ ଅଧିକ ପ୍ରାଧାନ୍ୟ ଦେଉଥିବ, ସେତେବେଳେ ନିମ୍ନଲିଖିତ ପରୀକ୍ଷା ପ୍ରୟୋଗ କର, ଆପଣ ଯେଉଁ ଦରିଦ୍ରତମ ଓ ଦୁର୍ବଳତମ ଲୋକକୁ କେବେ ଦେଖିଥିବେ, ତା'ରି ଚେହେରାକୁ ମନେପକାନ୍ତୁ ଓ ନିଜକୁ ପଚାରନ୍ତୁ, ଆପଣ ଯାହା କରିବାକୁ ଯାଉଛନ୍ତି, ତାହା ସେହି ଲୋକଟିର କିଛି ଉପଯୋଗୀ ହେବକି? ଆପଣ କାର୍ଯ୍ୟ ଦ୍ୱାରା ତାହାର କିଛି ଲାଭ ହେବକି? ଏହା ତାଙ୍କୁ ନିଜ ଜୀବନ ଏବଂ ଭାଗ୍ୟ ଉପରେ ନିୟନ୍ତ୍ରଣକୁ ଫେରାଇ ଆଣିବ କି? ଅନ୍ୟ ଅର୍ଥରେ, ଏହା ଭୋକିଲା ଏବଂ ଆଧ୍ୟାତ୍ମିକତା ଦୃଷ୍ଟିରୁ ଦୁର୍ବଳ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ସ୍ୱରାଜ (ସ୍ୱାଧୀନତା) ଆଣିବ କି? ତା'ପରେ ତୁମର ସନ୍ଦେହ ଦୂର ହେବ ଏବଂ ତୁମର ହୃଦୟ ତରଳି ଯିବ। ଏହି କଥାକୁ ଆଖି ଆଗରେ ରଖି ସବୁ ଶାସକ ନୀତି ନିର୍ଦ୍ଧାରଣ କରିବା ଉଚିତ ଏବଂ ଲେଖକ ଲେଖିବା ଉଚିତ। ଦାରିଦ୍ର୍ୟ ହାର ଏକ ଅନାହାର ରେଖା। ଏଥିରୁ ପ୍ରତିବର୍ଷ ଲୋକେ ମୁକୁଳୁଛନ୍ତି। ଆଜି ନୁହେଁ।

ପୁନଶ୍ଚ ଯଦି ସକାରାତ୍ମକ କଥା କହିବା, ତେବେ ନିଜ ବିଫଳତା ଘୋଡ଼ାଇବା ପାଇଁ ପୂର୍ବ ପ୍ରଧାନମନ୍ତ୍ରୀ ନେହେରୁ, ଇନ୍ଦିରା ଗାନ୍ଧୀଙ୍କ କୁତ୍ସାରଟନା କରିବା ଏପରିକି କିଛି ଲୋକ ସାମାଜିକ ଗଣମାଧ୍ୟମରେ ତାଙ୍କ ଚରିତ୍ର ସଂହାର କରିବା କେତେ ସକାରାତ୍ମକ? ବର୍ତ୍ତମାନର ସରକାରଙ୍କ କାର୍ଯ୍ୟକଳାପ, ସଫଳତା, ବିଫଳତା ଏହାର ପୂର୍ବ ଉପା ସରକାରଙ୍କ ସହିତ ତୁଳନା କରାଯିବା ଉଚିତ। କିନ୍ତୁ ନେହେରୁ, ଇନ୍ଦିରା ଗାନ୍ଧୀଙ୍କ ସହିତ ନୁହେଁ। ସେମିତି ବିଭାଜନର ବିଭୀଷିକା ସାଙ୍ଗକୁ ଦେଶ ସ୍ୱାଧୀନ ହେଲା ପରେ ଯେଉଁ ଭୟଙ୍କର ପରିସ୍ଥିତି ଥିଲା ସେତେବେଳେ ନେହେରୁ ଯେପରି ଭାବରେ ଦେଶକୁ ନେତୃତ୍ୱଦେଇ ବିଭିନ୍ନ ଅନୁଷ୍ଠାନ, ଭିତ୍ତିଭୂମି, ଶିଳ୍ପ ପ୍ରତିଷ୍ଠା କରିବା ସହିତ ପ୍ରଗତିର ଏକ ଦୃଢ଼ ଭିତ୍ତିଭୂମି, ଯୋଜନାଭିତ୍ତିକ ଅର୍ଥନୀତି, ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତିଷ୍ଠା କରିଛନ୍ତି, ତାହାର ପଟାନ୍ତର ନାହିଁ। ସେଥି ସକାଶେ ଆମେ ପାକିସ୍ତାନଠାରୁ ବହୁ ଆଗରେ। ଏହାର ଅର୍ଥ ନୁହେଁ ନେହେରୁ ବା ଇନ୍ଦିରା ଗାନ୍ଧୀଙ୍କର କିଛି ଦୋଷ ତ୍ରୁଟି ନ ଥିଲା। ପ୍ରତ୍ୟେକ ମଣିଷ ପରି ସେମାନଙ୍କର ଦୋଷ ତ୍ରୁଟି ଥିଲା। କିନ୍ତୁ ସେମାନଙ୍କ ଦୋଷ ବର୍ତ୍ତମାନ ଦେଖାଇ ଶାସକ ଶ୍ରେଣୀ ନିଜ ବିଫଳତା ଘୋଡ଼ାଇବା ଉଚିତ ନୁହେଁ। ଗରିବଙ୍କ ସ୍ୱାର୍ଥ ପାଇଁ ଶାସକ ଶ୍ରେଣୀର ବିଫଳତା ଦେଖାଇବା ଏକ ସକାରାତ୍ମକ କାର୍ଯ୍ୟ, କିନ୍ତୁ ଏହା ସବୁ ସରକାର ଅମଳରେ ଜଣେ ଲେଖକ ଅବଲମ୍ବନ କରିବା ଉଚିତ। କିନ୍ତୁ ବର୍ତ୍ତମାନ ଅନେକ ଶାସକ ଶ୍ରେଣୀକୁ ପ୍ରଶଂସା କରିବା ପାଇଁ ବ୍ୟାକୁଳ ? ଏହା ଦ୍ୱାରା ଗରିବର ସ୍ୱର ନିଷ୍ପ୍ରଭ ହୋଇଯାଉଛି।

**ମୋ:୯୪୩୭୨୦୮୭୬୨**

## ପାଠକ ଶ୍ରେଷ୍ଠ ବିଚାରକ

### ବୁଲା ଷଣ୍ଢ ଓ କୁକୁରଙ୍କ ପ୍ରାଦୁର୍ଭାବ

ମହାଶୟ,

ରାସ୍ତାରେ ବୁଲୁଥିବା କୁକୁରଙ୍କ ଯୋଗୁ ଦୁର୍ଘଟଣା ଘଟି ଅନେକେ ମୃତ୍ୟୁବରଣ କରୁଛନ୍ତି କିମ୍ବା ଆଘାତପ୍ରାପ୍ତ ହେଉଛନ୍ତି । ରାଜଧାନୀ ଓ ଓଡ଼ିଶାର ପ୍ରାୟ ପ୍ରତି ଅଞ୍ଚଳରେ ବୁଲାକୁକୁର ଓ ଷଣ୍ଢ ଗାଈଙ୍କ ସଂଖ୍ୟା ଏତେ ପରିମାଣରେ ବଢି ଚାଲିଛି ଯେ ତା'ର ହିସାବ ନାହିଁ। ସରକାରୀ ସ୍ତରରେ କେବଳ କିଛିଦିନ ପାଇଁ ଚେଷ୍ଟା କରାଯାଏ ତା'ପରେ ପୁଣି ଚୁପଚାପ। ଏହି ଷଣ୍ଢ, ଗାଈ ଓ କୁକୁର ମାଳ ମାଳ ହୋଇ ରାସ୍ତା ସାରା ବୁଲୁଛନ୍ତି । କେବେ କେବେ ନିଜ ନିଜ ଭିତରେ କାମୁଡ଼ା କାମୁଡ଼ି ହୋଇ ବା ଲଢ଼େଇକରି ରାସ୍ତା ଅବରୋଧ କରିଦିଅନ୍ତି । ଷଣ୍ଢ ଦୋକାନରେ ଜବରଦସ୍ତ ପଶି ପରିବାପତ୍ର ନଷ୍ଟ କରିଦିଅନ୍ତି ଓ ସବୁଆଡେ ମଳତ୍ୟାଗ କରି ରାସ୍ତାଘାଟ ଅପରିଷ୍କାର କରନ୍ତି । କିଛି ମାରଣା ଗାଈ ବା ଷଣ୍ଢ ଲୋକଙ୍କୁ ଦେଖିଲା ମାତ୍ରେ ଆକ୍ରମଣ କରନ୍ତି । ଫଳରେ ଲୋକେ ମୃତ୍ୟୁବରଣ କରନ୍ତି ବା ସାଙ୍ଘାତିକ ଭାବରେ ଆହତ ହୁଅନ୍ତି। ସରକାର କୁକୁରଙ୍କ ବନ୍ଧ୍ୟାକରଣ କରିବାକୁ ଅନେକ ଟଙ୍କା ଖର୍ଚ୍ଚ କରୁଛନ୍ତି କିନ୍ତୁ କିଛି ସୁଫଳ ମିଳି ପାରୁ ନାହିଁ। କରୋନା ସମୟରେ ସରକାରୀ ସ୍ତରରେ ବୁଲାକୁକୁର, ଗାଈ, ଷଣ୍ଢଙ୍କୁ କିଛି ଖାଦ୍ୟ ଦିଆଯାଉଥିଲା, ଯାହା ଦ୍ୱାରା ସେମାନେ ସେହି ସ୍ଥାନ ତ୍ୟାଗକରି ଅନ୍ୟଆଡ଼େ ଯାଉ ନ ଥିଲେ । ଫଳରେ ଦୁର୍ଘଟଣାରୁ ଲୋକମାନେ ରକ୍ଷା ପାଉଥିଲେ । କିନ୍ତୁ ଏବେ ସେ ସବୁ ବନ୍ଦ ହୋଇଯାଇଛି । ସେଥିପାଇଁ ସେମାନେ ସବୁ ଅଞ୍ଚଳରେ ବୁଲୁଛନ୍ତି ଓ ଲୋକମାନେ ଦୁର୍ଘଟଣାର ଶିକାର ହେଉଛନ୍ତି । ଏହାର କିଛି ବିହିତ ପ୍ରତିକାର ବ୍ୟବସ୍ଥା ନିହାତି ଜରୁରୀ।

**-ପ୍ରଦୀପ୍ତ କୁମାର କର, ପ୍ଲଟ ନଂ ୨୫, ସୂର୍ଯ୍ୟନଗର,ଭୁବନେଶ୍ୱର**

## ଚିରନ୍ତନୀ

ସଂଖ୍ୟାର ଚରମ ତୁମେ
ଗଣକର ଗଣନାର ଶେଷ,
ଅଙ୍କର ଆଦିମ ଶୂନ୍ୟ
ଆଦିମୂଳ ବିଶ୍ୱର ବିଶେଷ।

(ଶୂନ୍ୟ ଚିନ୍ତା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଜୁଆଆଡ୍ଡାରେ ଚଢ଼ାଉ, ୫ ଗିରଫ

ନିରାକାରପୁର,(ମାନସ ଚନ୍ଦ୍ର ପଟ୍ଟନାୟକ): ଜଙ୍କିଆ ଥାନା ପୋଲିସ ଗୁରୁବାର ବେଲପଦା ଅଞ୍ଚଳରେ ଚାଲିଥିବା ଏକ ଜୁଆଅଡ୍ଡାରେ ଚଢ଼ାଉ କରି ୫ଜଣଙ୍କୁ ଗିରଫ କରିବା ସହିତ ବାଇକ୍, ମୋବାଇଲ ଫୋନ ଓ ୨୭୮୦ଟଙ୍କା ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ହେଲେ ଯୁଧିଷ୍ଠିର ନାୟକ, କାଳୁ କୁମାର ଦାସ, ମାନସ ପ୍ରଧାନ, ସଂଗ୍ରାମ ଛୋଟରାୟ ଓ କୁମର ରାଉତ। ଏନେଇ ଥାନାରେ ଏକ ମାମଲା (ନଂ.୨୮୯/୨୩)ରୁଜୁ ହୋଇଛି। ଶୁକ୍ରବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ପ୍ରଜ୍ଞା ରଥମୁରା କର ସୂଚନା ଦେଇଛନ୍ତି।

# ଶ୍ରୀମନ୍ଦିରରେ ରକ୍ଷାବନ୍ଧନ, ବଳଭଦ୍ରଙ୍କ ଜନ୍ମନୀତି ସମ୍ପନ୍ନ






ପୁରୀ,୩୧।୮(ଅଜିତ ମହାନ୍ତି)

ଗହ୍ମାପୂର୍ଣ୍ଣିମା ଅବସରରେ ଗୁରୁବାର ଶ୍ରୀମନ୍ଦିରରେ ରକ୍ଷାବନ୍ଧନ ପାଳିତ ହେବା ସହ ବଡ଼ଠାକୁର ବଳଭଦ୍ରଙ୍କ ଜନ୍ମନୀତି ମାର୍କଣ୍ଡେୟ ପୁଷ୍କରିଣୀଠାରେ ସମ୍ପନ୍ନ ହୋଇଛି। ଶ୍ରାବଣପୂର୍ଣ୍ଣିମା ବା ଗହ୍ମାପୂର୍ଣ୍ଣିମା ତିଥି ଅବସରରେ ଶ୍ରୀକ୍ଷେତ୍ରରେ ମହାପ୍ରଭୁ ରାଖୀ ପରିଧାନ କରିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଡ଼ ଠାକୁର ବଳଭଦ୍ର ୨ଟି ଲେଖାଏ ରାଖୀ ଏବଂ ୨ଟି ଲେଖାଏ ଗୁଆମାଳ ପରିଧାନ କରିଥିଲେ। ପାଟରା ବିଶୋଇ ସେବକ ମହାପ୍ରଭୁଙ୍କ ନିମନ୍ତେ ପ୍ରସ୍ତୁତ କରିଥିବା ବାସୁଙ୍ଗା ପାଟରେ ରାଖୀ ଏବଂ ଗୁଆମାଳକୁ ବଡ଼ଠାକୁର ବଳଭଦ୍ର ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀହସ୍ତରେ ପରିଧାନ କରିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥ ହଳଦିଆ ଓ ନାଲି ରଙ୍ଗର ଗୁଆମାଳ ଏବଂ ବଡ଼ଠାକୁର ବଳଭଦ୍ର ବାଇଗଣୀ ଓ ନୀଳରଙ୍ଗର ଗୁଆମାଳ ପରିଧାନ କରିଥିଲେ।

ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଭୋଗମଣ୍ଡପ ସରି ତିନିବାଡରେ ମଇଲମ ହୋଇ ମହାସ୍ନାନ ହୋଇଥିଲା। ପରେ ତିନିବାଡ଼ରେ ପୂଜାପଣ୍ଡା, ପତିମହାପାତ୍ର ଏବଂ ମନ୍ଦିରସ୍ଥ ସର୍ବାଙ୍ଗ ନୀତି ସମ୍ପନ୍ନ କରିବା ପରେ ବୋଇରାଣୀ ପତନୀ ନୂଆଲୁଗା କରାଯାଇ ୬ ମୂର୍ତ୍ତି ଅଳଙ୍କାର ଲାଗି କରି ଦ୍ୱିପ୍ରହର ଧୂପବେଶ ବଢିଥିଲା। ଏହାପରେ ତିନିଖଣ୍ଡ ଆଜ୍ଞାମାଳକୁ ୨ଠାକୁରଙ୍କ ଦକ୍ଷିଣ ଭୁଜରେ ଗୋଟିଏ ଏବଂ ବାମ ଭୁଜରେ ୨ଟି ଲାଗି କରାଯାଇଥାଏ। ପରେ ପାଟରା ବିଶୋଇ ଦେଇଥିବା ୪ଟି ରାଖୀ ଏବଂ ୪ଟି ଗୁଆମାଳକୁ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଳଭଦ୍ରଙ୍କ ଶ୍ରୀହସ୍ତରେ ପୁଷ୍ପାଳକ ସେବକମାନେ ବାନ୍ଧିଥିଲେ। ଗହ୍ମାପୂର୍ଣ୍ଣିମା ତିଥିରେ ବଳଭଦ୍ର ଜନ୍ମଗ୍ରହଣ କରିଥିବାରୁ ବଡ଼ଠାକୁରଙ୍କ ସମ୍ମୁଖରେ ସିଂହାସନ ତଳେ ଷଷ୍ଠୀ ମାର୍କଣ୍ଡି ଓ ବରୁଣ ପୂଜା ହୋଇଥିଲା। ପରେ ପାଣିପଡ଼ି ଧୋ ପୋଖାଳ ହୋଇ ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ଏବଂ ଯାତ୍ରାଙ୍ଗୀ ଭୋଗ ସମ୍ପନ୍ନ ହେବା ପରେ ମଙ୍ଗଳା ଅର୍ପଣ ଓ ବନ୍ଦାପନା ନୀତି ଅନୁଷ୍ଠିତ ହୋଇଥିଲା। ପରେ ଶ୍ରୀମଦନମୋହନ ରତ୍ନ ସିଂହାସନକୁ ବିଜେ କରିଥିଲେ। ଏହାପରେ ଆଜ୍ଞାମାଳ ପାଇ ଶ୍ରୀଦେବୀ, ଭୂଦେବୀ ଏବଂ ଶ୍ରୀମଦନମୋହନ ଝୁଲଣ ମଣ୍ଡପକୁ ବିଜେ କରିଥିଲେ। ପରେ ଦଇତାପତି ସେବକମାନେ ଭିତରକୁ ପ୍ରବେଶ କରିଥିଲେ। ମହାପ୍ରଭୁଙ୍କ ନିକଟରୁ ଏକ ଆଜ୍ଞାମାଳ ଶ୍ରୀସୁଦର୍ଶନଙ୍କୁ ଦିଆଯାଇଥିଲା। ପରେ ଦଇତାପତିମାନେ ସୁଦର୍ଶନଙ୍କୁ ଜଗମୋହନସ୍ଥିତ ଚଉଦୋଳକୁ ବିଜେ କରାଇ ସେଠାରେ ପତନୀ ଓ ମାଳଚୂଳ ଲାଗି ହେବା ପରେ ଝୁଲଣମଣ୍ଡପ ନିକଟରେ ସୁବର୍ଣ୍ଣ ଓଡ଼ିଆଣି ଓ ହରଡ଼ମାଳି ଲାଗି ହୋଇଥିଲେ। ପରେ ବିମାନବଡୁ ସେବକମାନେ ଶ୍ରୀସୁଦର୍ଶନ ମାର୍କଣ୍ଡ ପୁଷ୍କରିଣୀକୁ ବିଜେ କରାଇଥିଲେ। କୁମ୍ଭାର ବିଶୋଇ ଦେଇଥିବା ଚିକିଟା ମାଟିରେ ଶୁଦ୍ଧସୁଆର ବଳଭଦ୍ରଙ୍କ ମୂର୍ତ୍ତି ନିର୍ମାଣ କରିଥିଲେ। ପୂଜାପଣ୍ଡା ସାମନ୍ତ ତାହାକୁ ଜୀବନ୍ୟାସ ଦେଇ ଜାତ କର୍ମ ସମ୍ପନ୍ନ କରିଥିଲେ। ଏହାପରେ ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ପୂଜାପଣ୍ଡା ସାମନ୍ତ ପଞ୍ଚ ଉପଚାରରେ ଶୀତଳ ଭୋଗ କରିଥିଲେ। ପରେ ବନ୍ଦାପନା ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ପ୍ରତିମୂର୍ତ୍ତିକୁ ଜଳରେ ବିସର୍ଜନ କରାଯାଇଥିଲା। ନୀତି ସମ୍ପନ୍ନ ହେବା ପରେ ଶ୍ରୀସୁଦର୍ଶନ ଚାରି ଆଶ୍ରମ (ମାର୍କେଣ୍ଡୟ, ଭୃଗୁ, ଅଙ୍ଗିରା ଏବଂ ପଣ୍ଡୁ) ସହ ନଗର ପରିକ୍ରମା କରି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ସିଂହଦ୍ୱାର ନିକଟରେ ବନ୍ଦାପନା ନୀତି ଅନୁଷ୍ଠିତ ହୋଇଥିଲା। ପରେ ରତ୍ନସିଂହାସନକୁ ସୁଦର୍ଶନ ବିଜେ କରିଥିଲେ। ଏହାପରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ମହାସ୍ନାନ ନୀତି ହେବା ସହ ଅନ୍ୟାନ୍ୟ ନୀତି ବଢିଥିଲା। ଶ୍ରୀବିଗ୍ରହଙ୍କ ସନ୍ଧ୍ୟାଧୂପ ସମ୍ପନ୍ନ ହେବା ପରେ ସୁଦର୍ଶନଙ୍କ ବାଡରେ ବନ୍ଦାପନା ଅନୁଷ୍ଠିତ ହୋଇଥିଲା। ପରେ ମୁଦିରସ୍ତ ସୁଦର୍ଶନଙ୍କୁ ପ୍ରସାଦ ଲାଗି କରିଥିଲେ। ପରେ ଅନ୍ୟ ନୀତି ବଢିଥିଲା।

## ସଂକ୍ଷେପରେ

### ଗୋସେବା ଶିବିରରେ ଗହ୍ମା ପୂର୍ଣ୍ଣମୀ ଉତ୍ସବ

ଜଟଣୀ,୩୧।୮(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ବାଲିଛକ ସାହିସ୍ଥିତ ଜଟଣୀ ଗୋସେବା ଶିବିରରେ ଗହ୍ମା ପୂର୍ଣ୍ଣମୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଗୋମାତା ଏବଂ ନନ୍ଦିମହାରାଜଙ୍କୁ ମନ୍ତ୍ର ପାଠ, ବନ୍ଦାପନା କରାଯାଇ ଗହ୍ମା ପିଠା ଖୁଆଇ, ରାଖୀ ବନ୍ଧାଯାଇଥିଲା। ଗୋମାତା ଏବଂ ନନ୍ଦୀ ମହାରାଜଙ୍କ ସୁସ୍ଥ ନିରୋଗ ଓ ସୁରକ୍ଷିତ ଦୀର୍ଘ ଜୀବନ ପାଇଁ ହୋମ କରାଯାଇଥିଲା। ଏଥିରେ ଜଟଣୀ ନାଗରିକ କମିଟିର ସଭାପତି ମନ୍ମଥ ରାଉତରାୟ ଅତିଥିଭାବେ ଯୋଗଦେଇଥିଲେ। ସେହିପରି ଜଟଣୀ ବ୍ଲକ ଅଧୀନ ଖୁଦୁପୁର ମୌଜାସ୍ଥିତ ଶ୍ରୀମାଧବ ଗୋଶାଳା ପକ୍ଷରୁ ଗୋ ପୂଜନ ସହିତ ଗହ୍ମା ପୂର୍ଣ୍ଣମୀ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିବିରର ଅଧ୍ୟକ୍ଷ ଚିମ୍ମୁ ମିଶ୍ର, ସଭାପତି ପରେଶ ପଟ୍ଟନାୟକ, ସମ୍ପାଦକ ଆକାଶ ସାହୁଙ୍କ ସମେତ ବହୁ ସଦସ୍ୟ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ସହିତ ଗୋ ବଂଶର ସୁରକ୍ଷା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

### ସାମାଜିକକର୍ମୀ ସନ୍ତୋଷଙ୍କ ପରଲୋକ

ଜଟଣୀ,୩୧।୮(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ବ୍ଲକ ଛତାବର ଅଞ୍ଚଳର ସାମାଜିକକର୍ମୀ ସନ୍ତୋଷ କୁମାର ସାହୁ(୪୦)ଙ୍କ ପରଲୋକ ହୋଇଯାଇଛି। ବୁଧବାର ରାତିରେ ସନ୍ତୋଷ ତାଙ୍କ ଘର ଛାତରେ ଶୋଇଥିଲେ। ହେଲେ ଭୋରରୁ ଛାତରୁ ସେ ପଡ଼ିଯାଇଥିଲେ। ପରିବାରଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଶୋକସନ୍ତପ୍ତ ପରିବାରଙ୍କୁ ସାନ୍ତ୍ୱନା ଦେଇଥିଲେ।

### ସାମୂହିକ ଛୁଟିରେ ଗଲେ କୃଷି ଅଧିକାରୀ

ଟାଙ୍ଗୀ,୩୧।୮(ରଘୁନାଥ ସାହୁ)

କୃଷି ସେବା ସଂଘ ବିଭିନ୍ନ ଦାବି ନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଇଥିଲେ। ତେବେ କୌଣସି ସୁଫଳ ନ ମିଳିବାରୁ ଗୁରୁବାରରୁ ସାମୁହିକ ଛୁଟିରେ ଯିବା ସହ କାର୍ଯ୍ୟ ବନ୍ଦ ଚେତାବନୀ ଦେଇଛନ୍ତି। ନିକଟରେ ଭାରତୀୟ କୃଷି ଅନୁସନ୍ଧାନ ସଂସ୍ଥାନ କୃଷି ଭିତ୍ତିକ ଶିକ୍ଷାକୁ ଏକ ବୃତ୍ତିଗତ ଶିକ୍ଷାର ମାନ୍ୟତା ପ୍ରଦାନ କରିଛନ୍ତି। ତଦନୁଯାୟୀ ରାଜ୍ୟ ସରକାରଙ୍କ ବୃତ୍ତିଗତ ଶିକ୍ଷାପ୍ରାପ୍ତ କ୍ୟାଡରମାନଙ୍କ ସମକକ୍ଷ କରି କୃଷି ବିଭାଗ ଅଧିକାରୀଙ୍କୁ ଗ୍ରୁପ ଏ ରେ ନିଯୁକ୍ତି ଦିଆଯିବା, ଖାଲି ପଡିଥିବା ପଦବୀ ପୂରଣ ପାଇଁ ଦୀର୍ଘଦିନ ଧରି ଦାବି ହୋଇ ଆସୁଛି। ଏ ସମ୍ପର୍କରେ ଓଡ଼ିଶା କୃଷି ସେବା ସଂଘ, ଓଡ଼ିଶା ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ସଂଘ ଦାବିପତ୍ର ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନସଚିବଙ୍କୁ ପ୍ରଦାନ କରିଛନ୍ତି। ଦାବି ପୂରଣ ନ ହେଲେ ସମୂହ କାର୍ଯ୍ୟ ବନ୍ଦ କରିବାକୁ ଚେତାବନୀ ଦେଇଛନ୍ତି। ଗୁରୁବାର ଖୋର୍ଦ୍ଧା ସ୍ଥିତ ଜଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଶୁକ୍ରବାରଠାରୁ ଟାଙ୍ଗୀ ଜିଲା କୃଷି କାର୍ଯ୍ୟାଳୟଠାରେ ଧାରଣା ଜାରି ରହିବ। ଟାଙ୍ଗୀ କୃଷି ଜିଲା ଅଧିକାରୀ ପ୍ରସନ୍ନ କୁମାର ମିଶ୍ର, ଟାଙ୍ଗୀ ବ୍ଲକ କୃଷି ଅଧିକାରୀ ପଦ୍ମଜା ପଟ୍ଟନାୟକ, ଚିଲିକା ବ୍ଲକ କୃଷି ଅଧିକାରୀ ସୌମ୍ୟରଞ୍ଜନ ସାହୁ, ବାଣପୁର ବ୍ଲକ କୃଷି ଅଧିକାରୀ ନାଜିନ କାଉର୍ସା, ଅତିରିକ୍ତ କୃଷି ଅଧିକାରୀ ଯାଜ୍ଞସେନୀ ନାୟକ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ।

### ଯୁବକଙ୍କୁ ଗୋଡାଇ ପିଟିବା ଘଟଣା, ୪ ଗିରଫ

ଭୁବନେଶ୍ୱର,୩୧।୮ (ସୂର୍ଯ୍ୟକାନ୍ତ ବେହେରା)

ଭରତପୁର ଥାନା ଅଞ୍ଚଳରେ ଯୁବକଙ୍କୁ ଗୋଡାଇ ପିଟିବା ଘଟଣାରେ ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଅନିଲ କୁମାର ରଞ୍ଜିତ, ସୁରେଶ ନାୟକ, ରଜତ ବେହେରା ଓ ସଂଗ୍ରାମ ସାହୁ। ଜାମିନ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଆଶିଷ ଦାସଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଆଶିଷ ବାଇକରେ ଘରକୁ ଫେରୁଥିବା ସମୟରେ ଅଭିଯୁକ୍ତମାନେ ସହଯୋଗୀଙ୍କ ସହ ମିଶି ତାଙ୍କୁ ଅଟକାଇଥିଲେ। ଏହାପରେ ଅଭିଯୁକ୍ତମାନେ ଆଶିଷଙ୍କ ଗାଡିକୁ ଖଣ୍ଡାରେ ହାଣିବା ସହ ଖଣ୍ଡା, ପାଇପ, ଲାଠିରେ ଆକ୍ରମଣ କରିଥିଲେ।

# ୧୧ରେ ପରବର୍ତ୍ତୀ ଶୁଣାଣି

### ଶିଖରଚଣ୍ଡୀ ପାହାଡ଼ ଜୈବ ବିବିଧତା ନଷ୍ଟ ମାମଲା

ଭୁବନେଶ୍ୱର, ୩୧।୮ (ବନ୍ଦନା ସେଠୀ)

ଶିଖରଚଣ୍ଡୀ ପାହାଡ଼ ଜୈବ ବିବିଧତା ନଷ୍ଟ ମାମଲାରେ ଗୁରୁବାର ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ରେ ଶୁଣାଣି ହୋଇଥିଲା। ଏଥିସହ ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୧୧କୁ ଧାର୍ଯ୍ୟ କରାଯାଇଥିବାବେଳେ ସେ ପର୍ଯ୍ୟନ୍ତ ପାହାଡ଼ ଉପରେ ୱାଟ୍‌କୋର କୌଣସି କାର୍ଯ୍ୟ କରା ନ ଯିବା ନିର୍ଦ୍ଦେଶକୁ କାଏମ ରଖାଯାଇଛି। ତେବେ ଏହାକୁ ନେଇ ମା’ ଶିଖରଚଣ୍ଡୀ ଆଞ୍ଚଳିକ ସମିତି ଅସନ୍ତୋଷ ପ୍ରକାଶ କରିଛି। ରାଜ୍ୟ ସରକାର ପାହାଡ଼ ଉପରେ ଗଛ ଲଗାଇବା ସହ ବିକାଶ ନାମରେ ପୁରୁଣା ଗଛକୁ କାଟୁଥିବା ଅଭିଯୋଗ କରାଯାଇଛି। ଏନ୍‌ଜିଟିରେ ନିର୍ଦ୍ଦେଶକ୍ରମେ ଗଛକଟା ହୋଇଥିବା ସ୍ଥାନରେ ଗଛ ନ ଲଗାଇ ରାତି ଅଧରେ ମେଶିନ ଲଗାଇ ପାହାଡ଼ ପାଦଦେଶରେ ଥିବା ବଡ଼ ଗଛକୁ ସଫା କରାଯାଉଛି ଓ ସକାଳୁ ଛୋଟ ଛୋଟ ଗଛ ଆଣି ଲଗାଯାଉଛି। ଏନେଇ ଆଗାମୀ ଶୁଣାଣିରେ ଏନ୍‌ଜିଟିରେ ଲିଖିତ ଅଭିଯୋଗ କରାଯିବ ବୋଲି ସମିତି ପକ୍ଷରୁ ସଚିନ୍ ମହାପାତ୍ର କହିଛନ୍ତି। ଗଛ ଲାଗାଇବା ପାଇଁ ସମିତି କୌଣସି ବିରୋଧ କରୁନାହିଁ। ଜଙ୍ଗଲ ବିଭାଗ ସହ ମିଶି ଗଛ ଲଗାଇବାରେ ସହଯୋଗ କରାଯାଉଛି। ମାତ୍ର ଗଛ କାଟି ସେହି ସ୍ଥାନରେ ପୁଣି ଗଛ ଲଗାଇବା କାମକୁ ବିରୋଧ କରାଯାଉଛି। ଏଥିସହ ପାନୀୟ ଜଳ ପ୍ରକଳ୍ପ ପାଇଁ ଯେଉଁ ସ୍ଥାନରେ ଗଛକଟା ଯାଇଛି ସମ୍ପୃକ୍ତ ସ୍ଥାନରେ ବିଡିଏ ଏବଂ ୱାଟ୍‌କୋ ପକ୍ଷରୁ ଗଛ ଲଗାଇବାକୁ ଦାବି କରାଯାଇଛି। ତେବେ ଏପରି ବେଆଇନ କାର୍ଯ୍ୟରୁ ବିରତ ନ ହେଲେ ଆସନ୍ତା ଦିନରେ ଏହା ବିରୋଧରେ ଆନ୍ଦୋଳନ କରାଯିବ ବୋଲି ସମିତି ପକ୍ଷରୁ ଚେତାବନୀ ଦିଆଯାଇଛି।

ସୂଚନାଯୋଗ୍ୟ, ଜଙ୍ଗଲ (ସଂରକ୍ଷଣ) ଆଇନ୍ ୧୯୮୦କୁ ଉଲ୍ଲଂଘନ କରି ଶିଖରଚଣ୍ଡୀ ପାହାଡ଼ରେ ମେଗା ପାନୀୟ ଜଳ ସଂରକ୍ଷଣ ପ୍ରକଳ୍ପ ନିର୍ମାଣ କରାଯାଉଥିବା ଅଭିଯୋଗ କରି ମା’ ଶିଖରଚଣ୍ଡୀ ଆଞ୍ଚଳିକ ସୁରକ୍ଷା ସମିତି ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହୋଇଥିଲା। ଘଟଣାର ଗୁରୁତ୍ୱକୁ ଅନୁଭବ କରି ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସେଠାରେ ପ୍ରକଳ୍ପ କାମ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏନେଇ ଜୁଲାଇ ୫ରେ ପ୍ରଥମ ଶୁଣାଣି ହୋଇଥିବାବେଳେ ଦ୍ୱିତୀୟ ଶୁଣାଣି ଜୁଲାଇ ୨୭ରେ ହୋଇଥିଲା।

# ଜଟଣୀ ପୌର ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ

ଜଟଣୀ,୩୧।୮(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ପୌର ପରିଷଦର ୫୧ ତମ ବର୍ଷ ପୂର୍ତ୍ତି ଉତ୍ସବ ଏବଂ ସର୍ବଭାରତୀୟ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପୌରାଞ୍ଚଳରେ ସକାଳେ ରାମଧୁନ ସହିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା।

ଏହା ପରେ ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ପୌରାଧକ୍ଷ ଅନନ୍ତ ବେହେରା ଜାତୀୟ ପତାକା ଉତ୍ତୋଳନ କରିବା ସହିତ ପୌରକର୍ମଚାରୀଙ୍କୁ ବିଭିନ୍ନ କାର୍ଯ୍ୟ ପାଇଁ ପୁରସ୍କୃତ କରିଥିଲେ। ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ହୋଇଥିଲା। ସନ୍ଧ୍ୟାରେ ସ୍ଥାନୀୟ ଟାଉନ ହଲ ପରିସରରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପୌରାଧକ୍ଷ ଅନନ୍ତ ବେହେରା ସଭାପତିତ୍ୱ କରିଥିବା ବେଳେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହ ସମାଜର ବିଭିନ୍ନ କକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯଇଥିଲା। ତେବେ କାର୍ଯ୍ୟକ୍ରମରେ ଆସିବାକୁ ଥିବା କେତେଜଣ ଅତିଥି ନ ଆସିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ପୌରପରିଷଦର ସମସ୍ତ ପରିଷଦଗଣଙ୍କ ସମେତ କର୍ମଚାରୀ ଉପସ୍ଥିତ ଥିଲେ।




ଭୁବନେଶ୍ୱର ଗୁରୁ କେଳୁଚରଣ ମହାପାତ୍ର ଓ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ରସାବଳି ଦିବସରେ ଉପସ୍ଥିତ ଅତିଥିମାନେ।

# ରସାବଳିକୁ ଜିଆଇ ଟ୍ୟାଗ୍ ମିଳୁ

### ରାଜ୍ୟସ୍ତରୀୟ ରସାବଳି ଦିବସ

ଭୁବନେଶ୍ୱର,୩୧।୮(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା ସଂସ୍କୃତି ଓ ପରମ୍ପରା ପୁନରୁଦ୍ଧାର ସମିତି ପକ୍ଷରୁ ରାଜ୍ୟସ୍ତରୀୟ ରସାବଳି ଦିବସ ବୁଧବାର ଗୁରୁ କେଳୁଚରଣ ମହାପାତ୍ର ଓ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ସମିତି ଆବାହକ ଜ୍ୟୋସ୍ନାମୟୀ ପରିଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୋ’ମାତା ପୂଜନ କରାଯାଇଥିଲା। ପରେ କେନ୍ଦ୍ରାପଡ଼ାରୁ ଆସିଥିବା ପାଲା, କେନ୍ଦେରା, ସଂକୀର୍ତ୍ତନ, କଣ୍ଢେଇନାଚର କଳାକାରମାନେ ନିଜର କଳା ପ୍ରଦର୍ଶନ କରିଥିଲେ। ସନ୍ଧ୍ୟାରେ କେନ୍ଦ୍ରାପଡା ତୁଳସୀ କ୍ଷେତ୍ରର ଆରାଧ ଦେବତା ପ୍ରଭୁ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ଜନ୍ମଦିନ ଅବସରରେ ପାରମ୍ପରିକ ରକ୍ଷାବନ୍ଧନ ଉତ୍ସବ ଆୟୋଜିତ ହୋଇଥିଲା। ଏହାପରେ କେନ୍ଦ୍ରାପଡ଼ା ପ୍ରସିଦ୍ଧ ରସାବଳି ଷ୍ଟଲକୁ ଉଦ୍‌ଘାଟନ କରାଯାଇଥିଲା। ବଳଦେବଜୀଉଙ୍କ ପ୍ରିୟ ଭୋଗ ରସାବଳିର ପ୍ରଚାରପ୍ରସାର ପାଇଁ ମହାପ୍ରଭୁ ବଳଦେବଙ୍କ ଜନ୍ମଦିନ ରକ୍ଷାବନ୍ଧନ ଉତ୍ସବକୁ ରସାବଳି ଦିବସ ଭାବେ ପ୍ରତିବର୍ଷ ପାଳନ କରିବା ଓ ରସାବଳିକୁ ସରକାର ଜିଆଇ ଟ୍ୟାଗ ମାନ୍ୟତା ପ୍ରଦାନ କରନ୍ତୁ ବୋଲି ସମିତି ପକ୍ଷରୁ ନିବେଦନ କରାଯାଇଛି। ଉତ୍ସବରେ ଅତିଥି ଭାବେ ବିଧାୟକ ଶଶିଭୂଷଣ ବେହେରା, ମେୟର ସୁଲୋଚନା ଦାସ, ସଂସ୍କୃତି ନିର୍ଦ୍ଦେଶକ ଦିଲୀପ ରାଉତରାଏ, ଓଟିଡିସି ଅଧ୍ୟକ୍ଷ ଲେଲିନ ମହାନ୍ତି, ନନ୍ଦୀଘୋଷ ଟିଭି ମୁଖ୍ୟ ଶିଶିର ଭଟ୍ଟମିଶ୍ର, ଏମ୍‌ପି ଅମର ପଟ୍ଟନାୟକ, ଯୁବନେତା ସଞ୍ଜୟ ଅଗ୍ରୱାଲ, ଏମ୍‌ଏସ୍‌ଏମ୍‌ଇ ବିଭୂତିଭୂଷଣ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ରସାବଳିକୁ ନେଇ ଜୟଶ୍ରୀ ଧଳଙ୍କ ଏକ ମ୍ୟୁଜିକ ଭିଡିଓ ଏବଂ ଏକ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଆବାହକ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

### ଟ୍ରେଲର ଚାଳକ, ପୋଲିସଙ୍କୁ ଆକ୍ରମଣ କରି ଜେଲ ଗଲେ ଭଉଣୀଭାଇ

ଭୁବନେଶ୍ୱର,୩୧।୮(ସୂର୍ଯ୍ୟକାନ୍ତ ବେହେରା)

ଟ୍ରେଲର ପଛପଟେ କାର୍ ଧକ୍କା କଲେ। ପରେ ଉକ୍ତ ଟ୍ରେଲର ଡ୍ରାଇଭରଙ୍କଠାରୁ ଟଙ୍କା ଆଦାୟ କରିବା ପାଇଁ ଏକ ମୃଦୁପାନୀୟ କମ୍ପାନୀର ରୁମ୍‌ରେ ବନ୍ଦକରି ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ଦୁଇ ଅପହରଣକାରୀ ଭଉଣୀଭାଇଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଏହାସହ ଟ୍ରେଲର ଚାଳକଙ୍କୁ ପୋଲିସ ଉଦ୍ଧାର କରିଛି। ଅଭିଯୁକ୍ତଦ୍ୱୟ ହେଲେ ସିଦ୍ଧାର୍ଥ ଶୁଭ୍ରାଂଶୁ ପଟ୍ଟନାୟକ ଓ ସୁଭସ୍ମିତା ପଟ୍ଟନାୟକ। ଅପରାଧ ସମୟରେ ବ୍ୟବହାର କରିଥିବା ଏକ କାର୍, ଏକ ମୋବାଇଲ ଫୋନ ଏବଂ ଅନ୍ୟାନ୍ୟ ସାମଗ୍ରୀକୁ ଜବତ କରାଯାଇଛି। ଅନ୍ୟପକ୍ଷରେ ଥାନାରେ ଅଭିଯୁକ୍ତ ସିଦ୍ଧାର୍ଥଙ୍କୁ ପଚରାଉଚରା କରୁଥିବାବେଳେ ସେ ପୋଲିସକୁ ଚାପୁଡ଼ା ମାରିଥିବା ଅଭିଯୋଗ ହୋଇଛି। ଏପରି କି ଥାନା ପରିସରରେ ଅଭିଯୁକ୍ତଦ୍ୱୟଙ୍କ ମା’ ମଧ୍ୟ ପୋଲିସଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ କୋର୍ଟଚାଲାଣ ହୋଇଛନ୍ତି। ଜାମିନ ନାମଞ୍ଜୁର ହେବାରୁ ସମସ୍ତ ୩ଜଣଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ମଞ୍ଚେଶ୍ୱର ଥାନାରେ ୩ଟି ମାମଲା ରୁଜୁ ହୋଇଛି। ସୂଚନାନୁସାରେ ଅଭିଯୋଗକାରୀ ଅଶୋକ ଯାଦବ ଜଣେ ଟ୍ରେଲର ଚାଳକ। ସେ ଗୁରୁବାର ଏନ୍‌ଏଲ୍‌୦୧-ଏବି-୩୧୪୫ ନମ୍ବର ବିଶିଷ୍ଟ ଏକ ଟ୍ରେଲରରେ ଲୁହାଛଡ଼ ନେଇ ଜାମ୍‌ସେଦପୁରରୁ ଭୁବନେଶ୍ୱର ମଞ୍ଚେଶ୍ୱର ଅଞ୍ଚଳକୁ ଆସିଥିଲେ।

# ‘ଏକାଠି ହୋଇ କାର୍ଯ୍ୟ କର’



ଗମ୍ଭାରୀମୁଣ୍ଡା,୩୧।୮(ଦିଲୀପ ସ୍ୱାଇଁ)

ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରାତଃରେ ରାମଧୁନ ଗାନ କରାଯିବା ସହ ପରିଷଦ କାର୍ଯ୍ୟାଳୟରେ ଅଧ୍ୟକ୍ଷ ମିଟୁ ନାୟକ ପତାକା ଉତ୍ତୋଳନ କରିଥିଲେ। ପରେ ଅଧ୍ୟକ୍ଷଙ୍କ ସମେତ ସମସ୍ତ କାଉନସିଲର, କାର୍ଯ୍ୟନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା ଏବଂ କର୍ମଚାରୀମାନେ ବାଣପୁରର ବିଭିନ୍ନ ସ୍ଥାନରେ ଥିବା ମହାତ୍ମା ଗାନ୍ଧୀ, ବିଜୁ ପଟ୍ଟନାୟକ, ପଣ୍ଡିତ ଗୋଦାବରୀଶ ମିଶ୍ର ଓ ଶହୀଦ କୃତିବାସ ପାଟଶାଣୀଙ୍କ ପତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ପରେ ଅଧକ୍ଷ ନାୟକ ଯୋଗୀ ପୋଖରୀ ନିକଟରେ ନୂତନ ଆହାରକେନ୍ଦ୍ର, ନୂତନ ଶୌଚାଳୟ, ନୂତନ ଖାଉଟି ଗୃହର ଉଦ୍‌ଘାଟନ କରିଥିଲେ। ମଧ୍ୟାହ୍ନରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଆଗାମୀ ଦିନରେ କିପରି ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ଉନ୍ନତୀ ହେଇପାରିବ ସେନେଇ ଆଲୋଚନା କରିଥିଲେ।

# ୪ ବ୍ରାଉନ୍‌ସୁଗାର ବେପାରୀ ଗିରଫ

ପୁରୀ ୩୧।୮(ଅଜିତ୍ ମହାନ୍ତି)

ବ୍ରାଉନ୍‌ସୁଗାର କାରବାର କରିବା ଅଭିଯୋଗରେ ତାଳବଣିଆ ଥାନା ପୋଲିସ ଏବଂ କୁମ୍ଭାରପଡା ଥାନା ପୋଲିସ ସହରର ବିଭିନ୍ନ ସ୍ଥାନରୁ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ବାଲିଘାଟ ଭାରତୀପୁର ଅଞ୍ଚଳର ସରୋଜ ପଟ୍ଟନାୟକ(୨୧), ସମୁଦ୍ରଥାନା ଅନ୍ତର୍ଗତ ମୋଚି ସାହି ଛକ ଅଞ୍ଚଳର ମାନସ ରାଓ(୩୫), ଷ୍ଟେସନ ରୋଡ ଧୋବା ସାହିର ଅଶୁତୋଷ ବେହେରା ଏବଂ ସଦର ଥାନା ଅନ୍ତର୍ଗତ ନୀଳଚକ୍ର ନଗରର କୃଷ୍ଣଚନ୍ଦ୍ର ନାଥ (୪୨)। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ୭ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏନେଇ ପୋଲିସ ନଂ. ୧୪୦/୨୩ରେ ମାମଲା ରୁଜୁ କରିଛି। ତେବେ ହୁଲୁହୁଲିଆ ପୋଲ ନିକଟରେ ବ୍ରାଉନ ସୁଗାର କାରବାର ହେଉଥିବା ବିଶେଷ ସୂତ୍ରରୁ ଖବରପାଇ ପୋଲିସ ଉକ୍ତ ଅଞ୍ଚଳରେ ଚଢାଉ କରି ସରୋଜଙ୍କୁ ଗିରଫ କରିବା ସହ ବ୍ରାଉନ ସୁଗାର ସହ ୫୦୦ ଟଙ୍କା ଜବତ କରିଛି। ସେହିପରି କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ବାନାମ୍ବର ମନ୍ଦିର ନିକଟରୁ ବ୍ରାଉନସୁଗାର କାରବାର କରିବା ଅଭିଯୋଗରେ ପୋଲିସ ୩ ବେପାରୀଙ୍କୁ ଗିରଫ କରିଥିଲା। ପୋଲିସ ସେମାନଙ୍କ ନିକଟରୁ ୯.୭ ଗ୍ରାମ ଓଜନର ବ୍ରାଉନ ସୁଗାର ସହ ଗୋଟିଏ କେଟିଏମ ବାଇକ୍, ନଗଦ ୩୭୦୦ ଟଙ୍କା ଏବଂ ୨ ମୋବାଇଲ ଜବତ କରିଛି। ପୋଲିସ ଏନେଇ ନଂ. ୨୦୦/୨୩ରେ ମାମଲା ରୁଜୁ କରିଛି। ପୋଲିସ ପକ୍ଷରୁ ବାନାମ୍ବର ଛକ ନିକଟରେ ଗାଡି ଚେକିଂ କରାଯାଉଥିବା ବେଳେ ଉପରୋକ୍ତ ଅଭିଯୁକ୍ତମାନେ ଧରାପଡ଼ିଥିଲେ।

# ଆୟୁଷ୍ ଷ୍ଟୁଡେଣ୍ଟସ୍ ପକ୍ଷରୁ ମହାବିଦ୍ୟାଳୟ ଫାଟକରେ ତାଲା

### ଆୟୁଷ ଡାକ୍ତର ନିଯୁକ୍ତି ପାଇଁ ଦାବି

ପୁରୀ,୩୧।୮(ଅଜିତ୍ ମହାନ୍ତି)




ଓଡ଼ିଶା ଆୟୁଷ ଷ୍ଟୁଡେଣ୍ଟସ୍ ଆସୋସିଏଶନ୍‌ର ହୋମିଓପାଥିକ୍ ମେଡିକାଲ ଷ୍ଟୁଡେଣ୍ଟସ୍ ଆସୋସିଏଶନ୍ ଏବଂ ଆୟୁର୍ବେଦିକ୍ ମେଡିକାଲ ଷ୍ଟୁଡେଣ୍ଟସ୍ ଆସୋସିଏଶନ୍‌ର ସଦସ୍ୟମାନଙ୍କ ପକ୍ଷରୁ ଆୟୁଷ ଡାକ୍ତରମାନଙ୍କୁ ନିଯୁକ୍ତି ଦାବି ସହ ଅନ୍ୟାନ୍ୟ ଦାବି ନେଇ ଆସୋସିଏଶନ ପକ୍ଷରୁ କଳାବ୍ୟାଚ ପରିଧାନ କରି ଶାନ୍ତିପୂର୍ଣ୍ଣ ପ୍ରତିବାଦ କରାଯାଉଥିଲା। କିନ୍ତୁ ସରକାର ଏଥିପ୍ରତି ଗୁରୁତ୍ୱ ନ ଦେବାରୁ ଗୁରୁବାର ଆସୋସିଏଶନ୍ ପକ୍ଷରୁ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଯାଇ ପ୍ରତିବାଦ କରାଯାଇଛି। ଆସୋସିଏସନ୍‌ର ଦାବି ଯେ, ରାଜ୍ୟରେ ପ୍ରାୟ ସାଢ଼େ ୪କୋଟି ଓଡ଼ିଆଙ୍କ ପାଇଁ ୫୬୨ ହୋମିଓପାଥିକ ଡାକ୍ତର ଏବଂ ୬୧୯ ଆୟୁର୍ବେଦିକ ଡାକ୍ତର ନିଯୁକ୍ତ ଅଛନ୍ତି। ଫଳରେ ପ୍ରତି ୩,୭୦,୬୫୪ ବ୍ୟକ୍ତିରେ ମାତ୍ର ଜଣେ ଆୟୁଷ ଡାକ୍ତର ତାଙ୍କର ସେବା ପ୍ରଦାନ କରୁଛନ୍ତି। ମାତ୍ର ଏତିକି ସଂଖ୍ୟକ ଡାକ୍ତରଙ୍କ ସାହାଯ୍ୟରେ ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟସେବା ଯୋଗାଇବା ଅସମ୍ଭବ। ଭାରତ ସରକାରଙ୍କର ଆୟୁଷ ମନ୍ତ୍ରାଳୟ ଅନୁସାରେ କୁହାଯାଇଛି ଯେ ଭାରତରେ ସମାନ ଭାବରେ ଆଧୁନିକ ଚିକତ୍ସା ଓ ଆୟୁଷ ଚିକତ୍ସାକୁ ପ୍ରାଧାନ୍ୟ ଦିଆଯିବ।

**ବରିଷ୍ଠ ଆଇନଜୀବୀଙ୍କ ସ୍ମୃତିଚାରଣ ସଭା**

କଣାସ,(ବିଭୂତି ଭୂଷଣ ତ୍ରିପାଠୀ)- କଣାସ ଅଞ୍ଚଳର ବରିଷ୍ଠ ଆଇନଜୀବୀ ତଥା ସାମାଜିକ କର୍ମୀ ସୁବାସ ଚନ୍ଦ୍ର ପଣ୍ଡାଙ୍କ ତ୍ରୟୋଦଶ ଦିବସ ଅବସରରେ ବୁଧବାର ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ସଭାରେ ବରିଷ୍ଠ ଆଇନଜୀବୀ ସଦାନନ୍ଦ ପ୍ରଧାନ ସଭାପତିତ୍ୱ କରିଥିଲେ। ସ୍ମୃତିଚାରଣ ସଭାରେ ଆଇନଜୀବୀ ଅଶୋକ ପାଣିଗ୍ରାହୀ, ସୁଶାନ୍ତ ମହାନ୍ତି, ବିଶ୍ୱନାଥ ବେହେରା, ରବୀନ୍ଦ୍ର ରାଉତରାୟ, ବିକ୍ରମ ନାଥ, ସ୍ନେହାଶିଷ ଜେନା, ପ୍ରଶାନ୍ତ ବରାଳ, ଖବରଦାତା ଶ୍ରୀକାନ୍ତ ପଟ୍ଟଯୋଷୀ, ବିଭୂତି ଭୂଷଣ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ସ୍ୱର୍ଗତ ପଣ୍ଡାଙ୍କ କଣାସରେ ଆଇନ ଅଦାଲତ ଖୋଲିବାରେ ମୁଖ୍ୟ ଭୂମିକା ଥିବା ଓ ଗରିବ ଲୋକଙ୍କୁ ଆଇନ ସହାୟତା ଯୋଗାଉଥିବା ଓ ତାଙ୍କର କେତେକ ଭଲଗୁଣ ସମ୍ପର୍କରେ ବକ୍ତାମାନେ ସ୍ମୃତିଚାରଣ କରିଥିଲେ। ତାଙ୍କ ଧର୍ମ ପୁତ୍ର ବିଶ୍ୱଜିତ୍ ଶତପଥୀ ଏହି ସଭା ଆୟୋଜନ କରିଥିଲେ।

## ସଂକ୍ଷେପରେ

### ଝୁଲଣଯାତ୍ରା ଉଦ୍‌ଯାପିତ

କଣାସ,୩୧।୮(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକର ସର୍ବପୁରାତନ କଣାସ ବଡମଠ ଏବଂ କରମଳାଠାରେ ପ୍ରତିଷ୍ଠିତ ଠାକୁର ଅଭିରାମ ପରମହଂସଙ୍କ ଶାନ୍ତିଧାନ ଆଶ୍ରମରେ ୨୫ତାରିଖ ଠାରୁ ଅନୁଷ୍ଠିତ ହୋଇଥିବା ଝୁଲଣ ଯାତ୍ରା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। କଣାସ ବଡ଼ ମଠରୁ ଆରାଧ୍ୟ ଠାକୁର ରାଧାଗୋବିନ୍ଦ ପ୍ରତ୍ୟେକ ଦିନ ସୁସଜ୍ଜିତ ବିମାନରେ ଝୁଲଣବେଦିକୁ ଯାଇ ରାତ୍ର ମଧ୍ୟ ପର୍ଯ୍ୟନ୍ତ ଝୁଲନ୍ତି। ଓଡ଼ିଶୀ ନାମସଂକୀର୍ତ୍ତନ ଦଳ ନାମସଂକୀର୍ତ୍ତନ ପରିବେଷଣ କରିବା ସହିତ ପ୍ରତ୍ୟେକ ଦିନ ଭାଗବତ ପ୍ରବଚନ ଅନୁଷ୍ଠିତ ହେଉଥିଲା। ମଠ ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାସ ମହାରାଜ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିପରି ଶାନ୍ତିଅନନ୍ଦ ଆଶ୍ରମରେ ରାଧାଗୋବିନ୍ଦ ଓ ଠାକୁର ଅଭିରାମ ପରମହଂସ ପ୍ରତିମୂର୍ତ୍ତି ସୁସଜ୍ଜିତ ବିମାନରେ ନିୟମ ଅନୁଯାୟୀ ଝୁଲଣ ବେଦିକୁ ଯାଇ ଝୁଲନ୍ତି। ବାବଜି ବନବିହାରୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

ପିପିଲି,୩୧।୮
(ପ୍ରଭାତ ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ଗୋବିନ୍ଦପୁର କ୍ଲଷ୍ଟର ଅନ୍ତର୍ଗତ ଆରୁହା ୟୁଜିୟୁପି ସ୍କୁଲର ସହକାରୀ ଶିକ୍ଷୟିତ୍ରୀ ଲକ୍ଷ୍ମୀରାଣୀ ବୋଷଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପିପିଲି ବିଇଓ ରବିନ୍ଦ୍ରନାଥ ନନ୍ଦ, ସମ୍ମାନିତ ଅତିଥି ଭାବେ ଗୋବିନ୍ଦପୁର ପଞ୍ଚାୟତର ସମିତିସଭ୍ୟା କବିତା ଖଟାଇ, ସିଆରସିସି ଚିନ୍ତାମଣି ଓଝା, ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ କିରଣବାଳା ମହାପାତ୍ର, ଶିକ୍ଷକ ସଂଘ ସଭାପତି ଜୟ ପ୍ରକାଶ ପ୍ରଧାନ, ସୁକାନ୍ତ ନାୟକ, ମୃରବୀ ଅରୁଣ ମହାପାତ୍ର, ଚେୟାରପର୍ସନ ଗନ୍ଧର୍ବ ଦଳାଇ, ପ୍ରଧାନଶିକ୍ଷକ ରବୀନ୍ଦ୍ର ସାହୁ, ମଧୁଛନ୍ଦା ମିଶ୍ର ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀଙ୍କ ଶିକ୍ଷାଦାନ କ୍ଷେତ୍ରରେ ଅତୁଳନୀୟ ଅବଦାନ ବିଷୟରେ ଆଲୋକପାତ କରିଥିଲେ। ବିଇଓ ନନ୍ଦ ବିଦାୟୀ ଶିକ୍ଷୟିତ୍ରୀଙ୍କୁ ପେନସନ ପେପର ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କବିତା କୁମାରୀ ତ୍ରିପାଠୀ ସଭାପତି ଦାୟିତ୍ୱ ତୁଲାଇ ଥିବାବେଳେ ଶିକ୍ଷକ ସନ୍ତୋଷ ନାୟକ ଏବଂ ଶକ୍ତି ପ୍ରସନ୍ନ ମହାନ୍ତି ସଭା ପରିଚାଳନା କରିଥିଲେ। ଶିକ୍ଷକ ରସାନନ୍ଦ ସାହୁ, ଚିନ୍ମୟୀ ସାହୁ, ରଶ୍ମିତା ବେହେରା, ରୋଜାଲିନ ସାମନ୍ତରାୟ, ସୁବାସିନୀ ସେଠୀ, ନିର୍ମଳା ଦାସ, ପ୍ରଭାତୀ ମାର୍ଥା ସହଯୋଗ କରିଥିଲେ।

### ନିର୍ମାଣ ଶ୍ରମିକଙ୍କ ସହାୟତା ମେଳା ଅନୁଷ୍ଠିତ

କାକଟପୁର,୩୧।୮(ଶୁଭଦର୍ଶନ ମିଶ୍ର)

କାକଟପୁର ମୋତି କଲ୍ୟାଣମଣ୍ଡପରେ ବୁଧବାର ନିର୍ମାଣ ଶ୍ରମିକଙ୍କ ସହାୟତା ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ଭିତରେ ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟୀ ଦଳାଇ, ଏମ୍‌ପିଙ୍କ ପ୍ରତିନିଧି ଜ୍ଞାନରଞ୍ଜନ ସାହୁ, ଅସ୍ତରଙ୍ଗ ବିଡିଓ ଡ. ବେବିତା ମଞ୍ଜରୀ ନାୟକ, ହିମାଂଶୁ ଦୀକ୍ଷିତ୍, ପ୍ରାଣନାଥ ମଲିକ, ଶ୍ରମ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ରାଷ୍ଟ୍ରମନ୍ତ୍ରୀ ବେହେରା ଏହି ଯୋଜନା ଅଧୀନରେ ଥିବା ବିଭିନ୍ନ ସହାୟତା ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସର୍ବମୋଟ ୩୧୭ଜଣ ନିର୍ମାଣ ଶ୍ରମିକ ତାଲିକାଭୁକ୍ତ ହିତାଧିକାରୀଙ୍କୁ ୧କୋଟି ୫୫ଲକ୍ଷ ୩୩ ହଜାର ୪ଶହ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ମନ୍ତ୍ରୀ ବେହେରା ନିର୍ମାଣ କାର୍ଯ୍ୟରେ ନିଯୁକ୍ତ ସମସ୍ତ କୁଶଳୀ, ଅର୍ଦ୍ଧକୁଶଳୀ, ଅଣକୁଶଳୀ, ଶାରୀରିକ ଶ୍ରମ କରୁଥିବା ଶ୍ରମିକ, ପର୍ଯ୍ୟବେକ୍ଷଣ, ବୈଷୟିକ କାର୍ଯ୍ୟରେ ନିଯୁକ୍ତ କର୍ମଚାରୀ ନିର୍ମାଣ ଶ୍ରମିକ ସଂଜ୍ଞାଭୁକ୍ତ ବୋଲି ପରାମର୍ଶ ଦେଇଥିଲେ। କୌଣସି ଆବେଦନକାରୀ କାହା ପାଖକୁ ନ ଯାଇ ସିଧାସଳଖ ଅନଲାଇନରେ ଆବେଦନ କରିବାକୁ କହିଥିଲେ। ଏହି କାର୍ଯ୍ୟକୁ ତଦାରଖ କରିବାକୁ ସମସ୍ତ ପଞ୍ଚାୟତ ପିଇଓ ଓ ଜିଆର୍‌ଏସ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରିଶେଷରେ ଅନେକ ହିତାଧିକାରୀଙ୍କୁ ମଞ୍ଚରେ ଚେକ୍ ପ୍ରଦାନ କରାଯାଇଥିଲା। ଅତିରିକ୍ତ ଲେବର ଅଫିସର ପ୍ରିୟଙ୍କା ପ୍ରିୟଦର୍ଶିନୀ ଧନ୍ୟବାଦ ଦେଇଥିଲେ।

# ସ୍ଥାୟୀ ଗୃହକୁ ସ୍ଥାନାନ୍ତର ହେଲା ଆଦର୍ଶ ବିଦ୍ୟାଳୟ

**ଚେୟାର, ଟେବୁଲ ନାହିଁ: ତଳେ ବସୁଛନ୍ତି ଛାତ୍ରୀଛାତ୍ର**

ଗୋପ,୩୧।୮(ଭାରତୀ ଭୂଷଣ ଉପାଧ୍ୟାୟ)



ଗୋପସ୍ଥିତ ତରଙ୍ଗିରାଠାରେ ନିର୍ମାଣାଧୀନ ନୂତନ ଗୃହରେ ଗୁରୁବାର ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ତଳେ ବସି ପଢୁଛନ୍ତି ।

ଗୋପ ବ୍ଲକ ଅନ୍ତର୍ଗତ ଏରବଙ୍ଗ ପଞ୍ଚାୟତ ଅଧୀନ ତରଙ୍ଗିରାଠାରେ ନିର୍ମାଣାଧୀନ ନୂତନ ଗୃହରେ ଗୁରୁବାର ଆଦର୍ଶ ବିଦ୍ୟାଳୟର ପାଠପଢ଼ା ଆରମ୍ଭ ହୋଇଛି। ଷଷ୍ଠ ଓ ସପ୍ତମ ଶ୍ରେଣୀର ୧୬୭ ଛାତ୍ରୀଛାତ୍ର ନୂତନ ଗୃହକୁ ସ୍କୁଲ ଆସିଥିବାରୁ ଖୁସି ଥିବାବେଳେ ଅଭିଭାବକ ମହଲରେ ଛାତ୍ରୀଛାତ୍ରମାନେ ତଳେ ବସୁଥିବା ଜାଣି ଅସନ୍ତୋଷ ପ୍ରକାଶ କରିଛନ୍ତି। କିନ୍ତୁ ନିମ୍ନମାନର କାମ ଯୋଗୁ ନୂତନ ଗୃହର ଅନେକ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ପ୍ରକାଶ ଯେ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନୂତନ ଗୃହ ନିର୍ମାଣ କାର୍ଯ୍ୟର ଟେଣ୍ଡର ପ୍ରକ୍ରିୟା ଶେଷ ପରେ ୩କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ଏହି ସ୍କୁଲ ନିର୍ମାଣ କାର୍ଯ୍ୟ ତା,୨୬/୭/୧୯ରେ ଆରମ୍ଭ ହୋଇ ତା.୨୫/୬/୨୦୨୦ ଶେଷ ହେବାର ଥିଲା। ହେଲେ ଗୃହ ନିର୍ମାଣ ଦାୟିତ୍ୱ ନେଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ଅବହେଳା ଯୋଗୁ ଏହି କାର୍ଯ୍ୟରେ ବିଳମ୍ବ ହେବାରୁ ବିଧାୟକଙ୍କ ତାଗିଦ ପରେ କାର୍ଯ୍ୟ ସରିଥିଲା। ଗତ ଜୁନ ୨୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ୨ମାସ ପରେ ନିକଟରେ ଏହି ସ୍ଥାୟୀ ଗୃହକୁ ଆଦର୍ଶ ସ୍କୁଲ ସ୍ଥାନାନ୍ତରିତ ହୋଇଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଏବେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ଲାଗି ସରକାରଙ୍କ ପକ୍ଷରୁ ଆବଶ୍ୟକ ଅନୁଯାୟୀ ଚେୟାର୍ ଟେବୁଲ ନ ଆସିଥିବାରୁ ଛାତ୍ରୀଛାତ୍ର ତଳେ ବସୁଛନ୍ତି। ସେହିଭଳି ଛାତ୍ରୀଛାତ୍ରଙ୍କ ଲାଗି ନିର୍ମାଣାଧୀନ ହଷ୍ଟେଲ ଅଧାପନ୍ତରିଆ ହୋଇ ପଡ଼ିଥିବାବେଳେ ସ୍କୁଲକୁ ଭଲ ରାସ୍ତା ଟିଏ ମଧ୍ୟ ନାହିଁ। ଆବଶ୍ୟକ ଅନୁସାରେ ଶିକ୍ଷକ ଶିକ୍ଷୟିତ୍ରୀ ନ ରହିବା, ସାଇକେଲ ଷ୍ଟାଣ୍ଡ ସହିତ ଆଉ କେତେକ ଆନୁସାଙ୍ଗିକ ଉପକରଣ ନ ଥିବା ଭଳି ଅଭିଯୋଗ ରହିଛି। ଏ ସମ୍ପର୍କରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ଚିନ୍ମୟ ସେନାପତି କୁହନ୍ତି, ବିଭିନ୍ନ ଅସୁବିଧା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଦିଆଯାଇଛି। ଖୁବ୍‌ଶୀଘ୍ର ଅନ୍ୟାନ୍ୟ ଉପକରଣ ସହିତ ଚେୟାର୍ ଟେବୁଲ ଆସିବା ବୋଲି କହିଛନ୍ତି।

# କର୍ମୀ ସମ୍ମିଳନୀରେ ୨ ଗୋଷ୍ଠୀ ମୁହାଁମୁହିଁ

ପୁରୀ,୩୧।୮(ଅଜିତ ମହାନ୍ତି)

ଆଉ କିଛି ମାସ ପରେ ରାଜ୍ୟରେ ବିଧାନସଭା ନିର୍ବାଚନ ହେବ। ଯାହାକୁ ନେଇ ଶାସକ ବିଜେଡିଠାରୁ ଆରମ୍ଭ କରି ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ବର୍ତ୍ତମାନଠାରୁ ପ୍ରସ୍ତୁତ ଆରମ୍ଭ ହେଲାଣି। ଅପରପକ୍ଷେ ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ସେହି ଅନୁସାରେ ରାଜନୈତିକ ପାଣିପାଗ ଉଷ୍ମ ହେବାରେ ଲାଗିଛି। ଯାହାର ଏକ ଦୃଶ୍ୟ ଗୁରୁବାର ସନ୍ଧ୍ୟାରେ ପୁରୀରେ ଦେଖିବାକୁ ମିଳିଛି। କିଛି ବର୍ଷ ହେବ ପୁରୀରେ ବିଜେଡି ୨ଗୋଷ୍ଠୀ ହୋଇଥିବା ନେଇ ଚର୍ଚ୍ଚା ହେଉଛି। ବିଜେଡିର ଯେକୌଣସି କାର୍ଯ୍ୟକ୍ରମରେ ୨ ଗୋଷ୍ଠୀ ପକ୍ଷରୁ ଭିନ୍ନ ଭିନ୍ନ ଉପାୟରେ କାର୍ଯ୍ୟକ୍ରମ ହୋଇ ଆସୁଛି। ଗୋଟିଏପଟେ ବିଜୁ ଯୁବ ଜନତା ଦଳର ଉପସଭାପତି ଶୁଭାଶିଷ ଖୁଣ୍ଟିଆଙ୍କ ନେତୃତ୍ୱରେ ଗୋଟିଏ ଗୋଷ୍ଠୀ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଥିବା ବେଳେ ଅନ୍ୟପଟେ ବିଜେଡି ଜିଲା ସଭାପତି ମହେଶ୍ୱର ମହାନ୍ତିଙ୍କ ନେତୃତ୍ୱରେ ଅନ୍ୟ ଗୋଟିଏ ଗୋଷ୍ଠୀ କାର୍ଯ୍ୟକ୍ରମ କରୁଛନ୍ତି। ତେବେ ଗୁରୁବାର ବିଜେଡିର ଏକ କର୍ମୀ ସମ୍ମିଳନୀ ଚାଲିଥିବା ବେଳେ ଉକ୍ତ ୨ ଗୋଷ୍ଠୀର ସମର୍ଥକଙ୍କ ମଧ୍ୟରେ ମୁହାଁମୁହିଁ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ ପୁରୀ ପୌରସଂସ୍ଥା ଅନ୍ତର୍ଗତ ୨୧ ନମ୍ବର ୱାର୍ଡର କେତେଜଣ ବିଜେଡି କର୍ମୀ ଓ ସମର୍ଥକଙ୍କୁ ନେଇ ଦଳର ଶୁଭାଶିଷ ଖୁଣ୍ଟିଆଙ୍କ ନେତୃତ୍ୱରେ ନାୟକ ପ୍ଲାଜା ସମ୍ମିଳନୀ କକ୍ଷରେ ଏକ କର୍ମୀ ସମ୍ମିଳନୀ ହେଉଥିଲା। ତେବେ ଏହି ସମୟରେ ଜିଲା ବିଜେଡି ସଭାପତି ମହାନ୍ତିଙ୍କ ସମର୍ଥିତ କେତେଜଣ କର୍ମୀ ଉକ୍ତ ସ୍ଥାନକୁ ଆସି ସମ୍ମିଳନୀକୁ ବିରୋଧ କରିଥିଲେ। ବୈଠକରେ ମହେଶ୍ୱର ମହାନ୍ତିଙ୍କୁ କାହିଁକି ଡକାଯାଇନି ବୋଲି ପ୍ରଶ୍ନ କରିବା ସହ ପାଟିତୁଣ୍ଡ କରିଥିଲେ। ଏହାକୁ ନେଇ ୨ଗୋଷ୍ଠୀର ସମର୍ଥକଙ୍କ ମଧ୍ୟରେ ବଚସା ହୋଇ ପରେ ମୁହାଁମୁହିଁ ହୋଇଥିଲା। ଯାହାକୁ ନେଇ କିଛି ସମୟ ଧରି ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବରପାଇ କୁମ୍ଭାରପଡା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗୋଷ୍ଠୀଙ୍କୁ ବୁଝାଶୁଝା କରିଥିବା ସୂଚନା ମିଳିଛି।

# ପିପିଲିରେ ହେବ ବସ୍‌ଷ୍ଟାଣ୍ଡ



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବିଧାୟକ ରୁଦ୍ରପ୍ରତାପ ମହାରଥୀ ଓ ଅନ୍ୟମାନେ ।

ପିପିଲି,୩୧।୮
(ପ୍ରଭାତ ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ପିପିଲି ଏନଏସି ପକ୍ଷରୁ ମାଣିକ ଗାର୍ଡେନରେ ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯାଇଛି। ଏନ୍‌ଏସି ପୌରାଧ୍ୟକ୍ଷ ସେକ ବାବୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଯୋଗଦେଇ ଖୁବ୍‌ଶୀଘ୍ର ବସ୍‌ଷ୍ଟାଣ୍ଡ ହେବା ସହ ଚାନ୍ଦୁଆ ଶିଳ୍ପୀଙ୍କ ପାଇଁ ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ କିଛି ଘୋଷଣା କରିବେ ବୋଲି କହିଥିଲେ। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ ପୂଜା ରାଉତ, ଉପାଧ୍ୟକ୍ଷା ଭାଗ୍ୟବତୀ ମହାରଣା, ଏମ୍‌ପି ପ୍ରତିନିଧି ସେକ ଆଦି ପ୍ରମୁଖ ଯୋଗଦେଇଥିଲେ। ଖୁବଶୀଘ୍ର ପିପିଲି ଏନଏସି ମହିଳାଙ୍କ ପାଇଁ ମୁକ୍ତା ଯୋଜନାରେ ସରକାର ୨କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଅନୁଦାନର କାର୍ଯ୍ୟ ଆରମ୍ଭ କରାଯିବ ବୋଲି ପୌରାଧ୍ୟକ୍ଷ କହିଥିଲେ। ପରେ ବିଧାୟକ ୧୨ନଂ. ୱାର୍ଡରେ ନିର୍ମିତ ଆଦର୍ଶ ପାର୍କ, ପିପିଲି ସାପ୍ତାହିକ ହାଟରେ ଭେଣ୍ଡିଂ ଜୋନ, ୧୩ନଂ ଓ ୧୫ ନଂ ୱାର୍ଡରେ ହୋଇଥିବା ମିଶନ ଶକ୍ତି ଗୃହକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ କନିଷ୍ଠ ଯନ୍ତ୍ରୀ ରଶ୍ମିରଞ୍ଜନ ବେହେରା, ପୌର ଯନ୍ତ୍ରୀ ଦେବବ୍ରତ ଷଡ଼ଙ୍ଗୀଙ୍କ ସହ ଏନ୍‌ଏସିର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# 'ଏନ୍‌ଏସିର ପ୍ରଗତିରେ ନଗରବାସୀ ସାରଥି ହୁଅନ୍ତୁ'

ନିମାପଡ଼ା,୩୧।୮(ବିଚିତ୍ରାନନ୍ଦ ସାହୁ)



କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ ପ୍ରଦାପ କେଶରୀ ଦେବ, ବିଧାୟକ ଓ ଅନ୍ୟ ଅତିଥିମାନେ ।

ନିମାପଡ଼ା ଏନ୍‌ଏସିରେ ବିକାଶର ଧାରା ଚାଲିଛି। ଆଗକୁ ଏହି ବିକାଶ ବଢ଼ିବ। ଏନ୍‌ଏସିର ପ୍ରଗତିରଥରେ ସମସ୍ତ ନଗରବାସୀ ସାରଥୀ ଭାବେ ସାମିଲ ହେବାକୁ ରାଜ୍ୟ ଶିଳ୍ପ, ଶକ୍ତି, ଲଘୁ ଉଦ୍ୟୋଗ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଏନଏସିର ୫୦ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତପ୍ରକାଶ କରିଛନ୍ତି। ସମାରୋହରେ ମୁଖ୍ୟ ବକ୍ତା ଭାବେ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ନିମାପଡ଼ା ଏନ୍‌ଏସିକୁ ଏକ ବିକାଶମୁଖୀ, ବିକାଶମୁଖୀ ଏନ୍‌ଏସିରେ ପରିଣତ କରିବା ଆମ ପରିଷଦର ମୂଳମନ୍ତ୍ର। ପରିଷଦର ବିକାଶ କାର୍ଯ୍ୟରେ ସାମିଲ ହୁଅ, ବିକାଶମୂଳକ କାର୍ଯ୍ୟକୁ ବିରୋଧ କରିବା ଆଦୌ ସମୀଚିତ ନୁହେଁ ବୋଲି କହିଛନ୍ତି। ସମ୍ମାନିତ ଅତିଥି ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ ଦାଶ, କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଧାୟକ ମିଶ୍ରଙ୍କୁ ନାଗରିକ ପ୍ରତିନିଧି ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ଅନ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶହୀଦ ସ୍ମୃତି ସଂସଦ ପକ୍ଷରୁ ୧୦ଲକ୍ଷ ଟଙ୍କା ବ୍ୟୟରେ ଶହୀଦ ଭବନ ପରିସରରେ ପଦ୍ମଶ୍ରୀ ଭବାନୀ ପଟ୍ଟନାୟକ ସଂଗ୍ରାମୀ ସଂଗ୍ରହାଳୟର ମନ୍ତ୍ରୀ, ବିଧାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ୧ହଜାରରୁ ଊର୍ଦ୍ଧ୍ୱ ସ୍କୁଲ, କଲେଜ ଛାତ୍ରୀଛାତ୍ର, ଏନ୍‌ସିସି, ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ପକ୍ଷରୁ ଶୋଭାଯାତ୍ରା କରି ସୁବର୍ଣ୍ଣ ଜୟନ୍ତୀ ସମାରୋହର ବାର୍ତ୍ତା ବାଣ୍ଟିଥିଲେ। ପରେ ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯାଇଥିଲା।

### ରାଖୀ ବାନ୍ଧିଲେ, ଚାରା ଉପହାର ଦେଲେ

ଗୋପ,୩୧।୮(ଭାରତୀ ଭୂଷଣ ଉପାଧ୍ୟାୟ)

ରାଖୀ ପୂର୍ଣ୍ଣିମା ଅବସରରେ ବୁଧବାର କୋଣାର୍କସ୍ଥିତ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଭାଇ ଭଉଣୀଙ୍କ ଦ୍ୱାରା ଗୋପ ବାୟାକୁଦାସ୍ଥିତ ମା' ନାରାୟଣୀ ମନ୍ଦିର ନିକଟରେ ଏକ ରକ୍ଷାବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସର୍ଗ ପରିବାର ସଂଗଠନର ସଦସ୍ୟ ଏହି ଅବସରରେ ସମସ୍ତଙ୍କୁ ଚାରା ଉପହାର ଦେଇଥିଲେ। କାର୍ଯ୍ୟକ୍ରମରେ ଉତ୍ସର୍ଗ ପରିବାରର ଉପଦେଷ୍ଟା ତଥା ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ଖଟୋଇ, ସଭାପତି ଲକ୍ଷ୍ମୀଧର ବେହେରା, ସମ୍ପାଦକ ବିଷ୍ଣୁ ମୋହନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ୱାୟତ୍ତ ଶାସନ ଦିବସକୁ କଳା ଦିବସ ପାଳିଲା ଭାଜପା

ନିମାପଡ଼ା,୩୧।୮(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଏନ୍‌ଏସି ପକ୍ଷରୁ ଗୁରୁବାର ସ୍ୱାୟତ୍ତ ଶାସନ ଓ ଏନ୍‌ଏସିର ୫୦ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ସୁବର୍ଣ୍ଣ ଜୟନ୍ତୀ ସମାରୋହକୁ ଭାଜପା ପକ୍ଷରୁ ବର୍ଜନ କରାଯାଇଛି। ଏହି ଦିବସକୁ ଭାଜପାର କାଉନସିଲରମାନେ କଳାଦିବସ ଭାବେ ପାଳନ କରିଛନ୍ତି। ବିରୋଧୀ ଦଳର କାଉନସିଲରମାନେ ଦଳୀୟ କର୍ମୀଙ୍କ ସହ ମୁହଁରେ କଳାପଟି ବାନ୍ଧି ଦେଢ଼ଘଣ୍ଟା ଧରି ଏନ୍‌ଏସି ଅଫିସ ସମ୍ମୁଖରେ ଗଣଧାରଣାରେ ବସି ଶାସକଦଳର ଭ୍ରଷ୍ଟାଚାର ଶାସନକୁ ବିରୋଧ କରିଥିଲେ। ଭାଜପା କାଉନସିଲର ନିରଞ୍ଜନ ନାୟକଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ହୋଇଥିଲା। ପୌରବାସୀଙ୍କ ମୌଳିକ ସମସ୍ୟାର ସମାଧାନ କରିବାରେ ଏନ୍‌ଏସି ପ୍ରଶାସନ ବିଫଳ ହୋଇଥିବାବେଳେ ବିକାଶ କାର୍ଯ୍ୟରେ ମଧ୍ୟ ଅବହେଳା କରାଯାଉଥିବା ଭାଜପା କାଉନସିଲରମାନେ ଅଭିଯୋଗ କରିଛନ୍ତି।




ନିମାପଡାରେ ସ୍ୱାୟତ୍ତ ଶାସନ ଦିବସକୁ ଭାଜପା କର୍ମକର୍ତ୍ତାମାନେ କଳାଦିବସ ଭାବେ ପାଳନ କରି ମୁହଁରେ କଳାପଟି ବାନ୍ଧିଛନ୍ତି ।

# ସମସ୍ତଙ୍କ ସହଯୋଗରେ ବିକାଶ କାର୍ଯ୍ୟ ସମ୍ଭବ

କୋଣାର୍କ,୩୧।୮(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। କୋଣାର୍କକୁ ସରସ ସୁନ୍ଦର ସହର ଭାବେ ଗଢିତୋଳିବା ଆମର ଲକ୍ଷ ବୋଲି ଏନଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ କହିଥିଲେ। ଅନୁଷ୍ଠିତ ସଭାରେ କାର୍ଯ୍ୟନିର୍ବାହୀ ଅଧିକାରୀ ସୁରେଶ ଆଚାର୍ଯ୍ୟ, ଉପାଧ୍ୟକ୍ଷ ସୁରେଶ ରାଉତରାୟ, ପଦ୍ମଚରଣ ବେଉରା, ସମସ୍ତ କାଉନସିଲର ଯୋଗଦେଇଥିଲେ। ଏନଏସିର ଉନ୍ନୟନ କାର୍ଯ୍ୟ ଠିକ୍ ଭାବେ ହେଉ ନାହିଁ ବୋଲି ୩ନମ୍ବର ୱାର୍ଡ କାଉନସିଲର ସମୟରଞ୍ଜନ ସାହୁ, ୫ ନଂ. ୱାର୍ଡର କାଉନସିଲର ନିହାରରଞ୍ଜନ ବେଉରା କହିଥିଲେ। ଏହି କଥାକୁ ଏମପିଙ୍କ ପ୍ରତିନିଧି ପଦ୍ମଚରଣ ବେଉରା ସମର୍ଥନ କରିଥିଲେ। ଅଞ୍ଚଳବାସୀଙ୍କଠାରୁ କାଉନସିଲରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ସହଯୋଗ ରହିଲେ ଉନ୍ନୟନ କାର୍ଯ୍ୟ ଠିକ୍ ଭାବେ ହୋଇପାରିବ ବୋଲି ଅଧ୍ୟକ୍ଷା ତ୍ରିପାଠୀ କହିଥିଲେ। ଏହି ଅବସରରେ କୋଣାର୍କ ଏନଏସିର କଲ୍ୟାଣ ମଣ୍ଡପ ପରିସରରେ ଚାରାରୋପଣ, ସଫେଇ କର୍ମଚାରୀମାନଙ୍କୁ ପୋଷାକ ବଣ୍ଟନ, ମୁକ୍ତା ଯୋଜନାରେ ବିଭିନ୍ନ ୱାର୍ଡକୁ କାର୍ଯ୍ୟାଦେଶ ବଣ୍ଟନ, ଅସହାୟଙ୍କୁ ଫଳବଣ୍ଟନ କରାଯାଇଥିଲା।

# ପୁରୀ ଜିଲା ସ୍କୁଲରେ ସଡ଼କ ସୁରକ୍ଷା ସଚେତନତା

ପୁରୀ,୩୧।୮(ଅଜିତ ମହାନ୍ତି)

ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ବିଦ୍ୟାଳୟସ୍ତରୀୟ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ପୁରୀ ଜିଲା ସ୍କୁଲ୍‌ଠାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ପରିବହନ ପ୍ରାଧିକରଣ ଦ୍ୱାରା ପ୍ରସ୍ତୁତ ହୋଇଥିବା ସଚେତନତା ବାର୍ତ୍ତାମୂଳକ ଶର୍ଟ ଭିଡିଓମାନ ସ୍ମାର୍ଟ କ୍ଲାସ୍‌ରୁମ୍‌ରେ ପିଲାମାନଙ୍କୁ ପ୍ରଦର୍ଶିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିବହନ ଅଧିକାରୀ ରବିନ୍ ପଟ୍ଟନାୟକ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଆଇନକାନୁନ ସମ୍ବନ୍ଧରେ ବୁଝାଇବା ସହ ରାସ୍ତାଘାଟର କିପରି ସୁରକ୍ଷିତ ଭାବେ ଯାତ୍ରା କରିପାରିବା ସେ ବିଷୟରେ ବୁଝାଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସମ୍ବନ୍ଧିତ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆସୋସିଏଶନ୍ ଅଫ୍ ଟୁଇଟର ଆର୍କିଭିଷ୍ଟର ସଦସ୍ୟମାନେ ସହଯୋଗ କରିଥିଲେ ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି ।

# 'ନିଜ ଦାୟିତ୍ୱ ଠିକ୍ ପାଳିଲେ ଉଦ୍ଦେଶ୍ୟ ସାଧିତ ହେବ'

**ସ୍ୱାୟତ୍ତ ଶାସନ ଦିବସ ପାଳିତ**

ପୁରୀ ୩୧।୮(ଅଜିତ ମହାନ୍ତି)




ପୁରୀ ପୌର ସଦରରେ ଅନୁଷ୍ଠିତ ସ୍ୱାୟତ୍ତ ଶାସନ ଦିବସ ଉତ୍ସବରେ ଉପସ୍ଥିତ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଓ ଅନ୍ୟ ଅତିଥିମାନେ ।

ନିଜର ଦାୟିତ୍ୱକୁ ସୁଚାରୁ ରୂପେ ନିର୍ବାହ ସହ ନାଗରିକର କର୍ତ୍ତବ୍ୟ ପାଳନ କରିପାରିଲେ ସ୍ୱାୟତ୍ତ ଶାସନର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରିବ ବୋଲି କହିଛନ୍ତି ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ। ଗୁରୁବାର ଟାଉନ ହଲରେ ପୁରୀ ପୌରପାଳିକା ପକ୍ଷରୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥିଭାବେ ବିଧାୟକ ଷଡ଼ଙ୍ଗୀ ଯୋଗଦେଇ ପୁରୀ ସହର ସମଗ୍ର ବିଶ୍ୱରେ ଆଧାତ୍ମିକ, ପର୍ଯ୍ୟଟନ କ୍ଷେତ୍ର ଦୃଷ୍ଟିରୁ ସୁନାମ ଅର୍ଜନ କରିଛି। ଏହାର କଳେବର ଦ୍ରୁତ ଗତିରେ ପରିବର୍ତ୍ତିତ ହେଉଛି। ଆଉ ଅଳ୍ପ କିଛି ଦିନ ପରେ ଏହା ଏକ ସୁନ୍ଦର ସହରରେ ପରିଣତ ହେବ। ଯେହେତୁ ଦେଶ ବିଦେଶରୁ ଦୈନିକ ଲକ୍ଷ ଲକ୍ଷ ଲୋକ ଏଠାକୁ ଆସୁଛନ୍ତି ସେଥିପାଇଁ ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା, ଭଲ ବ୍ୟବହାର ପ୍ରଦର୍ଶନ କରିବା ସମସ୍ତଙ୍କର ଦାୟିତ୍ୱ। କେବଳ ମୁନିସିପାଲ୍‌ଟି ଏହାକୁ ସ୍ୱଚ୍ଛ ରଖିବା ସମ୍ଭବ ନୁହେଁ ବୋଲି ବିଧାୟକ କହିଥିଲେ। ଭାରପ୍ରାପ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଏଥିରେ ଅଧ୍ୟକ୍ଷତା କରି ଆଜିର ଦିବସ ସମର୍ପଣ ଓ ସଂକଳ୍ପର ଦିବସ ବୋଲି ଅଭିହିତ କରିଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଡେପୁଟି କଲେକ୍ଟର ରାକେଶ ପଣ୍ଡା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ ପ୍ରମୁଖ ଯୋଗଦେଇ ସ୍ୱାୟତ୍ତ ଶାସନ ଦିବସ ପାଳନର ଲକ୍ଷ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପୁରୀ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା ଓ ସଫଳତାରେ ସମଗ୍ର ଦେଶରେ ୫୮ତମ ସ୍ଥାନ ଓ ରାଜ୍ୟର ପୌରସଂସ୍ଥା ମଧ୍ୟରେ ପୁରୀ ଏକ ନମ୍ବର ସ୍ଥାନ ହାସଲ କରିଛି ବୋଲି କହିଥିଲେ। ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ ବେହେରା ଧନ୍ୟବାଦ ଦେଇଥିଲେ। ପରେ ଅତିଥିମାନେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ଅନ୍ୟାନ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସେହିପରି ପ୍ରତ୍ୟୁଷରୁ ସିଂହଦ୍ୱାରରେ ପ୍ରଦୀପ ପ୍ରଜ୍ୱଳନ ଓ ସଚେତନତା ଶୋଭାଯାତ୍ରା ହୋଇଥିଲା। ଗାନ୍ଧୀ ଘାଟରେ ଛାତ୍ରୀଛାତ୍ରଙ୍କ ସମାବେଶ ମଧ୍ୟରେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ପୌର କାର୍ଯ୍ୟାଳୟରେ ଭାରପ୍ରାପ୍ତ ଜିଲାପାଳ ପ୍ରଦୀପ ସାହୁଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ, ରୋଗୀଙ୍କୁ ଫଳ, ପରିମଳ କର୍ମଚାରୀଙ୍କୁ ଶାଢ଼ି ବଣ୍ଟନ କରାଯାଇଥିଲା। ଅତିଥିମାନେ ୯ଟି ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଯୁବକଙ୍କୁ ଗୋଡାଇ ପିଟିବା ଘଟଣା, ୪ ଗିରଫ

ଭୁବନେଶ୍ୱର,୩୧।୮ (ସୂର୍ଯ୍ୟକାନ୍ତ ବେହେରା): ଭରତପୁର ଥାନା ଅଞ୍ଚଳରେ ଯୁବକଙ୍କୁ ଗୋଡାଇ ପିଟିବା ଘଟଣାରେ ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଅନିଲ କୁମାର ରଞ୍ଜିତ, ସୁରେଶ ନାୟକ, ରଜତ ବେହେରା ଓ ସଂଗ୍ରାମ ସାହୁ। ଜାମିନ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଆଶିଷ ଦାସଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଆଶିଷ ବାଇକରେ ଘରକୁ ଫେରୁଥିବା ସମୟରେ ଅଭିଯୁକ୍ତମାନେ ସହଯୋଗୀଙ୍କ ସହ ମିଶି ତାଙ୍କୁ ଅଟକାଇଥିଲେ। ଏହାପରେ ଅଭିଯୁକ୍ତମାନେ ଆଶିଷଙ୍କ ଗାଡିକୁ ଖଣ୍ଡାରେ ହାଣିବା ସହ ଖଣ୍ଡା, ପାଇପ, ଲାଠିରେ ଆକ୍ରମଣ କରିଥିଲେ।

### ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ଅଭିଯୋଗ

#### ମୃତଦେହ ରଖି ରାସ୍ତାରୋକୋ

ନିଆଳି,୩୧।୮ (ସୁକାନ୍ତ କୁମାର ସିଂ): ନିଆଳି ଅଞ୍ଚଳର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ଅବହେଳାରୁ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏ ନେଇ ରୋଗୀଙ୍କ ସମ୍ପର୍କୀୟମାନେ ଗୁରୁବାର ସନ୍ଧ୍ୟା ୬ଟାରେ ଉକ୍ତ ହସ୍ପିଟାଲ ସମ୍ମୁଖ ନିଆଳି-ଫୁଲନଖରା ରାଜ୍ୟ ରାଜପଥରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ଫଳରେ ଯାନବାହନ ଚଳାଚଳରେ ସମସ୍ୟା ହୋଇଥିଲା। ଏହାକୁ ଜନସାଧାରଣ ବିରୋଧ କରିବାରୁ ମୃତଦେହକୁ ନେଇ ହସ୍ପିଟାଲ ସମ୍ମୁଖରେ ରଖି ପ୍ରତିବାଦ କରାଯାଇଥିଲା। ସୂଚନାନୁଯାୟୀ, ବାଲିପାଟଣା ଥାନା ଅଧୀନ ଭାପୁର ଅଞ୍ଚଳର ସୁଜାତା ମଲ୍ଲିକ(୨୬)ଙ୍କ ପେଟରେ ଷ୍ଟୋନ୍ ହୋଇଥିଲା। ଫଳରେ ଅପରେଶନ ପାଇଁ ଗତ ସୋମବାର ତାଙ୍କୁ ଉକ୍ତ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମଙ୍ଗଳବାର ତାଙ୍କର ଅପରେଶନ କରାଯାଇଥିଲା। ବୁଧବାର ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁବାର ସେଠାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ଉକ୍ତ ଘରୋଇ ହସ୍ପିଟାଲରେ ଚିକିତ୍ସାରେ ଅବହେଳା ଯୋଗୁ ସୁଜାତାଙ୍କ ମୃତ୍ୟୁ ଘଟିଥିବା ତାଙ୍କ ପରିବାର ସଦସ୍ୟ ଓ ସମ୍ପର୍କୀୟମାନେ ଅଭିଯୋଗ କରିଥିଲେ। ଏ ନେଇ ଗୁରୁବାର ସନ୍ଧ୍ୟାରେ ସମ୍ପର୍କୀୟମାନେ ମୃତଦେହ ଆଣି ଘରୋଇ ହସ୍ପିଟାଲ ସମ୍ମୁଖରେ ରାସ୍ତାରୋକୋ କରିଥିଲେ। ଲୋକମାନେ ବିରୋଧ କରିବାରୁ ମୃତଦେହକୁ ହସ୍ପିଟାଲ ସମ୍ମୁଖରେ ରଖି ପ୍ରତିବାଦ କରାଯାଇଥିଲା। ଖବରପାଇ ସ୍ଥାନୀୟ ତହସିଲଦାର ବିଦ୍ୟାଧର ପତି ଓ ନିଆଳି ପୋଲିସ ପହଞ୍ଚି ହସ୍ପିଟାଲ କର୍ତ୍ତୃପକ୍ଷ ଏବଂ ମୃତକଙ୍କ ପରିବାର ଲୋକଙ୍କ ସହିତ ଆଲୋଚନା କରିବା ପରେ ସମାଧାନର ବାଟ ବାହାରିଥିଲା। ସୁଜାତାଙ୍କ ଦେଢବର୍ଷର ପୁଅ ନାଁରେ ୧ ଲକ୍ଷ ଟଙ୍କାର ଫିକ୍ସ ଡିପୋଜିଟ୍ ରଖିବା ପାଇଁ ହସ୍ପିଟାଲ ପକ୍ଷରୁ ଏକ ଚୁକ୍ତିପତ୍ରରେ ଲେଖାଯାଇଥିଲା। ପରେ ସମ୍ପର୍କୀୟମାନେ ମୃତଦେହ ନିଜ ଗ୍ରାମକୁ ନେଇଥିଲେ। ଯଦି ପରବର୍ତ୍ତୀ ସମୟରେ ଉକ୍ତ ହସ୍ପିଟାଲରେ ଚିକିତ୍ସା ଅବହେଳାର ପ୍ରମାଣ ମିଳେ ତା'ହେଲେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର କହିଥିଲେ।

# ଅନିୟମିତତା ଅଭିଯୋଗ ଆଣିଲା ବସ୍ତି ଉନ୍ନୟନ ପରିଷଦ

## ତୁଟୁନି ଜାଗା ମିଶନରେ ପଟ୍ଟା ଆବଣ୍ଟନ ବିବାଦ

ଭୁବନେଶ୍ୱର, ୩୧।୮ (ବନ୍ଦନା ସେଠୀ)



ଖବରଦାତା ସମ୍ମିଳନୀରେ ଭୁବନେଶ୍ୱର ବସ୍ତି ଉନ୍ନୟନ ପରିଷଦର କର୍ମକର୍ତ୍ତା।

ଜାଗା ମିଶନରେ ଭୁବନେଶ୍ୱର ସମେତ ରାଜ୍ୟର ୫ ମହାନଗର ନିଗମରେ ରହୁଥିବା ୬୫ହଜାର ଗରିବ ପରିବାରକୁ ଭୂମି ଅଧିକାର ପ୍ରମାଣପତ୍ର (ଏଲ୍ଆର୍ସି) ମିଳିଛି। ତେବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହି ଡ୍ରିମ ପ୍ରୋଜେକ୍ଟକୁ ନେଇ ବିବାଦ ଥମିବାର ନାଁ ଧରୁନି। ଜାଗା ମିଶନରେ ପଟ୍ଟା ଦେବା ନାଁରେ ସରକାରୀ ଅଧିକାରୀ ଓ ବସ୍ତି ଉନ୍ନୟନ କର୍ତ୍ତୃପକ୍ଷ (ଏସଡିଏ) ମିଳିତ ଭାବେ ଜାଲିଆତି କରିଥିବା ଭୁବନେଶ୍ୱର ବସ୍ତି ଉନ୍ନୟନ ପରିଷଦ ଅଭିଯୋଗ କରିଛି। ଗୁରୁବାର ଗୋଦାବରୀଶ ସାହିତ୍ୟ ସଂସଦଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପରିଷଦ ଏହି ଅଭିଯୋଗ ଆଣିବା ସହ ବସ୍ତିବାସିନ୍ଦାଙ୍କ ଚିହ୍ନଟ ପ୍ରକ୍ରିୟା ଓ ପଟ୍ଟା ଆବଣ୍ଟନ ତରବରିଆ ଭାବେ କରାଯାଇଥିବାବେଳେ ସର୍ଭେରେ ସ୍ୱଚ୍ଛତା ନ ଥିବା କହିଛି।

ଅଭିଯୋଗ ମୁତାବକ, ବିଭିନ୍ନ ବସ୍ତିରେ ବସ୍ତିବାସିନ୍ଦାଙ୍କୁ ଉପଯୁକ୍ତ ଭାବେ ଚିହ୍ନଟ କରାଯାଇନାହିଁ। ଯେଉଁମାନେ ୨୦ରୁ ୩୦ ବର୍ଷ ଧରି ବସ୍ତିରେ ରହି ଆସୁଛନ୍ତି, ସେମାନଙ୍କ ନାଁ ତାଲିକାରୁ କଟାଯାଇ ଭଡ଼ାଟିଆଙ୍କୁ ପଟ୍ଟା ଦିଆଯାଇଛି। ତ୍ରିନାଥ ବସ୍ତି, ତେଲୁଗୁ ବସ୍ତି, ତପୋବନ ସ୍କୁଲ ବସ୍ତି, ତପୋବନ ବରବାରି ସାହିର ଅନେକ ବସ୍ତିବାସିନ୍ଦାଙ୍କ ତାଲିକାରେ ନାଁ ନାହିଁ। ସେହିପରି ବହୁ ବସ୍ତିରେ ଏସ୍ଡିଏ ଗଠନ ଅଗଣତାନ୍ତ୍ରିକ ଭାବେ ଗଠିତ ହୋଇଛି। ଏସ୍ଡିଏ କର୍ତ୍ତୃପକ୍ଷ ସ୍ଥାନୀୟ କର୍ପୋରେଟରଙ୍କ ଇଙ୍ଗିତରେ କାର୍ଯ୍ୟ କରୁଥିବାବେଳେ ନିଜ ସମ୍ପର୍କୀୟଙ୍କୁ ପ୍ରଥମ ପର୍ଯ୍ୟାୟରେ ତାଲିକାଭୁକ୍ତ କରାଯାଇଛି। ଶାନ୍ତିପଲ୍ଲୀ ବସ୍ତିରେ ୭୦୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କୁରଥିବାବେଳେ ଗୋଟିଏ ହେଲେ ବି ନାଁ ତାଲିକାକୁ ଆସିନାହିଁ। ଅପରପକ୍ଷେ ଉକ୍ତ ଜମିକୁ ଏକ ବେସରକାରୀ ସଂସ୍ଥାକୁ ଟେକି ଦେବାକୁ ଉଦ୍ୟମ କରାଯାଉଛି। ଫଳରେ ଏବେ ଶାନ୍ତିପଲ୍ଲୀ ବାସିନ୍ଦାଙ୍କୁ ଏଲଆରସି ମିଳିବ କି ନାହିଁ ସେନେଇ ସନ୍ଦେହ ପ୍ରକାଶ ପାଇଥିବା ପରିଷଦ ଅଭିଯୋଗ କରିଛି। ଏହାବାଦ୍ ବସ୍ତିରେ ଥିବା ଜମିର ମାପଚୁପ ନ କରି ଅଧିକ ଅର୍ଥ ଦାବି କରାଯାଉଛି। ତେଣୁ ବସ୍ତିଗୁଡ଼ିକର ପୁନଃ ସର୍ଭେ କରିବା ସହ ସମସ୍ତ ବଞ୍ଚିତ ବସ୍ତିବାସିନ୍ଦାଙ୍କୁ ଜମି ପଟ୍ଟା ଦେବା, ନକଲି ବସ୍ତିବାସିନ୍ଦାଙ୍କଠାରୁ ଜମି ଅଧିକାର ପ୍ରମାଣପତ୍ର ପ୍ରତ୍ୟାହାର କରିବା, ଜମି ମାପଚୁପ କରି ଆଇନଗତ ପ୍ରକ୍ରିୟାରେ ଜମି ହସ୍ତାନ୍ତର ଓ ଆବଣ୍ଟନ ପ୍ରକ୍ରିୟାକୁ ସ୍ୱଚ୍ଛ କରିବାକୁ ପରିଷଦ ଦାବି କରିଛି। ସମ୍ମିଳନୀରେ ପରିଷଦ ଉପଦେଷ୍ଟା ପ୍ରଦୀପ ପ୍ରଧାନ, ସହଭାଗୀ ବିକାଶ ମଞ୍ଚର ଆବାହକ ସତୀକାନ୍ତ ପ୍ରଧାନ, ବସ୍ତିବାସିନ୍ଦା ସଂଘର ସଭାନେତ୍ରୀ ରଞ୍ଜୁଲତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଦୁଇଜଣଙ୍କ ନାଁରେ ଗୋଟିଏ ପ୍ଲଟ

ଜମି ପଟ୍ଟା ଆବଣ୍ଟନରେ ଅନେକ କେଁ ବାହାରୁଥିବାବେଳେ ପଟ୍ଟା ପ୍ରିଣ୍ଟିଂରେ ମଧ୍ୟ ବ୍ୟାପକ ଭୁଲ ଥିବା ଅଭିଯୋଗ ହୋଇଛି। ଟୁଇଟରରେ ଏନେଇ କିଛି ବସ୍ତିବାସିନ୍ଦା ନିଜ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସମାନ ପ୍ଲଟ୍‌ରେ ୨ଜଣଙ୍କ ନାଁ ରହିଛି। ଶ୍ରୀରାମ ନଗର ବସ୍ତିରୁ ଏହି ଅଭିଯୋଗ ହୋଇଥିବାବେଳେ ତରବରିଆ ଭାବେ ପଟ୍ଟା ପ୍ରିଣ୍ଟ କରାଯାଇଥିବାରୁ ଏହି ସମସ୍ୟା ଉପୁଜିଥିବା କୁହାଯାଉଛି। ଜମି ପଟ୍ଟା ଖଣ୍ଡିଏ ପାଇବାକୁ ଲୋକମାନେ ବର୍ଷବର୍ଷ ଧରି ଅପେକ୍ଷା କରିଥିବାବେଳେ ବିଏମ୍‌ସିର ଏଭଳି ଖାମଖିଆଲ କାମକୁ ଅନେକ ଲୋକ ନାପସନ୍ଦ କରିଛନ୍ତି।

### ଟ୍ରକରୁ ଟାୟାର ଚୋରି, ୪ ଗିରଫ

ଭୁବନେଶ୍ୱର,୩୧।୮ (ସୂର୍ଯ୍ୟକାନ୍ତ ବେହେରା)

ଟ୍ରକରୁ ଟାୟାର ଚୋରି କରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ୪ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗଞ୍ଜାମର କବିରାଜ ଗୌଡ,ସୁମିତ ସ୍ୱାଇଁ,ବାଦଲ କୁମାର ସାହୁ ଓ ବିକାଶ ଗୌଡ। ସେମାନଙ୍କଠାରୁ ୧୫ଟି ଟାୟାର ଓ ଗୋଟିଏ ଟ୍ରକ ଟ୍ୟୁବ ଜବତ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।ସୂଚନାନୁସାରେ, ଜଣେ ଟାୟାର ବ୍ୟବସାୟୀ ଅଗଷ୍ଟ ୨୪ ସନ୍ଧ୍ୟାରେ କେସୁରାସ୍ଥିତ ଟାୟାର ଷ୍ଟୋରରୁ ଏକ ଟ୍ରକରେ କିଛି ଟାୟାର ମଞ୍ଚେଶ୍ୱରସ୍ଥିତ କାର୍ଯ୍ୟାଳୟକୁ ଆଣିଥିଲେ। ଟ୍ରକଟି ପାର୍କିଂ ହୋଇଥିବା ସମୟରେ ଅଭିଯୁକ୍ତମାନେ ଉକ୍ତ ଟ୍ରକରୁ ୧୫ଟି ଟାୟାର ଓ ଏକ ଟ୍ରକ-ଟ୍ୟୁବକୁ ଚୋରି କରି ଏକ ପିକଅାପ ଭ୍ୟାନ୍‌ରେ ନେଇଯାଇଥିଲେ। ମୁଖ୍ୟ ଅଭିଯୁକ୍ତ ସୁମିତ ସ୍ୱାଇଁ ପୂର୍ବରୁ ଅଭିଯୋଗକାରୀଙ୍କ କାର୍ଯ୍ୟାଳୟରେ ପିକଅପ୍ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ।


ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳନ ଅବସରରେ ନାଲ୍‌କୋଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

# ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ପର୍କରେ ଜାଣିଲେ ନବାଗତ ଛାତ୍ରୀଛାତ୍ର

ଭୁବନେଶ୍ୱର,୩୧।୮ (ଅନୁରାଧା ମହାରଣା)

ଉତ୍କଳ ବିଶ୍ୱବିଦ୍ୟାଳୟରେ ୨୦୨୩-୨୫ ଶିକ୍ଷାବର୍ଷ ପାଇଁ ନାମ ଲେଖାଇଥିବା ନବାଗତ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମାରୋହ ସ୍ଥାନୀୟ ଦୀକ୍ଷାନ୍ତ ଭବନରେ ଅନୁଷ୍ଠିତ ହୋଇଯାଇଛି। ସ୍ନାତକୋତ୍ତର ପରିଷଦ ଓ ଆଇକ୍ୟୁଏସି ଦ୍ୱାରା ଆୟୋଜିତ ଏହି ସ୍ୱାଗତ ସମାରୋହରେ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ଡ.ସୁଧାଂଶୁ ଷଡ଼ଙ୍ଗୀ ଯୋଗ ଦେଇ କହିଲେ, ଛାତ୍ରୀଛାତ୍ର ସମାଜ ପ୍ରତି ସେମାନଙ୍କ ଅବଦାନ ଓ କାର୍ଯ୍ୟର ମର୍ଯ୍ୟାଦାକୁ ଦୃଷ୍ଟିରେ ରଖି ଅଧ୍ୟୟନ କରିବା ଜରୁରୀ। ନିଜକୁ ପୁରସ୍କାର ଦେବାକୁ ହେଲେ ସେଥିପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି ଆବଶ୍ୟକ। ଶିକ୍ଷା କ୍ଷେତ୍ରରେ ଛାତ୍ରୀଙ୍କୁ ଅଧିକ ସଫଳତା ମିଳୁଥିବାବେଳେ କାର୍ଯ୍ୟକ୍ଷେତ୍ରରେ ଛାତ୍ରମାନେ ଭଲ ପ୍ରଦର୍ଶନ କରୁଛନ୍ତି। ନିଜେ ସୁସ୍ଥ ରହିବା ସହିତ ନିୟମିତ ଅଭ୍ୟାସ ଜାରି ରଖିଲେ ନିଶ୍ଚିତ ସଫଳତା ପାଇପାରିବେ ବୋଲି ଡ. ଷଡ଼ଙ୍ଗୀ ପ୍ରକାଶ କରିଥିଲେ। କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ କହିଲେ, ଛାତ୍ରୀଛାତ୍ର ପାଠ୍ୟପୁସ୍ତକ ସହ ଜର୍ନାଲ, ଆର୍ଟିକିଲ୍, ଖବରକାଗଜ ଓ ମାଗାଜିନ ମଧ୍ୟ ପଢ଼ିବା ଆବଶ୍ୟକ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ନବନୀତା ରଥ ଏକ ବୃତ୍ତଚିତ୍ର ପ୍ରଦର୍ଶନ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ୱାର୍ଡେନ ପ୍ରଫେସର ପ୍ରବୋଧ କୁମାର ହୋତା, ଗବେଷଣା ଓ ବିକାଶ ନିର୍ଦ୍ଦେଶକ ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ, ଛାତ୍ରମଙ୍ଗଳ ନିର୍ଦ୍ଦେଶକ ପ୍ରଫେସର ମିତାଲି ଚିନାରା, ଲାଇବ୍ରେରୀ ଇନ୍‌ଚାର୍ଜ ପ୍ରଫେସର ଭାଶ୍ୱତୀ ପଟ୍ଟନାୟକ, ଇଣ୍ଟରନ୍ୟାଶନାଲ ସେଲ ସଂଯୋଜକ ପ୍ରଫେସର ଅସୀମ ପାଢ଼ୀ, କ୍ରୀଡ଼ା ପରିଷଦ ନିର୍ଦ୍ଦେଶକ ବିଜୟ ସୁନ୍ଦରାୟ, ୟୁଇସିଏଚ୍ ନିର୍ଦ୍ଦେଶକ ପ୍ରଫେସର ଏ.ଖାନ, ପରୀକ୍ଷା ନିୟନ୍ତ୍ରକ ଶରତ ମାଝୀ, ଆଇସିସି ଆବାହକ ପ୍ରଫେସର ଜୟନ୍ତୀ ଦୋରା, ଏନ୍‌ଏସ୍‌ଏସ୍ ସଂଯୋଜକ ବ୍ରଜନାରାୟଣ ପାତ୍ର ଓ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡା.ଜୟଶ୍ରୀ ପଣ୍ଡା ପ୍ରମୁଖ ବିଶ୍ୱବିଦ୍ୟାଳୟରେ ଉପଲବ୍ଧ ଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ନବାଗତ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ସହକାରୀ ପ୍ରଫେସର.ସ୍ୱପ୍ନା ପ୍ରଭୁ ଓ କୀର୍ତ୍ତିରଞ୍ଜନ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସ୍ୱଭାବ କବିଙ୍କ ସାହିତ୍ୟରେ ନାରୀ ଜାତିକୁ ସମ୍ମାନ

## ଗଙ୍ଗାଧର ମେହେରଙ୍କ ୧୬୨ତମ ଜୟନ୍ତୀ

ଭୁବନେଶ୍ୱର,୩୧।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ସ୍ୱଭାବ କବି ଗଙ୍ଗାଧର ମେହେର ସ୍ମୃତି ସମିତି ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୨ତମ ଜୟନ୍ତୀ ଗୁରୁବାର ନାଲ୍‌କୋଛକ ସ୍ଥିତ ପ୍ରତିମୂର୍ତ୍ତି ସ୍ଥଳରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରଫୁଲ୍ଲ ସାମଲ, ବରିଷ୍ଠ ପ୍ରଶାସକ ସଞ୍ଜୀବ ଚନ୍ଦ୍ର ହୋତା, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଡ. ନରେନ୍ଦ୍ର କୁମାର ମିଶ୍ର, କବିଙ୍କ ନାତି ମିହିର କୁମାର ମେହେର, ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ଅଧ୍ୟକ୍ଷ ଦିଲୀପ ଦାଶଶର୍ମା ପ୍ରମୁଖ ଉପସ୍ଥିତ ରହି କବିଙ୍କ ସମ୍ପର୍କରେ କହିଥିଲେ। ମେହେରଙ୍କ ସାହିତ୍ୟରେ ନାରୀ ଜାତିକୁ ସମ୍ମାନବୋଧ, ଜଣେ ଆଦର୍ଶ ଗୃହିଣୀର କର୍ତ୍ତବ୍ୟ ପ୍ରତି ସଚେତନଧର୍ମୀ ବାର୍ତ୍ତା, ସୁସ୍ଥ ସମାଜ ଗଠନ ସହିତ ମାତୃଭୂମି ଓ ମାତୃଭାଷା ପ୍ରତି ମମତାର ଶାଣିତ ସ୍ୱର ପ୍ରତିଫଳିତ ହୋଇଥାଏ। ମାତୃଭାଷା ଓଡ଼ିଆର ସୁରକ୍ଷା ପାଇଁ ଉତ୍କଳ ସମ୍ମିଳନୀ ଓ ମଧୁବାବୁ ଯେଉଁ ଉଦ୍ୟମ କରିଥିଲେ ନିଜ ଲେଖା ମାଧ୍ୟମରେ ଗଙ୍ଗାଧର ମେହେର ମଧ୍ୟ ସହଯୋଗର ହାତ ବଢାଇଥିଲେ। ଗଙ୍ଗାଧରଙ୍କ ସାହିତ୍ୟକୃତି ଯଦି ସେତେବେଳେ ଅନୁବାଦ ହୋଇଥାଆନ୍ତା, ତେବେ ଏହା ନୋବେଲ ପୁରସ୍କାର ଭଳି ଆନ୍ତର୍ଜାତୀୟ ସମ୍ମାନ ପାଇପାରିଥାଆନ୍ତା। ପ୍ରତ୍ୟେକ ଓଡ଼ିଆ ଏବଂ ଓଡ଼ିଶାବାସୀ ଓଡ଼ିଆ କହିବା, ପଢିବା ଓ ଲେଖିବାରେ ମନୋନିବେଶ କଲେ ତାହା ହେବ ସ୍ୱଭାବକବିଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ଉପସ୍ଥିତ ବ୍ୟକ୍ତିବିଶେଷ ମତ ଦେଇଥିଲେ। ଏହି ଅବସରରେ ବେଣୀରାମପୁର ଅପେରା ପରିବାରର ଦାୟାଦ ତଥା ଛନ୍ଦ କବି ଡ. ଅଲେଖ ନନ୍ଦୀ ଓ ସାମ୍ବାଦିକ ଡ. ସୁଶୀଲ୍ କୁମାର ବାଗ୍‌ଙ୍କୁ 'ସ୍ୱଭାବକବି ଗଙ୍ଗାଧର ମେହେର ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସେହିପରି ପ୍ରଶାସକ ସଞ୍ଜୀବ ଚନ୍ଦ୍ର ହୋତା, କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଡ. ନରେନ୍ଦ୍ର କୁମାର ମିଶ୍ର, ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଲକ୍ଷ୍ମୀଧର ବେହେରା ସଂଯୋଜନା କରିଥିଲେ।

### ଜିପିଏସ୍ ଡିଭାଇସ ଡେଲିଭରି ନାଁରେ ୨୨.୨୩ ଲକ୍ଷ ଠକେଇ,ଜଣେ ଗିରଫ

ଭୁବନେଶ୍ୱର,୩୧।୮ (ସୂର୍ଯ୍ୟକାନ୍ତ ବେହେରା)

ଜିପିଏସ୍ ଡିଭାଇସ୍ ଡେଲିଭରି କରାଇଦେବା ନାଁରେ ୨୨ ଲକ୍ଷରୁ ଅଧିକ ଟଙ୍କା ଠକିବା ଅଭିଯୋଗରେ ବଡଗଡ ଥାନା ପୋଲିସ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ କେନ୍ଦ୍ରାପଡ଼ାର ପଙ୍କଜ କୁମାର ପଟ୍ଟନାୟକ। ସୂଚନାନୁସାରେ ଅଭିଯୋଗକାରୀ ଜିତେନ୍ଦ୍ର କୁମାର ବେହେରା ଏବଂ ଅଶୋକ କୁମାର ନନ୍ଦ ସତ୍ୟବିହାରଠାରେ ଥିବା ଏକ ପ୍ରାଇଭେଟ ଲିମିଟେଡ କମ୍ପାନୀର ଡାଇରେକ୍ଟର। ବିଭିନ୍ନ ପରିବହନଯୋଗ୍ୟ ଯାନ ଲାଗି ଉଦ୍ଦିଷ୍ଟ ଜିପିଏସ୍ ଡିଭାଇସ୍‌କୁ ଅଭିଯୁକ୍ତ ଯୋଗାଣ କରିବା ପାଇଁ ଅଭିଯୋଗକାରୀଙ୍କ ଠାରୁ ୨୨,୨୩,୩୩୦ଟଙ୍କା ଅଗ୍ରୀମ ନେଇଥିଲେ। ହେଲେ ପରବର୍ତ୍ତୀ ସମୟରେ କୌଣସି ଜିପିଏସ୍ ଡିଭାଇସ୍ ନ ଦେବାରୁ ଅଭିଯୋଗକାରୀ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ଅଶୋକ ମହାନ୍ତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା


ଅଶୋକ କୁମାର ମହାନ୍ତି ଓ ମହେନ୍ଦ୍ର କୁମାର ଲେଙ୍କାଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଭୁବନେଶ୍ୱର,୩୧।୮ (ଅନୁରାଧା ମହାରଣା)

ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ସାଂସ୍କୃତିକ ଓ କ୍ରୀଡା ସଂସଦ ପକ୍ଷରୁ ଗୁରୁବାର ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅବସର ନେଇଥିବା ବିଭାଗର ଉପଶାସନ ସଚିବ ତଥା ସଂସଦର କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ମହାନ୍ତି ଓ ବିଭାଗର ଆସିଷ୍ଟାଣ୍ଟ କେୟାରଟେକର ମହେନ୍ଦ୍ର କୁମାର ଲେଙ୍କାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଭାଗର ଅତିରିକ୍ତ ଶାସନ ସଚିବ ଗଣେଶ ଚନ୍ଦ୍ର ପାତ୍ର, ସୁଶାନ୍ତ କୁମାର ମହାନ୍ତି, ସ୍ୱତନ୍ତ୍ର ଶାସନ ସଚିବ କଲ୍ୟାଣ କୁମାର ରଥ, ଅତିରିକ୍ତ ଶାସନ ସଚିବ ଶିବ ନାରାୟଣ ସାହୁ, ମାନସ ରଞ୍ଜନ ସାମଲ, ଦେବଦତ୍ତ ମଲ୍ଲିକ ଓ ଅର୍ଥ ପରାମର୍ଶଦାତା ସାଗରିକା ହୋତା ଉଭୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଂସଦର ସାଧାରଣ ସମ୍ପାଦକ ଅମିୟ କୁମାର ଦାସ ଏକ ପୁସ୍ତକ ଉନ୍ମୋଚନ କରିଥିଲେ। ପରେ ବିଭାଗର ଉପଶାସନ ସଚିବ ଚିତ୍ତରଞ୍ଜନ ପଣ୍ଡାଙ୍କୁ ସଂସଦର କାର୍ଯ୍ୟକାରୀ ସଭାପତି ଭାବେ ଓ ଅନୁଶାସନ ସଚିବ ସୁଧୀର କୁମାର ବିଶ୍ୱାଳଙ୍କୁ ଉପସଭାପତି ଭାବେ ମନୋନୀତ କରାଯାଇଥିଲା।

# ଟ୍ରେଲର ଚାଳକଙ୍କୁ ଅପହରଣ, ପୋଲିସକୁ ଆକ୍ରମଣ

## ଜେଲ ଗଲେ ଭଉଣୀଭାଇ

### ଥାନା ଭିତରେ ପୋଲିସକୁ ଦୁର୍ବ୍ୟବହାର କରି ମା' ଗିରଫ

ଭୁବନେଶ୍ୱର,୩୧।୮ (ସୂର୍ଯ୍ୟକାନ୍ତ ବେହେରା)

ଟ୍ରେଲର ପଛପଟେ କାର୍ ଧକ୍କା କଲେ। ପରେ ଉକ୍ତ ଟ୍ରେଲର ଡ୍ରାଇଭରଙ୍କଠାରୁ ଟଙ୍କା ଆଦାୟ କରିବା ପାଇଁ ଏକ ମୃଦୁପାନୀୟ କମ୍ପାନୀର ରୁମ୍‌ରେ ବନ୍ଦକରି ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ଦୁଇ ଅପହରଣକାରୀ ଭଉଣୀଭାଇଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଏହାସହ ଟ୍ରେଲର ଚାଳକଙ୍କୁ ପୋଲିସ ଉଦ୍ଧାର କରିଛି। ଅଭିଯୁକ୍ତଦ୍ୱୟ ହେଲେ ସିଦ୍ଧାର୍ଥ ଶୁଭ୍ରାଂଶୁ ପଟ୍ଟନାୟକ ଓ ସୁଭସ୍ମିତା ପଟ୍ଟନାୟକ। ଅପରାଧ ସମୟରେ ବ୍ୟବହାର କରିଥିବା ଏକ କାର୍, ଏକ ମୋବାଇଲ ଫୋନ ଏବଂ ଅନ୍ୟାନ୍ୟ ଜିନିଷକୁ ଜବତ କରାଯାଇଛି। ଅନ୍ୟପକ୍ଷରେ ଥାନାରେ ଅଭିଯୁକ୍ତ ସିଦ୍ଧାର୍ଥଙ୍କୁ ପଚରାଉଚରା କରୁଥିବାବେଳେ ସେ ପୋଲିସକୁ ଚାପୁଡ଼ା ମାରିଥିବା ଅଭିଯୋଗ ହୋଇଛି। ଏପରି କି ଥାନା ପରିସରରେ ଅଭିଯୁକ୍ତଦ୍ୱୟଙ୍କ ମା' ମଧ୍ୟ ପୋଲିସଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ କୋର୍ଟଚାଲାଣ ହୋଇଛନ୍ତି। ଜାମିନ ନାମଞ୍ଜୁର ହେବାରୁ ସମସ୍ତ ୩ଜଣଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ମଞ୍ଚେଶ୍ୱର ଥାନାରେ ୩ଟି ମାମଲା ରୁଜୁ ହୋଇଛି।

ସୂଚନାନୁସାରେ ଅଭିଯୋଗକାରୀ ଅଶୋକ ଯାଦବ ଜଣେ ଟ୍ରେଲର ଚାଳକ। ସେ ଗୁରୁବାର ଏନ୍‌ଏଲ୍୦୧-ଏବି-୩୧୪୫ ନମ୍ବର ବିଶିଷ୍ଟ ଏକ ଟ୍ରେଲରରେ ଲୁହାଛଡ଼ ନେଇ ଜାମ୍‌ସେଦପୁରରୁ ଭୁବନେଶ୍ୱର ମଞ୍ଚେଶ୍ୱର ଅଞ୍ଚଳକୁ ଆସିଥିଲେ। ଲୁହାଛଡ଼ ଅନ୍‌ଲୋଡ କରି ଫେରିବା ସମୟରେ ପଳାଶୁଣି ବ୍ରିଜ୍ ନିକଟରେ ଏକ କାର୍ ଟ୍ରେଲରର ପଛପାର୍ଶ୍ୱରେ ପିଟି ହୋଇଥିଲା। ତେବେ ଉକ୍ତ କାରରେ ଥିବା ଦୁଇ ଅଭିଯୁକ୍ତ ଏବଂ ଜଣେ ସହଯୋଗୀ ଟ୍ରେଲର ଚାଳକଙ୍କୁ ରାସ୍ତାରେ ଅଟକାଇବା ସହିତ ତାଙ୍କ ଗାଡ଼ିର ଚାବି, କାଗଜପତ୍ର ଏବଂ ମୋବାଇଲ ଛଡ଼ାଇ ନେଇଯାଇଥିଲେ। ଏପରି କି ସେମାନଙ୍କ ମଧ୍ୟରୁ ଜଣେ ଉକ୍ତ ଟ୍ରେଲରକୁ ଚଳାଇ ମଞ୍ଚେଶର ଅଭିମୁଖେ ନେଇଯାଇଥିବାବେଳେ ଅଭିଯୁକ୍ତ ଭଉଣୀଭାଇ ଚାଳକଙ୍କୁ କାରରେ ବଳପୂର୍ବକ ବସାଇ ମଞ୍ଚେଶରକୁ ଆଣି ଏକ ମୃଦୁପାନୀୟ କମ୍ପାନୀର ରୁମ୍‌ରେ ବନ୍ଦକରି ରଖିଥିଲେ। ସେଠାରେ ଉଭୟ ଅଭିଯୁକ୍ତ ତାଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହିତ ୫ଲକ୍ଷ ଟଙ୍କା ଦେବା ନିମନ୍ତେ ଚାପ ପକାଇଥିଲେ। ଟଙ୍କା ନ ଦେଲେ ସେମାନେ ଉକ୍ତ ଟ୍ରେଲରକୁ ଜାଳିଦେବେ ବୋଲି ଧମକ୍ ମଧ୍ୟ ଦେଇଥିଲେ। ଖବର ପାଇ ପୋଲିସ ଉକ୍ତ ମୃଦୁପାନୀୟ କମ୍ପାନୀରେ ଚଢ଼ାଉ କରି ଟ୍ରେଲର ଚାଳକଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଭଉଣୀଭାଇଙ୍କୁ ଗିରଫ କରିଥିଲା।

# ରସାବଳିକୁ ଜିଆଇ ଟ୍ୟାଗ୍ ମିଳୁ

## ରାଜ୍ୟସ୍ତରୀୟ ରସାବଳି ଦିବସ

ଭୁବନେଶ୍ୱର,୩୧।୮ (ଶର୍ମିଷ୍ଠା ପାଣିଗ୍ରାହୀ)


ରାଜ୍ୟସ୍ତରୀୟ ରସାବଳି ଦିବସ କାର୍ଯ୍ୟକ୍ରମରେ ଅତିଥିମାନେ ରସାବଳୀ ପ୍ରଦର୍ଶନ ପୂର୍ବକ ଜିଆଇ ଟ୍ୟାଗ ମାନ୍ୟତା ଦାବି କରୁଛନ୍ତି।

ଓଡ଼ିଶା ସଂସ୍କୃତି ଓ ପରମ୍ପରା ପୁନରୁଦ୍ଧାର ସମିତି ପକ୍ଷରୁ ରାଜ୍ୟସ୍ତରୀୟ ରସାବଳି ଦିବସ ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ସମିତି ଆବାହକ ଜ୍ୟୋତ୍ସ୍ନାମୟୀ ପରିଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୋ'ମାତା ପୂଜନ କରାଯାଇଥିଲା। ପରେ କେନ୍ଦ୍ରାପଡ଼ାରୁ ଆସିଥିବା ପାଲା, କେନ୍ଦେରା, ସଂକୀର୍ତ୍ତନ, କଣ୍ଢେଇନାଚର କଳାକାରମାନେ ନିଜର କଳା ପ୍ରଦର୍ଶନ କରିଥିଲେ। ସନ୍ଧ୍ୟାରେ କେନ୍ଦ୍ରାପଡା ତୁଳସୀ କ୍ଷେତ୍ରର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ଜନ୍ମଦିନ ଅବସରରେ ପାରମ୍ପରିକ ରକ୍ଷାବନ୍ଧନ ଉତ୍ସବ ଆୟୋଜିତ ହୋଇଥିଲା। ଏହାପରେ କେନ୍ଦ୍ରାପଡ଼ା ପ୍ରସିଦ୍ଧ ରସାବଳି ଷ୍ଟଲକୁ ଉଦ୍‌ଘାଟନ କରାଯାଇଥିଲା। ବଳଦେବଜୀଉଙ୍କ ପ୍ରିୟ ଭୋଗ ରସାବଳିର ପ୍ରଚାରପ୍ରସାର ପାଇଁ ମହାପ୍ରଭୁ ବଳଦେବଙ୍କ ଜନ୍ମଦିନ ରକ୍ଷାବନ୍ଧନ ଉତ୍ସବକୁ ରସାବଳି ଦିବସ ଭାବେ ପ୍ରତିବର୍ଷ ପାଳନ କରିବା ଓ ରସାବଳିକୁ ସରକାର ଜିଆଇ ଟ୍ୟାଗ ମାନ୍ୟତା ପ୍ରଦାନ କରନ୍ତୁ ବୋଲି ସମିତି ପକ୍ଷରୁ ନିବେଦନ କରାଯାଇଛି। ଉତ୍ସବରେ ଅତିଥି ଭାବେ ବିଧାୟକ ଶଶିଭୂଷଣ ବେହେରା, ମେୟର ସୁଲୋଚନା ଦାସ, ସଂସ୍କୃତି ନିର୍ଦ୍ଦେଶକ ଦିଲୀପ ରାଉତରାଏ, ଓଟିଡିସି ଅଧ୍ୟକ୍ଷ ଲେଲିନ ମହାନ୍ତି, ନନ୍ଦୀଘୋଷ ଟିଭି ମୁଖ୍ୟ ଶିଶିର ଭଞ୍ଜମିଶ୍ର, ଏମ୍‌ପି ଅମର ପଟ୍ଟନାୟକ, ଯୁବନେତା ସଞ୍ଜୟ ଅଗ୍ରୱାଲ, ଏମ୍‌ଏସ୍‌ଏମ୍‌ଇ ବିଭୂତିଭୂଷଣ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ରସାବଳିକୁ ନେଇ ଜୟଶ୍ରୀ ଧଳଙ୍କ ଏକ ମ୍ୟୁଜିକ ଭିଡିଓ ଏବଂ ଏକ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଆବାହକ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ସିସିଟିଭି ଫୁଟେଜ୍‌ରେ ଅଜଣା ଜନ୍ତୁ, ଲୋକେ ଭୟଭୀତ



ଫୁଲନଖରା,୩୧।୮(ସତ୍ୟ ରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ ଅରଡ଼ ଗ୍ରାମରେ ଅଜଣା ଜନ୍ତୁ ଦେଖିବାକୁ ମିଳିଛି। ଏହାକୁ ନେଇ ଲୋକମାନେ ଭୟଭୀତ ହୋଇପଡିଛନ୍ତି। ଏହି ଜନ୍ତୁକୁ ଆଗରୁ କେହି ଦେଖି ନ ଥିବା ଗ୍ରାମବାସୀ କହିଛନ୍ତି। ସନ୍ଧ୍ୟା ହେଲେ ଗ୍ରାମରେ ତାଟିକବାଟ ପଡିଯାଉଛି। ଦିନରେ ଲୋକମାନେ ଚାଷ କାମ ପାଇଁ ବିଲକୁ ଯିବା ନିମନ୍ତେ ଡରୁଥିବାବେଳେ ପିଲାମାନେ ଘରୁ ପଦାକୁ ବାହାରୁ ନାହାନ୍ତି। ଗ୍ରାମବାସୀ ଏ ନେଇ ଜଙ୍ଗଲ ବିଭାଗକୁ ଅବଗତ କରିଥିଲେ। ଜଙ୍ଗଲ ବିଭାଗର ଅଧିକାରୀ ଉକ୍ତ ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ଗ୍ରାମର ଏକ ମାଛ ପୋଖରୀ ପାଖରେ ଲାଗିଥିବା ସିସିଟିଭି ଫୁଟେଜ୍‌ରେ ଉକ୍ତ ଜନ୍ତୁର ଫଟୋ କଏଦ ହୋଇଛି। ଏହି ଜନ୍ତୁକୁ ଧରିବା ପାଇଁ ଜଙ୍ଗଲ ବିଭାଗ ପକ୍ଷରୁ ପ୍ରୟାସ ଜାରି ରହିଛି।

### ଅତ୍ୟାଧୁନିକ ଶବଦାହ ଗୃହ ଉଦ୍‌ଘାଟିତ

ମଙ୍ଗୁଳି-ଜଗତପୁର,୩୧।୮(ମାନସ ସାମଲ)

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ୪୮ନଂ. ୱାର୍ଡ ଅଧୀନ ବଟଛକ ନିକଟରେ ଏକ ଅତ୍ୟାଧୁନିକ ଶବଦାହ ଗୃହ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହାକୁ ଉଦ୍‌ଘାଟନ କରିଥିଲେ। ସିଏମ୍‌ସି ମେୟର ସୁବାସ ସିଂଙ୍କ ନେତୃତ୍ୱରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ମନ୍ତ୍ରୀଙ୍କ ପ୍ରତିନିଧି ସେକ୍ ସାହାଜାନଙ୍କ ସମେତ ସ୍ଥାନୀୟ କର୍ପୋରେଟର ଓ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

### ୨୧୧ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ

ଚୌଦ୍ୱାର,୩୧।୮(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକାରେ ସ୍ୱାୟତ୍ତ ଶାସନ ଦିବସ ଗୁରୁବାର ପାଳିତ ହୋଇଯାଇଛି। ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ନେତୃତ୍ୱରେ ନିର୍ବାହୀ ଅଧିକାରୀ, ପୌର କର୍ମଚାରୀ ଓ କାଉନ୍‌ସିଲରମାନେ ସ୍ଥାନୀୟ ଅଞ୍ଚଳରେ ଥିବା ବିଭିନ୍ନ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ସ୍ଥାନୀୟ ଟାଉନ୍‌ହଲ୍‌ରେ ନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ରଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ସୌଭିକ୍ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ଆବାସ ଯୋଜନାରେ ସାମିଲ ହୋଇଥିବା ୨୧୧ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଅପରାହ୍ନରେ ବିଧାୟକ ପୌରପାଳିକାର ନୂଆସାହିଠାରେ ଥିବା ତ୍ରିନାଥପଲ୍ଲୀ ବସ୍ତିବାସିନ୍ଦାଙ୍କୁ ଫଳ ବଣ୍ଟନ କରିବା ସହିତ ୬ନଂ. ୱାର୍ଡଠାରେ ୧୧ଲକ୍ଷ ଟଙ୍କା ବ୍ୟୟରେ ନବୀକରଣ କରାଯାଇଥିବା ଶ୍ମଶାନ ଗୃହ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ନଗର ସଭାପତି ବିଷ୍ଣୁଚରଣ ପରିଡା, ଏମ୍‌ପିଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକ, କାଉନସିଲର ଅଜୟ କୁମାର ବେହେରା, ଦିଲୀପ କୁମାର ସାହୁ, ଅଜୟ କୁମାର ବେହେରା (ଅଜିନି), ସୁଜାତା ସାହୁ, ରଙ୍ଗଲତା ସାହୁ, ସବିତା ମାହାଳି, ବିନୋଦିନୀ ରାଉତରାୟ, ଦୀଲ୍ଲିପ ଭୂୟାଁଙ୍କ ସମେତ ପୌର କର୍ମଚାରୀ ଉପସ୍ଥିତ ଥିଲେ।

# ‘ବିକାଶ କ୍ଷେତ୍ରରେ କଟକ ନୂଆ ଭାବେ ଉଭା ହୋଇଛି’

କଟକ,୩୧।୮(ସୁପ୍ରିୟା ପ୍ରିୟଦର୍ଶିନୀ)

ବିକାଶ କ୍ଷେତ୍ରରେ କଟକ ନୂଆ ଭାବେ ଉଭା ହୋଇଛି। କଟକ ଆଉ ପୁରୁଣା କଟକ ହୋଇ ରହିନାହିଁ। ୨୪ ଘଣ୍ଟିଆ ପାନୀୟ ଜଳ, ପରିମଳରେ ପ୍ରଯୁକ୍ତିବିଦ୍ୟା ପ୍ରୟୋଗ, ୬ ଲେନ୍ ରିଂରୋଡ୍, ବେଲ୍‌ଭ୍ୟୁରେ ଏକ ନୂତନ ସେତୁ, ବସ୍ତିବାସିନ୍ଦାଙ୍କ ଥଇଥାନଠାରୁ ଆରମ୍ଭ କରି ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ, ପେଟାନାଳର ବିକାଶ, ତାଳଦଣ୍ଡା କେନାଲ ସମ୍ପ୍ରସାରଣ ଭଳି ଅନେକ ପ୍ରକଳ୍ପ ସାକାର ହେବାକୁ ଯାଉଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ କଟକରେ ବିକାଶ ପ୍ରକ୍ରିୟା ଜାରି ରହିଛି। କଟକର ରୂପରେଖ ବଦଳୁଛି ବୋଲି ଏମ୍‌ପି ଭର୍ତ୍ତୃହରି ମହତାବ କହିଛନ୍ତି। ସ୍ୱାୟତ୍ତ ଶାସନ ଦିବସ ଅବସରରେ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ କଟକସ୍ଥିତ ୱିଣ୍ଡ୍‌ସର ପ୍ୟାଲେସ୍‌ଠାରେ ସାଧାରଣ ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ମହତାବ ଯୋଗଦେଇ କହିଥିଲେ, ସହରରେ ତାଳଦଣ୍ଡା କେନାଲର ଯେଉଁଭଳି ଭାବେ ଉନ୍ନତୀକରଣ କରାଯାଇଛି ତାହା ଅନ୍ୟ ରାଜ୍ୟ ପାଇଁ ଉଦାହରଣ ପାଲଟିଛି। ମହାରାଷ୍ଟ୍ରରେ ଏହାକୁ ଅନୁଧ୍ୟାନ କରି କାର୍ଯ୍ୟ କରାଯାଉଛି ବୋଲି ସେ କହିଛନ୍ତି।

ସେହିପରି ମେୟର ସୁବାସ ସିଂ ଅତିଥି ପରିଚୟ ପ୍ରଦାନ କରି ଦେଢ଼ବର୍ଷ ମଧ୍ୟରେ ସିଏମ୍‌ସି ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଓ ପ୍ରକଳ୍ପ ବିଷୟରେ




ସିଡିଏସ୍ଥିତ ୱିଣ୍ଡ୍‌ସର ପ୍ୟାଲେସ୍‌ଠାରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

### ସିଏମ୍‌ସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ

କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ କଟକର ବିକାଶ ହେଉଛି ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପରିମଳ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବାକୁ ସୂଚନା ଓ ପ୍ରଯୁକ୍ତିବିଦ୍ୟା ଉପଯୋଗ କରାଯାଇ ଆଇଟି ମୋବାଇଲ ଆପ୍ ଏବଂ ଜିପିଏସ୍ ଶୁଭାରମ୍ଭ କରାଯାଇଥିଲା। ଡେପୁଟି କମିଶନର (ପରିମଳ) ସଞ୍ଜିବୀତା ରାୟ ପାୱାର ପଏଣ୍ଟ ଜରିଆରେ ଏ ସଂକ୍ରାନ୍ତରେ ସୂଚନା ଦେଇଥିଲେ। ସେହିପରି କଳା କ୍ଷେତ୍ରରେ ପ୍ରଶିକ୍ଷଣ ନିମନ୍ତେ ସିପିଏସି ଓ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ସିପେଟରେ ଆର୍ଥିକ ଅନଗ୍ରସର ପିଲାଙ୍କୁ ପ୍ରଶିକ୍ଷଣ ନିମନ୍ତେ ଡେପୁଟି କମିଶନର ତଥା ବସ୍ତି ଉନ୍ନୟନ ଅଧିକାରୀ ଶ୍ୱେତପଦ୍ମା ଡି. ଶତପଥୀ ମଞ୍ଚରେ ସୂଚନା ଦେବା ପରେ ଶୁଭାରମ୍ଭ ହୋଇଥିଲା। ଏହି ଉପଲକ୍ଷେ ସିଏମ୍‌ସି ଅଞ୍ଚଳରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଧାୟକ ଇଂ. ମହମ୍ମଦ ମୋକିମ, ଜିଲା ପରିଷଦ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଡ. ସୁରେଶ ଚନ୍ଦ୍ର ଦଳାଇ, ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ଡିସିପି ପିନାକ ମିଶ୍ର, ସିଏମ୍‌ସି କର୍ମଚାରୀ ସଂଘ ସଭାପତି ଦେବାଶିଷ ସାମନ୍ତରାୟ, ଡେପୁଟି କମିଶନର ଅଜୟ ମହାନ୍ତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଡେପୁଟି ମେୟର ଦମୟନ୍ତୀ ମାଝି ଧନ୍ୟବାଦ ଦେଇଥିଲେ।

### ରକ୍ତଦାନ କଲେ କର୍ପୋରେଟର

ସ୍ୱାୟତ୍ତ ଶାସନ ଦିବସ ଅବସରରେ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ବିଭିନ୍ନ ଅଞ୍ଚଳରେ ବହୁ ପ୍ରକଳ୍ପର ଉଦ୍‌ଘାଟନ କରାଯାଇଥିଲା। ହେଲେ ସିଏମ୍‌ସିର ୨୬ ନମ୍ବର ୱାର୍ଡ ଭାଜପା କର୍ପୋରେଟର ଗଗନ ଓଝା ଏସ୍‌ସିବି ମେଡିକାଲରେ ରକ୍ତଦାନ କରି ଅଭିନବ ଢଙ୍ଗରେ ସ୍ୱାୟତ୍ତ ଶାସନ ଦିବସ ପାଳନ କରିଛନ୍ତି। ତାଙ୍କର ଏଭଳି କାର୍ଯ୍ୟକୁ ବହୁ କର୍ପୋରେଟର ତାଙ୍କୁ ପ୍ରଶଂସା କରିଛନ୍ତି।

### ୮ ପ୍ରକଳ୍ପ ଉଦ୍‌ଘାଟିତ

ସ୍ୱାୟତ୍ତ ଶାସନ ଦିବସ ଅବସରରେ ଗୁରୁବାର ସକାଳେ କଟକ ବିଜୁଭବନଠାରେ ମେୟର ସୁବାସ ସିଂ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ୪୮ଟି ଲାଇଟ୍ କମର୍ସିଆଲ ଭେହିକିଲ(ଏଲ୍‌ସିଭି) ଏବଂ ୬୦ଟି ବ୍ୟାଟେରି ଅପରେଟେଡ୍ ଭେହିକିଲ(ବିଓଭି) ଉଦ୍‌ଘାଟିତ ହୋଇଥିଲା। ମଧ୍ୟାହ୍ନରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇ ଏକାଧିକ ପ୍ରକଳ୍ପର ଉଦ୍‌ଘାଟନ ସହ ଗୋଟିଏ ସ୍ମାର୍ଟ ଫୁଟ୍‌ପାଥ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୪୨ ନଂ. ୱାର୍ଡ ଅନ୍ତର୍ଗତ ଚାଉଳିଆଗଞ୍ଜସ୍ଥିତ ନୀଳକଣ୍ଠେଶ୍ୱର ପୋଖରୀ, ଚାଉଳିଆଗଞ୍ଜ ଗୋଷ୍ଠୀକେନ୍ଦ୍ରର ଦ୍ୱିତୀୟ ମହଲାରେ ଲାଇଟ୍ ହାଉସ୍ ସେଣ୍ଟର, ନିମପୁରଠାରେ ଶବଦାହ ଗୃହ, ୩୯ନଂ. ୱାର୍ଡର ବର୍ଦ୍ଧମାନ କମ୍ପାଉଣ୍ଡଠାରେ ପେଭର ବ୍ଲକ ରାସ୍ତା, ମହାନଦୀ ବିହାର ଅନନ୍ତ ଗୋପାଳ ଆଶ୍ରମ ନିକଟରେ ମୋ ଖତ ବିକ୍ରୟ କେନ୍ଦ୍ର ଓ ମିଶନ ଶକ୍ତି ଗୃହ, ଗାନ୍ଧିପଲ୍ଲୀରେ ଓଏସ୍‌ଡି ଗୃହ ଓ ମିନିପାର୍କ ଉଦ୍‌ଘାଟିତ ହୋଇଥିଲା। ସେହିପରି ମହାନଦୀ ବିହାରରେ ୨୫ କିଲୋମିଟରବ୍ୟାପୀ ସ୍ମାର୍ଟ ଫୁଟ୍‌ପାଥ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା।

### ସୂର୍ଯ୍ୟବିହାରର ପ୍ରଥମ ସ୍ମାର୍ଟ କଲୋନୀ ପୁରସ୍କୃତ

ସ୍ୱାୟତ୍ତ ଶାସନ ଦିବସ ଅବସରରେ ସମାଜରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ଅନୁଷ୍ଠାନ ତଥା ବ୍ୟକ୍ତିଙ୍କୁ ସିଏମ୍‌ସି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କ୍ରମରେ ସହର ପ୍ରଥମ ସ୍ମାର୍ଟ କଲୋନୀ ଭାବେ ସୂର୍ଯ୍ୟବିହାର କଲୋନୀକୁ ପୁରସ୍କୃତ କରାଯାଇଥିଲା। ସୂଚନାଥାଉ କି, ସିଏମ୍‌ସିର ୪୫ ନଂ. ୱାର୍ଡ ଅନ୍ତର୍ଗତ ସୂର୍ଯ୍ୟବିହାର କଲୋନୀକୁ ସହରର ପ୍ରଥମ ସ୍ମାର୍ଟ କଲୋନୀ ଆଖ୍ୟା ମିଳିଛି। ସ୍ଥାନୀୟ ବାସିନ୍ଦା ଓ ପ୍ରଶାସନର ମିଳିତ ଉଦ୍ୟମରେ ସହରରେ ପ୍ରଥମ ଥର ପାଇଁ ଏଭଳି ଅଭିନବ ପ୍ରୟାସ ଦେଖିବାକୁ ମିଳିଛି।

### ଆସିଲେନି ୭ ବିଧାୟକ

ପ୍ରତିବର୍ଷ ସିଏମ୍‌ସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳନ କାର୍ଯ୍ୟକ୍ରମରେ ବିଧାୟକଙ୍କ ଉପସ୍ଥିତି ଦେଖିବାକୁ ମିଳିଥାଏ। ହେଲେ ଚଳିତବର୍ଷ ୭ ଜଣ ଶାସକ ଦଳର ବିଧାୟକଙ୍କୁ ମଞ୍ଚରେ ଦେଖିବାକୁ ମିଳି ନ ଥିଲା। କେବଳ ବାରବାଟୀ-କଟକ ବିଧାୟକ ମଞ୍ଚରେ ଉପସ୍ଥିତ ଥିଲେ। ବିଧାୟକଙ୍କ ଅନୁପସ୍ଥିତି ନେଇ କର୍ପୋରେଟରଙ୍କ ମଧ୍ୟରେ ଅନେକ କଥା ଶୁଣିବାକୁ ମିଳିଥିଲା। ତେବେ ଅନୁପସ୍ଥିତିର କାରଣ ସମ୍ପର୍କରେ ମଞ୍ଚରେ କୌଣସି ସୂଚନା ଦିଆଯାଇ ନ ଥିଲା।

### ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲ୍‌ଦଣ୍ଡ

#### ମୁମ୍ବାଇରେ ନାବାଳିକାଙ୍କୁ ବଳାତ୍କାର ମାମଲା

କଟକ,୩୧।୮ (କାର୍ତ୍ତିକ ସାହୁ)

ମୁମ୍ବାଇରେ ଓଡ଼ିଆ ନାବାଳିକାଙ୍କୁ ବଳାତ୍କାର କରାଯିବା ମାମଲାରେ ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଜଣେ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ୍‌ଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୧ ବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ପଡିବ ବୋଲି ଅଦାଲତ ଆଦେଶ ଦେଇଛନ୍ତି। ସେହିପରି ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ଅଦାଲତ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଉଛନ୍ତି ମହାରାଷ୍ଟ୍ରର ଗୁଡ୍ଡୁ ନିଶାତ।

ମାମଲାର ବିବରଣୀରୁ ପ୍ରକାଶ, କଟକ ଜିଲା ନେମାଳ ଥାନା ଅଞ୍ଚଳର ୧୪ ବର୍ଷୀୟା ନାବାଳିକା ଓ ମହାରାଷ୍ଟ୍ରର ଗୁଡ୍ଡୁ ନିଶାତଙ୍କ ମଧ୍ୟରେ ଫେସ୍‌ବୁକ୍‌ରେ ପରିଚୟ ହୋଇଥିଲା। ପରସ୍ପର ମଧ୍ୟରେ ସମ୍ପର୍କ ଘନିଷ୍ଠ ହେବା ପରେ ଗୁଡ୍ଡୁ ନାବାଳିକାଙ୍କ ଅଶ୍ଳୀଳ ଫଟୋ ରଖି ତାଙ୍କୁ ବ୍ଲାକ୍‌ମେଲ କରିଥିଲେ। ଏଥିସହ ମୁମ୍ବାଇ ନ ଆସିଲେ ଉକ୍ତ ଫଟୋ ସୋସିଆଲ ମିଡିଆରେ ଭାଇରାଲ କରିବାକୁ ଧମକ ଦେଇଥିଲେ। ଏଥିରେ ନାବାଳିକା ଭୟଭୀତ ହୋଇ ଘରେ କିଛି ନ କହି ମୁମ୍ବାଇ ଚାଲିଯାଇଥିଲେ। ସେଠାରେ ପହଞ୍ଚିବା ପରେ ଗୁଡ୍ଡୁ ତାଙ୍କୁ ହୋଟେଲରେ ରଖି ବଳାତ୍କାର କରିଥିଲେ। ଏପଟେ ନାବାଳିକାଙ୍କୁ ପରିବାର ଲୋକେ ନ ପାଇ ନେମାଳ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ଅପହରଣ ମାମଲା ରୁଜୁକରି ଘଟଣାର ତଦନ୍ତ କରିଥିଲା। ପରେ ପୋଲିସ ମୁମ୍ବାଇ ଯାଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୨୦୨୧ରେ ପୋଲିସ ଅଦାଲତରେ ଚାର୍ଜଶିଟ୍ ଦାଖଲ କରିବା ପରେ ମାମଲାର ବିଚାର ଆରମ୍ଭ ହୋଇଥିଲା। ୧୮ ଜଣ ସାକ୍ଷୀ ଓ ୩୪ଟି ପ୍ରମାଣ ଆଧାରରେ ଅଦାଲତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡାଦେଶ ପ୍ରଦାନ କରିଛନ୍ତି।




ଜାତୀୟ କ୍ରୀଡା ଦିବସ ପାଳନ ଉପଲକ୍ଷେ କଟକ ଜିଲା ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ କ୍ରିକେଟ୍ ଖେଳାଳି ଦିନେଶ ମଙ୍ଗିଆଙ୍କ ସହ ଅତିଥି ଓ ଛାତ୍ରୀଛାତ୍ରମାନେ।

### ହ୍ୟୁଣ୍ଡାଇ ମୋଟର୍ସରେ ଡ୍ରିମ୍‌ସ ଆଇଟିଆଇ ଛାତ୍ରଙ୍କୁ ନିଯୁକ୍ତି

କଟକ,୩୧।୮ (କାର୍ତ୍ତିକ ସାହୁ)

ଡ୍ରିମ୍‌ସ ଆଇଟିଆଇ ଓ ହ୍ୟୁଣ୍ଡାଇ ମୋଟର୍ସ ମଧ୍ୟରେ ହୋଇଥିବା ପ୍ରଶିକ୍ଷଣଭିତ୍ତିକ ନିଯୁକ୍ତି ରାଜିନାମା ଅନୁଯାୟୀ ୫ ଜଣ ଏମ୍‌ଏମ୍‌ଭି ଟ୍ରେଡ୍ ଛାତ୍ରଙ୍କୁ ନିଯୁକ୍ତି ଦିଆଯାଇଛି। ଏଥିସହ ଅନ୍ୟଛାତ୍ରଙ୍କୁ ପ୍ରଶିକ୍ଷଣ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ମନୋନୀତ ଛାତ୍ରମାନେ କମ୍ପାନୀର ବିଭିନ୍ନ ଅଧିକୃତ ବିକ୍ରୟ କେନ୍ଦ୍ରରେ କାର୍ଯ୍ୟ କରିବେ ବୋଲି ଜଣାପଡିଛି। ଏହି ଉପଲକ୍ଷେ ଶିକ୍ଷାନୁଷ୍ଠାନରେ ଅନୁଷ୍ଠିତ ପ୍ରାର୍ଥୀ ଚୟନ ଓ ନିଯୁକ୍ତିପତ୍ର ବଣ୍ଟନ କାର୍ଯ୍ୟକ୍ରମରେ କୋଲକାତାସ୍ଥିତ ହ୍ୟୁଣ୍ଡାଇ ମୋଟର୍ସର ଟ୍ରେନିଂ ହେଡ୍ ସୋମା ଘୋଷ ଉପସ୍ଥିତ ରହି କମ୍ପାନୀର ଆଭିମୁଖ୍ୟ, ଅଗ୍ରଗତି ଓ ସର୍ବୋତ୍ତମ ଗ୍ରାହକ ସେବା ଉପରେ ଆଲୋକପାତ କରିଥିଲେ। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଇଂ. ସୁନୟ ମିଶ୍ର, ଉପାଧ୍ୟକ୍ଷ ଇଂ. ପ୍ରଶାନ୍ତ କୁମାର ନାୟକ, ତପସ୍ୱୀ କୁମାର ଆଚାର୍ଯ୍ୟ, ଯୁଧିଷ୍ଠିର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମେସର୍ସ ଉତ୍କଳ ହ୍ୟୁଣ୍ଡାଇ, ଆଦିତ୍ୟ ହ୍ୟୁଣ୍ଡାଇ, ଇନ୍‌ଫିନିଟ୍ ହ୍ୟୁଣ୍ଡାଇର ବରିଷ୍ଠ ଅଧିକାରୀ ଓ ପ୍ରଶିକ୍ଷକମାନେ ଯୋଗଦେଇ ନିଯୁକ୍ତି ଓ ପ୍ରଶିକ୍ଷଣ ଲାଭ କରିଥିବା ବିଦ୍ୟାର୍ଥୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

### ବିଦ୍ୟୁତ୍ ବିଭ୍ରାଟ, ଉପଭୋକ୍ତା ହନ୍ତସନ୍ତ

କଟକ ସଦର,୩୧।୮
(ସୁଶାନ୍ତ କୁମାର ଜେନା)

କଟକ-କନ୍ଦରପୁର ୩୩ କେଭି ବିଦ୍ୟୁତ୍ ଲାଇନ୍‌ରେ ବୁଧବାର ରାତିପ୍ରାୟ ୧୦ଟାରେ ବିଭ୍ରାଟ ଦେଖାଦେଇଥିଲା। ଏଥିଯୋଗୁ କନ୍ଦରପୁର, କିଶନ ନଗର, ରଘୁନାଥପୁର ଓ ବିରିଡ଼ି ବିଦ୍ୟୁତ୍ ସେକ୍ସନ ଅଧିନସ୍ଥ ପ୍ରାୟ ୪୦ ହଜାର ଉପଭୋକ୍ତା ଅସହ୍ୟ ଗୁଳୁଗୁଳିରେ ହନ୍ତସନ୍ତ ହୋଇଥିଲେ। ମରାମତି ପରେ ରାତି ପ୍ରାୟ ୩ଟାରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇଥିଲା। ୩୩ କେଭି ବିଦ୍ୟୁତ୍ ଲାଇନ ଉପରେ ଅତ୍ୟଧିକ ଚାପ ପଡିବା ଯୋଗୁ ଜାଇକା ପ୍ରକଳ୍ପ ନିକଟରେ ଜମ୍ପର ଛିଣ୍ଡି ଯାଇଥିଲା। କାରଣ ବ୍ୟବହାର ବଢ଼ିଯିବାରୁ ରାତିରେ ହଠାତ୍ ୨୭୫ ଆମ୍ପିୟର କରେଣ୍ଟ ଉକ୍ତ ଫିଡରରେ ପ୍ରବାହିତ ହୋଇଥିଲା। ସେଥିପାଇଁ ଏଭଳି ବିଭ୍ରାଟ ଦେଖାଦେଲା ବୋଲି ଟାଟା ପାୱାର କର୍ତ୍ତୃପକ୍ଷ ସଫେଇ ଦେଇଛନ୍ତି।



କଟକ ଟାଉନ୍ ହଲ୍‌ରେ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଗୁରୁବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଦଳୀୟ କର୍ମୀ।

### ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ଅଭିଯୋଗ

ନିଆଳି,୩୧।୮(ସୁକାନ୍ତ କୁମାର ସିଂ)

ନିଆଳି ଅଞ୍ଚଳର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ଅବହେଳାରୁ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏ ନେଇ ରୋଗୀଙ୍କ ସମ୍ପର୍କୀୟମାନେ ଗୁରୁବାର ସନ୍ଧ୍ୟା ୬ଟାରେ ଉକ୍ତ ହସ୍ପିଟାଲ ସମ୍ମୁଖ ନିଆଳି-ଫୁଲନଖରା ରାଜ୍ୟ ରାଜପଥରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ଫଳରେ ଯାନବାହନ ଚଳାଚଳରେ ସମସ୍ୟା ହୋଇଥିଲା। ଏହାକୁ ଜନସାଧାରଣ ବିରୋଧ କରିବାରୁ ମୃତଦେହକୁ ନେଇ ହସ୍ପିଟାଲ ସମ୍ମୁଖରେ ରଖି ପ୍ରତିବାଦ କରାଯାଇଥିଲା।

ମିଳିଥିବା ସୂଚନା ଅନୁଯାୟୀ, ବାଲିପାଟଣା ଥାନା ଅଧୀନ ଭାପୁର ଅଞ୍ଚଳର ସୁଜାତା ମଲ୍ଲିକ(୨୬)ଙ୍କ ପେଟରେ ଷ୍ଟୋନ୍ ହୋଇଥିଲା। ଫଳରେ ଅପରେଶନ ପାଇଁ ଗତ ସୋମବାର ତାଙ୍କୁ ଉକ୍ତ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମଙ୍ଗଳବାର ତାଙ୍କର ଅପରେଶନ କରାଯାଇଥିଲା। ବୁଧବାର ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ



ରୋଗୀ ମୃତ୍ୟୁକୁ ନେଇ ହସ୍ପିଟାଲ ସମ୍ମୁଖରେ ରାସ୍ତାରୋକୋ କରାଯାଇଛି।

#### ମୃତଦେହ ରଖି ରାସ୍ତାରୋକୋ

ମୃତ ଘୋଷଣା କରିଥିଲେ। ଗୁରୁବାର ସେଠାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ଉକ୍ତ ଘରୋଇ ହସ୍ପିଟାଲରେ ଚିକିତ୍ସାରେ ଅବହେଳା ଯୋଗୁ ସୁଜାତାଙ୍କ ମୃତ୍ୟୁ ଘଟିଥିବା ତାଙ୍କ ପରିବାର ସଦସ୍ୟ ଓ ସମ୍ପର୍କୀୟମାନେ ଅଭିଯୋଗ କରିଥିଲେ। ଏ ନେଇ ଗୁରୁବାର ସନ୍ଧ୍ୟାରେ ସମ୍ପର୍କୀୟମାନେ ମୃତଦେହ ଆଣି ଘରୋଇ ହସ୍ପିଟାଲ ସମ୍ମୁଖରେ ରାସ୍ତାରୋକୋ କରିଥିଲେ। ଲୋକମାନେ ବିରୋଧ କରିବାରୁ ମୃତଦେହକୁ ହସ୍ପିଟାଲ ସମ୍ମୁଖରେ ରଖି ପ୍ରତିବାଦ କରାଯାଇଥିଲା। ଖବରପାଇ ସ୍ଥାନୀୟ ତହସିଲଦାର ବିଦ୍ୟାଧର ପତି ଓ ନିଆଳି ପୋଲିସ ପହଞ୍ଚି ହସ୍ପିଟାଲ କର୍ତ୍ତୃପକ୍ଷ ଏବଂ ମୃତକଙ୍କ ପରିବାର ଲୋକଙ୍କ ସହିତ ଆଲୋଚନା କରିବା ପରେ ସମାଧାନର ବାଟ ବାହାରିଥିଲା। ସୁଜାତାଙ୍କ ଦେଢବର୍ଷର ପୁଅ ନାଁରେ ୧ ଲକ୍ଷ ଟଙ୍କାର ଫିକ୍ସ ଡିପୋଜିଟ୍ ରଖିବା ପାଇଁ ହସ୍ପିଟାଲ ପକ୍ଷରୁ ଏକ ଚୁକ୍ତିପତ୍ରରେ ଲେଖାଯାଇଥିଲା। ପରେ ସମ୍ପର୍କୀୟମାନେ ମୃତଦେହ ନିଜ ଗ୍ରାମକୁ ନେଇଥିଲେ। ଯଦି ପରବର୍ତ୍ତୀ ସମୟରେ ଉକ୍ତ ହସ୍ପିଟାଲରେ ଚିକିତ୍ସା ଅବହେଳାର ପ୍ରମାଣ ମିଳେ ତା’ହେଲେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର କହିଥିଲେ।

# ଡିଜିଟାଲ କନେକ୍ଟିଭିଟି ବଢ଼ିଲେ ଭୁବନେଶ୍ୱର ଗୌରବ ବଢ଼ିବ

## ବିଏମ୍‌ସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳନ

ଭୁବନେଶ୍ୱର, ୩୧।୮(ବନ୍ଦନା ସେଠୀ)

ରାଜଧାନୀ ଭୁବନେଶ୍ୱର ଲୋକଙ୍କ ପସନ୍ଦର ସହର ପାଲଟିଛି। ସ୍ମାର୍ଟସିଟି ହେବା ପରେ ପୂର୍ବାପେକ୍ଷା ସହରର କଳେବର ବୃଦ୍ଧି ପାଇବା ସହ ବହୁ ଉନ୍ନତିମୂଳକ କାର୍ଯ୍ୟ କରାଯାଇଛି ଏବଂ ଆଗକୁ ମଧ୍ୟ ଜାରି ରହିବ। ବିଶେଷକରି ଭୁବନେଶ୍ୱରର ଡିଜିଟାଲ କନେକ୍ଟିଭିଟି ବଢ଼ାଇଲେ ଆଗାମୀ ଦିନରେ ଯୁବବର୍ଗ ବିଶେଷ ଉପକୃତ ହେବେ ଏବଂ ବିଶ୍ୱ ଦରବାରରେ ଭୁବନେଶ୍ୱରର ଗୌରବ ବୃଦ୍ଧି ପାଇବ ବୋଲି ବିଜ୍ଞାନ, କାରିଗରୀ କୌଶଳ, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଗୁରୁବାର ସୂଚନାଭବନଠାରେ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଏହା କହିଛନ୍ତି।


ସୂଚନାଭବନଠାରେ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ ଓ ଅନ୍ୟମାନେ ବିଏମ୍‌ସିର ମୁଖପତ୍ର 'ଆହ୍ୱାନ' ଉନ୍ମୋଚନ କରୁଛନ୍ତି।

ମେୟର ସୁଲୋଚନା ଦାସ ସଭାପତିତ୍ୱ କରି କହିଲେ, ଲୋକଙ୍କ ମୌଳିକ ସୁବିଧା ପୂରଣ କରିବା ଆମର ଦାୟିତ୍ୱ। ସହରରେ ମୁଖ୍ୟତଃ ଡ୍ରେନ, ରାସ୍ତାଘାଟ ଓ ବିଜୁଳି ବ୍ୟବସ୍ଥାର ସମସ୍ୟା ରହିଥିବାବେଳେ ସେଥିରେ ସୁଧାର ଆଣିବାକୁ ବିଏମ୍‌ସି ପ୍ରୟାସ ଜାରି ରଖିଛି। ଲୋକଙ୍କ ବିଭିନ୍ନ ଅଭିଯୋଗକୁ ମଧ୍ୟ ଶୁଣାଯାଉଛି। ପୂର୍ବରୁ ଭୁବନେଶ୍ୱର ଯାହା ଥିଲା ଆଜି ସେଥିରେ ବହୁ ଉନ୍ନତି ହୋଇଛି। ଆଗାମୀ ଦିନରେ ମଧ୍ୟ ଏହାର ଚିତ୍ର ଆହୁରି ବଦଳି ଯିବ। ଏହା କେବଳ ଭୁବନେଶ୍ୱରବାସୀଙ୍କ ପାଇଁ ସମ୍ଭବ ହୋଇ ପାରିଛି। ସେହିପରି ଭୂମିହୀନଙ୍କୁ ଜମି, ସମସ୍ତଙ୍କ ମୁଣ୍ଡ ଉପରେ ଛାତ ଯୋଗାଇବା ସ୍ୱପ୍ନକୁ ବାସ୍ତବରେ କାର୍ଯ୍ୟକାରୀ କରାଯାଇଛି। ଖୁବ୍‌ଶୀଘ୍ର ଅନ୍ୟ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଜମି ପ୍ରମାଣ ପତ୍ର ପ୍ରଦାନ କରାଯିବ। ଏଥିପାଇଁ ମନଦୁଃଖ କରିବାର ନାହିଁ ବୋଲି ମେୟର ସ୍ପଷ୍ଟ କରଥିଲେ। ପରିବହନ ଓ ଜଳ ସମ୍ପଦ ବିଭାଗ ମନ୍ତ୍ରୀ ଟୁକୁନି ସାହୁ କହିଲେ, ପ୍ରତି ୱାର୍ଡକୁ ସରସ ସୁନ୍ଦର କରିପାରିଲେ ଓ ଗୋଷ୍ଠୀ ସହଭାଗିତା ବୃଦ୍ଧି ପାଇଲେ ସହର ଆହୁରି ଆଗକୁ ଯିବ। ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ଶୁଭେନ୍ଦୁ ସାହୁ, ସୂର୍ଯ୍ୟବଂଶୀ ମୟୁର ବିକାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଏମ୍‌ସିର ମୁଖପତ୍ର 'ଆହ୍ୱାନ' ଉନ୍ମୋଚିତ ହୋଇଥିଲା। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କର୍ମଚାରୀ, ଅଧିକାରୀ, ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୬ଜଣଙ୍କୁ 'ନଗରବନ୍ଧୁ ସମ୍ମାନ' ପ୍ରଦାନ କରାଯାଇଥିଲା। କଲଚରାଲ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ମିହିର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାୟତ୍ତ ଶାସନ ଦିବସରେ ବିଏମ୍‌ସିର ବିଭିନ୍ନ କାର୍ଯ୍ୟକ୍ରମ

# ୩ ଜୋନ୍‌ରେ ୬ ପ୍ରକଳ୍ପ ଉଦ୍‌ଘାଟିତ

ଭୁବନେଶ୍ୱର, ୩୧।୮ (ବନ୍ଦନା ସେଠୀ)

ସ୍ୱାୟତ୍ତ ଶାସନ ଦିବସ ଅବସରରେ ଗୁରୁବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଦିନ ତମାମ ମାରାଥନ ଉଦ୍‌ଘାଟନ କାର୍ଯ୍ୟକ୍ରମ କରାଯାଇଥିଲା। ସକାଳେ ବିଏମ୍‌ସି ମୁଖ୍ୟାଳୟ ପରିସରରେ ମେୟରଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ପରେ ନୂଆକରି ଆସିଥିବା ୨୦ଟି ବ୍ୟାଟେରି ଚାଳିତ ମଶାଧୂଆଁ ଗାଡ଼ି, ୭୦ଟି ମଶା ଲାର୍ଭା ବିନାଶକାରୀ ବ୍ୟାଟେରି ଚାଳିତ ସ୍ପ୍ରେ ମେଶିନ, ୩ଟି ମହାଯାତ୍ରା ଓ ଗୋଟିଏ ପଶୁ ଆମ୍ବୁଲାନ୍ସର ଉଦ୍‌ଘାଟନ କରାଯାଇଥିଲା। ସ୍ମାର୍ଟ ପରିଚାଳନା ପାଇଁ ବିଏମ୍‌ସି ଅଧୀନରେ ଥିବା ଗାଡ଼ିଗୁଡ଼ିକରେ ଜିପିଏସ୍ ବ୍ୟବସ୍ଥା କରାଯାଇଛି। ସମସ୍ତ ଯାନର ଉତ୍ତମ ପରିଚାଳନା ପାଇଁ ବିଏମ୍‌ସି ତରଫରୁ ଜଣେ ଫ୍ଲିଟ୍ ମ୍ୟାନେଜର ରହିବେ ବୋଲି ସୂଚନା ଦିଆଯାଇଛି। ଏହାପରେ ୬ ନଂ. ଅନ୍ତର୍ଗତ ଗଙ୍ଗନଗରରେ ଥିବା ଏସ୍‌ୟୁଏଚ୍ ଓ ବେଗର୍ସ ହୋମ୍ ଅନ୍ତେବାସୀଙ୍କୁ ଫଳ ଓ କମଳ ପ୍ରଦାନ କରାଯାଇଥିଲା। ୫୦ ନଂ. ୱାର୍ଡ ଅନ୍ତର୍ଗତ ରାଜଧାନୀ କଲେଜଠାରୁ ବରମୁଣ୍ଡା ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ୧୬ ନଂ. ଜାତୀୟ ରାଜପଥର ଉନ୍ନତୀକରଣ, ଚିନ୍ତାମଣିଶ୍ୱର ହାଇସ୍କୁଲଠାରୁ ଶବର ସାହି ଜାଲି ଗଳି ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ଆର୍‌ସିସି ବକ୍ସ ସେଲ୍, ୱାର୍ଡ ନଂ.୪୧ର ଗୁରୁଦ୍ୱାରଠାରୁ ରେଲ୍ ଓଭରବ୍ରିଜ୍ ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ଡ୍ରେନ, ଶହୀଦନଗର କଲ୍ୟାଣ ଜୁଏଲେରିଠାରୁ ପ୍ଲଟ ନଂ.୧ (ତାରିଣୀ ପ୍ୟାଲେସ୍) ଭାୟା ବିଡିଏ ପାର୍କ ରାସ୍ତାର ଉନ୍ନତୀକରଣକୁ ଲୋକାର୍ପିତ କରାଯାଇଥିଲା। ପରେ ମୁଖ୍ୟ ଡ୍ରେନ ନଂ.୧ର ନାରାୟଣ ସ୍କୁଲଠାରୁ କ୍ଲବ ଟାଉନ ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ଆର୍‌ସିସି ଡ୍ରେନ ଏବଂ ହାତିଆଶୁଣୀ ୱେଲ୍‌ଥ ସେଣ୍ଟରଠାରେ ନିର୍ମିତ ମୋ ଖତ ଗୋଦାମ ଗୃହର ଉଦ୍‌ଘାଟନ ହୋଇଥିଲା।

# ଭୂଭାଗ ଦୃଶ୍ୟ ଉଦ୍ୟାନ ସ୍ଥାପତ୍ୟ ବିଦ୍ୟା ଉପରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଭୁବନେଶ୍ୱର,୩୧।୮(ଅନୁରାଧା ମହାରଣା)

ଭୂଭାଗ ଦୃଶ୍ୟ ଉଦ୍ୟାନ ସ୍ଥାପତ୍ୟ ବିଦ୍ୟା କ୍ଷେତ୍ରରେ ଦକ୍ଷତା ବିକାଶ ପାଇଁ ୭ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଓୟୁଏଟି ଅଧୀନ କୃଷି ମହାବିଦ୍ୟାଳୟର ରାମିଆ କକ୍ଷରେ ଆରମ୍ଭ ହୋଇଛି। କୃଷି ମହାବିଦ୍ୟାଳୟର ପୁଷ୍ପ ଓ ଭୂପୃଷ୍ଠ ଦୃଶ୍ୟ ଉଦ୍ୟାନ ବିଭାଗ ଦ୍ୱାରା ପରିଚାଳିତ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (ଆଇସିଏଆର) ଅନ୍ତର୍ଗତ ଅନୁଷ୍ଠାନ ବିକାଶ କାର୍ଯ୍ୟକ୍ରମ (ଆଇଡ଼ିପି) ଅଧୀନ ଜାତୀୟ ଉଚ୍ଚତର କୃଷି ଶିକ୍ଷା ପ୍ରକଳ୍ପ (ଏନଏଏଚଇପି) ଦ୍ୱାରା ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପୁଷ୍ପ ଓ ଭୂପୃଷ୍ଠ ଦୃଶ୍ୟ ଉଦ୍ୟାନ ବିଭାଗର ବିଭାଗୀୟ ମୁଖ୍ୟ ଡ. ଶଶିକଳା ବେଉରା ସ୍ୱାଗତ ଭାଷଣ ଦେଇଥିଲେ। କୃଷି ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ. ହୃଷୀକେଶ ପାତ୍ର କାର୍ଯ୍ୟକ୍ରମ ସମ୍ପର୍କରେ କହିବା ସହ ବର୍ତ୍ତମାନର ଜୀବନଶୈଳୀରେ ଭୂଭାଗ ଦୃଶ୍ୟ ଉଦ୍ୟାନ ସମ୍ବନ୍ଧିତ ସ୍ଥାପତ୍ୟବିଦ୍ୟାର ଅଗ୍ରଣୀ ଭୂମିକା ରହିଛି ବୋଲି କହିଥିଲେ। ଓୟୁଏଟି କୁଳପତି ଡ. ପ୍ରଭାତ କୁମାର ରାଉଳ ସଭାପତିତ୍ୱ କରି ଲ୍ୟାଣ୍ଡସ୍କେପିଙ୍ଗ କେବଳ ପୁଷ୍ପ ଉଦ୍ୟାନର ଶାଖା ନୁହେଁ, ବରଂ ଜୀବନ - ଜୀବିକାର ଶାଖା ବୋଲି ମତ ରଖିଥିଲେ। ଡ. ଦେବରାଜ ଲେଙ୍କା ମଧ୍ୟ ବିଭିନ୍ନ ପ୍ରସଙ୍ଗରେ ମତ ରଖିଥିଲେ। ବୈଜ୍ଞାନିକ ଡ. ସିଦ୍ଧାର୍ଥ କୁମାର ପଲାଇ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରମାନେ ଭୂଦୃଶ୍ୟର ଉପାଦାନ ତଥା ମୂଳତତ୍ତ୍ୱ, କମ୍ପୁଟରୀକରଣ, ବାୟୋ ସୌନ୍ଦର୍ଯ୍ୟକରଣ ଓ ବିଭିନ୍ନ ପାର୍କ ଓ ଲନର ସ୍ଥାପନ ଉପରେ ଜ୍ଞାନ ଆହରଣ କରିବେ।

## ସଂକ୍ଷେପରେ

### ୬ ମହଲାରୁ ପଡ଼ି ଶ୍ରମିକଙ୍କ ମୃତ୍ୟୁ ଘଟଣା, ସହଯୋଗୀ ଗିରଫ

**ଭୁବନେଶ୍ୱର,୩୧।୮(ସୂର୍ଯ୍ୟକାନ୍ତ ବେହେରା):** ମୈତ୍ରୀବିହାର ଥାନା ଅନ୍ତର୍ଗତ ଗଜପତି ନଗରସ୍ଥିତ ସପ୍ତମ ବାଟାଲିଅନ କ୍ୟାମ୍ପସ ଭିତରେ ମଙ୍ଗଳବାର ନିର୍ମାଣାଧୀନ କୋଠାର ୬ ମହଲାରୁ ପଡ଼ି କୁମ୍ଭକାର ନାୟକ ନାମକ ଜଣେ ମିସ୍ତ୍ରିଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ପୋଲିସ ତଦନ୍ତ କରି କୁମ୍ଭକାରଙ୍କ ସହ କାମ କରୁଥିବା ସହଯୋଗୀ ବିଜୟ କୁମାର ହେମ୍ବ୍ରମ୍‌ଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ସୂଚନାନୁସାରେ ମୃତକ କୁମ୍ଭକାର ସପ୍ତମ ବାଟାଲିୟନ ଠାରେ ଥିବା ଏକ ନିର୍ମାଣାଧୀନ କୋଠା ଘରେ ରାଜମିସ୍ତ୍ରି ଭାବେ କାର୍ଯ୍ୟ କରୁଥିବାବେଳେ ଅଭିଯୁକ୍ତ ତାଙ୍କର ସହାୟକ ଓ ଅନ୍ୟ ଦୁଇଜଣ ହେଲ୍ପର ଭାବେ କାର୍ଯ୍ୟ କରୁଥିଲେ। ସମସ୍ତେ ମେସ୍ କରି ସେହିଠାରେ ରହୁଥିଲେ। ମଙ୍ଗଳବାର ସକାଳେ ଅଭିଯୁକ୍ତ ଏବଂ ମୃତକ ଏକାଠି ବସି ମେସ୍ ଖର୍ଚ୍ଚର ହିସାବ କରୁଥିବାବେଳେ ଅଭିଯୁକ୍ତ ୫୦୦ଟଙ୍କାର ହିସାବ ପାଇ ନ ଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଅଭିଯୁକ୍ତ ମିସ୍ତ୍ରି କୁମ୍ଭକାରଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି କରିବା ସହ ଆକ୍ରମଣ କରିବା ଲାଗି ପ୍ରୟାସ କରିଥିଲେ। ମୃତକ ଜଣକ ନିଜକୁ ବଞ୍ଚାଇବାକୁ ଯାଇ ଷଷ୍ଠ ମହଲାକୁ ଚାଲିଯାଇଥିଲେ। ଅଭିଯୁକ୍ତ ଜଣକ ତାଙ୍କୁ ପିଛା କରିବାରୁ କୁମ୍ଭକାର ନିୟନ୍ତ୍ରଣ ହରାଇ ତଳକୁ ଖସିପଡ଼ିଥିଲେ।

### ମା, ବାପାଙ୍କ ସ୍ୱପ୍ନକୁ ସାକାର ପାଇଁ ପରାମର୍ଶ

**ବାଲିଅନ୍ତା,୩୧।୮(ନୀଳମାଧବ ସାହୁ)** ଘରେ ମା' ବାପା ହେଉଛନ୍ତି ଚଳନ୍ତି ଦେବୀଦେବତା। ପରେ ବିଦ୍ୟାଳରେ ଗୁରୁମା ଗୁରୁଜୀଙ୍କ ଆଶୀର୍ବାଦ ଛାତ୍ରୀଛାତ୍ରଙ୍କ ପାଇଁ ଜରୁରୀ ଅଟେ। ଏଣୁ ସମୟକୁ ନଷ୍ଟ ନ କରି ଭଲ ମନ ଦେଇ ପାଠପଢ଼ି ମା'ବାପାଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲୀ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି। ଗୁରୁବାର ବିଧାୟା ଢାଲୀ ବାଲିଅନ୍ତା ସରକାରୀ ଉଚ୍ଚ ବିଦ୍ୟାଳୟକୁ ପରିଦର୍ଶନରେ ଆସି ୯ମ ଓ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଉପଦେଶ ଦେଇଥିଲେ। ଗୁରୁମା ଗୁରୁଜୀଙ୍କୁ ଭକ୍ତି କରିବା, ମା'ବାପାଙ୍କ ପାଦ ଛୁଇଁ ଆଶୀର୍ବାଦ ନେବା ଓ ବୟସ୍କ ଲୋକଙ୍କୁ ସମ୍ମାନ ଦେବା, ନିଜ ଘର ନିକଟରେ ଗଛ ଲଗାଇବା ପାଇଁ ବିଧାୟକ କହିଥିଲେ। ଏହି କାର୍ଯ୍ୟକ୍ରମରେ ବାଲିଅନ୍ତା ବ୍ଲକ ଶିକ୍ଷାଧିକାରୀ ପ୍ରଜ୍ଞାପାରମିତା ଜେନା, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିନୋଦିନୀ ସାହୁ, ଶିକ୍ଷକ ଅମରେନ୍ଦ୍ର ନାୟକ, ବିଶ୍ୱଭୂଷଣ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ଢାଲୀ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାକୁ ତଦାରଖ କରିବା ସହ ବିଦ୍ୟାଳୟରେ ଭାଙ୍ଗିପଡ଼ିଥିବା ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ତୁରନ୍ତ ସଚଳ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ସ୍ୱାୟତ୍ତ ଶାସନ ଦିବସକୁ 'କଳା ଦିବସ' ପାଳିଲା ଭାଜପା

ଭୁବନେଶ୍ୱର, ୩୧।୮ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମରେ ସ୍ୱାୟତ୍ତ ଶାସନ ନୁହେଁ, ବରଂ ଶାସନ ଅଣାୟତ୍ତ ହୋଇପଡ଼ିଛି। ଜାଗା ମିଶନ ନାମରେ ଡାହା ମିଛ କହିବା ଓ ଧୋକା ଦେବାରେ ବିଏମ୍‌ସି ବିଶ୍ୱସ୍ତରୀୟ। ସେହିପରି କୃତ୍ରିମ ବନ୍ୟା ଓ ପରିମଳ ପରିଚାଳନାରେ ବିଏମସି ସମ୍ପୂର୍ଣ୍ଣ ବିଫଳ ହେବାପରେ ରାଜଧାନୀବାସୀଙ୍କୁ ଦେଇଥିବା ଡେଙ୍ଗୁ ଉପହାର ମଧ୍ୟ ବିଶ୍ୱସ୍ତରୀୟ ବୋଲି ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଗୁରୁବାର ବିଏମ୍‌ସି ସ୍ୱାୟତ୍ତ ଶାସନ ଦିବସ ପାଳନ କରିଥିବାବେଳେ ଭାଜପା ଏହାକୁ 'କଳା ଦିବସ' ଭାବେ ପାଳନ କରିଛି। ଏହି ପରିପ୍ରେକ୍ଷୀରେ ଭାଜପା ଭୁବନେଶ୍ୱର ସାଂଗଠନିକ ଜିଲା ପକ୍ଷରୁ ଜିଲା ସଭାପତି ବାବୁ ସିଂଙ୍କ ନେତୃତ୍ୱରେ ବହୁ କାର୍ଯ୍ୟକର୍ତ୍ତା କଳାବ୍ୟାଜ୍ ପରିଧାନ କରି ବିଏମ୍‌ସି ଅଫିସ ସମ୍ମୁଖରେ ଧାରଣା ଦେବା ସହ ବିକ୍ଷୋଭ କରିଥିଲେ।

ଜିଲା ସଭାପତି ସିଂ କହିଛନ୍ତି, ଚଳିତବର୍ଷ ବର୍ଷାରେ ପାଣି ଜମିବ ନାହିଁ ବୋଲି ବିଏମ୍‌ସି କହିଥିଲେ ବି ଘରେ ଘରେ ପାଣି ପଶିଲା। ସେହିପରି ଏଥର ଡେଙ୍ଗୁ ଆମ ନିୟନ୍ତ୍ରଣରେ ରହିବ ବୋଲି ମେୟର କହିଥିଲେ ବି ଏହାକୁ ରୋକିବାରେ ସମ୍ପୂର୍ଣ୍ଣ ଫେଲ୍ ମାରିଛି। ବସ୍ତି ଲୋକଙ୍କଠୁ ଟଙ୍କା ନେଇ ପଟ୍ଟା ବଦଳରେ ଗୋଟିଏ କାଗଜ ଦେଇଛନ୍ତି। ସେ କାଗଜର କିସମ ବାହାର କଲେ କୋଉଟା ନାଳ ବାହାରୁଛି ତ କେଉଁଟା ଗୋଚର ଜମି ବାହାରୁଛି। ପୁଣି ସବୁ ଜାଗା ସାଧାରଣ ପ୍ରଶାସନ ନାମରେ ବାହାରୁଛି। କୌଣସି ଜମି ମାଲିକଙ୍କ ନାମରେ ବାହାରୁ ନାହିଁ। ସେହିପରି ଗତବର୍ଷ ବିଏମ୍‌ସି ଯେଉଁ ପ୍ରତିଶ୍ରୁତିର ପାହାଡ ଛିଡ଼ା କରିଥିଲା ଓ ପ୍ରତ୍ୟେକ ୱାର୍ଡକୁ କୋଟି କୋଟି ଟଙ୍କା ବିକାଶ ପାଇଁ ଦେଇଥିଲା ତାହା କେତେଦୂର କାର୍ଯ୍ୟକାରୀ ହୋଇଛି ବୋଲି ସେ ପ୍ରଶ୍ନ କରିଛନ୍ତି। ବିକ୍ଷୋଭରେ ଭୁବନେଶ୍ୱର ସାଂଗଠନିକ ଜିଲାର ସାଧାରଣ ସମ୍ପାଦକ ହିମାଂଶୁ ଶେଖର ଛୋଟରାୟ, ଦଲୀପ ବେହେରା, ଜିଲା ଯୁବମୋର୍ଚ୍ଚା ସଭାପତି ସ୍ୱୟଂ ସେବକ ରାୟ, ଜିଲା ଓବିସି ମୋର୍ଚ୍ଚା ସଭାପତିଉପେନ୍ଦ୍ର ଭଞ୍ଜ, ଜିଲା ଉପସଭାପତି ରାଜେନ୍ଦ୍ର ଦାସ, ସୁଶାନ୍ତ ସାବତ, ନିରଞ୍ଜନ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।



ଭାଜପା ଭୁବନେଶ୍ୱର ସାଂଗଠନିକ ଜିଲା ପକ୍ଷରୁ ବିଏମ୍‌ସି ଅଫିସ ସମ୍ମୁଖରେ ଧାରଣା ଦିଆଯାଇଛି।

# ଓଡ଼ିଶୀ ସଙ୍ଗୀତ ଉପରେ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଯୋଗଦେଇଥିବା ବକ୍ତାମାନେ।

ଭୁବନେଶ୍ୱର,୩୧।୮(ଶର୍ମିଷ୍ଠା ପାଣିଗ୍ରାହୀ)

ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟ 'ଉତ୍କଳ ରଙ୍ଗମଞ୍ଚ'ରେ 'ଓଡ଼ିଶୀ ସଙ୍ଗୀତର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ' ଶୀର୍ଷକ ଏକ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାରେ ଗୁରୁ ପଣ୍ଡିତ ହରମୋହନ ଖୁଣ୍ଟିଆ, ଆକାଶବାଣୀ ଓ ଦୂରଦର୍ଶନ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଡ. ଶାନ୍ତନୁ କୁମାର ରଥ, ବିଶିଷ୍ଟ ଓଡ଼ିଶୀ ସଙ୍ଗୀତ ଗବେଷକ ଡ. କୀର୍ତ୍ତନ ନାରାୟଣ ପାଢ଼ୀ, ପ୍ରଫେସର ଗୁରୁ ରାମହରି ଦାସ ପ୍ରମୁଖ ବକ୍ତାଭାବେ ଯୋଗଦେଇଥିଲେ। ଓଡ଼ିଶୀ ସଙ୍ଗୀତ କିଭଳି ସାରା ବିଶ୍ୱରେ ନିଜର ଶାସ୍ତ୍ରୀୟ ମାନ୍ୟତାକୁ ପ୍ରତିଷ୍ଠା କରିବ, ଓଡ଼ିଶୀ ସଙ୍ଗୀତର ସୃଷ୍ଟି, ଏହାର ଇତିହାସ କେତେ ବଳିଷ୍ଠ, ବର୍ତ୍ତମାନ ଏହାର ସ୍ଥିତି କେଉଁଠି ଏବଂ ଭବିଷ୍ୟତରେ ଏହା କିଭଳି ଭାବରେ ଆହୁରି ଉନ୍ନତ ସ୍ତରରେ ପହଞ୍ଚି ପାରିବ ସେ ବିଷୟରେ ବକ୍ତାମାନେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସୁରେନ୍ଦ୍ର କୁମାର ନାୟକ, ଅଶୋକ କୁମାର ଦାସ, ଶଙ୍ଖମିତ୍ର ସିଂହାରୀ, ଗୌରାଙ୍ଗ ଖୁଣ୍ଟିଆ, ଆର୍ତ୍ତତ୍ରାଣ ଶତପଥୀ, ଜୟକୃଷ୍ଣ ନାୟକ, ଲିଙ୍ଗରାଜ ବାରିକଙ୍କ ସମେତ ବହୁ ବହୁ ସଙ୍ଗୀତ ଓ ନୃତ୍ୟ ସାଧିକ ସାଧକ ଯୋଗଦେଇଥିଲେ। ପ୍ରଶାସନିକ ଅଧିକାରିଣୀ ଅନୁଜା ତାରିଣୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କଳାବ୍ୟାଜ ପିନ୍ଧି ପ୍ରତିବାଦ କରିବ ଓସଲା

## ଗ୍ରେଡ୍ ପେ' ୫୪୦୦କୁ ବୃଦ୍ଧି ସହ ୨୦୧୬ରୁ ଲାଗୁ ଦାବି

ଭୁବନେଶ୍ୱର,୩୧।୮(ଅନୁରାଧା ମହାରଣା)

ରାଜ୍ୟର ବିଭିନ୍ନ ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟରେ କାର୍ଯ୍ୟରତ ଷ୍ଟେଟ୍ ସିଲେକ୍ସନ ବୋର୍ଡ଼ ଅଧ୍ୟାପିକା ଓ ଅଧ୍ୟାପକ ପାଉଥିବା ଦରମାର ଗ୍ରେଡ୍ ପେ ୪୬୦୦ରୁ ୫୪୦୦କୁ ବୃଦ୍ଧି କରିବା ପାଇଁ ରାଜ୍ୟ ଷ୍ଟେଟ୍ ସିଲେକ୍ସନ ବୋର୍ଡ଼ ଅଧ୍ୟାପକ ସଂଘ (ଓସଲା) ପକ୍ଷରୁ ଦାବି ହୋଇଛି। ଏହାସହ ପିଛିଲା ଭାବେ ୨୦୧୬ରୁ ଏହାକୁ ଲାଗୁ କରିବାକୁ ସଂଘ ପକ୍ଷରୁ କୁହାଯାଇଛି। ସେପ୍ଟେମ୍ବର ୫ ଗୁରୁ ଦିବସ ସୁଦ୍ଧା ଦାବିପୂରଣ ନ ହେଲେ ରାଜ୍ୟର ସମସ୍ତ ୪୮୮ବର୍ଗ ମହାବିଦ୍ୟାଳୟରେ କାର୍ଯ୍ୟରତ ଏହି ଅଧ୍ୟାପିକା ଅଧ୍ୟାପକମାନେ କଳାବ୍ୟାଜ ପିନ୍ଧି ଶିକ୍ଷାନୁଷ୍ଠାନକୁ ଯିବା ପାଇଁ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଗୁରୁବାର ବୁଦ୍ଧମନ୍ଦିରଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଂଘ ପକ୍ଷରୁ କୋଷାଧ୍ୟକ୍ଷ ତଥା ମୁଖପାତ୍ର ଡ. ପ୍ରସନ୍ନ କୁମାର ବରାଳ ଷ୍ଟେଟ ସିଲେକ୍ସନ ବୋର୍ଡ ଅଧ୍ୟାପକଙ୍କ ଦୀର୍ଘ ଦିନର ଦାବି ପ୍ରତି ସରକାର ଅଣଦେଖା କରୁଥିବାରୁ ସେ ଉଦ୍‌ବେଗ ପ୍ରକାଶ କରିଥିଲେ। ଷ୍ଟେଟ ସିଲେକ୍ସନ ବୋର୍ଡ଼ ଦ୍ୱାରା ଏକ ସ୍ୱଚ୍ଛ ଚୟନ ପ୍ରକ୍ରିୟା ମାଧ୍ୟମରେ ଯୋଗ୍ୟତା ଭିତ୍ତିରେ ଚୟନ ହୋଇ ନିଯୁକ୍ତି ପାଇଛନ୍ତି। ମାତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖରେ ସଂଘର ସମସ୍ୟା ପହଞ୍ଚି ନ ପାରିବା ଚିନ୍ତାଜନକ ବୋଲି ସେ କହିଛନ୍ତି। ଖବରଦାତା ସମ୍ମିଳନୀରେ ସଂଘର ରାଜ୍ୟ ସଭାପତି ସରୋଜକାନ୍ତ ନାୟକ, ଉପସଭାପତି ରଜନୀ କୁମାର ନାୟକ, ସମ୍ପାଦକ ଲମ୍ବୋଦର ରାଉତ, ଯୁଗ୍ମ ସମ୍ପାଦକ ସନ୍ଦୀପ ବଳଙ୍କ ସମେତ ୩୦ ଜିଲାର କର୍ମକର୍ତ୍ତା ଯୋଗ ଦେଇଥିଲେ ।

## ଯୁବକଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

**ଭୁବନେଶ୍ୱର,୩୧।୮(ସୂର୍ଯ୍ୟକାନ୍ତ ବେହେରା):** ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଜିଜିପି କୋଲନୀସ୍ଥିତ ଭାଗବତ ସନ୍ଧାନ ଅଞ୍ଚଳରେ ଜଣେ ଯୁବକ ବୁଧବାର ସନ୍ଧ୍ୟାରେ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଯାଜପୁରର ପ୍ରକାଶ ସାମଲ (୩୨)। ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ପାରିବାରିକ କଳହ ଯୋଗୁଁ ପ୍ରକାଶ ଏଭଳି ପଦକ୍ଷେପ ନେଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

# 'ଏଇ ରାକ୍ଷୀ ହେଲା ସାକ୍ଷୀ ଯୁଗ ଯୁଗର' ଶୁଭମୁକ୍ତି




ଭୁବନେଶ୍ୱର,୩୧।୮(ଶର୍ମିଷ୍ଠା ପାଣିଗ୍ରାହୀ)

ପବିତ୍ର ରାଖୀ ପୂର୍ଣ୍ଣିମା ଅବସରରେ ରିଲିଜ ହୋଇଛି ବର୍ଷା କ୍ରିଏଶନର ଓଡିଆ ମ୍ୟୁଜିକ ଭିଡିଓ 'ଏଇ ରାକ୍ଷୀ ହେଲା ସାକ୍ଷୀ ଯୁଗ ଯୁଗର'। ଏହି ଅବସରରେ ଏହାର ଏକ ସିଡୀ ଉନ୍ମୋଚନ କରାଯାଇଥିଲା। ଉତ୍ସବରେ ଅତିଥି ଭାବେ ଆମ ଟିଭିର କ୍ରିଏଟିଭ୍ ହେଡ୍ ପ୍ରଣୟ ଜେଠୀ, ପ୍ରଯୋଜକ ଅଶୋକ ଦାସ ଓ ସୁବାସ ସାହୁ, ବେଞ୍ଚମାର୍କର ମୁଖ୍ୟ ଡ. ପ୍ରସନ୍ନ ଚୌଧୁରୀ, ନ୍ୟୁଜ୍ ଆଙ୍କର ଲକ୍ଷ୍ମୀ ନାରାୟଣ ନନ୍ଦ, ଆର୍.ଜେ. କେପିଙ୍କ ସହ ମ୍ୟୁଜିକ ଭିଡିଓର ନିର୍ଦ୍ଦେଶକ ବାବୁ ବାବୁ, ପ୍ରଯୋଜକ ଶମ୍ଭୁନାଥ ଦାସ, ନାୟିକା ବର୍ଷା ଓ ନାୟକ ପ୍ରେମ ଉପସ୍ଥିତ ଥିଲେ। ଏହି ମ୍ୟୁଜିକ୍ ଭିଡିଓର ମୁଖ୍ୟ ଚରିତ୍ରରେ ବର୍ଷା ଭଉଣୀ ଭୂମିକାରେ ଅଭିନୟ କରିଥିବାବେଳେ ଭାଇ ଚରିତ୍ରରେ ଅଭିନୟ କରିଛନ୍ତି ପ୍ରେମ୍। ଏଥିସହ ବାପା ଭୂମିକାରେ ବାବୁ ପ୍ରଧାନ ଓ ମା' ଭୂମିକାରେ ଦେବଶ୍ରୀ ଦାସଙ୍କୁ ଦେଖିବାକୁ ପାଇବେ ଦର୍ଶକ।

## ଶିଖରଚଣ୍ଡୀ ପାହାଡ଼ ଜୈବ ବିବିଧତା ନଷ୍ଟ ମାମଲା

# ୧୧ରେ ପରବର୍ତ୍ତୀ ଶୁଣାଣି

ଭୁବନେଶ୍ୱର, ୩୧।୮ (ବନ୍ଦନା ସେଠୀ)

ଶିଖରଚଣ୍ଡୀ ପାହାଡ଼ ଜୈବ ବିବିଧତା ନଷ୍ଟ ମାମଲାରେ ଗୁରୁବାର ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ରେ ଶୁଣାଣି ହୋଇଥିଲା। ଏଥିସହ ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୧୧କୁ ଧାର୍ଯ୍ୟ କରାଯାଇଥିବାବେଳେ ସେ ପର୍ଯ୍ୟନ୍ତ ପାହାଡ଼ ଉପରେ ୱାଟ୍‌କୋର କୌଣସି କାର୍ଯ୍ୟ କରା ନ ଯିବା ନିର୍ଦ୍ଦେଶକୁ କାଏମ ରଖାଯାଇଛି। ତେବେ ଏହାକୁ ନେଇ ମା' ଶିଖରଚଣ୍ଡୀ ଆଞ୍ଚଳିକ ସମିତି ଅସନ୍ତୋଷ ପ୍ରକାଶ କରିଛି। ରାଜ୍ୟ ସରକାର ପାହାଡ଼ ଉପରେ ଗଛ ଲଗାଇବା ସହ ବିକାଶ ନାମରେ ପୁରୁଣା ଗଛକୁ କାଟୁଥିବା ଅଭିଯୋଗ କରାଯାଇଛି। ଏନ୍‌ଜିଟିର ନିର୍ଦ୍ଦେଶକ୍ରମେ ଗଛକଟା ହୋଇଥିବା ସ୍ଥାନରେ ଗଛ ନ ଲଗାଇ ରାତି ଅଧରେ ମେଶିନ ଲଗାଇ ପାହାଡ଼ ପାଦଦେଶରେ ଥିବା ବଡ଼ ଗଛକୁ ସଫା କରାଯାଉଛି ଓ ସକାଳୁ ଛୋଟ

### ପାହାଡ଼ରେ ଗଛ କାଟି ଲଗାଉଛି ପ୍ରଶାସନ

### ଲିଖିତ ଅଭିଯୋଗ କରିବ ମା' ଶିଖରଚଣ୍ଡୀ ଆଞ୍ଚଳିକ ସମିତି



ଛୋଟ ଗଛ ଆଣି ଲଗାଯାଉଛି। ଏନେଇ ଆଗାମୀ ଶୁଣାଣିରେ ଏନ୍‌ଜିଟିରେ ଲିଖିତ ଅଭିଯୋଗ କରାଯିବ ବୋଲି ସମିତି ପକ୍ଷରୁ ସଚିନ୍ ମହାପାତ୍ର କହିଛନ୍ତି। ଗଛ ଲାଗାଇବା ପାଇଁ ସମିତି କୌଣସି ବିରୋଧ କରୁନାହିଁ। ଜଙ୍ଗଲ ବିଭାଗ ସହ ମିଶି ଗଛ ଲଗାଇବାରେ ସହଯୋଗ କରାଯାଉଛି। ମାତ୍ର ଗଛ କାଟି ସେହି ସ୍ଥାନରେ ପୁଣି ଗଛ ଲଗାଇବା କାମକୁ ବିରୋଧ କରାଯାଉଛି। ଏଥିସହ ପାନୀୟ ଜଳ ପ୍ରକଳ୍ପ ପାଇଁ ଯେଉଁ ସ୍ଥାନରେ ଗଛକଟା ଯାଇଛି ସମ୍ପୃକ୍ତ ସ୍ଥାନରେ ବିଡିଏ ଏବଂ ୱାଟ୍‌କୋ ପକ୍ଷରୁ ଗଛ ଲଗାଇବାକୁ ଦାବି କରାଯାଇଛି। ତେବେ ଏପରି ବେଆଇନ କାର୍ଯ୍ୟରୁ ବିରତ ନ ହେଲେ ଆସନ୍ତା ଦିନରେ ଏହା ବିରୋଧରେ ଆନ୍ଦୋଳନ କରାଯିବ ବୋଲି ସମିତି ପକ୍ଷରୁ ଚେତାବନୀ ଦିଆଯାଇଛି।

ସୂଚନାଯୋଗ୍ୟ, ଜଙ୍ଗଲ (ସଂରକ୍ଷଣ) ଆଇନ୍ ୧୯୮୦କୁ ଉଲ୍ଲଂଘନ କରି ଶିଖରଚଣ୍ଡୀ ପାହାଡ଼ରେ ମେଗା ପାନୀୟ ଜଳ ସଂରକ୍ଷଣ ପ୍ରକଳ୍ପ ନିର୍ମାଣ କରାଯାଉଥିବା ଅଭିଯୋଗ କରି ମା' ଶିଖରଚଣ୍ଡୀ ଆଞ୍ଚଳିକ ସୁରକ୍ଷା ସମିତି ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହୋଇଥିଲା। ଘଟଣାର ଗୁରୁତ୍ୱକୁ ଅନୁଭବ କରି ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସେଠାରେ ପ୍ରକଳ୍ପ କାମ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏନେଇ ଜୁଲାଇ ୫ରେ ପ୍ରଥମ ଶୁଣାଣି ହୋଇଥିବାବେଳେ ଦ୍ୱିତୀୟ ଶୁଣାଣି ଜୁଲାଇ ୨୭ରେ ହୋଇଥିଲା।

## ସଂକ୍ଷେପରେ

### ଟୁନା ଦାସ ହତ୍ୟା ମାମଲା ଅଭିଯୁକ୍ତଙ୍କୁ ଆଜୀବନ ଜେଲଦଣ୍ଡ

କଟକ,୩୧।୮ (କାର୍ତ୍ତିକ ସାହୁ)

ବିଡ଼ାନାସୀ ଥାନା ତୁଳସୀପୁର ବାଉରୀ ସାହିରେ ୨୦୧୬ ଜାନୁଆରୀ ୧୮ରେ ଘଟିଥିବା ଟୁନା ଦାସ ହତ୍ୟା ମାମଲାରେ ରାୟ ପ୍ରକାଶ ପାଇଛି। କଟକ ଜିଲା ଦୌରା ଜଜ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଭିଯୁକ୍ତଙ୍କୁ ଅଧିକ ୧ ବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ପଡିବ ବୋଲି ଅଦାଲତ ଆଦେଶରେ ସ୍ପଷ୍ଟ କରିଛନ୍ତି। ପ୍ରକାଶଯେ, ତୁଳସୀପୁର ବାଉରୀ ସାହିର ଟୁନା ଦାସ ଓ ଅଭିଯୁକ୍ତ ପପୁ ଦାସ ମଧ୍ୟରେ ପାନୀୟ ଜଳକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଟୁନାଙ୍କୁ ଘରୁ ଡାକି ନେଇ ପପୁ କଟୁରିରେ ହାଣି ହତ୍ୟା କରିଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ପପୁଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। କଟକ ଜିଲା ଦୌରାଜଜ ସୌମେନ୍ଦ୍ର କୁମାର ରାଜଗୁରୁଙ୍କ କୋର୍ଟରେ ପୋଲିସ ଚାର୍ଜଶିଟ ଦାଖଲ କରିବା ପରେ ମାମଲାର ବିଚାର ଆରମ୍ଭ ହୋଇଥିଲା। ୧୪ ଜଣ ସାକ୍ଷୀ ଓ ଏକାଧିକ ପ୍ରମାଣ ଆଧାରରେ ଅଦାଲତ ପପୁଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର କ୍ଷେତ୍ରମୋହନ ବେହେରା ମାମଲା ପରିଚାଳନା କରୁଥିଲେ।

### ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ରକ୍ଷାବନ୍ଧନ

ବାଙ୍କୀ,୩୧।୮ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ କଚେରୀ ଛକ ନିକଟବର୍ତ୍ତୀ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ରକ୍ଷାବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶାଖା ମୁଖ୍ୟ ସଞ୍ଚାଳିକା ଭଉଣୀ ବି.କେ.ଗୌରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ମିନତୀ ମହାପାତ୍ର, ବାଙ୍କୀ ମହୋତ୍ସବ ସାଧାରଣ ସମ୍ପାଦକ ଡ. ଗଣେଶ୍ୱର ସ୍ୱାଇଁ ,ବାଙ୍କୀ ବୟୋଜ୍ୟେଷ୍ଠ ନାଗରିକ ସଂଘ ସଭାପତି ବିରଞ୍ଚି ଦାସ, ଶିକ୍ଷାବିତ୍ ଅଖିଳ ବୀରବର ହରିଚନ୍ଦନ, ସୁଦର୍ଶନ ଦାଶ ପ୍ରମୁଖ ଯୋଗଦେଇଥିଲେ। ସେମାନଙ୍କୁ ବି.କେ. ଗୌରୀ ରାକ୍ଷୀ ପିନ୍ଧାଇ ସମସ୍ତଙ୍କର ଶୁଭକାମନା କରିଥିଲେ। ଶେଷରେ କବିତା ଭଉଣୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍କୁଲ ବ୍ୟାଗ୍ ବଣ୍ଟନରେ ଅନିୟମିତତା ଅଭିଯୋଗ

ନିଶ୍ଚିନ୍ତକୋଇଲି,୩୧।୮ (ଅଶୋକ କୁମାର ମହାପାତ୍ର)

- ୩୬୭୮ ପିଲାଙ୍କ ପାଇଁ ଆସିଥିଲା ୪ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା
- ୩ବର୍ଷେ ପରେ ବି ପିଲାଙ୍କୁ ମିଳିଲାନି ବ୍ୟାଗ୍
- ତଦନ୍ତ ଦାବିକଲେ ଅଭିଭାବକ

ନିଶ୍ଚିନ୍ତକୋଇଲି ଶିକ୍ଷା ମଣ୍ଡଳ ଅଧୀନରେ ଥିବା ବିଭିନ୍ନ ବିଦ୍ୟାଳୟରେ ପିଲାମାନଙ୍କୁ ବ୍ୟାଗ ବଣ୍ଟନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ବର୍ଷେ ହେବ ଅଧିକାଂଶ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଏହି ବ୍ୟାଗ ମିଳି ନ ଥିବା ଚର୍ଚ୍ଚା ହେଉଛି। ଏହାର ତଦନ୍ତ ଦାବି ହୋଇଛି।

କଟକ ଜିଲା ସମଗ୍ର ଶିକ୍ଷା ଯୋଜନାର ପ୍ରକଳ୍ପ ଅଧିକାରୀଙ୍କ ଚିଠି (ନଂ. ୩୮୪/୯-୨-୨୦୨୨) ଅନୁଯାୟୀ ଗଙ୍ଗାଧର ମେହେର ମାନକ ବୃଦ୍ଧି ଯୋଜନାରେ ସମସ୍ତ ବ୍ଲକ ଶିକ୍ଷାଧିକାରୀଙ୍କୁ ବ୍ୟାଗ ବଣ୍ଟନ ସମ୍ପର୍କରେ ଅବଗତ କରାଯାଇଥିଲା। ଏନେଇ ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନରେ ଥିବା ୧୮୩ ବିଦ୍ୟାଳୟର ୩୬୭୮ ଜଣ ଛାତ୍ରୀଛାତ୍ରଙ୍କ ନିମନ୍ତେ ୪ଲକ୍ଷ ୭୬ ହଜାର ୬୭୮ଟଙ୍କା ୮୦ ପଇସା ପଠାଯାଇଥିଲା। ଏହି ଟଙ୍କାରେ ବ୍ଲକ ଅଞ୍ଚଳର ପ୍ରତି ବିଦ୍ୟାଳୟର ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ବ୍ୟାଗ ବଣ୍ଟନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ନିଶ୍ଚିନ୍ତକୋଇଲି ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ତଥା ବିଆର୍‌ସିସିଙ୍କ ନାମରେ ମାହାଙ୍ଗା ବ୍ଲକ ଗୌଡ଼ଗୋପରେ ଥିବା ଏକ ଘରୋଇ ବ୍ୟାଙ୍କ ଜମା ଖାତାରେ ଏହି ଟଙ୍କା ଜମା କରାଯାଇଥିଲା। ଏଥିସହ ପ୍ରତି ବିଦ୍ୟାଳୟ ନାମରେ ଥିବା ଜମାଖାତାକୁ ପଠାଯିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ଉକ୍ତ ଟଙ୍କା ଉଠାଯାଇ ଛାତ୍ରୀଛାତ୍ରଙ୍କ ନିମନ୍ତେ ୧୩୦ ଟଙ୍କା ମୂଲ୍ୟରେ ବ୍ୟାଗ କିଣିବାକୁ ନିର୍ଦ୍ଦେଶନାମାରେ ଉଲ୍ଲେଖ ଥିଲା। ଇତିମଧ୍ୟରେ ବର୍ଷକରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ବ୍ଲକର ବହୁ ଛାତ୍ରୀଛାତ୍ରଙ୍କୁ ବ୍ୟାଗ ମିଳିନାହିଁ ବୋଲି ଅଭିଭାବକମାନେ କହିଛନ୍ତି। ବ୍ଲକର ନାମକୁ ମାତ୍ର କେତୋଟି ହାତଗଣତି ବିଦ୍ୟାଳୟରେ ଏହି ବ୍ୟାଗ ବଣ୍ଟନ କରାଯାଇଥିବା ଶୁଣିବାକୁ ମିଳୁଛି। ଅପରପକ୍ଷେ ୧୩୦ ଟଙ୍କା ପରିବର୍ତ୍ତେ ମାତ୍ର ୪୦ରୁ ୫୦ ଟଙ୍କା ମୂଲ୍ୟର ବ୍ୟାଗ କିଣାଯାଇ ଅବଶିଷ୍ଟ ଟଙ୍କା ହଡ଼ପ କରାଯାଇଛି ବୋଲି କେତେଜଣ ଅଭିଭାବକ କହିଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି, ପ୍ରଧାନ ଶିକ୍ଷକ ଓ ସିଆର୍‌ସିସିମାନଙ୍କ ଏଥିରେ ସମ୍ପୃକ୍ତି ଥିବା କୁହାଯାଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ସାମାଜିକ କର୍ମୀ ଅମିୟ କୁମାର ବିଶ୍ୱାଳ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଦିଲୀପ କୁମାର ରାଉତ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା କୁହନ୍ତି, ପ୍ରତି ବିଦ୍ୟାଳୟ ଆକାଉଣ୍ଟକୁ ଅର୍ଥ ପଠାଯାଇଛି। କିଛି ବିଦ୍ୟାଳୟରେ ବ୍ୟାଗ ମଧ୍ୟ ବଣ୍ଟନ କରାଯାଇଛି। ତେବେ ବ୍ୟାଗ ବଣ୍ଟନ ହୋଇ ନ ଥିବା ନେଇ କୌଣସି ଅଭିଯୋଗ ଆମର ହସ୍ତଗତ ହୋଇନାହିଁ। ଅଭିଯୋଗ ମିଳିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ଶୈଶବ ଅବସ୍ଥାରେ କୋରାନ ଶିକ୍ଷାର ଗୁରୁତ୍ୱ ଅଧିକ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଟିଗିରିଆ, ୩୦।୮ (ଜାଫର ଖାଁ)

**ବିସିମିଲ୍ଲା, ଆମିନ କାର୍ଯ୍ୟକ୍ରମ**

ଟିଗିରିଆ ବ୍ଲକ ଅନ୍ତର୍ଗତ ଜମାତ ଅହମ୍ମଦିୟା ପଙ୍କାଳର ତାହେର ନଗର ମସଜିଦଠାରେ କୋରାନ ଶିକ୍ଷାର ଆରମ୍ଭ ଓ ଶେଷ (ବିସିମିଲ୍ଲା ଓ ଆମିନ )କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଜଲସା କାର୍ଯ୍ୟକ୍ରମରେ ଗ୍ରାମ୍ୟ କମିଟି ସଭାପତି ଅବଦୁଲ ଇସ୍‌ମାଇଲ ଖାଁ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥିଭାବେ କୋରାନ ଶିକ୍ଷାର ଉପସଚିବ ମୌଲାନା ସୁଲତାନ ସଲାଉଦ୍ଦିନ ଯୋଗଦେଇ ଶୈଶବ ଅବସ୍ଥାରେ ପବିତ୍ର କୋରାନ ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ । ସମ୍ମାନିତ ଅତିଥିଭାବେ ଜମାତ୍ ଅହମ୍ମଦିୟା କଟକ ଜିଲାର ମୌଲାନା ହଲିମ ଅହମ୍ମଦ, ମୌଲାନା ସେ. କେ ଅବଦୁଲ କାଦିର, ମୌଲାନା ସେ. କେ ସମସୁଲ ପ୍ରମୁଖ ଯୋଗଦେଇଥିଲେ। ଶେଷରେ କୋରାନ ଉପରେ ଏକ ସାଧାରଣଜ୍ଞାନ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯଯାଇଥିଲା। ଏହି କାର୍ଯ୍ୟକ୍ରମରେ ତାହେର ନଗର ମସଜିଦର ସଭାପତି ଇଜାବୁଲ ହକ୍ ଖାଁ, ସଲାବତ ଖାଁ, ଅଲାବତ ଖାଁ, ସଲାମତ ଖାଁ, ଅମ୍‌ଜାଦ ଖାଁ, ରୋହନ ଖାଁ ଓ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ବିଶ୍ୱଶାନ୍ତି ପାଇଁ ପ୍ରାର୍ଥନା କରାଯାଇଥିଲା ।

# ସ୍ୱାୟତ୍ତ ଶାସନ ଦିବସରେ ୪୧ଏସ୍ଏଚ୍‌ଜିଙ୍କୁ ସହାୟତା



ସ୍ୱାୟତ୍ତ ଶାସନ ଦିବସ କାର୍ଯ୍ୟକ୍ରମରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ।

ଆଠଗଡ,୩୧।୮ (ସତ୍ୟ ପ୍ରସାଦ ରଥ)

ଆଠଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଗୁରୁବାର ସ୍ୱାୟତ୍ତ ଶାସନ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରାତଃ ସମୟରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ସହରରେ ରାମଧୂନ ପରିବେଷଣ କରାଯିବା ସହ ସହରର ବିଭିନ୍ନ ସ୍ଥାନରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପରିସରରେ ଅଧ୍ୟକ୍ଷା ସସ୍ମିତା ରାଉତ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅପରାହ୍ଣରେ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ପରିସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷା ସସ୍ମିତା ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ , ସମ୍ମାନିତ ଅତିଥିଭାବେ କଟକ ଜିଲା ସହରାଞ୍ଚଳ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ହେମନ୍ତ କୁମାର ସ୍ୱାଇଁ, ପରିଷଦର ଭାରପ୍ରାପ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୀପ୍ତିମୟୀ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୨୫ଜଣଙ୍କୁ ମଧୁବାବୁ ପେନ୍‌ସନ ଯୋଜନାରେ ଭତ୍ତା , ୪୧ଟି ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି) ୧୦ ହଜାର ଟଙ୍କା ଲେଖାଏ ହିସାବରେ ସହାୟତା ରାଶି ପ୍ରଦାନ,ଗାରିମା ଯୋଜନାରେ ୨୭ ଜଣ ସଫେଇ କର୍ମଚାରୀଙ୍କୁ ପରିଚୟ ଓ ପ୍ରମାଣପତ୍ର ଏବଂ ପରିମଳ କର୍ମଚାରୀଙ୍କୁ ନିରାପତ୍ତା ସାମଗ୍ରୀ ବଣ୍ଟନ କରାଯାଇଥିଲା। ଆଜାଦୀ କା ଅମୃତ ମହୋତ୍ସବ ପୂର୍ବରୁ ପରିଷଦ ପକ୍ଷରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା।

### ବାଙ୍କୀ ଏନ୍ଏସିକୁ ସରସ ସୁନ୍ଦର କର

ବାଙ୍କୀ,୩୧।୮ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଏନ୍ଏସି ନିକଟବର୍ତ୍ତୀ ମହାରଣା କଲ୍ୟାଣ ମଣ୍ଡପରେ ଗୁରୁବାର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ନଗରପାଳ ମାଣିକ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ମୁଖ୍ୟଅତିଥି ଭାବେ ଯୋଗଦେଇ ବାଙ୍କୀ ଏନ୍ଏସିକୁ ସରସ ସୁନ୍ଦର କରିବାକୁ ପରାମର୍ଶ ଦେଇଥିଲେ। ବିଶିଷ୍ଟ ଅତିଥିଭାବେ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଯୋଗଦେଇ ବାଙ୍କୀ ଏନ୍ଏସିରେ ଉନ୍ନତିମୂଳକ କାର୍ଯ୍ୟ ଆଗେଇ ଚାଲିଛି ବୋଲି କହିଥିଲେ। ଏହି ଧାରା ବଜାୟ ରଖିବାକୁ ସେ ପରାମର୍ଶ ଦେଇଥିଲେ। ବାଙ୍କୀ ଉପଜିଲାପାଳ ରଞ୍ଜନ କୁମାର ଜେନା, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ବିଶେଷଅତିଥିଭାବେ ଯୋଗଦେଇଥିଲେ। ଉପନଗରପାଳ ସନ୍ତୋଷ କୁମାର ରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟ ନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା କର୍ମଚାରୀମାନଙ୍କୁ ପୁରସ୍କାର ଦିଆଯାଇଥିଲା।

# ୧୭ କିଲୋ ଗଞ୍ଜେଇ ଜବତ

## ପଶ୍ଚିମବଙ୍ଗର ମହିଳା ସମେତ ୨ଗିରଫ

ନିଶ୍ଚିନ୍ତକୋଇଲି,୩୧।୮ (ଅଶୋକ କୁମାର ମହାପାତ୍ର)

କଟକ ଜିଲା ଅବକାରୀ ବିଭାଗର ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ପକ୍ଷରୁ ନିଶ୍ଚିନ୍ତକୋଇଲି ଓ ସାଲେପୁର ବ୍ଲକ ଅଞ୍ଚଳରେ ଗୁରୁବାର ଅଚାନକ ଚଢ଼ାଉ କରାଯାଇ ପୃଥକ୍ ସ୍ଥାନରୁ ୧୭ କିଲୋ ଗଞ୍ଜେଇ ଜବତ କରାଯାଇଛି। ଏହି ଅଭିଯୋଗରେ ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ମଧ୍ୟରେ ଜଣେ ପଶ୍ଚିମବଙ୍ଗର ମହିଳା ରହିଛନ୍ତି। ସେ ହେଲେ ନିତା ମଣ୍ଡଳ (୪୫)। ଅନ୍ୟତମ ଅଭିଯୁକ୍ତ ହେଲେ କେନ୍ଦ୍ରାପଡା ଜିଲା ପକ୍ଷତ ଗ୍ରାମର ପ୍ରେମାନନ୍ଦ ଦଳାଇ(୩୮)। ସୂଚନା ଅନୁଯାୟୀ, ନିତା କଟକରୁ ଗଞ୍ଜେଇ ନେଇ କେନ୍ଦ୍ରାପଡା ଅଭିମୁଖେ ଏକ ଘରୋଇ ବସରେ ଯାଉଥିଲେ। କୌଣସିସୂତ୍ରରୁ ଖବରପାଇ ଅବକାରୀ ବିଭାଗର ସ୍ୱତନ୍ତ୍ର ସ୍କ୍ୱାଡ୍ ଉକ୍ତ ବସ୍ ଉପରେ ଚଢ଼ାଉ କରି ମହିଳାଙ୍କଠାରୁ ୮ କିଲୋ ଗଞ୍ଜେଇ ଜବତ କରିଛି। ସେହିପରି ପ୍ରେମାନନ୍ଦଙ୍କ ନିକଟରୁ ୯ କିଲୋ ଗଞ୍ଜେଇ ଜବତ କରାଯାଇଛି। ଏହି ଚଢ଼ାଉ ଟିମ୍‌ରେ ଅବକାରୀ ବିଭାଗ ଇନ୍ସପେକ୍ଟର ମାନସୀ ନାୟକ, ଖଗେଶ୍ୱର ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# ‘ଲୁହରେ ଲେଖିଛି ନୂଆ କାହାଣୀ’ ନାଟକ ମଞ୍ଚସ୍ଥ

ଟିଗିରିଆ,୩୧।୮ (ଜାଫର ଖାଁ)

ଟିଗିରିଆ ବ୍ଲକ ଅନ୍ତର୍ଗତ ଜେମାଦେଇପୁରସ୍ଥିତ ବୁଦ୍ଧଦେବ ଯୁବ ନାଟ୍ୟ ସଂସଦ ତରଫରୁ ଝୁଲଣ ଯାତ୍ରା ଉପଲକ୍ଷେ ବୁଧବାର ସାମାଜିକ ନାଟକ ‘ଲୁହରେ ଲେଖିଛି ନୂଆ କାହାଣୀ’ ମଞ୍ଚସ୍ଥ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଜିଲା ପରିଷଦ ସଭ୍ୟ ମହେବୁବ୍ ଅହମ୍ମଦ ଖାଁ ଓ ସମ୍ମାନିତ ଅତିଥିଭାବେ ନୂଆପାଟଣା ସରପଞ୍ଚ ସୋମନାଥ ଦାସ, ନୂଆପାଟଣା ନଂ.୧ ବୁଣାକାର ସମିତି ସଭାପତି କେଶବ ପାତ୍ର, ଯୁବନେତା ମହେନ୍ଦ୍ର କୁଣ୍ଡୁ ଓ ସଂସାରୀ ବେହେରା ପ୍ରମୁଖ ଯୋଗଦେଇଥିଲେ। ସୁବାସ ଚନ୍ଦ୍ର ପଣ୍ଡାଙ୍କ ନିର୍ଦ୍ଦେଶନାରେ ଆୟୋଜିତ ଏହି ନାଟକରେ ମୁଖ୍ୟ ସହଯୋଗୀ ଭାବେ ପ୍ରଶାନ୍ତ ପାତ୍ର, ମହେଶ୍ୱର ବର୍ଦ୍ଧନ, ସନ୍ତୋଷ ନନ୍ଦୀ ଉପସ୍ଥିତ ଥିଲେ। ମୁଖ୍ୟ ପରିଚାଳକ ସଞ୍ଜୟ କୁମାର ମହାପାତ୍ର,ସହ ପରିଚାଳକ ଦିଲୀପ ମହାପାତ୍ର ଦାୟିତ୍ୱ ବହନ କରିଥିଲେ।



ନାଟକ ମଞ୍ଚସ୍ଥ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଓ କଳାକାରମାନେ।

### ବ୍ୟାଙ୍କ ଗ୍ରାହକ ସେବାକୁ ସିଏସ୍‌ପି ପ୍ଲସ୍‌ରେ ସାମିଲ ପାଇଁ ଦାବି

ନିଶ୍ଚିନ୍ତକୋଇଲି, ୩୧।୮ (ଅଶୋକ କୁମାର ମହାପାତ୍ର)

ଭାରତୀୟ ଷ୍ଟେଟ ବ୍ୟାଙ୍କ ଦ୍ୱାରା ପରିଚାଳିତ ଗ୍ରାହକ ସେବା କେନ୍ଦ୍ର(ସିଏସ୍‌ପି)କୁ ସିଏସ୍‌ପି ପ୍ଲସରେ ସାମିଲ କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ଗ୍ରାହକ ସେବା କେନ୍ଦ୍ର ସତ୍ତ୍ୱାଧିକାରୀ ପ୍ରମୋଦ କୁମାର ସ୍ୱାଇଁ, ବଳଦେବ ସ୍ୱାଇଁ, ଗୋପାଳ ଚରଣ ଚାନ୍ଦ, ସୁକାନ୍ତ ରାଉତ, ସ୍ମୃତି ରଞ୍ଜନ ଖୁଣ୍ଟିଆ, ସଂଗ୍ରାମ ସ୍ୱାଇଁ, ଭବାନୀ ସିଂ, ଅକ୍ଷୟ ସାହୁ ପ୍ରମୁଖ ମାହାଙ୍ଗା ବିଧାୟକ ପ୍ରତାପ ଜେନା ଓ କଟକ ସଦର ବିଧାୟକ ଚନ୍ଦ୍ର ସାରଥି ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରଛନ୍ତି।

# ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲଦଣ୍ଡ

କଟକ,୩୧।୮ (କାର୍ତ୍ତିକ ସାହୁ)

**ନାବାଳିକା ଅସଦାଚରଣ ମାମଲା**

ନାବାଳିକା ଅସଦାଚରଣ ମାମଲାରେ କଟକ ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଗୁରୁବାର ଜଣେ ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ଅଟୋ ଚାଳକ ଉମେଶ ଚନ୍ଦ୍ର କାଣ୍ଡି। ଏଥିସହ ଅଭିଯୁକ୍ତଙ୍କ ୮୦ ବର୍ଷର ବାପାଙ୍କୁ ମଧ୍ୟ ଗଣ୍ଡଗୋଳ ମାମଲାରେ ଦୋଷୀ ସାବ୍ୟସ୍ତ କରି ପିଓ ବଣ୍ଡରେ ଛାଡ଼ିଛନ୍ତି।

ମାମଲାର ବିବରଣୀ ଅନୁସାରେ, ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ୨୦୧୪ ଡିସେମ୍ବର ୧୫ରେ ଏହି ଘଟଣା ଘଟିଥିଲା। ଉମେଶ ସମ୍ପୃକ୍ତା ନାବାଳିକାଙ୍କ ବାପାଙ୍କ ଅଟୋ ଚାଳକ ଥିଲେ। ନାବାଳିକା ଓ ତାଙ୍କ ପରିବାର ଲୋକେ ସେଦିନ ଏକ ବ୍ୟାଙ୍କକୁ ଯାଇଥିଲେ। ବ୍ୟାଙ୍କ ଭିଡ଼ ଥିବାରୁ ନାବାଳିକାଙ୍କୁ ଅଟୋରେ ଛାଡ଼ି ତାଙ୍କ ପରିବାର ଲୋକେ ବ୍ୟାଙ୍କ କାର୍ଯ୍ୟ କରିଥିଲେ। ଏହି ସୁଯୋଗରେ ଅଟୋଚାଳକ ନାବାଳିକାଙ୍କୁ ଅସଦାଚରଣ କରିଥିଲେ। ନାବାଳିକାଙ୍କ ମାଆ ଏହା ଜାଣିବାରୁ ଚାଳକ ଅଟୋ ଛାଡ଼ି ଫେରାର ହୋଇଯାଇଥିଲେ। ନାବାଳିକାଙ୍କ ପରିବାର ପକ୍ଷରୁ ନିଶ୍ଚିନ୍ତକୋଇଲି ଥାନାରେ ଏତଲା ଦିଆଯାଇଥିଲା। ଏନେଇ ପୋଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପୋଲିସ ଚାର୍ଜଶିଟ ଦାଖଲ କରିବା ପରେ ମାମଲାର ଶୁଣାଣି ସ୍ୱତନ୍ତ୍ର ପୋକ୍ସୋ ଅଦାଲତରେ ହୋଇଥିଲା। ୧୨ ଜଣ ସାକ୍ଷୀ ଓ ୧୧ଟି ପ୍ରମାଣ ଆଧାରରେ ଅଦାଲତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ରାୟ ପ୍ରଦାନ କରିଛନ୍ତି। ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ଝୁଲଣଯାତ୍ରା, ସମ୍ବର୍ଦ୍ଧନା ଉତ୍ସବ

ମାହାଙ୍ଗା,୩୧।୮ (ଯଯାତି ସିଂହ)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତ ହଂସିଦିଆ ଗ୍ରାମରେ ପ୍ରଭୁ ବଳଭଦ୍ରଙ୍କ ଜନ୍ମ ଦିବସ ଅବସରରେ ୩ ଦିନ ବ୍ୟାପୀ ଝୁଲଣଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶ୍ରୀଶ୍ରୀ ବୃନ୍ଦାବନଚନ୍ଦ୍ର ଝୁଲଣ ଯାତ୍ରା ପରିଷଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଭାପତି ନାରାୟଣ କରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଧାକାନ୍ତ ବଳବନ୍ତରାୟ ସମ୍ମାନିତ ଅତିଥିଭାବେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବିଜୟ କୁମାର ପାତ୍ର, ମୁଖ୍ୟବକ୍ତା ଭାବେ ସରପଞ୍ଚଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର କର, ଅନ୍ୟତମ ଅତିଥିଭାବେ ମୂଳବସନ୍ତ ପାଲା ମଞ୍ଚ ସମ୍ପାଦକ ଅଜୟ ଭଦ୍ର ପ୍ରମୁଖ ଯୋଗଦେଇ ଝୁଲଣ ଯାତ୍ରା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ସାମାଜିକ କାର୍ଯ୍ୟ ପାଇଁ ୨୦ ଜଣ କଳାକାରଙ୍କୁ ପୁଷ୍ପଗୁଚ୍ଛ,ଉତ୍ତରୀୟ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ କଳାକାର ବିଶ୍ୱନାଥ ପଲେଇ, ରୋଜାଲିନ ଦାସ, ସୁଧାକାର ପଣ୍ଡା, ସୁବାସ ରାଉତ,ତନ୍ମୟ ନନ୍ଦ, ଶୁଭଲକ୍ଷ୍ମୀ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ହରି ଓଁ ଭଜନ ସନ୍ଧ୍ୟା ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା ।



ଝୁଲଣ ଯାତ୍ରା ଉତ୍ସବରେ ସମ୍ବର୍ଦ୍ଧିତ ହୋଇଥିବା ବ୍ୟକ୍ତିବିଶେଷ ଓ ଅନ୍ୟମାନେ।

# ‘ଓଡ଼ିଆ ସାହିତ୍ୟର ବିରଳ ପ୍ରତିଭା ଗଙ୍ଗାଧର’

**ସ୍ୱଭାବ କବିଙ୍କ ଜୟନ୍ତୀ**

କଟକ,୩୧।୮ (କାର୍ତ୍ତିକ ସାହୁ)

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସୃଷ୍ଟି ସର୍ବକାଳୀନ। ଦେଶାତ୍ମବୋଧ, ମାନବପ୍ରୀତି ଓ ପ୍ରକୃତି ବର୍ଣ୍ଣନା ତାଙ୍କ କବିତାରେ ପରିଦୃଷ୍ଟ ହୁଏ ବୋଲି ପ୍ରଫେସର ବୈରାଗୀ ଚରଣ ଜେନା କହିଛନ୍ତି। ସାରଳା ସାହିତ୍ୟ ସଂସଦ ପକ୍ଷରୁ କଟକ ସାରଳା ଭବନଠାରେ ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଜେନା ଯୋଗଦେଇ ଏହି ମତବ୍ୟକ୍ତ କରିଛନ୍ତି। ମୁଖ୍ୟବକ୍ତା ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ଅଧ୍ୟାପିକା ଡ. ସଂଘମିତ୍ରା ବେହେରା କହିଥିଲେ, ଗଙ୍ଗାଧରଙ୍କ ସୃଷ୍ଟିରେ ଅନ୍ତଃ ପ୍ରକୃତି ଓ ବାହ୍ୟ ପ୍ରକୃତିର ଅପୂର୍ବ ସମନ୍ୱୟ ଦେଖିବାକୁ ମିଳେ। ତାଙ୍କ ରଚିତ ତପସ୍ୱିନୀ, ପ୍ରଣୟବଲ୍ଲରୀ, ଇନ୍ଦୁମତୀ, କୀଚକବଧ ଆଦି ଗ୍ରନ୍ଥ ଓଡ଼ିଆ ବାଣୀଭଣ୍ଡାରର ଅମୂଲ୍ୟ ସମ୍ପଦ। ସମ୍ମାନିତ ଅତିଥି କବି ପ୍ରସନ୍ନ କୁମାର ଜେନା କହିଥିଲେ, ପ୍ରକୃତିର ଜୀବନ୍ତ ଓ ଅପରୂପ ଶୋଭା ବର୍ଣ୍ଣନା କରିବାରେ ଗଙ୍ଗାଧର ହେଉଛନ୍ତି ଓଡ଼ିଆ ସାହିତ୍ୟରେ ବିରଳ ପ୍ରତିଭା। ବିଶିଷ୍ଟ ଅତିଥି ଡ. ଭାଗବତ ଶୁକ୍ଳ କହିଥିଲେ, ଗଙ୍ଗାଧରଙ୍କ ପ୍ରେରଣାର ଉତ୍ସ ଥିଲା ଭାରତୀୟ ପୁରାଣ ଓ କାବ୍ୟ। ସାରଳା ସାହିତ୍ୟ ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁ ଅଧ୍ୟକ୍ଷତା କରି କହିଥିଲେ, ଭାଷାଭିତ୍ତିକ ଉତ୍କଳ ପ୍ରଦେଶ ଗଠନରେ ଗଙ୍ଗାଧରଙ୍କ ଅବଦାନ ଅବିସ୍ମରଣୀୟ। ଡ. ଚୌଧୁରୀ ସତ୍ୟ ଦାସ ସ୍ୱାଗତ ଭାଷଣ ଓ ସଞ୍ଜୀତ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡା. ନିରଞ୍ଜନ ତ୍ରିପାଠୀ, ଡା. ନିମାଇଁ ଚରଣ ପରିଜା, ତରୁଣ କୁମାର ସାହୁ, ସୁବାସ ମହାନ୍ତି, ଗୋପୀନାଥ ପଣ୍ଡା, ଇଂ. ସୁଶାନ୍ତ ସେଠୀ, ଅଖିଳ ସାମନ୍ତରାୟ, ଜୟଲକ୍ଷ୍ମୀ ସେଠୀ, ଲକ୍ଷ୍ମୀପ୍ରକାଶ ମହାପାତ୍ର ପ୍ରମୁଖ ଗଙ୍ଗାଧରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଭୁ ପ୍ରସାଦ ରାଉତ, ବିଭୁ ପ୍ରସାଦ ପୃଷ୍ଟି, ବ୍ରଜକିଶୋର ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୋହାଗିନୀ ବେହେରା ଧନ୍ୟବାଦ ଦେଇଥିଲେ।



ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି।

ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ସୁରକ୍ଷା ସଂସ୍ଥା ଉତ୍କଳ ସନ୍ତାନ ପକ୍ଷରୁ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଓ ରକ୍ଷାସୂତ୍ର ବନ୍ଧନ ପର୍ବ କଟକ ଚହଟାସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ଗୁରୁବାର ପାଳିତ ହୋଇଯାଇଛି। କେନ୍ଦ୍ରୀୟ ଅଧ୍ୟକ୍ଷ ଡ. ଜ୍ଞାନଗୁରୁ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ରୋଟାରିଆନ ବିକ୍ରମ ଦାସ, ଆଡ୍‌ଭୋକେଟ୍ ବିଶ୍ୱଜିତ୍ ଜେନା ଓ ସାମାଜିକ କର୍ମୀ ଉମାକାନ୍ତ ମହାନ୍ତି ଅତିଥି ଭାବେ ଯୋଗଦେଇ ଗହ୍ମା ପୂର୍ଣ୍ଣିମା ପାଳନର ଯଥାର୍ଥତା ସମ୍ପର୍କରେ ଆଲୋଚନା କରିଥିଲେ। ସାଧାରଣ ସମ୍ପାଦକ ତଥା ଆଡ୍‌ଭୋକେଟ ପ୍ରସନ୍ନ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ସଭାପତି ଡ. ଦାସ କହିଥିଲେ, ସ୍ୱଭାବକବି ଗଙ୍ଗାଧର ମାତୃଭାଷାକୁ ଅତ୍ୟନ୍ତ ଭଲ ପାଉଥିଲେ। ତାଙ୍କର ଉଚ୍ଚକୋଟୀର କାବ୍ୟ ରଚନା ପାଇଁ ସେ ଓଡ଼ିଆ ଜାତିର ଚିରସ୍ମରଣୀୟ ବୋଲି ଦାସ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀଧର ଦାସ, ପ୍ରମୋଦ ନାୟକ, ଆଡ୍‌ଭୋକେଟ୍ ଏସ୍. ପିନାକୀ, ସୁବାସ ଚନ୍ଦ୍ର ବରାଳ, ଯୋଗେନ୍ଦ୍ରନାଥ ମାର୍ଥା, ପଣ୍ଡିତ ନିରାକାର ପଣ୍ଡା, ପ୍ରଫେସର ସବିତାବାଳା ଆଚାର୍ଯ୍ୟ, ଡା. ଅନିନ୍ଦିତା ମହାପାତ୍ର ଓ ପ୍ରାପ୍ତିକର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ବିଜୟ କୁମାର ସାମଲ ଧନ୍ୟବାଦ ଦେଇଥିଲେ।

ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଉତ୍କଳ ସାହିତ୍ୟ ସମାଜ ପରିସରରେ ଥିବା ସ୍ୱଭାବକବିଙ୍କ ସମେତ ଅନ୍ୟ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସଙ୍ଗଠନ ସମ୍ପାଦକ ଡ. ସୁନାମଣି ରାଉତ, କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ବ୍ରହ୍ମାନନ୍ଦ ମହାନ୍ତି, ସରୋଜିନୀ ମିଶ୍ର, ଦିଲ୍ଲୀପ ଦାସ, ମୁରଲୀଧର ଶତପଥୀ, ସରୋଜ କୁମାର ସାମଲ, ଗଜେନ୍ଦ୍ର ପାଣି, ଶରତ ଚନ୍ଦ୍ର ଦାଶ, ପ୍ରେମଚାନ୍ଦ ମହାନ୍ତି, ଗୌତମ ଚନ୍ଦ୍ର କର, ଦେବୁ ଚାଟାର୍ଜୀ ପ୍ରମୁଖ ଯୋଗଦେଇଥିଲେ। ସ୍ୱଭାବକବିଙ୍କ କାବ୍ୟକବିତାର ବୈଶିଷ୍ଟ୍ୟ ଏବଂ ଓଡ଼ିଆ ଭାଷା ସାହିତ୍ୟକୁ ତାଙ୍କର ଅବଦାନ ବିଷୟରେ ବକ୍ତାମାନେ ଆଲୋଚନା କରିଥିଲେ।

## ସଂକ୍ଷେପରେ

### ଟ୍ରେନ୍ ଧକ୍କାରେ ଯୁବକ ମୃତ

ବାଲୁଗାଁ,୩୧।୮ (ସଂଗ୍ରାମ ପାଇକରାୟ)

ବାଲୁଗାଁ ନିକଟ ବଡକୂଳ ଲେଭଲକ୍ରସିଂର ଅନତିଦୂରରେ ଗୁରୁବାର ଏକ ଟ୍ରେନ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ସେ ବାଣପୁର ଅଞ୍ଚଳର ବୋଲି ଜଣାପଡ଼ିଛି। ବୟସ ୩୦ରୁ ୩୫ବର୍ଷ ମଧ୍ୟରେ ହେବ। ଅନ୍ୟପଟେ ଘଟଣାସ୍ଥଳରୁ ମୃତଦେହ କେହି ନେଇଯାଇଛି। ସୂଚନା ମୁତାବକ, ଅପରାହ୍ଣରେ ବଡ଼କୂଳ ରେଳ ଫାଟକର ଅନତିଦୂରରେ ଧାରଣା ପାର୍ଶ୍ୱ ଏକ ବୁଦାରେ ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ପଡିଥିବା ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ସନ୍ଧ୍ୟାରେ ଉକ୍ତ ମୃତଦେହକୁ କେହି ନେଇଯାଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ବାଲୁଗାଁ ରେଳ ସୁରକ୍ଷା ବଳ ଅଧିକାରୀ ଜିତେନ୍ଦ୍ର ମୌର୍ଯ୍ୟ କହିଛନ୍ତି, ଖବରପାଇ ଘଟଣା ସ୍ଥଳକୁ କର୍ମଚାରୀ ଯାଇଥିଲେ। କିନ୍ତୁ ସେଠାରେ ମୃତଦେହ ନ ଥିଲା। ଏ ସମ୍ପର୍କରେ ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି।

### ମୋବାଇଲ ଲୁଟେରା ଗିରଫ

ବାଲୁଗାଁ,୩୧।୮ (ସଂଗ୍ରାମ ପାଇକରାୟ)

ବାଲୁଗାଁ ରେଲୱେ ପୋଲିସ ଖଲ୍ଲିକୋଟ ଷ୍ଟେଶନରେ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରିବା ସହ ୩ଟି ମୋବାଇଲ ଫୋନ ଜବତ କରିଛି। ଗିରଫ ଯୁବକ ହେଲେ ଆନ୍ଧ୍ରପ୍ରଦେଶ ବିଜୟନଗରମ ଅଞ୍ଚଳର ମାରିସାରଳା ପ୍ରସାଦ। ଗୁରୁବାର ଅପରାହ୍ଣରେ ବାଲୁଗାଁ ରେଳ ସୁରକ୍ଷା ଅଧିକାରୀ ଜିତେନ୍ଦ୍ର ମୌର୍ଯ୍ୟ ସଦଳବଳେ ଖଲ୍ଲିକୋଟ ଷ୍ଟେଶନଠାରେ ସ୍ୱତନ୍ତ୍ର ଚଢ଼ାଉ କରିବାବେଳେ ଜଣେ ଯୁବକ ଯାତ୍ରୀଙ୍କଠାରୁ ମୋବାଇଲ ଛଡାଇ ଟ୍ରେନରୁ ଓହ୍ଲାଇ ଦୌଡ଼ିଥିଲା। ଉପସ୍ଥିତ ରେଲୱେ ପୋଲିସ ପିଛା କରି ତାଙ୍କୁ କାବୁ କରିବା ସହିତ ୩ଟି ମୋବାଇଲ ଜବତ କରିଥିଲା। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ପ୍ରସାଦ ଏବଂ ଜବତ ମୋବାଇଲଗୁଡ଼ିକୁ ବ୍ରହ୍ମପୁର ଜିଆରପିକୁ ହସ୍ତାନ୍ତର କରାଯାଇଛି।

### ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ

କୃଷ୍ଣପ୍ରସାଦ,୩୧।୮ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଗୋଲପୁର ଗ୍ରାମ ସ୍ଥିତ ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ୭ମ ବାର୍ଷିକ ପଞ୍ଚକୁଣ୍ଡିୟ ଦେବ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। କର୍ତ୍ତାଭାବେ ଦିଲ୍ଲୀପ କୁମାର ପତି ଓ ତାଙ୍କ ସହଧର୍ମିଣୀ ପିଙ୍କି ପତି କାର୍ଯ୍ୟ ସମ୍ପାଦନ କରିଥିଲେ। ପଣ୍ଡିତ ସତ୍ୟବାନ ସାମନ୍ତରାୟ, ମନୁ ଦାଶ, ସୌମ୍ୟ ରଥ, ସତ୍ୟବାନ ମୁଦ୍ରା, ଶିବ କର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କମିଟି ସଭାପତି ଖାଡେଶ୍ୱର ସେଠୀ, ସମ୍ପାଦକ ରତ୍ନାକର ବେହେରା, ଗୋଲପୁର ଗ୍ରାମ୍ୟ କମିଟି ସଭାପତି ସୁଦର୍ଶନ ମହାପାତ୍ର, ସମ୍ପାଦକ ବିଭୂତି କୁମାର ବେହେରା ସମେତ ଗ୍ରାମ୍ୟ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଗତ ସୋମବାରଠାରୁ ଆରମ୍ଭ ହୋଇଥିବା ଏହି ଉତ୍ସବରେ ସୂର୍ଯ୍ୟ ପୂଜା, ଗୋ ପୂଜା, ରୁଦ୍ରାଭିଷେକ, ବାଲୁଙ୍କେଶ୍ୱର ଦେବଙ୍କ ଷୋଡ଼ଶ ଉପଚାର ପୂଜା ଆଦି ହୋଇଥିଲା। ଗୁରୁବାର ପୂର୍ଣ୍ଣାହୁତି ଦିବସରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

### ଗଙ୍ଗାଧର ପାଇକରାୟଙ୍କୁ ଶ୍ରଦ୍ଧାଞ୍ଜଳି

ବୋଲଗଡ଼,୩୧।୮ (ଦେବବ୍ରତ ହୋତା)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ)ର ବୋଲଗଡ଼ ଜୋନ ଶାଖା ପକ୍ଷରୁ ପୂର୍ବତନ ବିଧାୟକ ତଥା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଗଙ୍ଗାଧର ପାଇକରାୟଙ୍କ ୨୪ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଗୁରୁବାର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସ୍ଥାନୀୟ କମ୍ୟୁନିଷ୍ଟ ପାର୍ଟି କାର୍ଯ୍ୟାଳୟଠାରେ ଥିବା ସ୍ୱର୍ଗତ ପାଇକରାୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ନେତା ଦିବାକର ପରମଗୁରୁଙ୍କ ଅଧ୍ୟକ୍ଷତାରେ ଐତିହାସିକ ରବୀନ୍ଦ୍ର ପରିଡ଼ା ମୁଖ୍ୟ ଅତିଥି, ଶିକ୍ଷକ ନେତା ସୁମନ୍ତ ଛୋଟରାୟ ମୁଖ୍ୟବକ୍ତା ଏବଂ ପ୍ରଫୁଲ୍ଲ ମହାପାତ୍ର, ଗଗନ ନାୟକ, ବାଲ୍ମୀକି ବଳିୟାରସିଂହ, ବୈକୁଣ୍ଠ ମହାରଣା ଅତିଥିଭାବେ ଯୋଗଦେଇଥିଲେ। ସଭା ପ୍ରାରମ୍ଭରେ ବସନ୍ତ ମଞ୍ଜରୀ ପରମଗୁରୁ ବିପ୍ଳବୀ କବିତା ଗାନ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସ୍ୱର୍ଗତ ଗଙ୍ଗାଧରଙ୍କ ଲୋକପ୍ରିୟତା, ବୈପ୍ଳବିକ ଚିନ୍ତାଧାରା ଓ ଗରିବ ଖଟିଖିଆ ଶ୍ରମିକଙ୍କ ଉତ୍ଥାନ ପାଇଁ ତାଙ୍କର ଅବଦାନକୁ ଅତିଥିମାନେ ବକ୍ତବ୍ୟ ମାଧ୍ୟମରେ ପ୍ରତିପାଦନ କରିଥିଲେ। ଏହି ଅବସରରେ ଅର୍ଜୁନ ମହାନ୍ତି, ପ୍ରଭାକର ସାହୁ, ରାଧାଶ୍ୟାମ ରାୟଗୁରୁ, ପୁରେନ୍ଦ୍ର ବେହେରା, ଅର୍ଜୁନ ଚାନ୍ଦ, କନକଲତା ମହାପାତ୍ର, ପ୍ରବୋଧ ପରମଗୁରୁ, ସତ୍ୟାନନ୍ଦ ପାତ୍ର ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଲକ୍ଷ୍ମଣ ସେଠୀ ଧନ୍ୟବାଦ ଦେଇଥିଲେ।

# ମୌଳିକ ସମସ୍ୟାକୁ ଗୁରୁତ୍ୱ ଦେଉନି ପୌର ପ୍ରଶାସନ

ଖୋର୍ଦ୍ଧା,୩୧।୮ (ପ୍ରଭାତ ପାଣିଗ୍ରାହୀ)




■ପରିମଳ, ଡ୍ରେନେଜ୍ ବିପର୍ଯ୍ୟସ୍ତ
■ତୁଟୁନି କ୍ୟାବିନ୍ ସମସ୍ୟା

ଖୋର୍ଦ୍ଧା ପୌର ପରିଷଦ ଗୁରୁବାର ୬୪ତମ ସ୍ୱାୟତ୍ତ ଶାସନ ଦିବସ ପାଳନ କରିଛି। ଦୀପ ତଳ ଅନ୍ଧାର ଭଳି ରାଜଧାନୀ ଜିଲା ଖୋର୍ଦ୍ଧା ସହରର ବିକାଶ ସ୍ଥାଣୁ ପାଲଟିଛି। ପରିମଳ, ବିପର୍ଯ୍ୟସ୍ତ ଡ୍ରେନେଜ ଏବଂ ରାସ୍ତାକଡ କ୍ୟାବିନ ସହରର ମୁଖ୍ୟ ସମସ୍ୟା ପାଲଟିଛି। ଦୀର୍ଘ ୩ବର୍ଷର ବ୍ୟବଧାନ ପରେ ଖୋର୍ଦ୍ଧା ପୌରାଞ୍ଚଳ ନୂତନ କାଉନସିଲ୍ କମିଟି ଗଠନ ହୋଇଥିଲା। କୋଭିଡ୍ ମହାମାରୀ ପରେ ପୌର ପରିଷଦ ଚଳଚଞ୍ଚଳ ହୋଇ ଉଠିବ ବୋଲି ସହରବାସୀ ଆଶା କରିଥିଲେ। ତେବେ ଲୋକଙ୍କ ମୌଳିକ ସମସ୍ୟା ସମାଧାନ ଦିଗରେ ପୌର ପ୍ରଶାସନ ଗୁରୁତ୍ୱ ଦେଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି।
୫୦ ହଜାର ଜନସଂଖ୍ୟା ବିଶିଷ୍ଟ ଖୋର୍ଦ୍ଧା ସହରରେ ୨୨ଟି ୱାର୍ଡ ରହିଛି। ସେଥିରୁ ୨୦ଟି ୱାର୍ଡକୁ ଘରୋଇକରଣ କରାଯାଇଛି। ଏଥିଲାଗି ଲକ୍ଷାଧିକ ଟଙ୍କା ପୌର ପ୍ରଶାସନ ପକ୍ଷରୁ ପଇଠ କରାଯାଉଛି। ତେବେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଅଲଗା। ସହରରେ ଅଳିଆ ହଟୁନି। ସହର ମୁଖ୍ୟରାସ୍ତାକୁ ବାଦ୍ ଦେଲେ ଗଳିକନ୍ଦିରେ ଅଳିଆ ଆବର୍ଜନା ପଡି ପାହାଡ଼ ସଦୃଶ ଗଦା ହେଉଛି। ସ୍ୱଚ୍ଛତା ଆଳରେ ଘରୋଇ ଠିକା ସଂସ୍ଥାକୁ ପୋଷା ଚାଲିଛି ବୋଲି କେତେଜଣ ବୁଦ୍ଧିଜୀବୀ କହିଛନ୍ତି। ଡ୍ରେନେଜ ବିପର୍ଯ୍ୟସ୍ତ ହୋଇପଡିଛି। ବର୍ଷ ବର୍ଷ ଧରି ଡ୍ରେନ ସଫା ନ ହେବା ଫଳରେ ପୋତି ହୋଇଗଲାଣି। ଡ୍ରେନଗୁଡିକ ମଧ ରାସ୍ତାଠାରୁ ଉପରେ ରହିଛି। ଫଳରେ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ରାସ୍ତାରେ ଜମି ରହୁଛି। ମଶା ଔଷଧ ସ୍ପ୍ରେ କରାଯାଉନାହିଁ। ବିପର୍ଯ୍ୟସ୍ତ ଡ୍ରେନେଜ, ପରିମଳ ଡେଙ୍ଗୁକୁ ଆମନ୍ତ୍ରଣ କରୁଛି। ସହରରେ ଅନ୍ୟତମ ସମସ୍ୟା ହେଉଛି ରାସ୍ତାକଡ଼ ଉଠାଦୋକାନୀ। ମାରୱାଡ଼ିପଟିଠାରୁ ସମବାୟ ଛକ, ଏସ୍‌ବିଆଇ ଛକ ପର୍ଯ୍ୟନ୍ତ ୫୪୦ରୁ ଊର୍ଦ୍ଧ୍ୱ କ୍ୟାବିନ ରହିଛି। କ୍ୟାବିନ ଥଇଥାନ ଲାଗି ଦୀର୍ଘ ୨୩ବର୍ଷ ଧରି ବିବାଦ ଲାଗି ରହିଥିବା ବେଳେ ରାଜନୈତିକ ଇଚ୍ଛାଶକ୍ତି ଏବଂ ପ୍ରଶାସନର ଆନ୍ତରିକତା ବାଧକ ସାଜିଛି। ସମସ୍ତ ଉଠାଦୋକାନ ରାସ୍ତା ଉପରେ ରହିଥିବାରୁ ଦୈନିକ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଦିନକୁ ଦିନ ସହର ସଙ୍କୁଚିତ ହେବାରେ ଲାଗିଛି। ଏକାଧିକ ପ୍ରକଳ୍ପ ଅଧାପନ୍ତରିଆ ହୋଇପଡିଛି। ସେପଟେ ମୁକ୍ତା ଯୋଜନାରେ ବ୍ୟାପକ ଅନିୟମିତତା ଅଭିଯୋଗ ହେଉଛି। ବିଭିନ୍ନ ସ୍ଥାନରେ ଫଳକ ଲାଗିଥିବା ପ୍ରକଳ୍ପ ଦେଖାନାହିଁ। ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଶୌଚାଳୟ ଉଦ୍‌ଘାଟନ ପରଠାରୁ ବନ୍ଦ ପଡିଛି। ପୁରୁଣା ବସଷ୍ଟାଣ୍ଡ ଏବଂ ନୂଆ ବସଷ୍ଟାଣ୍ଡରେ ରହିଥିବା ଶୌଚାଳୟ ଦୀର୍ଘ ୩ବର୍ଷ ହେବ ବନ୍ଦ ପଡିଛି। ଫଳରେ ଯାତ୍ରୀ ଏବଂ ସ୍ଥାନୀୟ ବ୍ୟବସାୟୀ ହଇରାଣ ହେଉଛନ୍ତି। ନୂଆ ବସଷ୍ଟାଣ୍ଡ ପରିସରରେ ରହିଥିବା ମାର୍କେଟ କମ୍ପ୍ଲେକ୍ସ କୋଠା ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଏପରିକି ଛାତ ଉପରେ ବରଅଶ୍ୱତ୍ଥ ଗଛ ଉଠିଲାଣି। ବସଷ୍ଟାଣ୍ଡ ପରିସର ମୁକ୍ତ ଡମ୍ପିୟାର୍ଡ ପାଲଟିଛି। ସହରରେ ବୁଲା ଗୋରୁ ଏବଂ କୁକୁରଙ୍କ ସଂଖ୍ୟା ବଢିବାରେ ଲାଗିଛି। ଫଳରେ ଦୈନିକ ଛୋଟବଡ ଦୁର୍ଘଟଣା ଘଟୁଛି। କୁକୁର ବନ୍ଧ୍ୟାକରଣ ପ୍ରହସନରେ ପରିଣତ ହୋଇଛି। ପ୍ରଶାସନ ପକ୍ଷରୁ ବିଭିନ୍ନ ଯୋଜନାରେ ଅର୍ଥ ବ୍ୟୟ କରାଯାଉଥିଲେ ମଧ୍ୟ ସହରର ବିକାଶ ସେଭଳି ହୋଇ ପାରିନାହିଁ ବୋଲି ସାଧାରଣରେ ଅଭିଯୋଗ ହେଉଛି।
ଏ ସମ୍ପର୍କରେ ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି କହିଛନ୍ତି, ଖୋର୍ଦ୍ଧା ସହରକୁ ଏକ ସୌନ୍ଦର୍ଯ୍ୟମୟ ସହରରେ ପରିଣତ ଲାଗି ଚେଷ୍ଟା ଜାରି ରହିଛି। ସହରର ବିକାଶକୁ ତ୍ୱରାନ୍ୱିତ କରାଯିବ। ସେହିପରି ପୌର ନିର୍ବାହୀ ଅଧିକାରୀ ରିଜୱାନା କଅକବ କହିଛନ୍ତି, ପରିମଳ, ଡ୍ରେନେଜରେ ସୁଧାର ଆଣିବା ପାଇଁ ଉଦ୍ୟମ ଜାରି ରହିଛି। ଏଥିରେ ସହରବାସୀଙ୍କ ସହଯୋଗର ଆବଶ୍ୟକତା ରହିଛି। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କହିଛନ୍ତି, ଖୋର୍ଦ୍ଧା ସହରର ସର୍ବାଙ୍ଗୀନ ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉଛି।

### ସ୍ୱାମୀ ନିଗମାନନ୍ଦ ପରମହଂସଙ୍କ ଜନ୍ମ ବାର୍ଷିକୀ ଉତ୍ସବ

ବେଗୁନିଆ,୩୧।୮ (ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ବାଘମାରୀ ପଞ୍ଚାୟତ ଅନ୍ତର୍ଗତ ଅତ୍ରି ସ୍ଥିତ ସ୍ୱାମୀ ନିଗମାନନ୍ଦ ପରମହଂସଙ୍କ ପୀଠ ଉତ୍ସବ ମୁଖର ହୋଇଉଠିଛି। ଗୁରୁବାର ସ୍ୱାମୀ ନିଗମାନନ୍ଦ ପରମହଂସଙ୍କ ୧୪୩ତମ ଜନ୍ମ ବାର୍ଷିକୀ ଉତ୍ସବ ପାଳନ ଅବସରରେ ଶ୍ରଦ୍ଧାଳୁମାନେ ମଙ୍ଗଳ ଆଳତି, ଶାନ୍ତି ପାଠ, ଶ୍ଳୋକ ଓ ଭଜନ ପାଠ କରିଥିଲେ। ନିଗମାନନ୍ଦଙ୍କ ଭାବଧାରା ଓ ଆଦର୍ଶକୁ ମନେପକାଇବାକୁ ଯାଇ ସୁସ୍ଥ ସମାଜ ଗଠନ ଓ ଗୃହସ୍ଥ ଜୀବନ ଉପରେ ଶ୍ରଦ୍ଧାଳୁଙ୍କ ମନରେ ଚେତନା ସୃଷ୍ଟି କରାଯାଇଥିଲା। ସେହିପରି ସ୍ୱାମୀ ନିଗମାନନ୍ଦ ପରମହଂସ ଦେବ ଆଧ୍ୟାତ୍ମିକ ଗୁରୁଭାବେ ପରିଚିତ ଥିଲେ ବୋଲି ଆଲୋକପାତ କରାଯାଇଥିଲା। ସଂଘ ସଭାପତି ଧନେଶ୍ୱର ଜେନା, ସମ୍ପାଦକ ପ୍ରତାପ କୁମାର ପଣ୍ଡା, ଆବାହକ ଦାମୋଦର ମୁଦୁଲି, ଦୟାନିଧି ବେହେରା, କେଶବ ବରାଳ, ରାଜେଶ ଦାସ, କଳ୍ପତରୁ ପଣ୍ଡା, ବ୍ରହ୍ମାନନ୍ଦ ଦାସଙ୍କ ସମେତ ବହୁ ଶ୍ରଦ୍ଧାଳୁ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଖୋର୍ଦ୍ଧା: ତ୍ରି ଦିବସୀୟ 'ସାମର୍ଥ୍ୟ' ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନୀ ଦିବସରେ ଉପସ୍ଥିତ ଅତିଥି ଏବଂ ଶିକ୍ଷୟିତ୍ରୀଶିକ୍ଷକମାନେ।

### ତ୍ରି ଦିବସୀୟ 'ସାମର୍ଥ୍ୟ' ପ୍ରଶିକ୍ଷଣ ଶିବିର

ଖୋର୍ଦ୍ଧା,୩୧।୮ (ପ୍ରଭାତ ପାଣିଗ୍ରାହୀ)

ସ୍ଥାନୀୟ ବିଜେବି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଚାଲିଥିବା ତ୍ରି ଦିବସୀୟ 'ସାମର୍ଥ୍ୟ' ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଦିବ୍ୟାଙ୍ଗ ପିଲାଙ୍କ ସର୍ବାଙ୍ଗୀନ ବିକାଶ ଉପରେ ଗରୁତ୍ୱ ଦିଆଯାଇଛି। ବିଭିନ୍ନ ବିଦ୍ୟାଳୟରୁ ୫୭ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଏହି ଶିବିରରେ ତାଲିମ ଗ୍ରହଣ କରିଥିଲେ। ଆର୍‌ପିଡବ୍ଲୁଡି ୨୦୧୬ରେ ଚିହ୍ନଟ କରାଯାଇଥିବା ୨୧ ପ୍ରକାର ଦିବ୍ୟାଙ୍ଗ ଶିଶୁଙ୍କ ଚିହ୍ନଟକରଣ ସମସ୍ୟା, ଶ୍ରେଣୀଗୃହ ପରିଚାଳନା, ପାଠ୍ୟକ୍ରମ ଉପଯୋଜନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତରାୟ ସଭାପତିତ୍ୱ କରିଥିଲେ। ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ଭରତ ଚନ୍ଦ୍ର ପ୍ରଧାନ, ଗୋଷ୍ଠୀ ସମ୍ବଳ ଶିକ୍ଷୟିତ୍ରୀ ସସ୍ମିତା ବଳିୟାରସିଂହ, ସାଧନକର୍ମୀ ରାଜୀବ ଚରଣ ମହାପାତ୍ର, ସୁଶାନ୍ତ କୁମାର ହରିଚନ୍ଦନ, ଜିଲା ପ୍ରଶିକ୍ଷଣ ପ୍ରତିଷ୍ଠାନର ବନ୍ଦିତା ପଟ୍ଟନାୟକ, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଯୁଧିଷ୍ଠିର ସାହୁ, ରବିନାରାୟଣ ପଣ୍ଡା, ଅମୀୟ କୁମାର ପରିଡ଼ା ପ୍ରମୁଖ ଶିବିର ପରିଚାଳନାରେ ଅଂଶଗ୍ରହଣ କରିଥିଲେ।

### ବିକାଶରେ ସହରବାସୀଙ୍କ ସହଯୋଗ ଲୋଡ଼ା



ବାଲୁଗାଁ,୩୧।୮ (ସଂଗ୍ରାମ ପାଇକରାୟ)

ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦରେ ସ୍ୱାୟତ୍ତ ଶାସନ ଦିବସ ଗୁରୁବାର ପାଳିତ ହୋଇଯାଇଛି। ପ୍ରାତଃରେ ଏନ୍‌ଏସିର ସମସ୍ତ କର୍ମଚାରୀ ରାମଧ୍ୱନୀ ସହ ଶୋଭାଯାତ୍ରାରେ ଯାଇ ଗାନ୍ଧୀ ଛକଠାରେ ଅବସ୍ଥାପିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହା ପରେ କାର୍ଯ୍ୟାଳୟ ପରିସରରେ ଅଧ୍ୟକ୍ଷା ସୁକାନ୍ତି ପାଇକରାୟ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ପକ୍ଷରୁ ବାଲୁଗାଁ ଡାକ୍ତରଖାନାରେ ରୋଗୀ ଓ ଜରାନିବାସୀଙ୍କୁ ଫଳବଣ୍ଟନ କରାଯାଇଥିଲା। କାର୍ଯ୍ୟନିର୍ବାହୀ ଅଧିକାରୀ ଦୀପ୍ତି ରଞ୍ଜନ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଅଧ୍ୟକ୍ଷା ସୁକାନ୍ତି ପାଇକରାୟ, ଉପାଧ୍ୟକ୍ଷ ଭଗବାନ ପ୍ରଧାନଙ୍କ ସମେତ ସମସ୍ତ କାଉନସିଲର, କନିଷ୍ଠ ଯନ୍ତ୍ରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ବାଲୁଗାଁ ସହରର ଉନ୍ନତୀକରଣ ଦିଗରେ ବିଭିନ୍ନ ଯୋଜନା ହାତକୁ ନିଆଯାଇଥିବା ବେଳେ ଜିଲାରେ ଏକ ନମ୍ବର ମାନ୍ୟତା ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଅଞ୍ଚଳବାସୀଙ୍କ ସହଯୋଗ ଆବଶ୍ୟକ ବୋଲି ଅଧ୍ୟକ୍ଷା ପାଇକରାୟ କହିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## 'ପୋଲିସ-ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ରହୁ'

ବେଗୁନିଆ,୩୧।୮ (ହର ପ୍ରସନ୍ନ ପଣ୍ଡା)




କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

ବେଗୁନିଆ ବ୍ଲକ ବୋତଲମା ପଞ୍ଚାୟତ ଅନ୍ତର୍ଗତ ଛତ୍ରପଡା ଗ୍ରାମସ୍ଥିତ କଳିଙ୍ଗ କ୍ଲବ ସଭାଗୃହ ପରିସରରେ ଗୁରୁବାର 'ଆମ ପୋଲିସ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ଥାନା ଏସ୍‌ଆଇ ମାଧବାନନ୍ଦ ବସ୍ତିଆଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟ, ୨୪ନଂ. ଜୋନ ଜିଲା ପରିଷଦ ସଭ୍ୟା ତନୁଜା ପାଟଶାଣୀ, ସ୍ଥାନୀୟ ସରପଞ୍ଚ ପ୍ରମୋଦ କୁମାର ଦଳେଇ, ଏସ୍‌ଆଇ ବିନୋଦ ଚନ୍ଦ୍ର ପରିଡା, ଅଠରାଙ୍ଗ ଗ୍ରାମର ଅବସରପ୍ରାପ୍ତ ସେନା କର୍ମଚାରୀ ପବିତ୍ର ମୋହନ ପଣ୍ଡା, ଶିକ୍ଷାବିତ୍ ସତ୍ୟବାଦୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଲୋକେ କିପରି ଉଚିତ ନ୍ୟାୟ ପାଇବେ, ଗ୍ରାମାଞ୍ଚଳରେ ଶୃଙ୍ଖଳା ରକ୍ଷା ଏବଂ ଅଞ୍ଚଳରେ କିପରି କ୍ରାଇମ୍ ନ ହେବ ସେଥିପାଇଁ ପୋଲିସ ସଜାଗ ରହିଛି। ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ରହିଲେ ଉପଯୁକ୍ତ ସେବା ମିଳିପାରିବ ବୋଲି ଅତିଥି ରାଉତରାୟ କହିଥିଲେ। ପରସ୍ପର ମଧ୍ୟରେ ସୁସମ୍ପର୍କ ସୃଷ୍ଟି କରନ୍ତୁ, ଯେମିତି ଗାଁରୁ ଆଉ ଥାନାକୁ ମାମଲା ନ ଯିବ। ସେଥିପାଇଁ ସଭିଏଁ ସଚେତନ ହୁଅନ୍ତୁ ବୋଲି ଏସ୍‌ଆଇ ବସ୍ତିଆ ସୂଚନା ଦେଇଥିଲେ। ଆୟୋଜିତ କ୍ଲବର ସଭାପତି ସୁନୀଲ ସୁନ୍ଦରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କ୍ଲବର ସମସ୍ତ ସଭ୍ୟଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ଜନସାଧାରଣ ଉପସ୍ଥିତ ଥିଲେ।

## ଦଶହରାରେ ଗାଁ ବୁଲିବେ ମା' ଦଶଭୁଜା

ବୋଲଗଡ଼,୩୧।୮ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଫାସିଓଦା ପଞ୍ଚାୟତ ଟାଙ୍ଗୀସାହିସ୍ଥିତ ମା' ଶିଖରବାସିନୀଙ୍କ ପୀଠରେ ମା'ଙ୍କ ଯାତ୍ରା କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ରବୀନ୍ଦ୍ର କୁମାର ପରିଡ଼ାଙ୍କ ଆବାହକତ୍ୱରେ ଏହି ବୈଠକ ହୋଇଥିଲା। ପ୍ରତିବର୍ଷ ଭଳି ଚଳିତ ବର୍ଷ ମା'ଙ୍କର ୪ଦିନ ବ୍ୟାପୀ ଦଶହରା ପର୍ବ କିପରି ଶାନ୍ତିଶୃଙ୍ଖଳା ସହ କରାଯିବ ସେନେଇ ଆଲୋଚନା କରାଯାଇଥିଲା। କମିଟି ସମ୍ପାଦକ ମାନଭଞ୍ଜନ ମୁଣ୍ଡେଇ ଓ କୋଷାଧ୍ୟକ୍ଷ ବିରଞ୍ଚି କୁମାର ସାହୁ ଉପସ୍ଥିତ ଥିଲେ। ସୂଚନାଥାଉ କି, ଦଶହରା ପର୍ବରେ ୪ରାତି ଗ୍ରାମର ଯୁବକମାନଙ୍କ ଦ୍ୱାରା ସାମାଜିକ ନାଟକ ପରିବେଷଣ କରାଯିବା ସହିତ ଗ୍ରାମରେ ପଟୁଆର ଶୋଭାଯାତ୍ରା କରି ଦଶଭୁଜାଙ୍କୁ ଗ୍ରାମ ପରିକ୍ରମା କରାଯିବା ପାଇଁ ସ୍ଥିର ହୋଇଛି।

## ଝୁଲଣ ଉତ୍ସବ ଉଦ୍‌ଯାପିତ



ଜଟଣୀ,୩୧।୮ (ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ବଡ଼ନୁଆଗାଁସ୍ଥିତ ଗୋପାଳଜୀ ମଠରେ ଝୁଲଣ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଗତ ୨୭ ତାରିଖରୁ ଏହି ଉତ୍ସବ ପାଳନ କରାଯାଇଥିଲା। ପ୍ରତିଦିନ ପ୍ରତ୍ୟୁଷରୁ ମଙ୍ଗଳା ଆଳତି, ଶ୍ରୀଙ୍ଗାର ବେଶ, ଶ୍ରୀଙ୍ଗାର ଆଳତି, ବାଲ୍ୟ ଭୋଗ ସହିତ ପ୍ରତିଦିନ ୧୦୮ ତୁଳସୀ ଓ ଫୁଲ ଲାଗି ହୁଏ। ମଧ୍ୟାହ୍ନରେ ଅନ୍ନ ପ୍ରସାଦ ଲାଗି ପରେ ଶୟନ ଯାଇଥାନ୍ତି। ସନ୍ଧ୍ୟା ସମୟରେ ଶ୍ରୀକୃଷ୍ଣ ଓ ରାଧାରାଣୀଙ୍କୁ ଝୁଲଣ ବେଦିକୁ ନେଇ ପୂଜାର୍ଚ୍ଚନା କରାଯିବା ପରେ ଭକ୍ତମାନେ ଝୁଲାଇଥାନ୍ତି। ଭକ୍ତମାନେ ନାମ ସଂକୀର୍ତ୍ତନ କରି ଠାକୁରଙ୍କୁ ସ୍ମରଣ କରି ଆଶୀର୍ବାଦ ଭିକ୍ଷା କରିଥାନ୍ତି। ଉଦ୍‌ଯାପନୀ ଦିବସରେ ବହୁ ସାଧୁସନ୍ଥ ଓ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

## 'ସହରର ବିକାଶରେ ସହଭାଗିତା ଜରୁରୀ'

ଖୋର୍ଦ୍ଧା,୩୧।୮ (ପ୍ରଭାତ ପାଣିଗ୍ରାହୀ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଖୋର୍ଦ୍ଧା ପୌର ପରିଷଦ ଆନୁକୂଲ୍ୟରେ ୬୪ତମ ସ୍ୱାୟତ୍ତ ଶାସନ ଦିବସ ସ୍ଥାନୀୟ ଜୟୀରାଜଗୁରୁ ଟାଉନ ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସଭା ସଦସ୍ୟ ମିଜିବୁଲ୍ଲା ଖାଁ ଯୋଗଦେଇ କହିଥିଲେ, ମୁଖ୍ୟମନ୍ତ୍ରୀ ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପ୍ରତି ଗୁରୁତ୍ୱ ଦେଉଛନ୍ତି। ମହିଳା ସଶକ୍ତୀକରଣ, ଗ୍ରାମାଞ୍ଚଳର ଭିତ୍ତିଭୂମି ବିକାଶ ସହ ଶିକ୍ଷା, ସ୍ୱାସ୍ଥ୍ୟ ତଥା କ୍ରୀଡାର ବିକାଶକୁ ପ୍ରାଧାନ୍ୟ ଦେଉଛନ୍ତି। ଓଡ଼ିଶା ସମୃଦ୍ଧି ପଥରେ ଆଗେଇ ଚାଲିଛି। ସହରାଞ୍ଚଳ ବିକାଶରେ ସମସ୍ତଙ୍କ ସହଭାଗିତା ଜରୁରୀ। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ବକ୍ତାଭାବେ ଯୋଗଦେଇ କହିଥିଲେ, ୧୯୯୩ରେ ଖୋର୍ଦ୍ଧା ସ୍ୱତନ୍ତ୍ର ଜିଲା ଗଠନ ହୋଇଥିଲା। ଇତିମଧ୍ୟରେ ଖୋର୍ଦ୍ଧା ସହରର ୬୩ ବର୍ଷ ପୂର୍ତ୍ତି ହୋଇସାରିଲାଣି। ସହରର ଦ୍ରୁତ ବିକାଶ ଘଟିଛି। ସହରର ମୁଖ୍ୟ ସମସ୍ୟା କ୍ୟାବିନ ହଟାଇବା ପାଇଁ ଏକ ପ୍ଲାନ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କୁ ଦିଆଯାଇଛି। ୬ଶହ ଜଣ ଉଠାଦୋକାନୀଙ୍କୁ ଥଇଥାନ ଯୋଜନା ରହିଛି। ଜାଗା ମିଶନରେ ଉଲ୍ଲେଖନୀୟ କାର୍ଯ୍ୟ ଲାଗି ଖୋର୍ଦ୍ଧା ପରିଷଦ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ହୋଇଛି। ପାଇକମାଟି ଭାବେ ପରିଚିତ ଖୋର୍ଦ୍ଧାଗଡ଼ର ପୁନରୁଦ୍ଧାର ସହ ପାଇକଙ୍କ ବୀରତ୍ୱ, ଶୌର୍ଯ୍ୟର ପ୍ରତୀକ ଭାବେ ପ୍ରସ୍ତାବିତ ସ୍ମାରକୀ ଖୋର୍ଦ୍ଧା ମାଟିର ଗୌରବ ବୃଦ୍ଧି କରିବ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବାଦଲ ମହାନ୍ତି କହିଥିଲେ, ଏକ ସ୍ୱଚ୍ଛ ସହର ଭାବେ ଗଢି ତୋଳିବାକୁ ହେଲେ ସମସ୍ତେ ସହଯୋଗର ହାତ ବଢାଇବାକୁ ହେବ। ଖୋର୍ଦ୍ଧା ସହରକୁ ଏକ ସ୍ମାର୍ଟ ସହରଭାବେ ଗଢିବାକୁ ଯୋଜନା ରହିଛି। ସଭାପତିତ୍ୱ ଭାଷଣରେ ପୌରାଧ୍ୟକ୍ଷା ମହାନ୍ତି କହିଥିଲେ, ସହରର ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ ଦିଆଯାଉଛି। ମୁକ୍ତା ଯୋଜନାରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ହାତକୁ ନିଆଯାଇଛି। ସହରର ଅନ୍ୟାନ୍ୟ ସମସ୍ୟାକୁ ପର୍ଯ୍ୟାୟକ୍ରମେ ସମାଧାନ କରିବାକୁ ଚେଷ୍ଟା ଜାରି ରହିଛି। ପୌର ନିର୍ବାହୀ ଅଧିକାରୀ ରିଜୱାନ କଅକବ ପୌର ପରିଷଦ ବିବରଣୀ ପାଠ କରିଥିଲେ। ସ୍ୱଚ୍ଛତା, ପରିମଳରେ ସୁଧାର ଆଣିବା ପାଇଁ ଗୁରୁତ୍ୱ ଦିଆଯାଉଛି। ଡ୍ରେନେଜ ବ୍ୟବସ୍ଥାର ମାଷ୍ଟର ପ୍ଲାନ ତିଆରି ପାଇଁ ସରକାର ୧ କୋଟି ମଞ୍ଜୁର କରିଛନ୍ତି। ପାନୀୟ ଜଳଯୋଗାଣ, ଆଲୋକବ୍ୟବସ୍ଥା, ଜୀବିକା ମିଶନରେ ବିପିଏଲ୍ ପରିବାର ଆର୍ଥିକ ଅଭିବୃଦ୍ଧି, ସାମାଜିକ ସୁରକ୍ଷା, ଆବାସ ଯୋଜନାରେ ପ୍ରକୃତ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି। ଉନ୍ନତି ଯୋଜନାରେ ଆଦର୍ଶ ଶ୍ମଶାନ ଓ ସ୍ମାର୍ଟ ପାର୍କ ନିର୍ମାଣ କରାଯାଇଛି। ସରକାର ୪ଟି କଲ୍ୟାଣ ମଣ୍ଡପ ଓ ୩ଟି ଶ୍ମଶାନର ଉନ୍ନତି ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି।
ଏହି ଅବସରରେ ସାହିତ୍ୟିକ, ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର, ସମାଜସେବା, ସାମ୍ବାଦିକତା, କଳା, ସଂସ୍କୃତି ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କେତେଜଣ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପାଧ୍ୟକ୍ଷ ଶୌର୍ଯ୍ୟରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ। ସମସ୍ତ ୨୨ଜଣ କାଉନସିଲର ମଞ୍ଚାସୀନ ଥିଲେ। ଶେଷରେ କଳାକାରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସ୍ୱାୟତ୍ତ ଶାସନ ଦିବସ ଅବସରରେ ପୌର ପରିଷଦ ପକ୍ଷରୁ ବିଭିନ୍ନ ୱାର୍ଡରେ ମିଶନ ଶକ୍ତି ଗୃହ, ୱାକିଂ ଟ୍ରାକ, ମିନି ପାର୍କ, ମୁକ୍ତ ବ୍ୟାୟାମଶାଳା, ଖେଳପଡିଆ ଓ ପାର୍କର ଉନ୍ନତୀକରଣ ସହ ବରୁଣେଇ ସ୍ମାର୍ଟ ପାର୍କ ଉଦ୍‌ଘାଟନ କରାଯାଇଥିବା ବେଳେ ହାଟ ପୋଖରୀର ପୁନରୁଦ୍ଧାର ପାଇଁ ଶିଳାନ୍ୟାସ କରାଯାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୧।୮।୨୦୨୩

| | |
|---|---|
| | ୪,୨୮,୨୬୪ ଟଙ୍କା |
| ସୁନା | ୧.୨୫୦ ଗ୍ରାମ୍ |
| ରୁପା | ୨୨.୯୪୦ ଗ୍ରାମ୍ |

# ଶ୍ରୀମନ୍ଦିରରେ ରକ୍ଷାବନ୍ଧନ, ବଳଭଦ୍ରଙ୍କ ଜନ୍ମନୀତି ସମ୍ପନ୍ନ



ମହାପ୍ରଭୁଙ୍କ ଲାଗି ସେବାୟତମାନେ ଶ୍ରୀମନ୍ଦିରକୁ ରାଖୀ ନେଉଛନ୍ତି ।



ବଳରାମଙ୍କ ଜନ୍ମନୀତି ପାଇଁ ସେବାୟତମାନେ ସୁଦର୍ଶନଙ୍କୁ ମାର୍କଣ୍ଡ ଆଶ୍ରମ ବିଜେ କରୁଛନ୍ତି ।

ପୁରୀ,୩୧।୮ (ଅଜିତ ମହାନ୍ତି)

ଗହ୍ମାପୂର୍ଣ୍ଣିମା ଅବସରରେ ଗୁରୁବାର ଶ୍ରୀମନ୍ଦିରରେ ରକ୍ଷାବନ୍ଧନ ପାଳିତ ହେବା ସହ ବଡ଼ଠାକୁର ବଳଭଦ୍ରଙ୍କ ଜନ୍ମନୀତି ମାର୍କଣ୍ଡେୟ ପୁଷ୍କରିଣୀଠାରେ ସମ୍ପନ୍ନ ହୋଇଛି। ଶ୍ରାବଣପୂର୍ଣ୍ଣିମା ବା ଗହ୍ମାପୂର୍ଣ୍ଣିମା ତିଥି ଅବସରରେ ଶ୍ରୀକ୍ଷେତ୍ରରେ ମହାପ୍ରଭୁ ରାଖୀ ପରିଧାନ କରିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଡ଼ ଠାକୁର ବଳଭଦ୍ର ୨ଟି ଲେଖାଏ ରାଖୀ ଏବଂ ୨ଟି ଲେଖାଏ ଗୁଆମାଳ ପରିଧାନ କରିଥିଲେ। ପାଟରା ବିଶୋଇ ସେବକ ମହାପ୍ରଭୁଙ୍କ ନିମନ୍ତେ ପ୍ରସ୍ତୁତ କରିଥିବା ବାସୁଙ୍ଗା ପାଟରେ ରାଖୀ ଏବଂ ଗୁଆମାଳକୁ ବଡ଼ଠାକୁର ବଳଭଦ୍ର ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀହସ୍ତରେ ପରିଧାନ କରିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥ ହଳଦିଆ ଓ ନାଲି ରଙ୍ଗର ଗୁଆମାଳ ଏବଂ ବଡ଼ଠାକୁର ବଳଭଦ୍ର ବାଇଗଣୀ ଓ ନୀଳରଙ୍ଗର ଗୁଆମାଳ ପରିଧାନ କରିଥିଲେ।

ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଭୋଗମଣ୍ଡପ ସରି ତିନିବାଡରେ ମଇଲମ ହୋଇ ମହାସ୍ନାନ ହୋଇଥିଲା। ପରେ ତିନିବାଡ଼ରେ ପୂଜାପଣ୍ଡା, ପତିମହାପାତ୍ର ଏବଂ ମନ୍ଦିରସ୍ଥ ସର୍ବାଙ୍ଗ ନୀତି ସମ୍ପନ୍ନ କରିବା ପରେ ବୋଇରାଣୀ ପତନୀ ନୂଆଲୁଗା କରାଯାଇ ୬ ମୂର୍ତ୍ତି ଅଳଙ୍କାର ଲାଗି କରି ଦ୍ୱିପ୍ରହର ଧୂପବେଶ ବଢିଥିଲା। ଏହାପରେ ତିନିଖଣ୍ଡ ଆଜ୍ଞାମାଳକୁ ୨ଠାକୁରଙ୍କ ଦକ୍ଷିଣ ଭୁଜରେ ଗୋଟିଏ ଏବଂ ବାମ ଭୁଜରେ ୨ଟି ଲାଗି କରାଯାଇଥାଏ। ପରେ ପାଟରା ବିଶୋଇ ଦେଇଥିବା ୪ଟି ରାଖୀ ଏବଂ ୪ଟି ଗୁଆମାଳକୁ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଳଭଦ୍ରଙ୍କ ଶ୍ରୀହସ୍ତରେ ପୁଷ୍ପାଳକ ସେବକମାନେ ବାନ୍ଧିଥିଲେ। ଗହ୍ମାପୂର୍ଣ୍ଣିମା ତିଥିରେ ବଳଭଦ୍ର ଜନ୍ମଗ୍ରହଣ କରିଥିବାରୁ ବଡ଼ଠାକୁରଙ୍କ ସମ୍ମୁଖରେ ସିଂହାସନ ତଳେ ଷଷ୍ଠୀ ମାର୍କଣ୍ଡି ଓ ବରୁଣ ପୂଜା ହୋଇଥିଲା। ପରେ ପାଣିପଡ଼ି ଧୋ ପୋଖାଳ ହୋଇ ଶ୍ରୀମନ୍ଦିରରେ ମଧାହ୍ନ ଧୂପ ଏବଂ ଯାତ୍ରାଙ୍ଗୀ ଭୋଗ ସମ୍ପନ୍ନ ହେବା ପରେ ମଙ୍ଗଳା ଅର୍ପଣ ଓ ବନ୍ଦାପନା ନୀତି ଅନୁଷ୍ଠିତ ହୋଇଥିଲା। ପରେ ଶ୍ରୀମଦନମୋହନ ରତ୍ନ ସିଂହାସନକୁ ବିଜେ କରିଥିଲେ। ଏହାପରେ ଆଜ୍ଞାମାଳ ପାଇ ଶ୍ରୀଦେବୀ, ଭୂଦେବୀ ଏବଂ ଶ୍ରୀମଦନମୋହନ ଝୁଲଣ ମଣ୍ଡପକୁ ବିଜେ କରିଥିଲେ। ପରେ ଦଇତାପତି ସେବକମାନେ ଭିତରକୁ ପ୍ରବେଶ କରିଥିଲେ। ମହାପ୍ରଭୁଙ୍କ ନିକଟରୁ ଏକ ଆଜ୍ଞାମାଳ ଶ୍ରୀସୁଦର୍ଶନଙ୍କୁ ଦିଆଯାଇଥିଲା। ପରେ ଦଇତାପତିମାନେ ସୁଦର୍ଶନଙ୍କୁ ଜଗମୋହନସ୍ଥିତ ଚଉଦୋଳକୁ ବିଜେ କରାଇ ସେଠାରେ ପତନୀ ଓ ମାଳଚୂଳ ଲାଗି ହେବା ପରେ ଝୁଲଣମଣ୍ଡପ ନିକଟରେ ସୁବର୍ଣ୍ଣ ଓଡ଼ିଆଣି ଓ ହରଡ଼ମାଳି ଲାଗି ହୋଇଥିଲେ। ପରେ ବିମାନବଡୁ ସେବକମାନେ ଶ୍ରୀସୁଦର୍ଶନ ମାର୍କଣ୍ଡ ପୁଷ୍କରିଣୀକୁ ବିଜେ କରାଇଥିଲେ। କୁମ୍ଭାର ବିଶୋଇ ଦେଇଥିବା ଚିକିଟା ମାଟିରେ ଶୁଦ୍ଧସୁଆର ବଳଭଦ୍ରଙ୍କ ମୂର୍ତ୍ତି ନିର୍ମାଣ କରିଥିଲେ। ପୂଜାପଣ୍ଡା ସାମନ୍ତ ତାହାକୁ ଜୀବନ୍ୟାସ ଦେଇ ଜାତ କର୍ମ ସମ୍ପନ୍ନ କରିଥିଲେ। ଏହାପରେ ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ପୂଜାପଣ୍ଡା ସାମନ୍ତ ପଞ୍ଚ ଉପଚାରରେ ଶୀତଳ ଭୋଗ କରିଥିଲେ। ପରେ ବନ୍ଦାପନା ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ପ୍ରତିମୂର୍ତ୍ତିକୁ ଜଳରେ ବିସର୍ଜନ କରାଯାଇଥିଲା। ନୀତି ସମ୍ପନ୍ନ ହେବା ପରେ ଶ୍ରୀସୁଦର୍ଶନ ଚାରି ଆଶ୍ରମ (ମାର୍କେଣ୍ଡୟ, ଭୃଗୁ, ଅଙ୍ଗିରା ଏବଂ ପଣ୍ଡୁ) ସହ ନଗର ପରିକ୍ରମା କରି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ସିଂହଦ୍ୱାର ନିକଟରେ ବନ୍ଧାପନା ନୀତି ଅନୁଷ୍ଠିତ ହୋଇଥିଲା । ପରେ ରତ୍ନସିଂହାସନକୁ ସୁଦର୍ଶନ ବିଜେ କରିଥିଲେ। ଏହାପରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ମହାସ୍ନାନ ନୀତି ହେବା ସହ ଅନ୍ୟାନ୍ୟ ନୀତି ବଢିଥିଲା। ଶ୍ରୀବିଗ୍ରହଙ୍କ ସନ୍ଧ୍ୟାଧୂପ ସମ୍ପନ୍ନ ହେବା ପରେ ସୁଦର୍ଶନଙ୍କ ବାଡରେ ବନ୍ଦାପନା ଅନୁଷ୍ଠିତ ହୋଇଥିଲା। ପରେ ମୁଦିରସ୍ତ ସୁଦର୍ଶନଙ୍କୁ ପ୍ରସାଦ ଲାଗି କରିଥିଲେ। ପରେ ଅନ୍ୟ ନୀତି ବଢିଥିଲା।

# ହତ୍ୟାକାଣ୍ଡ ଘଟଣା: ଜେଲ ଗଲେ ୨ ଅଭିଯୁକ୍ତ

ପୁରୀ,୩୧।୮ (ଅଜିତ ମହାନ୍ତି)

ତାଳବଣିଆ ଥାନା ଅନ୍ତର୍ଗତ ଜଟିଆ ବାବାଜୀ ଛକ ନିକଟରେ ବୁଧବାର ଘଟିଥିବା ଲଡୁ ନାୟକ ହତ୍ୟା ଘଟଣାରେ କୁମ୍ଭାରପଡ଼ା ଥାନା ପୋଲିସ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ୨ଜଣ ଅଭିଯୁକ୍ତଙ୍କୁ କୁମ୍ଭାରପଡା ଥାନା ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ତେବେ ଅଭିଯୁକ୍ତଦ୍ୱୟ ମୃତକ ଲଡୁଙ୍କ ସମ୍ପର୍କୀୟ ମାମୁ ଗଙ୍ଗା ନାୟକ ଓ ତାଙ୍କ ସାନ ପୁଅ ସୁନ୍ଦନ ନାୟକ ବୋଲି ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇ କହିଛନ୍ତି। ସିଟି ଡିଏସ୍‌ପି ସାହୁ କହିଛନ୍ତି, ବୁଧବାର ଅପରାହ୍ନରେ ଜଟିଆ ବାବାଜୀ ଛକ ନିକଟରେ ଥିବା ଏକ ଜଳଖିଆ ଦୋକାନରେ ଲଡୁ ବସିଥିଲା। ଏହି ସମୟରେ ଗଙ୍ଗା ସେହି ରାସ୍ତା ଦେଇ ଯାଉଥିବାବେଳେ ଲଡୁ କିଛି ଆକ୍ଷେପ କରି କହିଥିଲେ, ଯାହାକୁ ନେଇ ୨ଜଣଙ୍କ ମଧ୍ୟରେ ବଚସା ହୋଇଥିଲା। ଯେଉଁଥିରେ ଲଡୁ ରାଗି ଗଙ୍ଗାଙ୍କୁ ଏକ ଚାପୁଡ଼ା ମାରିଥିଲେ। ଫଳରେ ଗଙ୍ଗା ସେଠାରୁ ରାଗି ଘରକୁ ଯାଇ ୨ପୁଅଙ୍କୁ କହିଥିଲେ। ପରେ ବାପପୁଅ ୩ ମିଶି ଏକ ଲୁହାପାଇପ ଆଣି ଲଡୁ ବସିଥିବା ଦୋକାନରେ ପହଞ୍ଚି ତାଙ୍କୁ ଆକ୍ରମଣ କରିଥିଲେ। ଏପରିକି ଦୋକାନରେ ଥିବା ସଣ୍ଡୁଆଶି ଆଣି ଅଭିଯୁକ୍ତମାନେ ଲଡୁଙ୍କ ମୁଣ୍ଡକୁ ବାରମ୍ବାର ଆକ୍ରମଣ କରି ସେଠାରୁ ପଳାଇଥିଲେ। ଲଡୁଙ୍କୁ ମେଡିକାଲ ନେଇଥିଲେ ମଧ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ତଦନ୍ତ କରି ୨ ଅଭିଯୁକ୍ତ ଗଙ୍ଗା ଏବଂ ସୁନ୍ଦନଙ୍କୁ ଗିରଫ କରିଥିଲା। ହତ୍ୟାକାଣ୍ଡରେ ବ୍ୟବହୃତ ଲୁହା ପାଇପ୍ ଏବଂ ସଣ୍ଡୁଆଶିକୁ ପୋଲିସ ଜବତ କରିଛି। ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ। ଅପରପକ୍ଷରେ ମୃତ ଲଡୁଙ୍କ ପରିବାର ପକ୍ଷରୁ ହତ୍ୟାକାଣ୍ଡରେ ୪ଜଣ ଥିବା ଅଭିଯୋଗକୁ ପୋଲିସ ଖଣ୍ଡନ କରିଛି। ବର୍ତ୍ତମାନ ସୁଦ୍ଧା ହତ୍ୟାକାଣ୍ଡରେ ୩ଜଣ ଥିବା ବେଳେ ସେମାନଙ୍କ ନାମରେ ମାମଲା (ନଂ.୧୯୯/୨୩)ହାଇଥିବା ସିଟି ଡିଏସ୍‌ପି ସାହୁ କହିଛନ୍ତି। ଖବରଦାତା ସମ୍ମିଳନୀରେ କୁମ୍ଭାରପଡା ଥାନା ଅଧିକାରୀ ଏବଂ ତାଳବଣିଆ ଥାନା ଅଧିକାରୀ ଉପସ୍ଥିତ ଥିଲେ।

# ୪ ବ୍ରାଉନସୁଗାର ବେପାରୀ ଗିରଫ



ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ସୂଚନା ଦେଉଛନ୍ତି ।

ପୁରୀ ୩୧।୮ (ଅଜିତ୍ ମହାନ୍ତି)

## ୧୭ଗ୍ରାମ ବ୍ରାଉନସୁଗାର, ବାଇକ୍, ୨ ମୋବାଇଲ ଜବତ

ବ୍ରାଉନସୁଗାର କାରବାର କରିବା ଅଭିଯୋଗରେ ତାଳବଣିଆ ଥାନା ପୋଲିସ ଏବଂ କୁମ୍ଭାରପଡା ଥାନା ପୋଲିସ ସହରର ବିଭିନ୍ନ ସ୍ଥାନରୁ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଏ ନେଇ ସିଟି ଡିଏସ୍‌ପି ପ୍ରଶାନ୍ତ ସାହୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଥିଲେ ପୁରୀ ସହରକୁ ଆପରାଧିକ କାର୍ଯ୍ୟକଳାପରୁ ମୁକ୍ତ କରିବା ପାଇଁ ଏସ୍‌ପି ଡ. କେ.ବିଶାଲ ସିଂହଙ୍କ ନିର୍ଦ୍ଦେଶରେ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଡ୍ରାଇଭ ଜାରି ରହିଛି। ସ୍ୱତନ୍ତ୍ର ଡ୍ରାଇଭ ଜରିଆରେ ବେଆଇନ ଭାବେ ବ୍ରାଉନସୁଗାର କରିବା ଅଭିଯୋଗରେ ତାଳବଣିଆ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ସଦର ଥାନା ଅନ୍ତର୍ଗତ ବାଲିଘାଟ ଭାରତୀପୁର ଅଞ୍ଚଳର ସରୋଜ ପଟ୍ଟନାୟକ(୨୧)। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ୭ ଗ୍ରାମ ଓଜନର ବ୍ରାଉନସୁଗାର ଜବତ କରିଛି। ଏନେଇ ପୋଲିସ ନଂ. ୧୪୦/୨୩ରେ ମାମଲା ରୁଜୁ କରିଛି। ତେବେ ହୁଲୁହୁଲିଆ ପୋଲ ନିକଟରେ ବ୍ରାଉନ ସୁଗାର କାରବାର ହେଉଥିବା ବିଶେଷ ସୂତ୍ରରୁ ଖବରପାଇ ପୋଲିସ ଉକ୍ତ ଅଞ୍ଚଳରେ ଚଢାଉ କରି ସରୋଜଙ୍କୁ ଗିରଫ କରିବା ସହ ବ୍ରାଉନ ସୁଗାର ସହ ୫୦୦ ଟଙ୍କା ଜବତ କରିଛି।

ସେହିପରି କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ବାନାମ୍ବର ମନ୍ଦିର ନିକଟରୁ ବ୍ରାଉନସୁଗାର କାରବାର କରିବା ଅଭିଯୋଗରେ ପୋଲିସ ୩ ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ସମୁଦ୍ରଥାନା ଅନ୍ତର୍ଗତ ମୋଚି ସାହି ଛକ ଅଞ୍ଚଳର ମାନସ ରାଓ(୩୫), ଷ୍ଟେସନ ରୋଡ ଧୋବା ସାହିର ଅଶୁତୋଷ ବେହେରା ଏବଂ ସଦର ଥାନା ଅନ୍ତର୍ଗତ ନୀଳଚକ୍ର ନଗରର କୃଷ୍ଣଚନ୍ଦ୍ର ନାଥ (୪୨)। ପୋଲିସ ସେମାନଙ୍କ ନିକଟରୁ ୯.୭ ଗ୍ରାମ ଓଜନର ବ୍ରାଉନ ସୁଗାର ସହ ଗୋଟିଏ କେଟିଏମ ବାଇକ୍, ନଗଦ ୩୭୦୦ ଟଙ୍କା ଏବଂ ୨ ମୋବାଇଲ ଜବତ କରିଛି। ପୋଲିସ ଏନେଇ ନଂ. ୨୦୦/୨୩ରେ ମାମଲା ରୁଜୁ କରିଛି। ପୋଲିସ ପକ୍ଷରୁ ବାନାମ୍ବର ଛକ ନିକଟରେ ଗାଡି ଚେକିଂ କରାଯାଉଥିବା ବେଳେ ୩ଜଣ ବ୍ୟକ୍ତି ବାଇକ ଯୋଗେ ଆସୁଥିବା ବେଳେ ସେମାନଙ୍କର ଯାଞ୍ଚ କରାଯାଇଥିଲା। ଗାଡି ଯାଞ୍ଚ ସମୟରେ ବ୍ରାଉନସୁଗାର ମିଳିଥିଲା। ଖବରଦାତା ସମ୍ମିଳନୀରେ କୁମ୍ଭାରପଡା ଥାନା ଅଧିକାରୀ ଜୟଦୀପ ମହାନ୍ତି ଏବଂ ତାଳବଣିଆ ଥାନା ଅଧିକାରୀ ଚିନ୍ମୟୀ ବେହେରା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସାଇ ମନ୍ଦିରରୁ ୭୦ହଜାର ଟଙ୍କାର ସାମଗ୍ରୀ ଚୋରି

ନିମାପଡ଼ା,୩୧।୮ (ବିଚିତ୍ରାନନ୍ଦ ସାହୁ)

ଚାରିଛକ ଥାନା ଅନ୍ତର୍ଗତ ଗଡ଼ଅମର ପ୍ରସାଦ ଗ୍ରାମ ନିକଟରେ ଥିବା ସାଇମନ୍ଦିରରୁ ବୁଧବାର ରାତିରେ ଚୋରି ହୋଇଛି। କେହି ଦୁର୍ବୃତ୍ତ ମନ୍ଦିର ଗେଟରେ ୪ଟି ତାଲା ଭାଙ୍ଗି ମନ୍ଦିରରେ ପଶି ଠାକୁରଙ୍କ ରୁପା ମାଳି, ସାଉଣ୍ଡ ମେଶିନ, ବୈଦ୍ୟୁତିକ ଉପକରଣ ସମେତ ହୁଣ୍ଡିବାକ୍ସ ଭାଙ୍ଗି ଦାନ ଟଙ୍କା ଆଦି ଲୁଟି ନେଇଯାଇଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ଜାଣିବା ପରେ ମୁରବୀ କୃଷ୍ଣଚନ୍ଦ୍ର ସାହୁ କହିବା ସହ ଗୁରୁବାର ଚାରିଛକ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା(ନଂ.୮୭/୨୩) ରୁଜୁ କରି ତଦନ୍ତ ଚଳାଇଛି। ଥାନାଧିକାରୀ ମମତା ବିଶ୍ୱାଳ, ଏସ୍‌ଆଇ କୃଷ୍ଣଚନ୍ଦ୍ର ପୃଷ୍ଟି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ପରେ ପୁରୀରୁ ସାଇଣ୍ଟିଫିକ ଟିମ୍ ଆସି ତଦନ୍ତ କରିଛନ୍ତି। ଚୋରି ସାମଗ୍ରୀର ମୂଲ୍ୟ ୭୦ହଜାର ଟଙ୍କା ହେବ ବୋଲି ଅଭିଯୋଗକାରୀ ମୁରବୀ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

### ଡକାୟତି ଯୋଜନା ପଣ୍ଡ, ୪ ଗିରଫ

ପୁରୀ,୩୧।୮ (ଅଜିତ ମହାନ୍ତି)

ଡକାୟତି ପାଇଁ ଯୋଜନା କରୁଥିବା ଅଭିଯୋଗରେ ବଳିଆପଣ୍ଡା ଥାନା ପୋଲିସ ୪ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ବଳିଆପଣ୍ଡା ବସି ମଙ୍ଗଳା ସାହିର ଗଣେଶ ମଲ୍ଲିକ୍, ବସନ୍ତ ବେହେରା, ଧବଳେଶ୍ୱର ନଗର ଲେନ୍‌ର ପ୍ରକାଶ ଚନ୍ଦ୍ର ବେହେରା ଏବଂ ରାଜେଶ ସାହୁ। ପୋଲିସ ସେମାନଙ୍କଠାରୁ ଗୋଟିଏ ବାଇକ୍, ଗୋଟିଏ ଖଣ୍ଡା, ଗୋଟିଏ ଲୁହାରଡ୍, ଗୋଟିଏ ଛୁରି, ନଗଦ ୪ହଜାର ଟଙ୍କା ସହ ୨ଟି କି ପ୍ୟାଡ ମୋବାଇଲ ଜବତ କରିଛି। ଏ ନେଇ ପୋଲିସ କେସ ନଂ.୧୩୩/୨୩ରେ ଏକ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ଅନନ୍ୟା ଆପଟମେଣ୍ଟ ନିକଟରେ ୪ଜଣ ବ୍ୟକ୍ତି କିଛି ମାରଣାସ୍ତ୍ର ଧରି ଡକାୟତି କରିବା ପାଇଁ ଯୋଜନା କରୁଥିଲେ। ବିଶେଷ ସୂତ୍ରରୁ ଖବରପାଇ ପୋଲିସ ଉକ୍ତ ଅଞ୍ଚଳରେ ଚଢାଉ କରି ୪ଜଣଙ୍କୁ ଗିରଫ କରିବା ସହ ବିଭିନ୍ନ ମାରଣାସ୍ତ୍ର ଜବତ କରିଥିଲେ।

### ସତ୍ୟବାଦୀରେ ମିଶନ ଶକ୍ତି ଗୃହ ଉଦ୍‌ଘାଟିତ

ସାକ୍ଷୀଗୋପାଳ,୩୧।୮ (ଭରତ ରାଉତ)

ସତ୍ୟବାଦୀ ବ୍ଲକ ପରିସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ମା'ମାନଙ୍କ ପାଇଁ ଏକ ମିଶନ ଶକ୍ତି ଗୃହ ଉଦ୍‌ଘାଟନ ହୋଇଯାଇଛି। ଅପରାହ୍ନରେ ବିଧାୟକ ଉମାକାନ୍ତ ସାମନ୍ତରାୟ, ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ମହିଳା ନେତ୍ରୀମାନଙ୍କ ଉପସ୍ଥିତିରେ ନୂତନ ଗୃହ ଉଦ୍‌ଘାଟନ କରିଥିଲେ। ସତ୍ୟବାଦୀ ମିଶନ ମହିଳା ମହା ସଂଘର ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ଦାସଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା। ବିଧାୟକ ସାମନ୍ତରାୟ କହିଥିଲେ ପୁରୀ ଜିଲାର ପ୍ରଥମ କରି ସତ୍ୟବାଦୀ ବ୍ଲକରେ ମିଶନ ଶକ୍ତି ଭବନ ହୋଇଥିବାବେଳେ ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କ ପ୍ରଚେଷ୍ଟାରେ ସମ୍ଭବପର ହୋଇପାରିଛି। ବ୍ଲକ ଅଧ୍ୟକ୍ଷ ପଣ୍ଡା ବ୍ୟାଙ୍କ ଏବେ ବିନା ସୁଧରେ ୧୦ ଲକ୍ଷ ଟଙ୍କା ମା'ମାନଙ୍କୁ ଗୋଷ୍ଠୀ ମାଧ୍ୟମରେ ଯୋଗାଇ ଦେଉଛି ବୋଲି କହିଥିଲେ। ପୂର୍ତ୍ତ ବିଭାଗ ଅଧୀନରେ ଏହି ଗୃହ ନିର୍ମାଣ ହୋଇଥିବାବେଳେ ଏଥିପାଇଁ ସରକାର ୨୫ ଲକ୍ଷ ଟଙ୍କା ବ୍ୟୟ କରିଛନ୍ତି। ଗୋଟିଏ ସଭାଗୃହ ରହିଥିବା ବେଳେ ଆଉ ୩ଟି ଅଫିସ କାର୍ଯ୍ୟାଳୟ ସହିତ ରୋଷଘର, ଷ୍ଟୋର ରୁମ ସହିତ ୫ଟି ଶୌଚାଳୟ ରହିଛି।





ବିଭିନ୍ନ ଦାବିନେଇ ଜିଲା କୃଷି କାର୍ଯ୍ୟାଳୟରେ କାର୍ଯ୍ୟରତ କୃଷି ଅଧିକାରୀ ଓ ମୃର୍ତ୍ତିକା ସଂରକ୍ଷଣ ଅଧିକାରୀମାନେ କାର୍ଯ୍ୟଳୟ ଆଗରେ ଗୁରୁବାର ଧାରଣା ଦେଇଛନ୍ତି ।

# କ୍ୟାଡର ପୁନର୍ବିନ୍ୟାସ ଦାବିରେ କୃଷି ଅଧିକାରୀଙ୍କ ସମୂହ ଛୁଟି

ପୁରୀ,୩୧।୮ (ଅଜିତ୍ ମହାନ୍ତି)

କ୍ୟାଡର ପୁନର୍ବିନ୍ୟାସ ସରକାରଙ୍କ ପକ୍ଷରୁ କରାଯାଉଥିବା ବିଳମ୍ବକୁ ପ୍ରତିବାଦ ସହ ଅନ୍ୟାନ୍ୟ ଦାବିକୁ ନେଇ ଓଡ଼ିଶା କୃଷି ସେବା ସଂଘ ଏବଂ ଓଡିଶା ମୃତ୍ତିକା ସଂରକ୍ଷଣ ସଂଘର ଆହ୍ୱାନକ୍ରମେ ଜିଲା କୃଷି କାର୍ଯ୍ୟାଳୟରେ କାର୍ଯ୍ୟରତ କୃଷି ଅଧିକାରୀ ଏବଂ ମୃତ୍ତିକା ସଂରକ୍ଷଣ ଅଧିକାରୀମାନେ ଗୁରୁବାରଠାରୁ ଅନିର୍ଦ୍ଦିଷ୍ଟକାଳ ପାଇଁ ସାମୂହିକ ଛୁଟିରେ ରହିଛନ୍ତି। ସଂଘ ପକ୍ଷରୁ କୁହାଯାଇଛି ଯେ, ଭାରତୀୟ କୃଷି ଅନୁସନ୍ଧାନ ସଂସ୍ଥାନ, ଭାରତ ସରକାରଙ୍କ ୨୦୧୬ରେ ପ୍ରଚଳିତ ବିଜ୍ଞପ୍ତି ଦ୍ୱାରା କୃଷିଭିତ୍ତିକ ଶିକ୍ଷାକୁ ଏକ ବିଶିଷ୍ଟ ଶିକ୍ଷାର ମାନ୍ୟତା ପ୍ରଦାନ କରାଯାଇଛି। ତଦନୁଯାୟୀ ରାଜ୍ୟ ସରକାରଙ୍କ ବୃତ୍ତିଗତ ଶିକ୍ଷାପ୍ରାପ୍ତ କ୍ୟାଡରମାନଙ୍କ ସହ ସମକକ୍ଷ କରି କୃଷି ବିଭାଗର ଅଧିକାରୀଙ୍କୁ ଗ୍ରୁପ୍ ଏ' ରେ ନିଯୁକ୍ତି କରିବା ପାଇଁ ଦୀର୍ଘଦିନରୁ ଦାବି କରାଯାଉଛି। ନୂତନ ଭାବେ ପୁନଃବିନ୍ୟାସ ନ କରି ସୀମିତ ଅଧିକାରୀଙ୍କ ଉପରେ ଅତ୍ୟାଧିକ ଚାପ ଦେଇ କୃଷି ବିଭାଗର ସମସ୍ତ କାର୍ଯ୍ୟ କରାଯାଉଛି। ଫଳରେ କୃଷି ଅଧିକାରୀମାନେ ମାନସିକ ଚିନ୍ତା ଭୋଗୁଛନ୍ତି। ବହୁଦିନ ଧରି ବିଭାଗରେ ପଦବୀଗୁଡିକ ଖାଲି ରହିବା ସହ ନୂତନ ନିଯୁକ୍ତି ହେଉ ନ ଥିବାରୁ କୃଷି କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। କିଛିବର୍ଷ ମଧ୍ୟରେ ଯଦିଓ ବହୁ ବିଭାଗୀୟ ପରୀକ୍ଷାଗାର ସ୍ଥାପନ ସହ କୃଷକ ମଙ୍ଗଳକାରୀ ଯୋଜନା ସମୂହ କାର୍ଯ୍ୟକାରିତା ନିମନ୍ତେ ସ୍ୱତନ୍ତ୍ର କୃଷି ବଜେଟ୍ ଆଗତ କରାଯାଇଥିଲା, ମାତ୍ର ସେହି ଅନୁପାତରେ କ୍ୟାଡରରେ ଗୋଟିଏ ମଧ ନୂତନ ପଦବୀ ସୃଷ୍ଟି କରାଯାଇ ନାହିଁ। ଯାହାକୁ ନେଇ ଗତ ୨ବର୍ଷ ଧରି ଓଡ଼ିଶା କୃଷି ସେବା କ୍ୟାଡରର ପୁନଃବିନ୍ୟାସ ପାଇଁ ବାରମ୍ବାର ଦାବି ସତ୍ତ୍ୱେ କେହି ଗୁରୁତ୍ୱ ଦେଉନାହାନ୍ତି। ଏପରିକି ରାଷ୍ଟ୍ରୀୟ କୃଷି ସମ୍ପ୍ରସାରଣ ଓ ପ୍ରବନ୍ଧନ ସଂସ୍ଥାନ ପକ୍ଷରୁ ଗତ ମାସରେ ସରକାରଙ୍କୁ କ୍ୟାଡର ପୁନର୍ବିନ୍ୟାସ ସମ୍ବନ୍ଧିତ ସୁପାରିସ ପତ୍ର ପ୍ରଦାନ କରାଯାଇଥିଲେ ସୁଦ୍ଧା ସରକାର କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ସେହିପରି ମୃତ୍ତିକା ସଂରକ୍ଷଣ ଅଧିକାରୀ ସଂଘ ପକ୍ଷରୁ ୩ଟି ଦାବି ଉପସ୍ଥାପନ କରାଯାଇଛି ଯଥା ଅଧିକାରୀଙ୍କୁ ଗ୍ରୁପ୍ ଏ ପ୍ରଦାନ କରିବା। ବିଭାଗରେ ଖାଲି ଥିବା ପଦବୀ ପୂରଣ କରିବା ଏବଂ ସରକାର ତୁରନ୍ତ କ୍ୟାଡର ପୁନଃବିନ୍ୟାସ କରନ୍ତୁ ବୋଲି ସଂଘ ଦାବି କରିଛି। ସଂଘର ଜିଲା ସଭାପତି ମନୋଜ କୁମାର ମହାନ୍ତି, ସମ୍ପାଦକ ସୁବାସ ଚନ୍ଦ୍ର ବାରିକ, ସାଗର ସାହୁ, ସନ୍ତୋଷ ବିଶ୍ୱାଳ ସହ ଜିଲାର କୃଷି ଅଧିକାରୀମାନେ ଉପସ୍ଥିତ ଥିଲେ।

# ଉତ୍କଳମଣି ଗୋପବନ୍ଧୁଙ୍କ ପଟଶିଷ୍ୟ ଥିଲେ ବନମାଳୀ

ଗୋପ,୩୧।୮ (ଭାରତୀ ଭୂଷଣ ଉପାଧ୍ୟାୟ)

ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଅତ୍ୟନ୍ତ ସହକର୍ମୀ ଓ ପଟଶିଷ୍ୟ ଭାବେ ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲର ପ୍ରତିଷ୍ଠାତା, ସ୍ୱାଧୀନତା ସଂଗ୍ରାମୀ ବନମାଳୀ ଦାସ ଥିଲେ ବୋଲି ଗୁରୁବାର ସ୍କୁଲ ପରିସରରେ ଆୟୋଜିତ ବନମାଳୀ ଦାସଙ୍କ ୫୯ତମ ଶ୍ରାଦ୍ଧ ବାର୍ଷିକୀ ପାଳନ ଅବସରରେ ନାଟ୍ୟକାର ବିଜୟ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ। ଶିକ୍ଷାବିତ ସୁବାସ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ମନୋରଞ୍ଜନ ପଟ୍ଟନାୟକ, ସମ୍ପାଦକ ବରିଷ୍ଠ ଶିକ୍ଷାବିତ ସତ୍ୟପୀର ନାୟକ, ସହ ସମ୍ପାଦକ ଜଟାଧାରୀ ବେହେରାଙ୍କ ସହିତ ଗୋପ କଲେଜର ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଖଟୋଇ, ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ସୁଧୀର ମହାନ୍ତି, ରଞ୍ଜିତ ସାହୁ, ନରେନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ବନମାଳୀ ଦାସ ବିଭିନ୍ନ ବିକାଶମୂଳକ କାର୍ଯ୍ୟ କରି ସମସ୍ତଙ୍କ ହୃଦୟରେ ରହିପାରିଛନ୍ତି ବୋଲି କହିଥିଲେ। ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶେଷରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ସହିତ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ବ୍ଲକ ଅଞ୍ଚଳରେ ଟପ୍ପର ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସତ୍ୟ ନାରାୟଣ ସେନାପତି ଲକ୍ଷ୍ମୀଧର ସେନାପତି, କାର୍ତ୍ତିକ ପ୍ରଧାନଙ୍କ ପ୍ରମୁଖ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି ।

# ଆୟୁଷ ଷ୍ଟୁଡେଣ୍ଟସ୍ ପକ୍ଷରୁ ମହାବିଦ୍ୟାଳୟ ଫାଟକରେ ତାଲା

## ଆୟୁଷ ଡାକ୍ତର ନିଯୁକ୍ତି ଦାବି

ପୁରୀ,୩୧।୮ (ଅଜିତ୍ ମହାନ୍ତି)





ଆୟୁଷ ଡାକ୍ତରମାନେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଆଗରେ ଧାରଣା ଦେଇଛନ୍ତି ।

ଓଡ଼ିଶା ଆୟୁଷ ଷ୍ଟୁଡେଣ୍ଟସ୍ ଆସୋସିଏଶନ୍‌ର ହୋମାପାଥିକ୍ ମେଡିକାଲ ଷ୍ଟୁଡେଣ୍ଟସ୍ ଆସୋସିଏଶନ୍ ଏବଂ ଆୟୁର୍ବେଦିକ୍ ମେଡିକାଲ ଷ୍ଟୁଡେଣ୍ଟସ୍ ଆସୋସିଏଶନ୍‌ର ସଦସ୍ୟମାନଙ୍କ ପକ୍ଷରୁ ଆୟୁଷ ଡାକ୍ତରମାନଙ୍କୁ ନିଯୁକ୍ତି ଦାବି ସହ ଅନ୍ୟାନ୍ୟ ଦାବି ନେଇ ଆସୋସିଏଶନ ପକ୍ଷରୁ କଳାବ୍ୟାଚ ପରିଧାନ କରି ଶାନ୍ତିପୂର୍ଣ୍ଣ ପ୍ରତିବାଦ କରାଯାଉଥିଲା। କିନ୍ତୁ ସରକାର ଏଥିପ୍ରତି ଗୁରୁତ୍ୱ ନ ଦେବାରୁ ଗୁରୁବାର ଆସୋସିଏଶନ୍ ପକ୍ଷରୁ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଯାଇ ପ୍ରତିବାଦ କରାଯାଇଛି। ଆସୋସିଏସନ୍‌ର ଦାବି ଯେ, ରାଜ୍ୟରେ ପ୍ରାୟ ସାଢ଼େ ୪କୋଟି ଓଡ଼ିଆଙ୍କ ପାଇଁ ୫୬୨ ହୋମିଓପାଥିକ ଡାକ୍ତର ଏବଂ ୬୧୯ ଆୟୁର୍ବେଦିକ ଡାକ୍ତର ନିଯୁକ୍ତ ଅଛନ୍ତି। ଫଳରେ ପ୍ରତି ୩,୭୦,୬୫୪ ବ୍ୟକ୍ତିରେ ମାତ୍ର ଜଣେ ଆୟୁଷ ଡାକ୍ତର ତାଙ୍କର ସେବା ପ୍ରଦାନ କରୁଛନ୍ତି। ମାତ୍ର ଏତିକି ସଂଖ୍ୟକ ଡାକ୍ତରଙ୍କ ସାହାଯ୍ୟରେ ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟସେବା ଯୋଗାଇବା ଅସମ୍ଭବ। ଭାରତ ସରକାରଙ୍କର ଆୟୁଷ ମନ୍ତ୍ରାଳୟ ଅନୁସାରେ କୁହାଯାଇଛି ଯେ ଭାରତରେ ସମାନ ଭାବରେ ଆଧୁନିକ ଚିକିତ୍ସା ଓ ଆୟୁଷ ଚିକିତ୍ସାକୁ ପ୍ରାଧାନ୍ୟ ଦିଆଯିବ। କିନ୍ତୁ ଦୁଃଖର କଥା ରାଜ୍ୟ ସରକାର ଆୟୁଷ ସେବା ପ୍ରତି ବୈମାତୃକ ଭାବ ପୋଷଣ କରୁଛନ୍ତି। ଦୀର୍ଘ ୨୧ ବର୍ଷ ଭିତରେ ଜଣେ ହେଲେ ଆୟୁଷ ଚିକିତ୍ସା ପଦାଧିକାରୀ ରାଜ୍ୟରେ ନିଯୁକ୍ତ ହୋଇ ନାହାନ୍ତି। ସରକାରଙ୍କୁ ବାରମ୍ବାର ଅନୁରୋଧ ସତ୍ତ୍ୱେ ସରକାର କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏନ୍‌ଏଏମ୍‌ର ତଥ୍ୟ ଅନୁଯାୟୀ ରାଜ୍ୟରେ ୮୦୦୦ଆୟୁଷ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ୮୦୦ ହସ୍ପିଟାଲ ଖୋଲାଯିବା କଥା। କିନ୍ତୁ ଏଥିପ୍ରତି ସରକାରଙ୍କର କୌଣସି ନଜର ଦେଉନାହାନ୍ତି। ତେବେ ରାଜ୍ୟର ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇଁ ପ୍ରତିବର୍ଷ ଆୟୁଷ ଚିକିତ୍ସା ପଦାଧିକାରୀ ନିଯୁକ୍ତି କରାଯାଉ। ଆପାତତଃ ୫୦୦ ଲେଖାଏ ଆୟୁଷ ଚିକିତ୍ସା ପଦାଧିକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ହସ୍ପିଟାଲରେ ନିଯୁକ୍ତ କରାଯାଉ। ପ୍ରଥମ ଦଫାରେ ୫୦୦ ଲେଖାଏ ଆୟୁଷ ଓ ୫୦୦ ହୋମିଓପାଥି ଡାକ୍ତର ଚିକିତ୍ସା ପଦାଧିକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ୫୦୦ ହୋମିଓପାଥି ଡାକ୍ତର ପଦବୀ ତୁରନ୍ତ ଖୋଲିବା ପାଇଁ ଦାବି କରାଯାଇଛି।

# ଶ୍ରୀମନ୍ଦିରରେ ପୁଣି ପାରମାଣିକ ଟିକେଟ ବ୍ୟବସ୍ଥା ଆରମ୍ଭ ହେବ

**ଅର୍ଥ ସବ୍‌କମିଟି ବୈଠକ**

- ପରିସରରେ ଲାଗିବ ୪ ଦାନବାକ୍ସ
- ଭକ୍ତ ନିବାସରେ ଲାଗିବ ଟିଭି, ମାହାଲ ହେବ ନିଲାମ

ପୁରୀ,୩୧।୮ (ଅଜିତ ମହାନ୍ତି)


ଶ୍ରୀମନ୍ଦିର ଅର୍ଥ ସବ୍‌କମିଟି ବୈଠକରେ ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଓ ଅନ୍ୟ ଅଧିକାରୀଙ୍କ ସହ ସେବାୟତମାନେ।

ଶ୍ରୀମନ୍ଦିର ଅର୍ଥ ସବ୍‌କମିଟି ବୈଠକ ଗୁରୁବାର ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଥିବାବେଳେ ଶ୍ରୀମନ୍ଦିର ସମ୍ପର୍କରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ବୈଠକ ସମ୍ପର୍କରେ ସୂଚନା ଦେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦାସ କହିଛନ୍ତି, ମହାପ୍ରଭୁଙ୍କ ଦର୍ଶନ ଲାଗି ପାରମାଣିକ ଟିକେଟ ବ୍ୟବସ୍ଥା ପୁଣି ଆରମ୍ଭ ହେବା ନେଇ ଆଲୋଚନା ହୋଇଛି। ସେହିପରି ଅର୍ଥ ସବ୍‌କମିଟି ବୈଠକରେ ଶ୍ରୀମନ୍ଦିର ପରିସରର ବିଭିନ୍ନ ସ୍ଥାନରେ ହୁଣ୍ଡିବାକ୍ସ ଲଗାଇବା ପାଇଁ ପ୍ରସ୍ତାବ ଆସିଥିଲା। ତାହା ଉପରେ ସେବାୟତ ସଂଘ, ଅଧିକାରୀଙ୍କ ସହ ଆଲୋଚନା କରି ଶ୍ରୀମନ୍ଦିର ଭିତରେ ୪ଟି ସ୍ଥାନରେ ଦାନବାକ୍ସ ଲଗାଇବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗୃହୀତ ହୋଇଛି। ମା' ମହାଲକ୍ଷ୍ମୀଙ୍କ ମନ୍ଦିର ପାର୍ଶ୍ୱ ନବଗ୍ରହ ମନ୍ଦିର ପାଖରେ, ଶ୍ରୀମନ୍ଦିର ସିଂହଦ୍ୱାର ପଟେ, ପଶ୍ଚିମଦ୍ୱାର ପଟେ ଥିବା ୟୁକୋ ବ୍ୟାଙ୍କ ନିକଟରେ ଏବଂ ଉତ୍ତରଦ୍ୱାର ପଟେ ଥିବା ଦୀପ ଦୋକାନ କ୍ୟାବିନ୍ ନିକଟରେ ଦାନବାକ୍ସ ଲାଗିବ। ସେହିପରି ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ଥିବା ଭକ୍ତନିବାସ ଯଥା ନୀଳାଦ୍ରି, ନୀଳାଚଳ, ପୁରୁଷୋତ୍ତମ, ଶ୍ରୀଗୁଣ୍ଡିଚା ଆଦି ଭକ୍ତ ନିବାସରେ ଟିଭି ଲଗାଇବା ପାଇଁ ନିଷ୍ପତ୍ତି ହୋଇଛି। ଭକ୍ତ ନିବାସରେ ରହୁଥିବା ଭକ୍ତମାନେ ସେମାନଙ୍କ ଅଞ୍ଚଳର ଖବର ସହ ସ୍ଥାନୀୟ ଅଞ୍ଚଳର ଖବର ଜାଣିବା ପାଇଁ ଟିଭିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଟିଭି ଲଗାଯିବା ପାଇଁ ନିଷ୍ପତ୍ତି ଗୃହୀତ ହୋଇଛି।

ସେହିପରି ପୂର୍ବରୁ ମାହାଲଗୁଡିକ ନିଲାମ ହେଉଥିଲା, ମାତ୍ର କିଛି ବର୍ଷ ହେବ ମାହାଲଗୁଡିକର ନିଲାମ ବନ୍ଦ ରହିଥିଲା। ବର୍ତ୍ତମାନ ମାହାଲଗୁଡିକ ନିଲାମ କରାଯିବାକୁ ଆଲୋଚନା ହୋଇ ନିଷ୍ପତ୍ତି ହୋଇଛି। ମାହାଲଗୁଡିକ ଯଥା ନରେନ୍ଦ୍ର ପୁଷ୍କରିଣୀ, ରୋଷ ଦର୍ଶନୀ ମାହାଲ, ରୋହିଣୀ କୁଣ୍ଡ ଓ ଗୁଣ୍ଡିଚା ମନ୍ଦିର ଦର୍ଶନ, କୋଇଲି ବୈକୁଣ୍ଠ ଆଦି ମାହାଲଗୁଡିକ ନିଲାମ ଦିଆଯିବା ନେଇ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଛି। ମାହାଲକୁ କାର୍ଯ୍ୟକ୍ଷମ କରାଗଲେ ଯାହା ଅର୍ଥ ଆସିବ ତାହା ମନ୍ଦିରର ଉନ୍ନତିରେ ଲଗାଯିବ। ଏଥିପାଇଁ ଏସ୍‌ଓପି ପ୍ରସ୍ତୁତ ହେବ। ଯେପରି ସେମାନେ ଭକ୍ତଙ୍କଠାରୁ ଅଧିକ ଅର୍ଥ ନ ନେବେ, ସେଥିପ୍ରତି ଦୃଷ୍ଟି ଦିଆଯିବ। ଏସ୍‌ଓପି ହେବା ପରେ ନିଲାମ ପାଇଁ ଟେଣ୍ଡର ଡକାଯିବ। ପାରମାଣିକ ଟିକେଟ ଦର୍ଶନ ବ୍ୟବସ୍ଥା ପୁଣିଥରେ ଆରମ୍ଭ ହେବା ନେଇ ଆଲୋଚନା ହୋଇଥିଲା। ଦର୍ଶନ ନେଇ ଏସ୍‌ଓପି କରାଯିବ। ସେହିପରି ଶ୍ରୀମନ୍ଦିର ପରିଚାଳନା ଅଧୀନରେ କାର୍ଯ୍ୟ କରୁଥିବା ସ୍ଥାୟୀ କର୍ମଚାରୀଙ୍କ ପାଇଁ ବର୍ଷକୁ ୧୨ହଜାର ଟଙ୍କାର ରିଭସ୍‌ମେଣ୍ଟ କଷ୍ଟ ମେଡିସିନ୍ ଦେବାକୁ ସ୍ଥିର ହୋଇଛି। ୨୪ଘଣ୍ଟାରୁ ଅଧିକ ସମୟ ମେଡିକାଲରେ ଆଡମିଟ୍ ହେଲେ ସେମାନଙ୍କୁ ଇନ୍‌ସ୍ୟୁରାନ୍ସ କଭର ପ୍ରଦାନ କରାଯିବ। ବୈଠକରେ ବଜେଟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ୨୦୨୩-୨୪ ଆର୍ଥିକବର୍ଷ ପାଇଁ ଆଗତ ହୋଇଥିବା ବଜେଟରେ ପ୍ରାୟ ସମସ୍ତ ବିଭାଗରେ ୮୦% ଠିକ୍ ରହିଛି। ତେବେ କର୍ମଚାରୀ ଅଭାବ ଓ ଅନ୍ୟାନ୍ୟ କାରଣରୁ ୟୁନିଫର୍ମ ପଲିସି ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରି ନାହିଁ। ତେବେ ଉକ୍ତ ସେଲ୍‌କୁ କାର୍ଯ୍ୟକ୍ଷମ କରିବାରେ ପଦକ୍ଷେପ ନେବା ପାଇଁ ଯୋଜନା କରାଯାଉଛି। ଆଇନ ବିଭାଗ ଏବଂ ଅର୍ଥ ବିଭାଗ ସହ ଆଲୋଚନା କରାଯାଇ କର୍ମଚାରୀ ନିଯୁକ୍ତି କରାଯିବା ନେଇ ଆଲୋଚନା ହୋଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ ଦାସ କହିଛନ୍ତି। ବୈଠକରେ ସବ୍‌କମିଟି ସଦସ୍ୟ, ପରିଚାଳନା କମିଟିର ସେବାୟତ ସଦସ୍ୟ, ଉନ୍ନୟନ ପ୍ରଶାସକ ଅଜୟ ଜେନା, ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ୪୧ତମ ପ୍ରତିଷ୍ଠା ଦିବସ ପାଳନ, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଶ୍ରମଜୀବୀ ମଞ୍ଚ ପକ୍ଷରୁ ବୈଠକ, ହୋଟେଲ କେଶରୀ, ଷ୍ଟେଶନ ଛକ, ମାଷ୍ଟରକ୍ୟାଣ୍ଟିନ, ଅପରାହ୍ନ ୨ଟା।
- ଖଦି କାରିଗର ସମ୍ମିଳନୀ, କିଟ୍ କ୍ୟାମ୍ପସ ୧୧, ଅପରାହ୍ନ ୨ଟା।
- କୋଠଘର ସାହିତ୍ୟ ପରିବାର ଆନୁକୂଲ୍ୟରେ ପୁସ୍ତକ ଲୋକାର୍ପଣ ପର୍ବ, ବୁଦ୍ଧ ମନ୍ଦିର ସଭାକକ୍ଷ, ଅପରାହ୍ନ ୪ଟା।
- ୭୦ତମ ସଂସ୍କୃତି ଚର୍ଚ୍ଚା, ଓଡ଼ିଆ ରାଜ୍ୟ ଅଭିଲେଖାଗାର, ସନ୍ଧ୍ୟା ୬ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ନାଟକ ପରିବେଷଣ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୭ଟା।

**କଟକ**

- କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ)ର ପ୍ରତିଷ୍ଠା ଦିବସ, ଉଇଣ୍ଡସର ପ୍ଲେସ୍, ସିଡିଏ, ସେକ୍ଟର-୬, ପୂର୍ବାହ୍ନ ୧୦ଟା।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କବି ଜୟନ୍ତ ମହାପାତ୍ରଙ୍କ ଶୋକସଭା, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା ୩୦।
- ଖାନନଗର ସତ୍‌ସଙ୍ଗୀବୃନ୍ଦଙ୍କ ଆନୁକୂଲ୍ୟରେ ଭାଦ୍ର ସତ୍‌ସଙ୍ଗ ପରିକ୍ରମା, ଗୋପାଳଜିଉ ମନ୍ଦିର ପ୍ରାଙ୍ଗଣ, ଖାନନଗର, ସନ୍ଧ୍ୟା ୭ଟା ୩୦।

# ନନ୍ଦନକାନନକୁ ଆସିଲା ତାମରିନ, ଗୁଣ୍ଡୁଚି ମାଙ୍କଡ଼




ବାରଙ୍ଗ,୩୧।୮ (ଲିଙ୍ଗରାଜ ରାଉତ)

ପ୍ରାଣୀ ଉଦ୍ୟାନ ନନ୍ଦନକାନନକୁ ଗୁରୁବାର ହାଇଦ୍ରାବାଦରୁ ହଳେ ଗୋଲଡେନ ହ୍ୟାଣ୍ଡ ତାମରିନ ଓ ହଳେ ଗୁଣ୍ଡୁଚିମାଙ୍କଡ କ୍ରୟ କରି ନନ୍ଦନକାନନ କର୍ତ୍ତୃପକ୍ଷ ଆଣିଛନ୍ତି। ଫଳରେ ନନ୍ଦନକାନନ ତାଲିକାରେ ପଶୁପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ତେଲେଙ୍ଗାନାର ଜନ ଗ୍ରୋଭ ଆଣ୍ଡ୍ ଫାର୍ମ ଏହି ନୂତନ ଅତିଥିଙ୍କୁ ଆଣି ନନ୍ଦନକାନନରେ ପ୍ରଦାନ କରିଛି। ଏହି ନୂଆ ଅତିଥି ନନ୍ଦନକାନନକୁ ଆସିବାପରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଆସିଥିବା ୪ଜଣ ଅତିଥିଙ୍କୁ କ୍ୱାରେଣ୍ଟାଇନରେ ରଖାଯାଇ ଡାକ୍ତରମାନଙ୍କ ନଜରବନ୍ଦିରେ ୧ମାସ ପର୍ଯ୍ୟନ୍ତ ସେମାନଙ୍କ ଉପରେ ତିକ୍ଷଣ ନଜର ରଖାଯିବାର ଯୋଜନା କରାଯାଇଛି।

ଚଳିତବର୍ଷ ନନ୍ଦନକାନନ ଦ୍ୱାରା ସମୁଦାୟ ୨୪ ବିଦେଶୀ ପ୍ରଜାତିର ପଶୁପକ୍ଷୀ ଅଣାଯିବାକୁ ଯୋଜନା କରାଯାଇଛି। ଏହାଦ୍ୱାରା ନନ୍ଦନକାନନରେ ନୂଆ ପ୍ରଜାତି ସୃଷ୍ଟି କରାଯାଇପାରିବ। ଏହାସହ ଏକୁଟିଆରହି ନିଃସଙ୍ଗ ଜୀବନ ଜିଉଥିବା ସାଥିହରାଙ୍କୁ ସେମାନଙ୍କ ସାଥି ମିଳିଯିବା ସହ ନୂଆ ରକ୍ତସମ୍ପର୍କର ବଂଶବୃଦ୍ଧି ହୋଇପାରିବ। ତେବେ ଏହି ବିଦେଶାଗତ ପଶୁପକ୍ଷୀଙ୍କୁ କ୍ରୟ କରାଯାଇ ଆଣିବାପାଇଁ ନନ୍ଦନକାନନ ସୋସାଇଟିର ସାଧାରଣ ବୈଠକରେ ନିଷ୍ପତ୍ତି ହୋଇଛି ବୋଲି ନନ୍ଦନକାନନ ଉପ-ନିର୍ଦ୍ଦେଶକ ସନତ କୁମାର ନାରାୟଣ କହିଛନ୍ତି । ନୂଆ କରିଆସିବାକୁ ଥିବା ବିଦେଶାଗତ ପ୍ରଜାତି ମଧ୍ୟରେ କାସୁଓ୍ୱାରୀ, ଅଷ୍ଟ୍ରିଚ, ହଳଦିପିଠିଆଲୋରୀ, ଇଗୁଆନା, ସାଧାରଣ ମାର୍ମୋସେଟ, ଟୁଫ୍ଟେଡ ମାର୍ମୋସେଟ, ମିର୍କାଟ, ଅମ୍ବ୍ରେଲା କକାଟୋ, ଲେସର ସଲଫର୍ କ୍ରେଷ୍ଟେଡ କକାଟୋ, ବାରଭିକପୋତ, ଷ୍ଟାରଫ୍ରିନ୍ଟ, ସୁନେଲି କପୋତ, ଲମ୍ବାଲାଞ୍ଜୀ ରଫ୍ରିନ୍ଟ ରିଙ୍ଗନେକେଡ ପିଜାଣ୍ଟ, ବ୍ଲାକକ୍ରାଉନକ୍ରେନ, ଭାଓଲେଟ ଟୁରାକୋ, ବେଙ୍ଗାଲିସଫ୍ରିନ୍ଟ, ସବୁଜ ଡେଣାମାକାଓ.ଜିରାଫ, ଲିଭିଙ୍ଗଷ୍ଟୋନ ଟୁରାକୋ, ନାଲିପିଠିଆଓ୍ୱାଲାବି ରହିଥିବାର ସୂଚନା ମିଳିଛି।

## ମହାପ୍ରଭୁଙ୍କୁ ସୁନା ଅଳଙ୍କାର ଦାନ କଲେ ଉତ୍ତରପ୍ରଦେଶ ଭକ୍ତ

ପୁରୀ,୩୧।୮ (ଅଜିତ ମହାନ୍ତି)

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଦେଶ ବିଦେଶରୁ ଭକ୍ତମାନେ ଶ୍ରୀକ୍ଷେତ୍ର ପୁରୀକୁ ଆସିଥାନ୍ତି। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କୁ ଦର୍ଶନ କରି ଆତ୍ମସନ୍ତୋଷ ଲାଭ କରିଥାନ୍ତି। କେହି କେହି ଭକ୍ତ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ କିଛି ଜିନିଷ ଦାନ ମଧ୍ୟ କରିଥାନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର ଅପରାହ୍ନରେ ଉତ୍ତରପ୍ରଦେଶ ଗାଜିଆବାଦର ସୁଷମା ଶର୍ମା ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦାନ କରିଛନ୍ତି। ଭକ୍ତ ସୁଷମା ଅପରାହ୍ନରେ ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଯାଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କୁ ଭେଟି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ମୋଟ ୨୬୮.୫୦୦ ଗ୍ରାମର ଗୋଟିଏ ପଥରଖଚିତ ସୁନା ହାର, ଦୁଇଟି କାନପେଣ୍ଡି, ଗୋଟିଏ ମୁଦି, ଗୋଟିଏ ଲକେଟ, ଦୁଇଟି କାନ ଟପ୍ ଦାନ କରିଛନ୍ତି। ସେହିପରି ମୁଖ୍ୟ ପ୍ରଶାସକ ଦାତ୍ରୀଙ୍କୁ ମହାପ୍ରଭୁଙ୍କ ସ୍ମୃତି ହିସାବରେ ରଥ କାଠ, ରଥ ଦଉଡ଼ି, ରଥ କନା, ମହାପ୍ରସାଦ (ନିର୍ମାଲ୍ୟ), ମହାପ୍ରଭୁଙ୍କ ଫଟୋ ସମ୍ବଳିତ ଉପହାର ବାକ୍ସ ପ୍ରଦାନ କରିଥିଲେ। ମହାପ୍ରଭୁଙ୍କୁ ଦାନ କରି ଶର୍ମା ବେଶ୍ ଆନନ୍ଦିତ ଥିବା କହିଛନ୍ତି।

## କଲେଜ ଛାତ୍ରଙ୍କୁ ଛୁରାମାଡ଼

ଭୁବନେଶ୍ୱର,୩୧।୮ (ସତ୍ୟଜିତ୍ ରାଉତ): ଭୁବନେଶ୍ୱର ବଡ଼ଗଡ଼ ଥାନା ଅନ୍ତର୍ଗତ ପାଣ୍ଡବନଗରସ୍ଥିତ ଏକ ଘରୋଇ କଲେଜର ଜଣେ ଛାତ୍ରଙ୍କୁ ଗୁରୁବାର ଛୁରାମାଡ଼ ହୋଇଛି। ଆକ୍ରମଣର ଶିକାର ହୋଇଛନ୍ତି ଯୁକ୍ତ ୩ ଦ୍ୱିତୀୟ ବର୍ଷରେ ପଢୁଥିବା ବାଙ୍କୁଆଳ ଅଞ୍ଚଳର ବିଶ୍ୱଜିତ୍ ସ୍ୱାଇଁ। ଚିକିତ୍ସା ପାଇଁ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆହତ ବିଶ୍ୱଜିତ୍‌ଙ୍କ ସହପାଠୀ ଚନ୍ଦନ ପଣ୍ଡା ଏହି ଛୁରାମଡ଼ା କରିଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, କୌଣସି ଏକ କାରଣକୁ ନେଇ ବିଶ୍ୱଜିତ୍ ଓ ଚନ୍ଦନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଦିନ ପ୍ରାୟ ୨ଟା ବେଳେ ଉଭୟ ପରୀକ୍ଷା ଦେଇ ଫେରୁଥିବାବେଳେ କଲେଜ୍ ଗେଟ୍ ପାଖରେ ଏହି ଝଗଡ଼ା ଅଧିକ ବଢ଼ିଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଚନ୍ଦନ ବ୍ୟାଗ୍‌ରେ ରଖିଥିବା ଛୁରୀ ଭଳି ଏକ ମାରାଣାସ୍ତ୍ରରେ ବିଶ୍ୱଜିତ୍‌ଙ୍କୁ ଆକ୍ରମଣ କରିଥିଲେ। ଏହାପରେ ଚନ୍ଦନ ଘଟଣାସ୍ଥଳ ଛାଡ଼ି ପଳାଇଯାଇଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ଏନେଇ ଥାନାରେ ରିପୋର୍ଟ ହୋଇ ନ ଥିବା ପୋଲିସ ପକ୍ଷରୁ କୁହାଯାଇଛି। ପାଠପଢ଼ା ସମ୍ବନ୍ଧୀୟ ନୋଟ୍ ଦିଆ ନିଆକୁ ନେଇ ଉଭୟଙ୍କ ମଧ୍ୟରେ ଏହି ଝଗଡ଼ା ସୃଷ୍ଟି ହୋଇଥିବା ସୂଚନା ମିଳିଛି।

# କାବ୍ୟକବିତାରେ ନୂତନ ଯୁଗ ପ୍ରତିଷ୍ଠା କରିଥିଲେ ଗଙ୍ଗାଧର

**ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ**

ଭୁବନେଶ୍ୱର,୩୧।୮ (ଶର୍ମିଷ୍ଠା ପାଣିଗ୍ରାହୀ)



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ଅନ୍ୟ ଅତିଥିମାନେ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ଗୁରୁବାର ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗଙ୍ଗାଧରଙ୍କ ସ୍ମୃତିରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ମେହେରଙ୍କ ପ୍ରସିଦ୍ଧ କବିତା 'ମଙ୍ଗଳେ ଅଇଲା ଉଷା' ପରିବେଷଣ କରିଥିଲେ। ଏଥିସହ ସେ କହିଲେ, ଗଙ୍ଗାଧର ଓଡ଼ିଆ କାବ୍ୟକବିତାରେ ଏକ ନୂତନ ଯୁଗର ପ୍ରତିଷ୍ଠା କରିଥିଲେ। ତାଙ୍କ ଜନ୍ମସ୍ଥାନକୁ ଜାତୀୟ ସ୍ମାରକୀରେ ପରିଣତ କରିବା ପାଇଁ ସରକାରଙ୍କ ପକ୍ଷରୁ ଉଦ୍ୟମ କରାଯିବ। ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ କହିଥିଲେ ଯେ, ଯୁବ ପିଢ଼ି କେବଳ ଗଙ୍ଗାଧରଙ୍କୁ ପଢ଼ିଲେ ହେବ ନାହିଁ। ତାଙ୍କ ମୂଲ୍ୟବୋଧ ଓ ଚରିତ୍ରର ଅନୁଗାମୀ ହେବାକୁ ହେବ। ମୁଖ୍ୟବକ୍ତା ଡ. ବାବାଜି ଚରଣ ପଟ୍ଟନାୟକ ଗଙ୍ଗାଧରଙ୍କୁ ଓଡ଼ିଆ ଜାତିର ବିବେକ ବୋଲି ଅଭିହିତ କରିଥିଲେ। ସମ୍ମାନିତ ଅତିଥି ପାର୍ଥସାରଥି ଅଜୟ ବାରିକ ଗଙ୍ଗାଧରଙ୍କ କାବ୍ୟକୃତି ସମ୍ପର୍କରେ କହିଥିଲେ। ସଭାପତି ଡ. ମଲ୍ଲିକ କହିଥିଲେ, ଗଙ୍ଗାଧର ଥିଲେ ଭାରତୀୟ ସଂସ୍କୃତି ଓ ମୂଲ୍ୟବୋଧର ପ୍ରତୀକ। ତାଙ୍କ ସ୍ମୃତିରେ ଏକାଡେମୀ ପକ୍ଷରୁ ତାଙ୍କର ଜନ୍ମସ୍ଥାନ ବରପାଲି ଓ ଭୁବନେଶ୍ୱରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆଡ଼ମ୍ବରରେ ପାଳିତ ହେଉଛି। ଆଗକୁ ମଧ୍ୟ ଗଙ୍ଗାଧର ସାହିତ୍ୟର ବିସ୍ତୃତ ଆଲୋଚନା କରାଯିବ। ଏକାଡେମୀ ସଚିବ ଶୁଚିସ୍ମିତା ମନ୍ତ୍ରୀ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କଣ୍ଠଶିଳ୍ପୀ ଛନ୍ଦା ମିଶ୍ର ଓ ସାଥୀଙ୍କ ଦ୍ୱାରା ଗଙ୍ଗାଧର କବିତା ପରିବେଷଣ କରାଯାଇଥିଲା। ଏକାଡମୀର ଉପ-ସଭାପତି ଡ. ସଂଗ୍ରାମ ଜେନା ସମାପନୀ ବକ୍ତବ୍ୟ ପ୍ରଦାନ କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com


@ବିଶ୍ୱଜିତ୍


@ବିଭୂତି


@ଝାନ୍ସିରାଣୀ


@ଜିଲୁ


@ମନ୍ମଥ


@ମଗନ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ଗୋଟିଏ ଶାଢ଼ିରେ ଝୁଲିପଡ଼ିଲେ ଦମ୍ପତି

- ୬ ମାସ ତଳେ ବିବାହ କରିଥିଲେ
- ଶ୍ମଶାନରୁ ମୃତଦେହ ଜବତ କଲା ପୋଲିସ

ବାଙ୍କୀ,୩୧।୮ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

କଟକ ଜିଲା ବାଙ୍କୀ ଥାନା ଡମପଡ଼ା ବ୍ଲକ ଅନ୍ତର୍ଗତ ଏକ ନବବିବାହିତ ଦମ୍ପତିଙ୍କ ଝୁଲନ୍ତା ମୃତଦେହ ମଙ୍ଗଳବାର ପୋଲିସ ଜବତ କରିଛି। ସେମାନେ ହେଲେ ଭେଡ଼ାରାମଚନ୍ଦ୍ରପୁର ଗ୍ରାମର ଚକ୍ରଧର ସାହୁ (୨୮) ଏବଂ ସ୍ତ୍ରୀ ସସ୍ମିତା ସାହୁ (୨୩)। ଗତ ୬ ମାସ ତଳେ ସେମାନଙ୍କ ବିବାହ ହୋଇଛି। କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ଘଟି ରାତିରେ ଘର ଭିତରେ ଥିବା ପଙ୍ଖାର ଲୁହା ରଡ୍‌ରେ ଗୋଟିଏ ଲୁଗାରେ ଉଭୟେ ଝୁଲିପଡ଼ିଥିବା ଚର୍ଚ୍ଚା ହେଉଛି। ଗୁରୁବାର ସକାଳୁ ଘର କବାଟ ନ ଖୋଲିବାରୁ ଚକ୍ରଧରଙ୍କ ମା' ପାଟିକରିଥିଲେ। ପଡ଼ିଶା ଲୋକେ ଆସି କବାଟ ଭାଙ୍ଗି ଥିଲେ। ଏହାପରେ ପୁଅର ପରିବାର ଲୋକେ ବୋହୂଙ୍କ ଘରକୁ ଖବର ଦେଇଥିଲେ। ତାଙ୍କ ପରିବାର ସଦସ୍ୟ ପହଞ୍ଚିବା ପରେ ସାହି କୁଟୁମ୍ବଙ୍କ ସହାୟତାରେ ମୃତଦେହ ଦାହ କରିବା ନିମନ୍ତେ ଶ୍ମଶାନକୁ ନିଆଯାଇଥିଲା। ଖବରପାଇ ପୋଲିସ ସଦଳବଳ ପହଞ୍ଚି ବାଟରୁ ଦମ୍ପତିଙ୍କ ମୃତଦେହ ଜବତ କରି ବାଙ୍କୀ ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଛି। ଏହାପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏନେଇ ଥାନାରେ ମାମଲା (ନଂ. ୨୭/୨୦୨୩) ରୁଜୁ ହୋଇଛି। ଏସ୍‌ଆଇ ସମୀର କୁମାର ଲେଙ୍କା ଏହି ଘଟଣାର ତଦନ୍ତ ଜାରି ରଖିଛନ୍ତି।

**ଖସିଲା ଶେୟାର ବଜାର କାରବାର**

ବିଗତ କିଛିଦିନ ହେଲା ଭାରତୀୟ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୨୫୬ (୨୫୫.୮୪) ପଏଣ୍ଟ କମି ୬୪,୮୩୧(୬୪,୮୩୧.୪୧) ଅଙ୍କରେ ବନ୍ଦ କରିଥିଲା। ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୯୪ (୯୩.୬୫) ପଏଣ୍ଟ ହ୍ରାସ ଘଟି ୧୯,୨୫୪ (୧୯,୨୫୩.୮୦) ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ଭାରତର ଜିଡିପି ଅଭିବୃଦ୍ଧି ହାର ୭.୮%

## ପ୍ରଥମ ତ୍ରୈମାସିକ ରିପୋର୍ଟ




**ଭୁବନେଶ୍ୱର,୩୧।୮ (ଅଭୟ ଦାଶ)**

ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ (ଏପ୍ରିଲରୁ ଜୁନ୍) ମଧ୍ୟରେ ଭାରତର ଗ୍ରସ୍ ଡୋମେଷ୍ଟିକ ପ୍ରଡକ୍ଟ (ଜିଡିପି)ର ଅଭିବୃଦ୍ଧି ହାର ପୂର୍ବ ତ୍ରୈମାସିକ ଅପେକ୍ଷା ବେଶ୍ ଭଲ ରହିଥିବା ଗୁରୁବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ତଥ୍ୟ ଜାରି କରାଯାଇଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଦେଶର ଜିଡିପି ୭.୮% ରହିଛି। ଗତ ଆର୍ଥିକ ବର୍ଷର ଶେଷ (ଜାନୁୟାରୀରୁ ମାର୍ଚ୍ଚ) ତ୍ରୈମାସିକରେ ଭାରତର ଅଭିବୃଦ୍ଧି ହାର ୬.୧% ରହିଥିଲା। ୨୦୨୨-୨୩ ଆର୍ଥିକ ବର୍ଷର ଜିଡିପି ଅଭିବୃଦ୍ଧି ହାର ୭.୨% ରହିଥିଲା। ସେହିଭଳି ନ୍ୟାଶନାଲ ଷ୍ଟାଟିଷ୍ଟିକାଲ ଅଫିସ(ଏନ୍ଏସ୍ଓ) ପକ୍ଷରୁ ଗୁରୁବାର ଜାରି ତଥ୍ୟ ଅନୁଯାୟୀ, ଗତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଦେଶର ଜିଡିପି ଅଭିବୃଦ୍ଧି ହାର ୧୩.୧% ରହିଥିଲା ବେଳେ ଉକ୍ତ ଜିଡିପି ଅଭିବୃଦ୍ଧି ସହ ଭାରତ ପ୍ରମୁଖ ଅର୍ଥ ବ୍ୟବସ୍ଥାରେ ସବୁଠୁ ଦ୍ରୁତ ଭାବେ ବୃଦ୍ଧି କରୁଥିବା ଦେଶ ହୋଇଛି। ଉଲ୍ଲେଖଯୋଗ୍ୟ, ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ନିକଟରେ ଚଳିତ ଆର୍ଥିକ ବର୍ଷ ପାଇଁ ଦେଶର (ଭାରତ)ର ଜିଡିପି ଅଭିବୃଦ୍ଧି ୬.୫% ରହିବା ନେଇ ପୂର୍ବ ଆକଳନ କରିଥିଲା। ସେହିଭଳି ଆର୍‌ବିଆଇର ଆକଳନ ରିପୋର୍ଟରେ ଦେଶର ଜିଡିପି ଅଭିବୃଦ୍ଧି ହାର ୨୦୨୩-୨୪ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ୮% ରହିବା ନେଇ ଅନୁମାନ କରାଯାଇଥିଲା। ସେହିପରି ଆଇଏମ୍ଏଫ୍‌ର ଆକଳନ ଅନୁଯାୟୀ ଚଳିତ ବର୍ଷ ଭାରତର ଆର୍ଥିକ ଅଭିବୃଦ୍ଧି ହାର ୬.୧% ରହିବ ବୋଲି କୁହାଯାଇଛି। ଅପରପକ୍ଷରେ ୨୦୨୩ ଜୁଲାଇରେ ଦେଶର କୋର୍ ସେକ୍ଟରଗୁଡ଼ିକର ଅଭିବୃଦ୍ଧିରେ ମଧ୍ୟ ହ୍ରାସ ଦେଖିବାକୁ ମିଳିଛି। ସରକାରୀ ତଥ୍ୟ ଅନୁଯାୟୀ ୨୦୨୩ ଜୁଲାଇରେ କୋର୍ ସେକ୍ଟର ଅଭିବୃଦ୍ଧି ହାର ୮% ରହିଥିଲା। ଏପରିକି ୨୦୨୨ ଜୁଲାଇରେ କୋର୍ ସେକ୍ଟର ଅଭିବୃଦ୍ଧି ୪.୮% ଥିଲା। ସେହିଭଳି ଚଳିତ ଆର୍ଥିକ ବର୍ଷର ଜୁନ୍ ମାସରେ ୮ ମୌଳିକ ଉଦ୍ୟୋଗର ଅଭିବୃଦ୍ଧି ହାର ୮.୩% ରହିଥିଲା। ଚଳିତ ଆର୍ଥିକ ବର୍ଷର ପ୍ରଥମ ୪ମାସରେ ଭାରତର ରାଜ କୋଷୀୟ କ୍ଷତି ୬.୦୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ସରକାରଙ୍କ ପକ୍ଷରୁ ଜାରି ତଥ୍ୟ ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ରାଜକୋଷୀୟ କ୍ଷତି ୩୩.୯% ରହିଛି।

# ଏଚ୍‌ପିସିଏଲ୍ ସହ ଏଚ୍‌ସିଆଇଏଲ୍‌ର ବୁଝାମଣା

**ଭୁବନେଶ୍ୱର,୩୧।୮**




ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍ (ଏଚ୍‌ପିସିଏଲ୍) ସହ ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷକରି ଉଭୟ କମ୍ପାନୀର କାରବାର ଓ ତୈଳ ସୁବିଧା (ଫୁଏଲ ରିୱାର୍ଡ ପ୍ରୋଗ୍ରାମ) ହୋଣ୍ଡାର କନେକ୍ଟ ଆପ୍ଲିକେଶନ ବ୍ୟବହାରକାରୀଙ୍କୁ ଯୋଗାଇ ଦେବାକୁ ଉକ୍ତ ବୁଝାମଣା ହୋଇଥିବା କୁହାଯାଇଛି। ଏ ସମ୍ପର୍କରେ ହୋଣ୍ଡା କାର୍ସ ଇଣ୍ଡିଆର ନିର୍ଦ୍ଦେଶକ (ବିକ୍ରି ଏବଂ ବିପଣନ) ୟୁଚୁଚି ମୁରାତା କହିଛନ୍ତି, ଆମେ ସର୍ବଦା ଗ୍ରାହକକେନ୍ଦ୍ରିକ ସେବା ଓ ସୁବିଧା ଗ୍ରାହକମାନଙ୍କୁ ଯୋଗାଇଦେବାକୁ ଚେଷ୍ଟା କରିଥାଉ। ବିଶେଷକରି ଆମେ ଗ୍ରାହକଙ୍କୁ ପ୍ରିମିୟମ କିମ୍ବା ଗୁଣାତ୍ମକ ବୈଶିଷ୍ଟ୍ୟ ଗାଡ଼ି ଯୋଗାଇ ଦେଇ ନ ଥାଉ ଗ୍ରାହକଙ୍କୁ କମ୍ପାନୀର ସମସ୍ତ ସୁବିଧା ଓ ଆକର୍ଷଣୀୟ ଅଫର ମଧ୍ୟ ପ୍ରଦାନ କରିଥାଉ। ଏପରିକି ସ୍ୱତନ୍ତ୍ର ଗ୍ରାହକଙ୍କୁ ତୈଳ ସୁବିଧା ଯୋଗାଇବାକୁ ଆମେ ଏଚ୍‌ପିସିଏଲ୍ ସହ ସହଭାଗିତା କରୁଛୁ। ସେହିଭଳି ଏଚ୍‌ପିସିଏଲ୍‌ର ନିର୍ଦ୍ଦେଶକ (ମାର୍କେଟିଂ) ଅମିତ ଗର୍ଗ କହିଛନ୍ତି, ଆମେ ଆମର ରିଟେଲ ପଏଣ୍ଟଗୁଡ଼ିକରେ ଉଭୟ ହୋଣ୍ଡାର ଏବଂ ଆମର ଗ୍ରାହକଙ୍କୁ ଗୁଣାତ୍ମକ ଉତ୍ପାଦ ଓ ଉତ୍ତମ ସେବା ଯୋଗାଇ ଦେଇଥାଉ।




ପି ସି ଚନ୍ଦ୍ରା ଜୁଏଲର୍ସର ଭୁବନେଶ୍ୱରସ୍ଥିତ ଖାରବେଳନଗର ଆଉଟ୍‌ଲେଟ୍ (ଶୋ'ରୁମ୍) ପକ୍ଷରୁ ନିକଟରେ ଏକ ସ୍ୱତନ୍ତ୍ର ଗ୍ରାହକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପି ସି ଚନ୍ଦ୍ରା ଜୁଏଲର୍ସର ବ୍ରାଣ୍ଡ ଆମ୍ବାସାଡର ଓଡ଼ିଆ ଅଭିନେତ୍ରୀ ଶୀତଲ ପାତ୍ର ଯୋଗଦେଇ ଗ୍ରାହକଙ୍କ ସହ ଭାବ ବିନିମୟ କରିବା ସହିତ ବ୍ରାଣ୍ଡର ମୂଲ୍ୟବାନ୍ ଗ୍ରାହକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଶୋ'ରୁମ୍ ପକ୍ଷରୁ ଗ୍ରାହକଙ୍କୁ ସମ୍ବର୍ଦ୍ଧିତ କରାଯାଉଥିବାବେଳେ ଶୀତଲ ପାତ୍ର ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଖିମ୍‌ଜୀ ଜୁଏଲର୍ସର ପ୍ରତିଷ୍ଠାତା ଦିବସ

**ଭୁବନେଶ୍ୱର, ୩୧।୮**




ପ୍ରତିବର୍ଷ ଭଳି ଚଳିତ ବର୍ଷ ଅଗଷ୍ଟ ୩୧ରେ ଖିମ୍‌ଜୀ ଜୁଏଲର୍ସର ପ୍ରତିଷ୍ଠାତା ଖିମ୍‌ଜୀ ଦୟାଭାଇଙ୍କ ଜନ୍ମଦିନ ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ପାଳିତ ହୋଇଯାଇଛି। ବିଶେଷକରି ଖିମ୍‌ଜୀ ଜୁଏଲର୍ସର ପ୍ରତିଷ୍ଠାତାଙ୍କ ଜନ୍ମ ଦିବସକୁ ଭିନ୍ନ ଏକ ଭାବରେ ପାଳନ କରାଯାଇଥିଲା। ଏପରିକି ଏହି ଗୌରବମୟ ଦିବସ ପାଳନ କରିବା ପାଇଁ ଅଳଙ୍କାର ବ୍ରାଣ୍ଡ ଭୁବନେଶ୍ୱରର ଏବଂ ଜୟ ଓଡ଼ିଶାର ମିଳିତ ପ୍ରୟାସରେ ଯଦୁପୁରସ୍ଥିତ ପ୍ରତିଭା ଆଶ୍ରମର ଶିଶୁମାନଙ୍କୁ ଖାଦ୍ୟ ଏବଂ ବସ୍ତ୍ର ବଣ୍ଟନ କରାଯାଇଥିଲା। ପ୍ରତିଷ୍ଠାତା ଦିବସ କେବଳ ବ୍ରାଣ୍ଡର ଦୂରଦୃଷ୍ଟିସମ୍ପନ୍ନ ମୁଖ୍ୟଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ନୁହେଁ ବରଂ, ପ୍ରାୟ ୯ଦଶନ୍ଧି ପୂର୍ବରୁ ଖିମ୍‌ଜୀ ଦୟାଭାଇଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ଅଭିଜ୍ଞତାକୁ ସବୁଦିନ ପାଇଁ ମନେରଖିବାରେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଖିମଜୀ ଜୁଏଲର୍ସ ପକ୍ଷରୁ କୁହାଯାଇଛି। ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ଖିମ୍‌ଜୀ ଜୁଏଲର୍ସର ସଫଳତାର ମୂଳଦୁଆ ପ୍ରତିଷ୍ଠା କରିଥିବା ପଥ ପ୍ରଦର୍ଶକଙ୍କୁ ମନେରଖିବା ଏବଂ ସମ୍ମାନିତ କରିବା ପାଇଁ ଆମେ ପ୍ରତିଷ୍ଠାତା ଦିବସ ପାଳନ କରୁଛୁ। ୮୭ତମ ବର୍ଷରେ ପ୍ରଦାର୍ପଣ କରି ଖିମ୍‌ଜୀ ଦୟାଭାଇଙ୍କ ଯାତ୍ରାକୁ ମାର୍ଗଦର୍ଶନ କରିଥିବା ସମାନ ମୂଲ୍ୟବୋଧ ଏବଂ ପ୍ରତିବଦ୍ଧତାକୁ ଆମେ ବଜାୟ ରଖିଛୁ। ପ୍ରତିଷ୍ଠା ଦିବସ ଅବସରରେ ବ୍ରାଣ୍ଡକୁ ପ୍ରେରଣା ଦେଉଥିବା ଅବିସ୍ମରଣୀୟ ପ୍ରତିଷ୍ଠାତାଙ୍କ ଉଦ୍ଦେଶ୍ୟରେ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଦୀର୍ଘ ଅଭିଜ୍ଞତାର ନୂତନ ବର୍ଷରେ ପାଦଦେଇ ଖିମ୍‌ଜୀ ଜୁଏଲର୍ସ ଅଧିକ ସ୍ନେହଭରା ସ୍ମୃତି ଓ ଗ୍ରାହକଙ୍କ ସହ ଦୃଢ଼ ସମ୍ପର୍କ ସ୍ଥାପନ ଏବଂ ଅଳଙ୍କାର ଦୁନିଆରେ ଉତ୍କର୍ଷର ନୂତନ ମାନ ସ୍ଥିର କରିବାକୁ ଆଶା କରିଛି। ଉଲ୍ଲେଖଯୋଗ୍ୟ, ଖିମ୍‌ଜୀ ଜୁଏଲର୍ସର ଏକ୍ସକ୍ଲୁସିଭ ଆଉଟଲେଟ ଭୁବନେଶ୍ୱର (ଶହୀଦନଗର ଓ ଚନ୍ଦ୍ରଶେଖରପୁର) ସମେତ ପୁରୀ, ରାଉରକେଲା, ବ୍ରହ୍ମପୁର, ଝାରସୁଗୁଡ଼ା ଏବଂ କଟକଠାରେ ମଧ୍ୟ ଆକର୍ଷଣୀୟ ଷ୍ଟୋର ରହିଛି।

# ଦକ୍ଷତା ବଳରେ ନିଜସ୍ୱ ପରିଚୟ ସୃଷ୍ଟିକର




ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ସବିତା ଆଚାର୍ଯ୍ୟଙ୍କୁ ଟ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସମ୍ବର୍ଦ୍ଧିତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ଭୁବନେଶ୍ୱର,୩୧।୮**

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଟ୍ରିମ୍‌ସ ସମୂହର ଅଗ୍ରଣୀ ପ୍ରତିଷ୍ଠାନ 'ଟ୍ରିମ୍‌ସ ସ୍ୱୟଂଶାସିତ ବୈଷୟିକ ମହାବିଦ୍ୟାଳୟ'ର ନବାଗତ ବିଟେକ୍ ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ ଓ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ 'ଆରମ୍ଭ-୨୦୨୩' ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜୟଶ୍ରୀ ଅଡିଟୋରିୟମଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଟ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସ୍ୱାଗତ ଅଭିଭାଷଣ ସହ କର୍ତ୍ତବ୍ୟ ପ୍ରତି ନିଷ୍ଠାବାନ୍ ଓ ପିତାମାତା ଏବଂ ଗୁରୁଜନଙ୍କ ଆଶୀର୍ବାଦ ରହିଲେ ସମସ୍ତ ବାଧାବନ୍ଧନ ଅତିକ୍ରମକରି ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବ ବୋଲି ଉଲ୍ଲେଖ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସବିତା ଆଚାର୍ଯ୍ୟ କହିଥିଲେ, ବିଫଳତାରେ କେବେ ବି ନିରୁତ୍ସାହିତ ନ ହୋଇ ବାରମ୍ବାର ପ୍ରଚେଷ୍ଟା କରିବା ଦରକାର। କାରଣ ବିଫଳତାରୁ ମିଳିଥିବା ଶିକ୍ଷା ଓ ଅଭିଜ୍ଞତା ହିଁ ସଫଳତାର ବାଟ ଦେଖାଇଥାଏ। ସକାରାତ୍ମକ ଭାବନା ସହ ଜ୍ଞାନ ଓ ଦକ୍ଷତାର ଉପଯୋଗକରି ନିଜସ୍ୱ ପରିଚୟ ସୃଷ୍ଟି କରିବାକୁ ଆଚାର୍ଯ୍ୟ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସେହିଭଳି ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ଲେଖିକା ପ୍ରଫେସର ଡ.ସୁଲୋଚନା ଦାସ କହିଥିଲେ, ପ୍ରତ୍ୟେକ ମଣିଷ ଭିତରେ ଈଶ୍ୱରୀୟ ସତ୍ତା ନିହିତ ରହିଛି। ଏହାର ଉପଲବ୍ଧି ଦ୍ୱାରା ହିଁ ବିବେକକୁ ଜାଗ୍ରତ କରାଏ। ଜୀବନ ପାଇଁ ସ୍ୱପ୍ନ ଦେଖିବା ଆବଶ୍ୟକ, କିନ୍ତୁ ସ୍ୱପ୍ନ ସାକାର ଲାଗି ଗଭୀର ଆତ୍ମବିଶ୍ୱାସ ଓ ନିଷ୍ଠାପର ସାଧନା ଜରୁରୀ ବୋଲି ସେ ମତପ୍ରକାଶ କରିଥିଲେ। ସମ୍ମାନିତ ବକ୍ତା ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଡା. ଚିନ୍ମୟୀ ରଥ ବିଦ୍ୟାର୍ଥୀ ଜୀବନ ଭଳି ମୂଲ୍ୟବାନ୍ ସମୟର ସୁବିନିଯୋଗକରି ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାକୁ ନବାଗତ ଛାତ୍ରୀଛାତ୍ରୀଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ପରିଶେଷରେ ଅଧ୍ୟକ୍ଷ ଡ. ନୟନ ରଞ୍ଜନ ସାମଲ ପ୍ରାରମ୍ଭିକ ସୂଚନାରେ ଶିକ୍ଷାନୁଷ୍ଠାନର ଅଗ୍ରଗତି ଓ ସଫଳତାର ବିବରଣୀ ପ୍ରଦାନ କରିଥିଲେ। ପ୍ରାଧ୍ୟାପିକା ଡ. ଅନୁରେଖା ନାୟକ ଉକ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିବାବେଳେ ପ୍ରାଧ୍ୟାପିକା ନିଭା ତ୍ରିପାଠୀ ଧନ୍ୟବାଦ ଅଭିଭାଷଣ ଦେଇଥିଲେ। ଏହି ଅବସରରେ ନିମନ୍ତ୍ରିତ ଅତିଥିମାନଙ୍କୁ 'ଟ୍ରିମ୍‌ସ ପରିବାର' ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡିନ୍ (ଛାତ୍ର କଲ୍ୟାଣ) ପ୍ରାଧ୍ୟାପିକା ଡ. ଲୀନା ପଟ୍ଟନାୟକ, ଡ. ଆଲୋକ ରଞ୍ଜନ ବିଶ୍ୱାଳ, ଡ. ଜୀବନାନନ୍ଦ ମେହେନା, ପ୍ରାଧ୍ୟାପକ ରଶ୍ମିରଞ୍ଜନ ବିଶ୍ୱାଳଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୱାନ୍‌ପ୍ଲସ୍‌ର ନୂତନ ଉତ୍ପାଦ

**ଭୁବନେଶ୍ୱର,୩୧।୮:** ବିଶ୍ୱସ୍ତରୀୟ ମୋବାଇଲ ଟେକ୍ନୋଲୋଜି ବ୍ରାଣ୍ଡ ୱାନ୍‌ପ୍ଲସ୍ ନିକଟରେ ୱାନ୍ ପ୍ଲସ୍ ଗ୍ରୀଷ୍ମକାଳୀନ ଉତ୍ପାଦ ଉନ୍ମୋଚନ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଉକ୍ତ କାର୍ଯ୍ୟକ୍ରମରେ କମ୍ପାନୀର ବହୁ ପ୍ରତୀକ୍ଷିତ ନର୍ଡ ଉତ୍ପାଦ ୱାନ୍ ପ୍ଲସ୍ ନର୍ଡ ୩ ୫ଜି, ୱାନ୍ ପ୍ଲସ୍ ନର୍ଡ ସିଇ ୩ ୫ଜି ଏବଂ ୱାନ୍ ପ୍ଲସ୍ ନର୍ଡ ବଡ୍ସ ୨ ଆରକୁ ଆନୁଷ୍ଠାନିକ ଭାବେ କମ୍ପାନୀ ବଜାର ପ୍ରବେଶ କରାଇଥିଲା। ସେହିଭଳି ୱାନ୍ ପ୍ଲସ୍ ନର୍ଡ ସିଇ୩ ୫ଜି ଦୁଇଟି ଭାରିଆଣ୍ଟରେ ଆସୁଛି, ୮ଜିବି+୧୨୮ଜିବି ଭାରିଆଣ୍ଟ ୨୬,୯୯୯ ଟଙ୍କାରେ ମିଳୁଥିବା ବେଳେ ୧୨ଜିବି+୧୨୮ଜିବି ଭାରିଆଣ୍ଟ ୨୮,୯୯୯ ଟଙ୍କାରେ ଉପଲବ୍ଧ ହେଉଛି। ସେହିପରି ୱାନ୍ ପ୍ଲସ୍ ନର୍ଡ୩ ୫ଜି ମଧ୍ୟ ଦୁଇଟି ଭାରିଆଣ୍ଟରେ ଆସୁଛି, ୮ଜିବି+୧୨୮ଜିବି ଭାରିଆଣ୍ଟ ୩୩,୯୯୯ ଟଙ୍କାରେ ମିଳୁଥିବା ଥିବାବେଳେ ୧୨ଜିବି+୧୨୮ଜିବି ଭାରିଆଣ୍ଟ ୩୭,୯୯୯ ଟଙ୍କାରେ ଉପଲବ୍ଧ ହେଉଛି। ବିଶେଷକରି ଆମାଜନ୍ ଡଟ୍ ଇନ୍, ୱାନ୍ ପ୍ଲସ୍ ଡଟ୍ ଇନ୍, ୱାନ୍ ପ୍ଲସ୍ ଏକ୍ସପିରିଏନ୍ସ ଷ୍ଟୋର, ଅଫ୍‌ଲାଇନ ସହଯୋଗୀ ଏବଂ ୱାନ ପ୍ଲସ୍ ଷ୍ଟୋର ଆପ୍‌ରେ ମଧ୍ୟ ଏହି ସ୍ମାର୍ଟ ଫୋନ୍ ଉପଲବ୍ଧ ରହିଛି। ଉଲ୍ଲେଖଯୋଗ୍ୟ, ୨୦୨୩ ସେପ୍ଟେମ୍ବର ପହିଲାରୁ ୱାନ୍ ପ୍ଲସ୍ ଡଟ୍ ଇନ୍, ୱାନ୍ ପ୍ଲସ୍ ଷ୍ଟୋର ଆପ୍, ୱାନ୍ ପ୍ଲସ୍ ଏକ୍ସପିରିଏନ୍ସ ଷ୍ଟୋର ଏବଂ ଆମାଜନ୍ ଡଟ୍ ଇନ୍ ଆଦିରୁ ୱାନ ପ୍ଲସ୍ ନର୍ଡ ୩ ୫ଜି କିଣିବାକୁ ଚାହୁଁଥିବା ୟୁଜରମାନେ ଯଦି ଆକ୍ସିସ ବ୍ୟାଙ୍କ ଓ ସିଟି ବ୍ୟାଙ୍କ କ୍ରେଡିଟ୍ ଓ ଡେବିଟ୍ କାର୍ଡରେ ଇଏମ୍ଆଇ ଟ୍ରାଞ୍ଜାକ୍ସନ ଏବଂ ସମସ୍ତ ୱାନ୍‌କାର୍ଡ ଟ୍ରାଞ୍ଜାକ୍ସନ ଜରିଆରେ ଏହି ସ୍ମାର୍ଟଫୋନ୍ କିଣନ୍ତି ତା'ହେଲେ ସେମାନଙ୍କୁ ୨୦୦୦ ଟଙ୍କାର ବ୍ୟାଙ୍କ ରିହାତି ମିଳିବ। ଏହି ଅଫର ସେପ୍ଟେମ୍ବର ପହିଲାଠାରୁ ଲାଗୁହେବ। ସେହିଭଳି ୟୁଜରମାନେ ଯଦି ଆକ୍ସିସ ବ୍ୟାଙ୍କ ଓ ସିଟି ବ୍ୟାଙ୍କ କ୍ରେଡିଟ୍ ଓ ଡେବିଟ୍ କାର୍ଡରେ ଇଏମ୍ଆଇ ଟ୍ରାଞ୍ଜାକ୍ସନ ଏବଂ ସମସ୍ତ ୱାନ୍‌କାର୍ଡ ଟ୍ରାଞ୍ଜାକ୍ସନ ଜରିଆରେ ୱାନ୍ ପ୍ଲସ୍ ନର୍ଡ ସିଇ ୩ ଫାଇଭ ଜି କିଣନ୍ତି ସେମାନଙ୍କୁ ୧୦୦୦ ଟଙ୍କାର ରିହାତି ମିଳିବ। ଏହି ଅଫର ସେପ୍ଟେମ୍ବର ପହିଲାରୁ ବୈଧ ହେବ। ଏହା ବ୍ୟତୀତ ଆକ୍ସିସ ବ୍ୟାଙ୍କ, ସିଟି, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, ଏସ୍‌ବିଆଇ କାର୍ଡ ଏବଂ ୱାନ କାର୍ଡ ସହିତ ଏହି ସ୍ମାର୍ଟଫୋନ୍ କିଣିଲେ ୟୁଜରଙ୍କୁ ୬ ମାସ ପର୍ଯ୍ୟନ୍ତ ନୋକଷ୍ଟ ଇଏମ୍ଆଇ ସୁବିଧା ମିଳିବ।


**Government of Odisha**
**OFFICE OF THE CHIEF CONSTRUCTION ENGINEER CUTTACK (R&B) CIRCLE, CUTTACK**
Email ID:sectcrb_2006@yahoo.co.in,Tel/Fax-0671-2301751/2302751
**('e' - PROCUREMENT NOTICE )**
**Bid Identification No.CCE.Ctc.(R&B) 16 /2023-24.**

**No.B-801:**1.The Chief Construction Engineer, Cuttack (R&B)Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors Road, Building and Minor Bridge works as mentioned below.
2. No. of work :- 03 Nos.
3. Nature of work :- Road, Building & Minor Bridge work..
4. Class of contractor :- 'B', & 'A' Class.
5. Tender paper cost :- Rs.10000/- (online)
6. Available of bid document in the web site. :- From 04.09.2023 to 17.30 Hours of 18.09.2023
7. Date of opening of bid :- Dt.21.09.2023 at 11.00 Hours

8.The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum / corrigendum / cancellation of tender can also be seen in the said web site.

Sd/-P.K.Rath
Chief Construction Engineer, Cuttack (R&B) Circle
OIPR-34012/11/0029/2324



**GOVERNMENT OF ODISHA** No. B-804
**"e" - PROCUREMENT NOTICE**
**WORKS DEPARTMENT**
E-mail: ceworldbankprojects@gmail.com
**Bid Identification No. CE-W.B.P.(O) - 18/2023-24**

1. The Chief Engineer (World Bank Project), Odisha on behalf of Governor of Odisha invites percentage rate bid in Double Cover System in ONLINE MODE from eligible contractors for construction of Road & Bridge work as detailed below:
2. Nature of Work : Bridge Works
3. No. of Work : 02 Nos.
4. Tender Cost : Rs.10,000.00 (Online)
5. Class of Contractor : A/Special Class Contractor
6. Available of Bid document in the Website : From 10.00 A.M. of 31.08.2023 to 5.00 P.M. of 11.09.2023
7. Date of Opening of Bid : Dt.12.09.2023 at 11.30 A.M.
8. The bidders have to participate in ONLINE bidding only. Further details can be seen from the website **https://tenderodisha.gov.in**. Any addendum/corrigendum/cancellation of tender can also be seen in the said website.

Sd./- Chief Engineer
World Bank Project, Odisha
OIPR-34003/11/0032/2324



**OFFICE OF THE GENERAL MANAGER WATCO DIVISION, BERHAMPUR** No.C-1249:
e-mail:gmwatcobam@gmail.com / Ph No. 06802233978
Government of Odisha "e" Procurement Notice
NATIONAL COMPETITIVE BIDDING
Bid Identification No. WATCOBAM-12/2023-24 To WATCOBAM-13/2023-24 Dt. 29.08.2023

1. Name of work : Internal & External PH works for renovation & construction of. D.H.H. City Hospital & S.D.H. Hospital at Hinjilicut under 5T Transformation (Ama Hospital)
2. Estimated cost : Rs.46.00 lakh (appox.) & Rs. 45.00 lakh respectively
3. Period of completion : 01 (one) month for each work.
4. Date & Time of availability of bid document in the Portal : From 11.00 Hrs.of Dt. 02.09.2023. to 17.30 Hrs. of Dt. 12.09.2023.
5. Last date / Time for Bidding in the Portal : 17.30 Hrs of Dt. 12.09.2023.
6. Date of opening of Tender : On Dt. 13.09.2023 at 11.00 Hrs.
7. Name and address of the Officer inviting tender : General Manager WATCO Division, Berhampur

Further details can be seen from the e-procurement Portal: https://tendersodisha.gov.in.

Sd./- (I/C) General Manager
WATCO Division, Berhampur
OIPR-13210/11/0002/2324



**BHUBANESWAR MUNICIPAL CORPORATION**
**e- Procurement Notice**
Letter No-41410 Dt-29.08.2023
e-Mail: ce@bmc.gov.in
BID Identification No- BMC-DIV-I-12/2023-24 Dt: -29/08/2023

**No.C-1259:**On behalf of the Commissioner, Bhubaneswar Municipal Corporation, City Engineer, BMC invites Percentage Rate Bids for the work mentioned below through e-Procurement in conformity with the terms and conditions of the Detailed Tender Call Notice (DTCN) in Two Bid system from intending bidders fulfilling the eligibility criteria mentioned in the DTCN. Each bid should be submitted on-line through the website www.tendersodisha.gov.in by eligible bidders.
1. No. of works: 2 (Two) Nos
2. Estimated cost- Rs. 277.00 Lakhs & 337.57 Lakhs
3. Class of contractor- "B" & "A" Class
4. Period of completion: 04 (Four) Calendar Months
5. Date and Time of Availability of Bid document in the portal: From 11.00 AM of 04.09.2023 to 05.00 PM of 16.09.2023
6. Last date/Time of submission of bids in the portal: 05.00 PM of 16.09.2023
7. Date of opening of Technical Bid from Portal: 11.30 AM of 18.09.2023
8. Date of opening of Financial Bid: Will be communicated later

Further details can be seen from the e-Procurement portal https://www.tendersodisha.gov.in. Any addendum/corrigendum/cancellation of tender can also be seen in the said website.

Sd./- City Engineer
Bhubaneswar Municipal Corporation
OIPR-13002/11/0126/2324



**ODISHA LIFT IRRIGATION CORPORATION LIMITED**
(A Government of Odisha Undertaking)
**OFFICE OF THE EXECUTIVE ENGINEER LIFT IRRIGATION DIVISION, BALASORE**
E-mail: eelidvnbls@yahoo.com
**e-Procurement Notice**
**Corrigendum No.: 05/2023-24 Dt.31.08.2023**

No. CAD-1903: In partial modification of this office tender call notice No. 04 Dt.23.08.2023 has been made due to technical problem as follows. The term and conditions as per DTCN is remain unaltered.
1. Date & Time of Publication : 04.09.2023 at 11.00 Hrs.
2. Closing Date & Time : 16.09.2023 at 17.00 Hrs.
3. Last Date and Time to seek clarification : 15.09.2023 upto 17.00 Hrs.
4. Opening Date & Time :

(a) Technical Bid - 18.09.2023 at 11.00 Hrs.
(b) Financial Bid will be informed after evaluation of Technical Bid

The details are available in the Government Tender website i.e. .**www.tenderodisha.gov.in** and other related documents are available in the DTCN for bidding.

Sd./- Er. S.K. Choudhary
Executive Engineer, L.I. Division, Balasore
OIPR-32150/11/0006/2324



**ODISHA HYDRO POWER CORPORATION LTD.** OHPC
(A Gold Rated State PSU)
**O/o. Sr. GENERAL MANAGER, RENGALI HYDRO ELECTRIC PROJECT**
P.O.: RENGALI DAM SITE, PIN- 759105, DISTRICT: ANGUL (ORISSA)
TEL NO.: 06760-277214, FAX NO.: 06760-277324
No.: OHPC/RHEP/C&P/PUR-III-223-5779 Date: 29.08.2023
**'e' Procurement Notice**
**TENDER CALL NOTICE No. 06/2023-24**
No. CAD-1893:

| Sl. No. | Description of the Tender | Cost of Tender Paper (Non-refundable) in Rs. | EMD (Refundable) | Period of availability of tender at e-procurement website | Last date & Time of receipt of Tender | Date & Time of Opening of Techno Commercial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Replacement of Old GCI Sheets from the roof of General and Preservation Stores, RHEP, Rengali. | Rs.7,080.00 (Rs.6000+ 18% GST) | Rs.29,400/- | From Dt.01.09.2023 to Dt.11.09.2023 (upto 05.00 P.M.) | Dt.11.09.2023 (upto 05.00 P.M.) | Dt.12.09.2023 at 11.30 A.M. |

Further details can be seen from the Govt. website **https://www.tendersodisha.gov.in**. Addendum/Corrigendum/Cancellation if any shall only be published in the above website.

OIPR-04022/11/0026/2324 Sd./- C & P Head, RHEP, Rengali



No.C-1262:
**BHUBANESWAR MUNICIPAL CORPORATION**
**e- Procurement Notice**
e-Mail: ee3@bmc.gov.in

1. Bid Reference No. : BMC-DIV-III-12/2023-24, Dt.24.08.2023
2. Tender Call Notice No. : 40925, Dt.24.08.2023
3. No. of Work : 3 Nos.
4. Bid Value : Rs.54,16,699.00 to Rs.82,74,765.00
5. Period of Completion : 120 days.

**Critical Dates:**

| Sl. No. | Description | Critical Dates |
|---|---|---|
| (i) | Period of availability of tenders online for bidding | From Dt.01.09.2023 from 11.00 AM to Dt.18.09.2023 upto 5.00 PM |
| (ii) | Last date & time of seeking clarifications (if any) | Dt.07.09.2023 upto 5.00 PM |
| (iii) | Last date & time of bidding online | Dt.18.09.2023 upto 5.00 PM |
| (iv) | Date & Time of opening of the Technical Bids received online | Dt.21.09.2023 (11.30 AM onwards) |
| (v) | Date & Time of opening of Price Bid/Financial Bid/ DTCN Part-II | To be intimated later to the bidder(s) found qualified after checking and evaluation of Technical Bids received online. |

6. Tender details can be seen for the e-Procurement portal https://www.tendersodisha.gov.in & BMC website https://www.bmc.gov.in.

Sd./- Executive Engineer, III
OIPR-13002/11/0125/2324 Bhubaneswar Municipal Corporation



**GOVERNMENT OF ODISHA** No.A-498:
**DEPARTMENT OF WATER RESOURCES**
**Office of the Additional Chief Engineer, Rushikulya Bahuda Basin, Berhampur-760004**
e-mail id:se_sicbam@yahoo.com
**e-Procurement Notice No.ACE, RBB-04/2023-24**

1. Type of Work: Tank Renovation Work.
2. Total No. of Works : 06 (Six) No.
3. Amount put to tender : Rs.120.01 to 172.20 Lakh.
4. Period of Completion: 11 (Eleven) Calendar Months.

| Procurement Officer | Bid Identification No. | Bid Amount (Rs. in Lakh) | Availability & Submission of Bid Online |
|---|---|---|---|
| Addtional Chief Engineer, Rushikulya Bahuda Basin, Berhampur | ACE, RBB (BEID)-09/2023-24 | 172.20 | From 08.09.2023 10.00 A.M. to 25.09.2023, 5.00 P.M. |
| | ACE, RBB (BEID)-10/2023-24 | 157.02 | |
| | ACE, RBB (BEID)-11/2023-24 | 134.70 | |
| | ACE, RBB (BEID)-12/2023-24 | 134.56 | |
| | ACE, RBB (BEID)-13/2023-24 | 120.34 | |
| | ACE, RBB (BEID)-14/2023-24 | 120.01 | |

Date of Opening of the Technical Bid: **26.09.2023 at 11.30 A.M.**
Further details can be seen from the Govt. website **www.tendersodisha.gov.in.**

Sd./- Additional Chief Engineer
Rushikulya Bahuda Basin, Berhampur
OIPR-32411/11/0006/2324

## ସଂକ୍ଷେପରେ

### ପୋଲିସ ଚାକିରି ଦେବା ନାଁରେ ୨.୩୮ ଲକ୍ଷ ଠକେଇ

**ନକଲି ଆଇବି କର୍ମଚାରୀ ଗିରଫ**

**ଭୁବନେଶ୍ୱର,୩୧।୮ (ସୂର୍ଯ୍ୟକାନ୍ତ ବେହେରା):** ପୋଲିସ କନ୍‌ଷ୍ଟେବଲ ପଦବୀରେ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇ ଜଣେ ଆଶାୟୀଙ୍କଠାରୁ ୨ ଲକ୍ଷ ୩୮ ହଜାର ଠକିବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କେନ୍ଦ୍ରାପଡାର ତୀର୍ଥୟ କୁମାର ଜତି ଓରଫ କାକା (୩୮)। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଅଭିଯୁକ୍ତ ନିଜକୁ ଇଣ୍ଟେଲିଜେନ୍ସ ବ୍ୟୁରୋର ଜଣେ କର୍ମଚାରୀ ବୋଲି କହି ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଇବା ପରେ ଠକେଇ କରୁଥିଲେ। ତେବେ ସେ ଆଉ କେତେଜଣଙ୍କୁ ଏପରି ଠକେଇ କରିଛନ୍ତି ସେନେଇ ପୋଲିସ ଖୋଳତାଡ଼ କରୁଛି। ଠକେଇର ଶିକାର ହୋଇଥିବା ଯୁବକ ହେଲେ ମହେନ୍ଦ୍ର ସାହୁ। ସେ ସରକାରୀ ଚାକିରି ନିମନ୍ତେ ନିଜକୁ ପ୍ରସ୍ତୁତ କରୁଥିବାବେଳେ ଅଭିଯୁକ୍ତ କାକାଙ୍କ ସହ ପରିଚୟ ହୋଇଥିଲା। କାକା ନିଜକୁ ଇଣ୍ଟେଲିଜେନସ ବ୍ୟୁରୋର ଜଣେ କର୍ମଚାରୀ ବୋଲି ପରିଚୟ ଦେଇ ତାଙ୍କୁ ଏକ ପୋଲିସ ଚାକିରି କରାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଗତ ଜାନୁୟାରୀରେ ବାହାରି ଥିବା ପୋଲିସ କନଷ୍ଟେବଲ ପଦବୀ ବାହାରିବା ପରେ ସେଥିରେ ଚାକିରି କରାଇଦେବାକୁ କହି ଅଭିଯୁକ୍ତ ୫ଲକ୍ଷ ଟଙ୍କା ଦାବି କରିଥିଲେ। ତାଙ୍କ କଥାକୁ ବିଶ୍ୱାସ କରି ମହେନ୍ଦ୍ର ନିଜ ବ୍ୟାଙ୍କ୍ ଆକାଉଣ୍ଟ ଓ ମାମୁଙ୍କ ଆକାଉଣ୍ଟରୁ ଫୋନ୍‌-ପେ ଜରିଆରେ ଅଭିଯୁକ୍ତଙ୍କୁ ଜାନୁୟାରୀରୁ ଏପ୍ରିଲ ମଧ୍ୟରେ ବିଭିନ୍ନ ପର୍ଯ୍ୟାୟରେ ୨ ଲକ୍ଷ ୩୮ ହଜାର ଟଙ୍କା ଦେଇଥିଲେ। ହେଲେ ଚାକିରି ନ ହେବାରୁ ସେ ଅଭିଯୁକ୍ତ କାକାଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଧରାଛୁଆଁ ଦେଇ ନ ଥିଲେ। ଠକାମିର ଶିକାର ହୋଇଥିବା ଜାଣିପାରି ମହେନ୍ଦ୍ର ଏନେଇ ସେ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ।

### ୩୫ ଲକ୍ଷ ଟଙ୍କାର ଗହଣା ଚୋରି

**ତାଳଚେର,୩୧।୮(ମନୋଜ ନନ୍ଦ):** ଅନୁଗୋଳ ଜିଲା ତାଳଚେର ବ୍ଲକ କଲିୟାରୀ ଥାନା ଅଞ୍ଚଳରେ ଥିବା ହିଙ୍ଗୁଳା କଲୋନୀର ଏକ କ୍ୱାର୍ଟର୍ସରୁ ବୁଧବାର ରାତିରେ ବଡ଼ ଧରଣର ଚୋରି ହୋଇଛି। ଦୁର୍ବୃତ୍ତମାନେ ଜଣେ ଖଣି କର୍ମଚାରୀଙ୍କ ଘରେ ପଶି ୩୫ ଲକ୍ଷ ଟଙ୍କାର ସୁନା ଓ ରୁପା ଗହଣା ସହ ନଗଦ ୪ ଲକ୍ଷ ୧୦ ହଜାର ଟଙ୍କା ନେଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ବଲଣ୍ଡାସ୍ଥିତ ହିଙ୍ଗୁଳା କଲୋନୀରେ ଖଣି କର୍ମଚାରୀ ସୁଦର୍ଶନ ନାୟକ ରୁହନ୍ତି। ରାଖୀ ପୂର୍ଣ୍ଣିମା ଯୋଗୁ ସେ କଣିହାଁସ୍ଥିତ ଜଣେ ବନ୍ଧୁଙ୍କ ଘରକୁ ଯାଇଥିଲେ। ଗୁରୁବାର ଭୋର ସାଢ଼େ ୪ଟାରେ ସେ ବଲଣ୍ଡାସ୍ଥିତ ବାସଭବନକୁ ଫେରିବା ପରେ ଘରର କବାଟ ଭଙ୍ଗା ଯାଇଥିବା ଦେଖିଥିଲେ। ଘର ଭିତରେ ଥିବା ଆଲମିରାରେ ରଖାଯାଇଥିବା ୬୨ ଭରି ଓଜନର ସୁନା ଗହଣା ଓ ନିଜ ସମ୍ପର୍କୀୟଙ୍କ ୯ ଭରି ସୁନା ଗହଣା ସହ ୨୧ ଭରିର ରୁପା ଗହଣା ଏବଂ ନଗଦ ୪ ଲକ୍ଷ ୧୦ ହଜାର ଟଙ୍କା ଚୋରି ହୋଇଥିବା ଜାଣି ସେ ତୁରନ୍ତ କଲିୟାରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ପୁଅ ଆଗରୁ ବାପାକୁ ଟାଣିନେଲା କୁମ୍ଭୀର

**ଉଦ୍ୟମ କରି ବି ରକ୍ଷା କରିପାରିଲାନି ପୁଅ**

**ରାଜନଗର, ୩୧।୮ (ଭାସ୍କର ରାଉତରାୟ)**

ରାଜନଗରର ଭିତରକନିକା ବଉଳା କୁମ୍ଭୀରଙ୍କ ଅନ୍ତୁଡିଶାଳ। ରାଜନଗର ପାଇଁ ଭିତରକନିକା ପରିଚୟ ଆଣି ଦେଇଥିବା ବେଳେ ଏବେ କୁମ୍ଭୀର ରାଜନଗର ପାଇଁ ଆତଙ୍କର କାରଣ ହେଲାଣି। କ୍ରମାଗତ କୁମ୍ଭୀର ଆକ୍ରମଣ ଓ ଆକ୍ରମଣରେ ମୃତକଙ୍କ ସଂଖ୍ୟା ବୃଦ୍ଧି ଘଟଣା ଏବେ ସବୁ ମହଲରେ ଉଦ୍‌ବେଗର କାରଣ ହୋଇଛି। ପାଣି ଭିତରେ କୁମ୍ଭୀର ଆତଙ୍କ ସୃଷ୍ଟି କରୁଥିବା ବେଳେ ରାସ୍ତା ଉପରେ ବି କୁମ୍ଭୀର ବୁଲିଲେଣି। ରାସ୍ତା ଉପରେ ମଙ୍ଗଳବାର ରାତିରେ କୁମ୍ଭୀରକୁ ଦେଖି ଲୋକଙ୍କ ମନରୁ ଭୟ ଯାଇ ନ ଥିଲା। ଗୁରୁବାର ବ୍ରାହ୍ମଣୀ ନଦୀ କୂଳରୁ ଜଣେ ବୃଦ୍ଧଙ୍କୁ କୁମ୍ଭୀର ଟାଣି ନେଇଛି। ପୁଅ ଆଖି ସାମ୍ନାରେ ବାପାକୁ କୁମ୍ଭୀର ଟାଣି ନେଉଥିବା ବେଳେ ପୁଅ ବାପାକୁ ରକ୍ଷା କରିବା ପାଇଁ କୁମ୍ଭୀରକୁ ଆକ୍ରମଣ କରିଥିଲେ। ହେଲେ କୁମ୍ଭୀର କବଳରୁ ବାପାକୁ ରକ୍ଷା କରି ପାରିନାହାନ୍ତି। ପୁଅ ସାମ୍ନାରେ କୁମ୍ଭୀର ଟାଣି ନେବା ଓ ରିପୋର୍ଟ ଲେଖା ହେବା ଯାଏ ତାଙ୍କର ଖୋଜ ଖବର ମିଳିପାରିନାହିଁ।

ରାଜନଗର ବ୍ଲକ ରାଜପୁର ଗାଁର ଅଭୟ ରାଉତ (୬୦) ମଇଁଷି ପାଳି ପରିବାର ପ୍ରତିପୋଷଣ କରନ୍ତି। ନଦୀକୂଳରେ ଅଭୟଙ୍କ ଘର ହୋଇଥିବା ବେଳେ ନଦୀ ସେପଟେ ଥିବା ବିଲରେ ମଇଁଷି ରଖନ୍ତି। ଗୁରୁବାର ପୂର୍ବାହ୍ନ ୧୦ଟାରେ ଅଭୟ ଖାଇ ସାରି ଡିଙ୍ଗି ଯୋଗେ ନଦୀର ଆରପାର୍ଶ୍ୱକୁ ଯାଇଥିଲେ। ଡିଙ୍ଗିରେ ତାଙ୍କର ବଡ଼ପୁଅ ଅନିଲ ଓ ଗାଁର ବିଭୂତି ସ୍ୱାଇଁ ଥିଲେ। ନଦୀର ଆରପାର୍ଶ୍ୱରେ ପହଞ୍ଚିବା ପରେ ଅଭୟ ପ୍ରଥମେ ଡଙ୍ଗାରୁ ଓହ୍ଲାଇ ନଦୀକୂଳରେ ଗୋଡ ଧୋଉଥିଲେ। ଏହି ସମୟରେ ହଠାତ୍ ଏକ ବିରାଟକାୟ କୁମ୍ଭୀର ଅଭୟଙ୍କୁ ଆକ୍ରମଣ କରିଥିଲା। ବଞ୍ଚାଅ ବଞ୍ଚାଅ ବୋଲି ଅଭୟଙ୍କ ଚିତ୍କାର ଶୁଣି ପୁଅ ଅନିଲ ଡିଙ୍ଗିରେ ଥିବା ବାଡିରେ କୁମ୍ଭୀରକୁ ବାଡେଇ ଥିଲେ। ମାତ୍ର ବାଡିଟି ସରୁ ଥିବାରୁ ତାହା ଭାଙ୍ଗି ଯାଇଥିଲା। ସେ ସମୟରେ କୁମ୍ଭୀର ପ୍ରଥମେ ଅଭୟଙ୍କୁ ଛାଡି ଦେଇଥିଲା। ତା'ପରେ ପୁଣି କୁମ୍ଭୀରଟି ଆକ୍ରମଣ କରି ଅଭୟଙ୍କୁ ନଦୀ ମଧ୍ୟକୁ ଟାଣି ନେଇଥିଲା। ସେମାନଙ୍କ ଚିତ୍କାର ଶୁଣି ନଦୀ ଏପଟେ ଥିବା ଗାଁ ଲୋକ ଭୁଟୁଭୁଟି ଓ ଡିଙ୍ଗି ସାହାଯ୍ୟରେ ଖୋଜାଖୋଜି ଆରମ୍ଭ କରିଥିଲେ। ଖବରପାଇ ରାଜନଗର ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରାଙ୍କ ନେତୃତ୍ୱରେ ବନ ବିଭାଗ ଟିମ୍ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଜାରି ରଖିଥିଲେ ମଧ୍ୟ ରିପୋର୍ଟ ଲେଖା ହେବା ଯାଏଁ ଅଭୟଙ୍କ ପତ୍ତା ମିଳିପାରିନାହିଁ। ରାଜନଗରରେ ବାରମ୍ବାର କୁମ୍ଭୀର ଆକ୍ରମଣ ଘଟଣା ଘଟୁଥିବା ବେଳେ ଅଢେଇ ମାସରେ କେନ୍ଦ୍ରାପଡ଼ା ଜିଲାରେ ୪ ଜଣଙ୍କ ଜୀବନ ଗଲାଣି।


ଅଭୟ ରାଉତ

# ୨ ସପ୍ତାହରେ ସମସ୍ତ ସଦସ୍ୟ ପଦବୀ ପୂରଣ ହେବ

**ଓଡ଼ିଶା ଖାଦ୍ୟ ଆୟୋଗରେ ସଦସ୍ୟ ପଦବୀ ଖାଲି ମାମଲା**

**ହାଇକୋର୍ଟରେ ଜବାବ ଦାଖଲକଲେ ରାଜ୍ୟ ସରକାର**

**କଟକ,୩୧।୮ (କାର୍ତ୍ତିକ ସାହୁ)**

ଓଡ଼ିଶା ଖାଦ୍ୟ ଆୟୋଗରେ ସଦସ୍ୟ ପଦ ଖାଲି ପଡ଼ିବା ମାମଲାରେ ରାଜ୍ୟ ସରକାର ଗୁରୁବାର ହାଇକୋର୍ଟରେ ଜବାବ ଦାଖଲ କରିଛନ୍ତି। ଆୟୋଗର ଚେୟାରମ୍ୟାନ ନିଯୁକ୍ତି ଶେଷ ହୋଇଛି। ସଦସ୍ୟ ପଦବୀ ପୂରଣ ନିମନ୍ତେ ଚୟନ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ୨ ସପ୍ତାହ ମଧ୍ୟରେ ସମସ୍ତ ସଦସ୍ୟ ପଦବୀ ପୂରଣ ହୋଇଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ସତ୍ୟପାଠ ଜରିଆରେ ଅବଗତ କରାଯାଇଥିଲା। ହାଇକୋର୍ଟ ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ର ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ତୁରନ୍ତ ସଦସ୍ୟ ପଦ ପୂରଣ ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେପ୍ଟେମ୍ବର ୧୪ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ରାଜ୍ୟ ଖାଦ୍ୟ ଆୟୋଗରେ ଦୀର୍ଘ ଦିନ ହେବ ଅଧ୍ୟକ୍ଷ ସମେତ ସଦସ୍ୟ ପଦବୀ ଖାଲି ପଡ଼ିଥିଲା। ସରକାରୀ ନିୟମ ଅନୁସାରେ କୌଣସି ନିଷ୍ପତ୍ତି ନେବା ପାଇଁ ଆୟୋଗରେ ଅତି କମ୍‌ରେ ୩ ଜଣ ସଦସ୍ୟ ଆବଶ୍ୟକ। ହେଲେ ଆୟୋଗରେ ସମସ୍ତ ୫ଟି ଯାକ ସଦସ୍ୟ ପଦବୀ ଖାଲି ପଡ଼ିଥିବାରୁ ଆୟୋଗ ଅଚଳ ଅବସ୍ଥାରେ ରହିଛି। ଆବେଦନକାରୀ ପ୍ରବୀର କୁମାର ଦାସ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ପଦବୀ ପୂରଣ ପାଇଁ ଅବଗତ କରାଇଥିଲେ ବି କୌଣସି ସୁଫଳ ମିଳି ନ ଥିଲା। ଫଳରେ ସେ ଏନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଗତ ୪ ତାରିଖରେ ହାଇକୋର୍ଟ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ସରକାରୀ ଓକିଲ ଦେବକାନ୍ତ ମହାନ୍ତି ହାଇକୋର୍ଟଙ୍କୁ ସରକାର ଆୟୋଗରେ ଅଧ୍ୟକ୍ଷ ନିଯୁକ୍ତି କରିଥିବା ନେଇ ଦର୍ଶାଇଥିଲେ। ଅପରପକ୍ଷରେ ଆବେଦନକାରୀ ଆୟୋଗର ୫ଟି ଯାକ ସଦସ୍ୟ ପଦ ଖାଲି ପଡ଼ିଥିବା ନେଇ ଦୃଷ୍ଟି ଆକର୍ଷଣ କରିବାରୁ ଏନେଇ ସତ୍ୟପାଠ ଦାଖଲ ନିମନ୍ତେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

# ମଦଭାଟିକୁ ବିରୋଧ କଲେ ଗ୍ରାମବାସୀ


ବଲାଙ୍ଗୀର ଖୁଜେନପାଲିଠାରେ ମହିଳା ଓ ପୁରୁଷମାନେ ମଦଭାଟି ମଦନଷ୍ଟ କରୁଛନ୍ତି।

**ବଲାଙ୍ଗୀର ଅଫିସ,୩୧।୮ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସହର ଖୁଜେନପାଲି କାଲସେଇପାଲି ଛକ ନିକଟରେ ଖୋଲାଯାଇଥିବା ମଦଭାଟିକୁ ଜୋରଦାର ବିରୋଧ କରାଯାଇଛି। ଗୁରୁବାର ଶତାଧିକ ମହିଳା ଏବଂ ପୁରୁଷ ଭାଟିକୁ ଭଙ୍ଗାରୁଜା କରିବା ସହ ମଦ ପାଉଚ୍ ରାସ୍ତାକୁ ଫିଙ୍ଗି ଦେଇଛନ୍ତି।

ପ୍ରତିବାଦକାରୀଙ୍କ କହିବା ଅନୁସାରେ, ପ୍ରାୟ ବର୍ଷକ ତଳେ ଏଠାରେ ମଦଭାଟି ଖୋଲିବାକୁ ଉଦ୍ୟମ କରାଯାଇଥିଲା। ଏହାକୁ ଖୁଜେନପାଲି ଗ୍ରାମ ପଞ୍ଚାୟତର ବିଭିନ୍ନ ଗାଁରେ ବିରୋଧ କରାଯାଇଥିଲା। ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଅବକାରୀ ବିଭାଗ ଏବଂ ଜିଲାପାଳଙ୍କୁ ଲିଖିତଭାବେ ଜଣାଇଥିଲେ। ମଦଭାଟି ଖୋଲିଲେ ଏଠାରେ ଅସାମାଜିକ ତତ୍ତ୍ୱଙ୍କ ଉତ୍ପାତ ବଢ଼ିବ ଓ ଲୋକେ ଅସୁବିଧାରେ ପଡିବେ ବୋଲି ଆଶଙ୍କା କରାଯାଇଥିଲା। ଯେଉଁ ରାସ୍ତାରେ ମଦଭାଟି ତିଆରି ହୋଇଛି ସେହି ରାସ୍ତାରେ ଛାତ୍ରୀଛାତ୍ର, ଗ୍ରାମବାସୀ ଯାତାୟାତ କରୁଛନ୍ତି। ବାରମ୍ବାର ଏନେଇ ଅନୁରୋଧ କରିବା ପରେ ମଧ୍ୟ ମଦଭାଟି ଖୋଲିବା ନେଇ ଉଦ୍ୟମ କରାଯାଇଥିଲା। ବଲାଙ୍ଗୀର ରେଲୱେ ଷ୍ଟେଶନଠାରେ ପୂର୍ବରୁ ଥିବା ମଦଭାଟିକୁ ଏହି ସ୍ଥାନକୁ ସ୍ଥାନାନ୍ତରଣ କରାଯାଇଥିଲା। ଏହି ମଦଭାଟି ସ୍ଥାନାନ୍ତରଣକୁ ପ୍ରଶାସନ ସବୁଜ ସଙ୍କେତ ଦେଇଥିଲେ। ମାତ୍ର ଜନସାଧାରଣ ଏହାକୁ ପ୍ରବଳ ବିରୋଧ କରିଆସୁଥିଲେ। ପ୍ରାୟ ଏକ ବର୍ଷ ହେବ ଏହି ମଦଭାଟି ତିଆରି ହୋଇସାରିଥିଲା। ଗୁରୁବାର ମଦଭାଟି ଖୋଲିବା ପରେ ଶତାଧିକ ମହିଳା ସେଠାକୁ ଯାଇ ଭଙ୍ଗାରୁଜା କରିବା ସହ ମଦ ପାଉଚ୍‌କୁ ଉଠାଇ ଆଣି ରାସ୍ତାକୁ ଫିଙ୍ଗି ଦେଇଥିଲେ। ଗାଡ଼ି ମୋଟର ଚକରେ ଦଳି ଦେବାକୁ ଲୋକଙ୍କୁ କହିଥିଲେ। କୌଣସି ପରିସ୍ଥିତିରେ ଏଠାରେ ମଦଭାଟି ଖୋଲାଯାଇପାରିବ ନାହିଁ ବୋଲି ଏସ୍‌ଏଚ୍‌ଜି ମହିଳାମାନେ ଚେତାବନୀ ଦେଇଛନ୍ତି। ଗ୍ରାମବାସୀଙ୍କ ବିରୋଧ ପରେ ମଧ୍ୟ ପ୍ରଶାସନ ଏହାକୁ ଖୋଲିବାକୁ ଉଦ୍ୟମ କଲେ ପରିସ୍ଥିତି ସାଂଘାତିକ ହେବ ବୋଲି ଚେତାବନୀ ଦେଇଛନ୍ତି।

### ୫ ଲ୍ୟାମ୍ପସ୍ କର୍ମଚାରୀଙ୍କୁ ୩ ବର୍ଷ ଜେଲ

**ସରକାରୀ ଅର୍ଥ ହେରଫେର ମାମଲା**

**ବାରିପଦା,୩୧।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ସରକାରୀ ଅର୍ଥ ହେରଫେର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ପି.କେ. ପଣ୍ଡା ଏହାର ବିଚାର କରି ୫ ଲ୍ୟାମ୍ପସ୍ କର୍ମଚାରୀଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ୧୫ହଜାର ଟଙ୍କା ଜରିମାନା ଅନାଦାୟେ ଅଧିକ ୩ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତମାନେ ହେଲେ ବାଲେଶ୍ୱର ଜିଲା ନୀଳଗିରି ଥାନା କାଁଶ ଗ୍ରାମର ସିଦ୍ଧେଶ୍ୱର ବାରିକ, ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା କୁଜିଗାଡ଼ି ଗ୍ରାମର ମୁକୁନ୍ଦ ପ୍ରସାଦ ଦାସ ଓ ହରିହର ଦାସ, ଆମ୍ବଗଡ଼ିଆ ଗ୍ରାମର ଅଶୋକ କୁମାର ମହାପାତ୍ର ଓ ଖୁଣ୍ଟାପୁର ଗ୍ରାମର ବେଣୁଧର ନାଥ। ୨୦୦୮ରେ ବୈଶିଙ୍ଗା ଲ୍ୟାମ୍ପସର ଚାଷୀଙ୍କ ନିମନ୍ତେ ଡିଡବ୍ଲ୍ୟୁ ଓ ଡିଆର୍ ଯୋଜନାରେ ଋଣ ପ୍ରଦାନ କରାଯାଇଥିଲା। ଉକ୍ତ ଲ୍ୟାମ୍ପସରେ ବେଆଇନ ଭାବେ ୧୭୫ଜଣଙ୍କୁ ୧୦ଲକ୍ଷ ୬୪ହଜାର ୧୨ଟଙ୍କା ପ୍ରଦାନ କରାଯାଇଥିବା ନେଇ ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଜଡିତ ବେତନଟୀ ଏମ୍‌ସିସିବି ବ୍ରାଞ୍ଚ ମ୍ୟାନେଜର ଶରତ ଚନ୍ଦ୍ର ପରିଡ଼ାଙ୍କ ମୃତ୍ୟୁ ହୋଇଯାଇଛି। ସ୍ୱତନ୍ତ୍ର ପିପି ଶାନ୍ତନୁ କୁମାର ଦାଶ ମାମଲା ପରିଚାଳନା କରୁଥିଲେ।

# ନୂଆଗାଁ ସେବାଶ୍ରମର ୨୪ ଛାତ୍ରୀଛାତ୍ର ଅସୁସ୍ଥ


ଚିକିତ୍ସାଧୀନ ଅସୁସ୍ଥ ଛାତ୍ରମାନେ।

**କୁଳିଅଣା, ୩୧।୮ (ଆଦିକନ୍ଦ ସାହୁ)**

ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ ଭଗବାନପୁର ପଞ୍ଚାୟତ ଅଧୀନ ନୂଆଗାଁ ସେବାଶ୍ରମର ୨୪ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡ଼ିଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ କୁଳିଅଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ୨ ଛାତ୍ରୀଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମୁଣ୍ଡବ୍ୟଥା ଓ ଗୋଡ଼ ବିନ୍ଧା ସହ ସମସ୍ତ ଛାତ୍ରୀଛାତ୍ର ଜ୍ୱରରେ ପୀଡ଼ିତ ଅଛନ୍ତି। ରକ୍ତ ପରୀକ୍ଷାରୁ କେତେଜଣ ଛାତ୍ରୀଛାତ୍ର ଟାଇଫଏଡ୍‌ରେ ଆକ୍ରାନ୍ତ ଥିବା ନେଇ ଚିକିତ୍ସା କରୁଥିବା ଡା. ପ୍ରଦୀପ ନାଏକ କହିଛନ୍ତି। ତେବେ ଦୂଷିତ ଜଳପାନ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ସେବାଶ୍ରମର ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ମାଝି ଡାକ୍ତରଖାନାରେ ଉପସ୍ଥିତ ରହି ଅସୁସ୍ଥ ଛାତ୍ରୀଛାତ୍ରଙ୍କ ଦେଖାଶୁଣା କରୁଛନ୍ତି।

ସୂଚନା ଅନୁଯାୟୀ, ଉକ୍ତ ସେବାଶ୍ରମ ହଷ୍ଟେଲରେ ମୋଟ ୩୨୦ ଛାତ୍ରୀଛାତ୍ର ରହୁଥିବା ବେଳେ ବୁଧବାର ୫ଜଣ ଅସୁସ୍ଥ ହୋଇପଡ଼ିଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷ ଚିକିତ୍ସା ପାଇଁ ସେମାନଙ୍କୁ ଡାକ୍ତରଖାନା ଆଣିଥିଲେ। ଗୁରୁବାର ଅନ୍ୟ ୧୯ଜଣ ଛାତ୍ରୀଛାତ୍ର ଅସୁସ୍ଥ ହେବାରୁ ସେମାନଙ୍କୁ ମଧ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ୨ ଛାତ୍ରୀ ପୂଜାର୍ଚ୍ଚନା ମୁର୍ମୁ ଏବଂ ସୋନାଲି ମାରାଣ୍ଡିଙ୍କ ଅବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ ବାରିପଦା ସ୍ଥାନାନ୍ତର କରାଯାଇଥିଲା। ଭାଜପାର ସୁଗୁଦା ମୁର୍ମୁ କୁଳିଅଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଚିକିତ୍ସାଧୀନ ଛାତ୍ରୀଛାତ୍ରଙ୍କ ବିଷୟରେ ଭାରପ୍ରାପ୍ତ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

# ୧୭ ଲକ୍ଷ ଟଙ୍କାର ୩ ଆକାଉଣ୍ଟ ଫ୍ରିଜ୍, ଗୋଦାମ ସିଲ୍

**ନକଲି ବ୍ରାଣ୍ଡ୍ ଗାର୍ମେଣ୍ଟସ୍ ଜବତ ଘଟଣା**

**ବଲାଙ୍ଗୀର ଅଫିସ,୩୧।୮ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଟାଉନ୍ ଥାନା ପୋଲିସ ବୁଧବାର ସହରର ଲଖାନୀ ନ୍ୟୁ ଗାର୍ମେଣ୍ଟସ୍‌ରେ ଚଢ଼ାଉକରି ୪୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ନକଲି ବ୍ରାଣ୍ଡର ରେଡିମେଡ୍ ଲୁଗାପଟା ଜବତ କରିଥିଲା। ଏଥିସହ ଦୋକାନ ମାଲିକ ରାଜେଶ କୁମାର ଲଖାନୀଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ଅଧିକ ତଦନ୍ତକରି ପୋଲିସ ଲଖାନୀ ଗାର୍ମେଣ୍ଟସ୍‌ର ୧୭ଲକ୍ଷ ଟଙ୍କାର ତିନୋଟି ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରିଛି। ଏଥିସହ ଭାଲେର ଛକରେ ଥିବା ଏକ ଗୋଦାମଘରକୁ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ସିଲ୍ କରାଯାଇଛି। ମୁମ୍ବାଇରୁ ଆସିଥିବା ମେସର୍ସ ନେତ୍ରିକା କନ୍‌ସଲ୍‌ଟିଂ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ଜଣେ ସ୍ୱୀକୃତିପ୍ରାପ୍ତ ଅଧିକାରୀ ଦୀପେଶ ଗୁପ୍ତା ବୁଧବାର ଟାଉନ୍ ଥାନାକୁ ଆସି ବ୍ରାଣ୍ଡେଡ୍ ଲୁଗାପଟା ବେପାରରେ କପିରାଇଟ୍ ଉଲ୍ଲଂଘନ କରାଯାଉଥିବା ଲିଖିତ ଅଭିଯୋଗ କରିଥିଲେ। ଏସ୍‌ପି ଋଷିକେଶ ଖିଲାରୀ ମାମଲାର ଗୁରୁତ୍ୱ ଉପଲବ୍ଧିକରି ଏକ ସ୍ୱତନ୍ତ୍ର ପୋଲିସ ଅନୁସନ୍ଧାନ ଟିମ୍ ଗଠନ କରିଥିଲେ। ଟାଉନ୍ ଥାନା ଆଇଆଇସି ବିଶ୍ୱଜିତ ମନବୋଧଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍ ଗାନ୍ଧୀନଗର ବାଇପାସ୍ ନିକଟରେ ଥିବା ଲଖାନୀ ଗାର୍ମେଣ୍ଟସ୍‌ର ଗୋଦାମଘରେ ଚଢ଼ାଉ କରିଥିଲେ। ଏହି ମାମଲାରେ ଗୁରୁବାର ଟାଉନ୍ ପୋଲିସ ଟିମ୍ ଭାଲେର ଛକଠାରେ ଥିବା ଏକ ଗୋଦାମଘରେ ଚଢ଼ାଉ କରିଥିଲା। ସେଠାରେ ନକଲି ଲୁଗାପଟାରେ ବିଭିନ୍ନ ନାମୀଦାମୀ ବ୍ରାଣ୍ଡର ଲୋଗୋ, ଷ୍ଟିକର ଲଗାଯାଇ ଏହାକୁ ଦାମୀ ବ୍ରାଣ୍ଡର ଲୁଗାପଟା କରାଯାଉଥିଲା। ପୋଲିସ ଟିମ୍ ପହଞ୍ଚିବା ପରେ ବହୁ ପରିମାଣର ଲୁଗାପଟା ଥିବା ଦେଖି ଏହାକୁ ସିଲ୍ କରିଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ପୋଲିସ ପକ୍ଷରୁ ସିଟି, ଜିଏସ୍‌ଟି ବିଭାଗକୁ ମଧ୍ୟ ସୂଚନା ଦିଆଯାଇ ଟ୍ୟାକ୍ସ ଫାଙ୍କି ସମ୍ପର୍କରେ ତଦନ୍ତ କରିବାକୁ କୁହାଯାଇଛି। ଗୋଦାମ ରହିଥିବା ଜାଗାଟି ସରକାରୀ ଜମିରେ ରହିଛି ନା ନାହିଁ ତାକୁ ମଧ୍ୟ ଯାଞ୍ଚ କରାଯିବ ବୋଲି ଏସ୍‌ଡିପିଓ ବାଗ କହିଛନ୍ତି।

# ରାଜ୍ୟ ଏନ୍‌ଏସ୍‌ଏସ୍ ପୁରସ୍କାର ଘୋଷଣା

**ଭୁବନେଶ୍ୱର,୩୧।୮ (ଅନୁରାଧା ମହାରଣା)**

ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍)ର ରାଜ୍ୟ ପୁରସ୍କାର ପାଇଁ ବିଜେତାଙ୍କ ନାମ ଘୋଷଣା କରାଯାଇଛି। ୨୦୨୨-୨୩ ବର୍ଷ ପାଇଁ ବିଭିନ୍ନ ମହାବିଦ୍ୟାଳୟରେ କାର୍ଯ୍ୟରତ ଜାତୀୟ ସେବା ଯୋଜନାଗୁଡ଼ିକର ପ୍ରୋଗ୍ରାମ ଅଫିସର ଓ ୟୁନିଟ୍‌ଗୁଡିକୁ ପୁରସ୍କୃତ କରାଯିବ। ଏହାବ୍ୟତୀତ ବୃକ୍ଷରୋପଣ, ରକ୍ତଦାନରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ୟୁନିଟ୍‌ଗୁଡ଼ିକୁ ମଧ୍ୟ ପୁରସ୍କୃତ କରାଯିବ। ଅନୁରୂପ ଭାବରେ ଶ୍ରେଷ୍ଠ ସ୍ୱେଚ୍ଛାସେବୀଙ୍କୁ ମଧ୍ୟ ପୁରସ୍କୃତ କରାଯିବ। ବିଜେତାଙ୍କୁ ଟ୍ରଫି, ନଗଦ ଅର୍ଥରାଶି, ପଦକ ଓ ପ୍ରମାଣପତ୍ର ପ୍ରଦାନ କରାଯିବ। ବିଭାଗ ପକ୍ଷରୁ ଗଠିତ ବିଶେଷଜ୍ଞ କମିଟି ଦ୍ୱାରା ଚୟନ କରାଯାଇଥିବା ଏହି ବିଜେତାମାନଙ୍କୁ ନିକଟ ଭବିଷ୍ୟତରେ ଅନୁଷ୍ଠିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ଉତ୍ସବରେ ପୁରସ୍କୃତ କରାଯିବ। ତିନିଜଣ ପ୍ରୋଗ୍ରାମ ଅଫିସର, ତିନିଟି ଶ୍ରେଷ୍ଠ କଲେଜ ୟୁନିଟ୍, ବୃକ୍ଷରୋପଣ, ରକ୍ତଦାନ ପାଇଁ ଦୁଇଟି ୟୁନିଟ୍ ସମେତ ୧୨ଜଣ ସ୍ୱେଚ୍ଛାସେବୀଙ୍କୁ ପୁରସ୍କୃତ କରାଯିବ ବୋଲି ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

ଉକ୍ତ ବିଜ୍ଞପ୍ତି ଅନୁସାର, ପୁରସ୍କୃତ ହେବାକୁ ଥିବା ତିନିଜଣ ପ୍ରୋଗ୍ରାମ ଅଫିସର ହେଲେ ଭଦ୍ରକସ୍ଥିତ ତିହିଡ଼ି ଡିଗ୍ରୀ କଲେଜର କମଳାକାନ୍ତ ଓଝା, କୋରାପୁଟସ୍ଥିତ ସହିଦ ଲକ୍ଷ୍ମଣ ନାୟକ ଡିଗ୍ରୀ ମହାବିଦ୍ୟାଳୟର ହିମାଂଶୁ ଶେଖର ବକ୍ସି, ନୂଆପଡ଼ାସ୍ଥିତ କରିଅର ସ୍ୱୟଂଚାଳିତ ମହାବିଦ୍ୟାଳୟର ଡ. ସୁରଞ୍ଜନ ପ୍ରଧାନ। ସେହିପରି ତିନିଟି ଶ୍ରେଷ୍ଠ କଲେଜ ୟୁନିଟ୍ ପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଶକ୍ତି ରଞ୍ଜନ ଦାଶ, ଖୋର୍ଦ୍ଧା ଜିଲାସ୍ଥିତ ଶ୍ରୀ ଜଗନ୍ନାଥ ମହାବିଦ୍ୟାୟର ଅନୁପମା ଚମ୍ପତିରାୟ, ଭୁବନେଶ୍ୱରସ୍ଥିତ ସମ୍ ନର୍ସିଂ କଲେଜର ମଧୁସ୍ମିତା ନାୟକଙ୍କୁ ପୁରସ୍କୃତ କରାଯିବ। ସେହିପରି ବୃକ୍ଷରୋପଣ ପାଇଁ ମୟୂରଭଞ୍ଜସ୍ଥିତ ଖୁଣ୍ଟା ଡିଗ୍ରୀ କଲେଜର ତପନ କୁମାର ବାରିକ ଏବଂ ରକ୍ତଦାନ ପାଇଁ ରାୟଗଡ଼ାସ୍ଥିତ ଜିଆଇଇଟି ବିଶ୍ୱବିଦ୍ୟାଳୟର ପ୍ରେମାଂଶୁ ରଥଙ୍କୁ ପୁରସ୍କୃତ କରାଯିବ।

# ଦୁର୍ଘଟଣାଜନିତ ମୃତ୍ୟୁ ୫% ବୃଦ୍ଧି

**ଭୁବନେଶ୍ୱର, ୩୧।୮ (ସୁନିତ୍ ମିଶ୍ର)**

ସଡକ ସୁରକ୍ଷା କ୍ଷେତ୍ରରେ ବିଭିନ୍ନ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପୋଲିସ୍, ପରିବହନ, ସ୍ୱାସ୍ଥ୍ୟ, ଇଞ୍ଜିନିୟରିଂ ଏବଂ ଶିକ୍ଷା ଆଦି ବିଭାଗ ସହିତ ଟ୍ରକ୍-ବସ୍ ମାଲିକ ସଙ୍ଘ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକର ଉପଯୁକ୍ତ ସମନ୍ୱୟ ହିଁ ସଡ଼କ ସୁରକ୍ଷା ଦିଗରେ ନିର୍ଣ୍ଣାୟକ ଭୂମିକା ନେବ ବୋଲି ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି। ଲୋକସେବା ଭବନ ଠାରେ ଗୁରୁବାର ଅନୁଷ୍ଠିତ ସଡ଼କ ସୁରକ୍ଷା ପରିଷଦ ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ସାହୁ କହିଛନ୍ତି ଯେ, ସଡ଼କ ସୁରକ୍ଷା ଏବେ ସମଗ୍ର ବିଶ୍ୱବାସୀଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି।

ଓଡିଶାରେ ୨୦୨୨ରେ ୫,୪୬୭ ବ୍ୟକ୍ତି ସଡକ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ୨୦୨୩ ଜାନୁୟାରୀ ଓ ଜୁନରେ ଗତବର୍ଷ ତୁଳନାରେ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ପ୍ରାୟ ୫% ବୃଦ୍ଧି ପାଇଛି। ଯାଜପୁର, ମୟୂରଭଞ୍ଜ, ସୁନ୍ଦରଗଡ, କେନ୍ଦୁଝର, ଗଞ୍ଜାମ, କଟକ ଓ ଖୋର୍ଦ୍ଧା ଜିଲାରେ ଅଧିକ ସଂଖ୍ୟାରେ ସଡକ ଦୁର୍ଘଟଣା ଘଟି ଲୋକମାନେ ମୃତ୍ୟୁବରଣ କରୁଛନ୍ତି। ସଡ଼କ ସୁରକ୍ଷା ନିମନ୍ତେ ମୁଖ୍ୟମନ୍ତ୍ରୀ ସଡ଼କ ସୁରକ୍ଷା ଯୋଜନା ନାମରେ ଏକ ନୂଆ ଯୋଜନା ପ୍ରଚଳନ କରାଯାଇଛି। ଏହି ଯୋଜନାରେ ୧୪୫ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରାଯାଇଛି। ରାଜ୍ୟର ୭୦% ଦୁର୍ଘଟଣା ଦ୍ରୁତଗତି ଯୋଗୁ ଘଟୁଛି। ୨୦୨୨ରେ ୨୪୯୮ ଜଣ ମୋଟର ସାଇକେଲ ଚାଳକ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ସେମାନଙ୍କ ମଧ୍ୟରୁ ୧୬୯୫ ଜଣ ହେଲମେଟ୍ ପିନ୍ଧି ନ ଥିବାରୁ ମୃତ୍ୟୁମୁଖରେ ପଡିଛନ୍ତି। ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି, ବିଶେଷଜ୍ଞମାନେ ସ୍କୁଲ ଓ କଲେଜରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଇବା ଜରୁରୀ। ରାସ୍ତା ପାର୍ଶ୍ୱସ୍ଥ ପିଏଚ୍‌ସି ଓ ସିଏଚ୍‌ସିରେ ଦୁର୍ଘଟଣାଗ୍ରସ୍ତଙ୍କୁ ଜରୁରୀ ଚିକିତ୍ସା ସମ୍ବନ୍ଧରେ ପ୍ରଶିକ୍ଷିତ କରାଇବା ଉଚିତ। ରେଡ୍‌କ୍ରସ୍/ ସେଣ୍ଟଜନ୍ ଫାଷ୍ଟ ଏଡ୍ ଦଳ ରାସ୍ତା ପାର୍ଶ୍ୱସ୍ଥ ଗ୍ରାମାଞ୍ଚଳରୁ ଅନ୍ୟୁନ ୧୦ ଜଣଙ୍କୁ ଦୁର୍ଘଟଣାର ଶିକାର ହୋଇଥିବା ଲୋକଙ୍କୁ ପ୍ରାଥମିକ ଚିକିତ୍ସା ପ୍ରଦାନ ସମ୍ବନ୍ଧରେ ପ୍ରଶିକ୍ଷିତ କରିବେ। ବିଭାଗୀୟ ସଚିବ ଉଷା ପାଢ଼ୀ କହିଛନ୍ତି, ସଡକ ଦୁର୍ଘଟଣା ହ୍ରାସକରିବା ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ସର୍ବଦା ଚେଷ୍ଟିତ ଅଛନ୍ତି। ପରିବହନ କମିଶନର ଅମିତାଭ ଠାକୁର ରାଜ୍ୟର ସଡ଼କ ସୁରକ୍ଷା ଓ ଦୁର୍ଘଟଣାର ବିଭିନ୍ନ ଦିଗ ସମ୍ବନ୍ଧରେ ଏକ ପାୱାରପଏଣ୍ଟ ଉପସ୍ଥାପନ କରି କହିଛନ୍ତି ଯେ, ୨୦୨୩ ଜାନୁଆରୀରୁ ଜୁନ୍ ପର୍ଯ୍ୟନ୍ତ ରାଜ୍ୟରେ ୬୨୭୨ଟି ସଡ଼କ ଦୁର୍ଘଟଣାରେ ୨୯୯୨ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ୨୦୨୨ରେ ଏହି ସମୟ ମଧ୍ୟରେ ୬୦୨୯ଟି ସଡ଼କ ଦୁର୍ଘଟଣାରେ ୨୮୪୯ ଜଣ ପ୍ରାଣ ହରାଇଥିଲେ। ୨୦୨୩ ଜାନୁଆରୀରୁ ଜୁନ୍ ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୫୯୭ଟି ସଡ଼କ ଦୁର୍ଘଟଣା ହୋଇଥିବା ବେଳେ ସୁନ୍ଦରଗଡ଼ ଜିଲାରେ ୪୫୩, କଟକ ଜିଲାରେ ୪୦୪, କେଉଁଝରରେ ୪୦୩, ଗଞ୍ଜାମରେ ୩୮୬ଟି ଦୁର୍ଘଟଣା ହୋଇଥିବା ସେ କହିଛନ୍ତି। ଏହି ଅବସରରେ ମନ୍ତ୍ରୀ ସାହୁ ଦୁର୍ଘଟଣା ପରବର୍ତ୍ତୀ ସହାୟତା ସମ୍ବନ୍ଧୀୟ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସ୍‌ଓପି)ପୁସ୍ତକର ଉନ୍ମୋଚନ କରିଛନ୍ତି।

# ହରିଦାସପୁର-ବୈରୀ କାର୍ଯ୍ୟ ନିରୀକ୍ଷଣ କଲେ ସିଆର୍‌ଏସ୍

**ଭଦ୍ରକ-ନିର୍ଗୁଣ୍ଡି ତୃତୀୟ ରେଳ ଲାଇନ୍ ପ୍ରକଳ୍ପ**

**ଭୁବନେଶ୍ୱର, ୩୧।୮ (ବନ୍ଦନା ସେଠୀ)**

ନିର୍ମାଣାଧୀନ ଭଦ୍ରକ-ନର୍ଗୁଣ୍ଡି ତୃତୀୟ ରେଳ ଲାଇନ୍ ପ୍ରକଳ୍ପର ହରିଦାସପୁର ଓ ବୈରୀ ଷ୍ଟେଶନ ମଧ୍ୟରେ ୧୬.୮୦ କିମି. କାର୍ଯ୍ୟ ଶେଷ ହୋଇଛି। ଗୁରୁବାର କୋଲକାତାସ୍ଥିତ ଦକ୍ଷିଣ ପୂର୍ବ ସର୍କଲର ରେଳ ନିରାପତ୍ତା ଆୟୁକ୍ତ (ସିଆର୍‌ଏସ୍) ଏହି କାର୍ଯ୍ୟକୁ ନିରୀକ୍ଷଣ କରିଛନ୍ତି। ଅନୁମତି ମିଳିବା ପରେ ଏହି ମାର୍ଗରେ ଟ୍ରେନ ଚଳାଚଳ ଆରମ୍ଭ କରିବ।

ସିଆର୍‌ଏସ୍ ହରିଦାସପୁର ଓ ବୈରୀ ଷ୍ଟେଶନ ମଧ୍ୟରେ ଥିବା ସମସ୍ତ ନିରାପତ୍ତା ସମ୍ବନ୍ଧୀୟ କାର୍ଯ୍ୟକୁ ପୁଙ୍ଖାନୁପୁଙ୍ଖ ଭାବରେ ଯାଞ୍ଚ କରିଥିଲେ। ଏହାପରେ ଟ୍ରେନ ଯାତାୟାତ ପାଇଁ ଟ୍ରେନ ଲାଇନର ସମ୍ଭାବ୍ୟତା ମାପିବା ଲାଗି ଦୁଇଟି ଷ୍ଟେଶନ ମଧ୍ୟରେ ପରୀକ୍ଷାମୂଳକ ଭାବେ ଏକ ହାଲୁକା ଇଞ୍ଜିନ ଚଳାଚଳ କରାଯାଇଥିଲା। ସମ୍ପୂର୍ଣ୍ଣ ପ୍ରକଳ୍ପର କାମ ଶୀଘ୍ର ଶେଷ ପାଇଁ ରାଜ୍ୟ ସରକାରଙ୍କ ସଂସ୍ଥା ସମେତ ସହଭାଗୀଙ୍କ ସହ ସମନ୍ୱୟ ରକ୍ଷା କରିବାକୁ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମା ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଭଦ୍ରକ-ନିର୍ଗୁଣ୍ଡି ତୃତୀୟ ରେଳ ଲାଇନ କାର୍ଯ୍ୟ ଏହି ଅଞ୍ଚଳର ଅର୍ଥନୀତିକୁ ବୃଦ୍ଧି କରିବ। ଏଥିସହ ହାଓଡ଼ା-ଚେନ୍ନାଇ ମୁଖ୍ୟ ରେଳ ମାର୍ଗରେ ଅସୁବିଧାଜନକ ଟ୍ରେନ ଚଳାଚଳକୁ ଏଡାଇ ଦେଇପାରିବ ବୋଲି ଆଶା କରାଯାଉଛି।



ହରିଦାସପୁର-ବୈରୀ ରେଳଲାଇନ୍ କାର୍ଯ୍ୟ ସିଆର୍‌ଏସ୍ ନିରୀକ୍ଷଣ କରୁଛନ୍ତି।

ଭଦ୍ରକ-ନିର୍ଗୁଣ୍ଡି ତୃତୀୟ ରେଳ ଲାଇନ (୯୨.୧୯ କିମି) ପ୍ରକଳ୍ପ ୨୦୧୨-୧୩ରେ ଅନ୍ତର୍ଭୁକ୍ତ ହୋଇଥିଲା। ୨୦୧୫ ଅକ୍ଟୋବରରେ ଏହାକୁ ଅନ୍ତିମ ମଞ୍ଜୁରୀ ଦିଆଯାଇଥିଲା। ଜଖପୁରା ଓ ହରିଦାସପୁର ମଧ୍ୟରେ ୨୩.୫୩ କି.ମି. ରେଳ ଲାଇନ୍ ୨୦୧୬ ଏପ୍ରିଲରେ, କପିଳାସ ରୋଡ୍‌ରୁ ଶାଳଗାଁ ପର୍ଯ୍ୟନ୍ତ ୪.୩୦ କିମି ରେଳ ଲାଇନ୍ ୨୦୧୯ ମେ'ରେ ଏବଂ କପିଳାସ ରୋଡ୍‌ରୁ ନିର୍ଗୁଣ୍ଡି ପର୍ଯ୍ୟନ୍ତ ୪.୨୦ କି.ମି ରେଳ ଲାଇନ୍ ୨୦୨୨ ଅକ୍ଟୋବରରେ ପର୍ଯ୍ୟାୟକ୍ରମେ କାର୍ଯ୍ୟକ୍ଷମ ହୋଇଛି। ତେବେ ଭଦ୍ରକ-ନିର୍ଗୁଣ୍ଡି ତୃତୀୟ ରେଳ ମାର୍ଗର ବଳକା ୮୩.୬୯ କିମି କାର୍ଯ୍ୟ ସମାପ୍ତ କରିବାକୁ ୨୦୨୩-୨୪ ଆର୍ଥିକ ବର୍ଷ ଧାର୍ଯ୍ୟ କରାଯାଇଛି। ପ୍ରକଳ୍ପର ସର୍ବଶେଷ ଆନୁମାନିକ ମୂଲ୍ୟ ବର୍ତ୍ତମାନ ୧୨୮୪.୩୯ କୋଟି ଧାର୍ଯ୍ୟ କରାଯାଇ ଥିବାବେଳେ ପୂର୍ଣ୍ଣ ପ୍ରକଳ୍ପ ନିର୍ମାଣ ପାଇଁ ୬୦% ଭୌତିକ ପ୍ରଗତି ହୋଇଥିବା ସୂଚନା ଦିଆଯାଇଛି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଶିବାଂଶୁ
ପରିବାରବର୍ଗ


ସୁଶ୍ରୀ
ପରିବାରବର୍ଗ


ଗୁନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବ୍ଲକ ଅଧ୍ୟକ୍ଷା ଉପନିର୍ବାଚନ ସ୍ଥଗିତ ନେଇ ଲଙ୍କାକାଣ୍ଡ

## ବ୍ୟାରିକେଡ୍ ଭଙ୍ଗାରୁଜା, ଟାୟାର ଜାଳି ରାସ୍ତା ଅବରୋଧ


ଉତ୍ତେଜିତ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

**ଦିଗପହଣ୍ଡି,୩୧।୮ (ଅଶେଷ ନାଥ ମିଶ୍ର)**

ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷା ଉପନିର୍ବାଚନ ସ୍ଥଗିତାଦେଶକୁ ନେଇ ଲଙ୍କାକାଣ୍ଡ ସୃଷ୍ଟି ହୋଇଛି। ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଜିଲା ପରିଷଦ ସଦସ୍ୟ ବିପିନ ଚନ୍ଦ୍ର ପ୍ରଧାନଙ୍କ ସମର୍ଥକମାନେ ଗୁରୁବାର ବ୍ୟାରିକେଡ୍ ଭଙ୍ଗାରୁଜା କରିବା ସହ ଦୀର୍ଘ ୩ ଘଣ୍ଟା ଧରି ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଏପରି କି ସେମାନେ ବିଜେଡିରୁ ଇସ୍ତଫା ଦେବାକୁ ଚେତାବନୀ ଦେଇଥିଲେ।

ସୂଚନାଯୋଗ୍ୟ, ଜୁନ୍ ୧୧ରେ ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷା ସୁନୀତା ସେଠୀଙ୍କ ଅକାଳ ବିୟୋଗ ପରେ ଅଧ୍ୟକ୍ଷା ପଦ ଖାଲିପଡ଼ିଛି। ଏହି ପଦ ହାତେଇବା ପାଇଁ ବିଜେଡିର ବିପିନ ଚନ୍ଦ୍ର ପ୍ରଧାନ ଓ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିପ୍ଳବ ପାତ୍ରଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା। ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ପ୍ରକାରେ ଅଗଷ୍ଟ ୯ରେ ଗୋକର୍ଣ୍ଣପୁର ସମିତି ସଭ୍ୟ ପଦବୀ ନିମନ୍ତେ ଉପନିର୍ବାଚନ ହୋଇଥିଲା। ଅଗଷ୍ଟ ୩୧ରେ ବ୍ଲକ ଅଧ୍ୟକ୍ଷା ଉପନିର୍ବାଚନ ନିମନ୍ତେ ନିର୍ବାଚନ କମିଶନଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଉଭୟ ଗୋଷ୍ଠୀ ସଂଖ୍ୟାଗରିଷ୍ଠତା ହାସଲ ନିମନ୍ତେ ସମିତି ସଭ୍ୟମାନଙ୍କୁ ନେଇ ନିଜର ରଣନୀତି ଆରମ୍ଭ କରିଥିଲେ। ଦିଗପହଣ୍ଡି ବ୍ଲକରେ ସମୁଦାୟ ୨୫ ଜଣ ସମିତି ସଭ୍ୟାସଭ୍ୟ ରହିଥିବା ବେଳେ ନିମଖଣ୍ଡି ପେଣ୍ଠ ପଞ୍ଚାୟତର ସମିତି ସଭ୍ୟ ଲଡ୍ଡୁ ପାତ୍ର ଗଞ୍ଜେଇ ଚୋରା ଚାଲାଣ ମାମଲାରେ ଜେଲରେ ଅଛନ୍ତି। ନିର୍ବାଚନ ପୂର୍ବରୁ ବିପିନଙ୍କ ଶିବିରରେ ୧୪ଜଣ ସମିତି ସଭ୍ୟ ରହିଥିବା ବେଳେ ବିପ୍ଳବଙ୍କ ଶିବିରରେ ୧୦ଜଣ ସମିତି ସଭ୍ୟ ରହିଥିଲେ, ଯାହାଦ୍ୱାରା ବିପିନଙ୍କ ଗୋଷ୍ଠୀର ପ୍ରାର୍ଥିନୀଙ୍କ ବିଜୟ ଆଶା ଶତ ପ୍ରତିଶତ ରହିଥିଲା। ଗୁରୁବାର ବିପିନଙ୍କ ସମର୍ଥକ ସମିତି ସଭ୍ୟମାନେ ବୋମକେଇ ପଞ୍ଚାୟତର ସମିତି ସଭ୍ୟା ଯମୁନା ନାୟକଙ୍କୁ ଅଧ୍ୟକ୍ଷା ଭାବେ ମନୋନୀତ କରିବା ପାଇଁ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। କିନ୍ତୁ ବିପ୍ଳବଙ୍କ ସମର୍ଥକ ସମିତି ସଭ୍ୟମାନେ ଆସି ନ ଥିଲେ। ବ୍ଲକ କାର୍ଯ୍ୟାଳୟ ବାହାରେ ସମିତି ସଭ୍ୟମାନେ ବହୁ ସମୟ ଧରି ଅପେକ୍ଷା କରିଥିଲେ ମଧ୍ୟ ସେମାନଙ୍କୁ ଭିତରକୁ ଛଡାଯାଇ ନ ଥିଲା। ପରେ କାର୍ଯ୍ୟାଳୟର ଚାବି ଖୋଲା ଯାଇଥିଲେ ମଧ୍ୟ ନିର୍ବାଚନ ଅଧିକାରୀ ତଥା ସାନଖେମୁଣ୍ଡି ବିଡିଓ ଗାୟତ୍ରୀ ଦତ୍ତ ନାୟକ ସେମାନଙ୍କୁ ବାଲଟ ଫର୍ମ ନ ଦେବାରୁ ସମିତି ସଭ୍ୟାସଭ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ପ୍ରଶାସନ ପକ୍ଷରୁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବାର ୧ ଘଣ୍ଟା ପରେ କିଛି ସମିତି ସଭ୍ୟ ନିଖୋଜ ଥିବା ଆଳରେ ଚିଠି ନଂ. ୨୯୩୮ ପ୍ରକାରେ ନିର୍ବାଚନ ସ୍ଥଗିତ ଘୋଷଣା କରାଯାଇଥିଲା। ଫଳରେ ବିପିନ ସମର୍ଥକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ସେମାନେ ଏହାର ଦୃଢ଼ ପ୍ରତିବାଦ କରିବା ସହ ବ୍ଲକ କାର୍ଯ୍ୟାଳୟକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ଉତ୍ୟକ୍ତ ଲୋକଙ୍କୁ ପୋଲିସ ରୋକିବାକୁ ଚେଷ୍ଟା ଚଳାଇଥିବା ବେଳେ ବହୁ ସମର୍ଥକ ବ୍ୟାରିକେଡ ଭଙ୍ଗାରୁଜା କରିବା ସହ କାର୍ଯ୍ୟାଳୟ ଭିତରେ ଧସେଇ ପଶିଥିଲେ। ପରେ ପୁଞ୍ଜିକୟା ଛକଠାରେ ଦିଗପହଣ୍ଡି-ରାୟଗଡ଼ା ୩୨୬ ନଂ. ରାଜପଥରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଦିଗପହଣ୍ଡି ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ତଥା ତହସିଲଦାର ସିପକ କୁମାର ପାତ୍ର ଓ ସାନଖେମୁଣ୍ଡି ତହସିଲଦାର ଡ. ଶ୍ରୀନିବାସ ବେହେରା ପ୍ରମୁଖ ଲୋକମାନଙ୍କୁ ବୁଝାଶୁଝା କରିଥିଲେ। ପରେ ବିପିନଙ୍କ ସମର୍ଥକ ସମିତି ସଭ୍ୟାସଭ୍ୟଙ୍କୁ ପୁଣି ଗାଡ଼ିରେ କେଉଁଆଡେ ସୁରକ୍ଷିତ ଭାବେ ନିଆଯାଇଥିଲା। ନିର୍ବାଚନ ନେଇ ପୁଣିଥରେ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଜଣାପଡ଼ିଛି।


ରକ୍ଷାବନ୍ଧନ ଅବସରରେ ମୁମ୍ବାଇ ଆଞ୍ଚଳିକ କଂଗ୍ରେସ କମିଟି ଅଧ୍ୟକ୍ଷା ବର୍ଷା ଗାଏକୱାଡ ମହାରାଷ୍ଟ୍ର ପ୍ରଦେଶ କଂଗ୍ରେସ କମିଟି ସଭାପତି ନାନା ପାଟୋଲେଙ୍କ ହାତରେ ରାଖୀ ବାନ୍ଧୁଛନ୍ତି।

# ନଟବରଙ୍କ ଲେଖାକୁ ନେଇ ରାଜ୍ୟ ଶାସନ ବ୍ୟବସ୍ଥାକୁ ଧର୍ମେନ୍ଦ୍ରଙ୍କ ଟାର୍ଗେଟ

## ଧର୍ମେନ୍ଦ୍ର ପ୍ରାୟୋଜିତ ଗଣମାଧ୍ୟମ ପ୍ରଚାରରେ ମାତିଛନ୍ତି : ସସ୍ମିତ

**ଭୁବନେଶ୍ୱର, ୩୧।୮ (ସୁନିତ୍ ମିଶ୍ର)**

ସାମାଜିକ ଗଣମାଧ୍ୟମରେ ରାଜ୍ୟର ଶାସନ ବ୍ୟବସ୍ଥା ଉପରେ ପୋଷ୍ଟ ହୋଇଥିବା ଲେଖାକୁ ନେଇ ରାଜନୀତି ଜୋର୍ ଧରିଛି। ଏହି ଲେଖା ପଢ଼ିବା ପରେ ପୁଣି ଥରେ ଓଡ଼ିଶାର ବର୍ତ୍ତମାନ ଶାସନ ବ୍ୟବସ୍ଥାକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚିନ୍ତା ପ୍ରକଟ କରିଥିବା ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି। ତେବେ ଧର୍ମେନ୍ଦ୍ରଙ୍କ ପ୍ରତିକ୍ରିୟାକୁ ବିଜେଡି ଏମ୍‌ପି ସସ୍ମିତ ପାତ୍ର ପାଲଟା ଟାର୍ଗେଟ କରିଛନ୍ତି।

ଧର୍ମେନ୍ଦ୍ର ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି, ଗୁରୁବାର ସକାଳେ ଜଣେ ବନ୍ଧୁ ମୋତେ ପଠାଇଥିବା ରାଜ୍ୟର ଜଣାଶୁଣା ଚିନ୍ତାନାୟକ ନଟବର ଖୁଣ୍ଟିଆଙ୍କ ଫେସ୍‌ବୁକ୍‌ରେ ପୋଷ୍ଟ କରିଥିବା ଏକ ଲେଖା ପଢ଼ିଲି। ସେ ଓଡ଼ିଶାର କିଛି ସାମ୍ପ୍ରତିକ ବିଷୟ ଉପରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ଓଡ଼ିଶାର ଇତିହାସକୁ ସାମ୍ପ୍ରତିକ ସାମାଜିକ ଓ ରାଜନୈତିକ ବ୍ୟବସ୍ଥା ସହ ନଟବରବାବୁ ବହୁ ଦିଗରୁ ତୁଳନା କରିଛନ୍ତି। ସମସ୍ତେ ଏହାକୁ ପଢ଼ିବା ଆବଶ୍ୟକ । ଆଉ ବିଶିଷ୍ଟ ସାହିତ୍ୟିକ ଗୋଦାବରୀଶ ମହାପାତ୍ରଙ୍କ ସେହି ଦୁଇ ଉକ୍ତି ‘ଉଠ କଙ୍କାଳ, ଛିନ୍ଡ଼ ଶୃଙ୍ଖଳ, ଜାଗ ଦୁର୍ବଳ ଆଜି, ଉଠୁ ଗତ ଗୌରବ, ହୃତ ଗୌରବ ରାଜି’ ପଂକ୍ତିକୁ ସ୍ମରଣ କରିବା ଜରୁରୀ । ଜାତିର ମହାପୁରୁଷମାନେ ଭବିଷ୍ୟତକୁ ଦେଖି ସାହିତ୍ୟ ସୃଜନ କରିଥାନ୍ତି ଏବଂ ବିଚାର କଣିକା ଛାଡ଼ି ଯାଆନ୍ତି। ନଟବରବାବୁଙ୍କ ଏହି ଲେଖା ପଢିଲା ପରେ ଏହା କେତେ ଠିକ୍ ଓ ବର୍ତ୍ତମାନ ସମୟରେ କେତେ ପ୍ରାସଙ୍ଗିକତା ରଖୁଛି ତାହା ଭାବୁଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

ସସ୍ମିତ ଟୁଇଟ୍ କରି କହିଛନ୍ତି, ଧର୍ମେନ୍ଦ୍ର ଓଡ଼ିଶା ସ୍ୱାର୍ଥକୁ ଅଣଦେଖା କରୁଛନ୍ତି। ସେ କେବଳ ପ୍ରାୟୋଜିତ ସାମାଜିକ ଗଣମାଧ୍ୟମ ପ୍ରଚାରରେ ମାତିଛନ୍ତି। କେନ୍ଦ୍ରୀୟ ପିଏସ୍‌ୟୁ ଏମ୍‌ସିଏଲ୍, ଆଇଓସିଏଲ୍, ନାଲ୍‌କୋରେ ଓଡ଼ିଆ ପିଲା ଚାକିରି ପାଉନାହାନ୍ତି। କିନ୍ତୁ ବିହାର ଓ ମଧ୍ୟପ୍ରଦେଶ ପିଲା ଚାକିରି ପାଉଛନ୍ତି। ଧର୍ମେନ୍ଦ୍ର କେନ୍ଦ୍ର ନିକଟରେ ରାଜ୍ୟର ସ୍ୱାର୍ଥ ବିଷୟ କେବେ ଉଠାଇନାହାନ୍ତି। ସମ୍ବଲପୁର-କଟକ ଜାତୀୟ ରାଜପଥ କାମ ନିମ୍ନମାନର ହେଉଛି। ଆଦିବାସୀଙ୍କ ପାଇଁ ୭ ଲକ୍ଷ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ଏ ପର୍ଯ୍ୟନ୍ତ ମିଳୁନାହିଁ। ଏନେଇ ଭାଜପାର ରାଜ୍ୟ ଏମ୍‌ପିମାନେ ଦିଲ୍ଲୀରେ ଷଡ଼ଯନ୍ତ୍ର କରିଛନ୍ତି। ସେହିପରି କ୍ଲିନ୍ ଏନର୍ଜି ସେସ୍ ବାବଦକୁ ୬୦ ହଜାର କୋଟି ଟଙ୍କା ଆଦାୟ ହୋଇଥିବା ବେଳେ ଓଡ଼ିଶାକୁ ଟଙ୍କାଟିଏ ବି ଲାଭ ମିଳିନାହିଁ। ଢେଙ୍କାନାଳ, ଅନୁଗୋଳ ଓ ସମ୍ବଲପୁର ପ୍ରଦୂଷଣରେ ଜର୍ଜରିତ ହେଲାଣି। ତେଣୁ ଓଡ଼ିଶା ସ୍ୱାର୍ଥ ବିଷୟରେ କେନ୍ଦ୍ର ନିକଟରେ ଧର୍ମେନ୍ଦ୍ର ଦାବି ରଖନ୍ତୁ ବୋଲି ସସ୍ମିତ କହିଛନ୍ତି।

# ଭାଜପାରୁ ବିଧାୟକ ବୀରେନ୍ଦ୍ର ରଘୁବଂଶୀଙ୍କ ଇସ୍ତଫା

**ଶିବପୁରୀ,୩୧।୮ :** ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ବିଧାୟକ ବୀରେନ୍ଦ୍ର ରଘୁବଂଶୀ ଗୁରୁବାର ଭାଜପାରୁ ଇସ୍ତଫା ଦେଇଛନ୍ତି। ଶାସକ ଦଳରେ ତାଙ୍କୁ ଅଣଦେଖା କରାଯାଉଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ମଧ୍ୟପ୍ରଦେଶ ଭାଜପା ସଭାପତି ବିଷ୍ଣୁଦତ୍ତ ଶର୍ମାଙ୍କୁ ଇସ୍ତଫାପତ୍ର ଦେବା ପରେ ଏକ ଖବରଦାତା ସମ୍ମିଳନୀରେ ରଘୁବଂଶୀ ଏନେଇ ଘୋଷଣା କରିଥିଲେ। ସେ ଶିବପୁର ଜିଲାର କୋଲାରାସ୍ ବିଧାନସଭା କ୍ଷେତ୍ରରୁ ପ୍ରତିନିଧିତ୍ୱ କରୁଛନ୍ତି। ତାଙ୍କୁ ଅଣଦେଖା କରାଯାଉଥିବା ନେଇ ସେ ଦୀର୍ଘଦିନ ହେଲା ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଏବଂ ଦଳର ଶୀର୍ଷ ନେତୃବୃନ୍ଦଙ୍କୁ ଜଣାଇଆସୁଥିଲେ। ତାଙ୍କ ଜିଲାରେ ଦୁର୍ନୀତିଗ୍ରସ୍ତ ଅଫିସରଙ୍କୁ ନିଯୁକ୍ତି ଦିଆଯାଇଛି, ଯେଉଁମାନେ ବିକାଶ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ରଘୁବଂଶୀ ଅଭିଯୋଗ କରିଛନ୍ତି। ଏଥିସହିତ ସେ ଦଳର ନେତା ତଥା କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ସମାଲୋଚନା କରିଛନ୍ତି। ୨୦୨୦ରେ ରାଜ୍ୟରେ କଂଗ୍ରେସ ସରକାର ଭାଙ୍ଗିବା ବେଳେ ସିନ୍ଧିଆ କୃଷକମାନଙ୍କ ଋଣ ଛାଡ଼ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଭାଜପା ସରକାର ଗଢ଼ିବା ପରେ ସେ ଦିନେ ହେଲେ ଋଣଛାଡ଼ କଥା ଉଠାଇ ନ ଥିବା ରଘୁବଂଶୀ ଅଭିଯୋଗ କରିଛନ୍ତି।


ବୀରେନ୍ଦ୍ର ରଘୁବଂଶୀ

# ବିଜେଡି ଦିଲ୍ଲୀରେ ସମର୍ଥନ ଦେବାକୁ ଆଗଭର : ଭାଜପା

**ଭୁବନେଶ୍ୱର, ୩୧।୮ (ସୁନିତ୍ ମିଶ୍ର)**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ବୁଧବାର ଟାର୍ଗେଟ କରିଥିବା ବେଳେ ଭାଜପା ନେତା ଗୌତମ ରାୟ ଏହାର ପାଲଟା ଜବାବ ରଖି ପ୍ରବଳ ବର୍ଷିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଏକ ଖବରଦାତା ସମ୍ମିଳନୀ ଜରିଆରେ ଗୌତମ କହିଛନ୍ତି, ଏବେ ବି ପ୍ରଫୁଲ୍ଲବାବୁ ନିଜେ ସୁକିନ୍ଦାରେ ବିଧାୟକ ସହ ମନ୍ତ୍ରୀ ହେବାର ସ୍ୱପ୍ନ ଦେଖୁଛନ୍ତି। କିଛିଦିନ ତଳେ ସେ ନିଜେ ଏ କଥା ପ୍ରକାଶ କରିଥିଲେ। ତେଣୁ ଏହା ପରିବାରବାଦ ନୁହେଁ ତ ଆଉ କ’ଣ କୁହାଯିବ। ସୁକିନ୍ଦାର ଏକ ମହିଳା ସମାବେଶରେ କେନ୍ଦ୍ରମନ୍ତ୍ରୀ ପରିବାରବାଦ ଉପରେ କିଛି କଥା କହିଥିଲେ। ସଭାରେ ଥିବା ମହିଳାମାନଙ୍କ ଭିତରୁ ହିଁ ଏକ ସ୍ୱର ଶୁଭିଥିଲା ଯେ ସୁକିନ୍ଦାରେ ବାପ-ପୁଅଙ୍କ ରାଜନୀତି ସହିତ ଦୁର୍ନୀତି ବହୁତ ବଢ଼ିଯାଇଛି। ଏହାକୁ ନେଇ କେନ୍ଦ୍ରମନ୍ତ୍ରୀ ଭ୍ରଷ୍ଟାଚାର ଓ ପରିବାରବାଦ ଉପରେ ଟିପ୍ପଣୀ କରିଥିଲେ। ଘଡ଼େଇଙ୍କୁ ମନେ ରଖିବାକୁ ହେବ ଯେ, ଧର୍ମେନ୍ଦ୍ର ପ୍ରଧାନ ପ୍ରୀତିରଞ୍ଜନ ଘଡ଼େଇଙ୍କ ପରି ଉତ୍ତରାଧିକାରୀ ସୂତ୍ରରେ ନୁହେଁ ବରଂ ଛାତ୍ର ଜୀବନରୁ ରାଜନୀତିରେ ରହି କେନ୍ଦ୍ରମନ୍ତ୍ରୀ ଭାବେ ନିଜ ପରିଚୟ ସୃଷ୍ଟି କରିଛନ୍ତି। ରାଜ୍ୟ ସଭାକୁ ନିର୍ବାଚିତ ହେବା କେବେ ବି ସହଜ ହୋଇ ନ ଥାଏ। ରାଜ୍ୟବାସୀ ହିସାବରେ ଗର୍ବିତ ଯେ, ଧର୍ମେନ୍ଦ୍ର ପ୍ରଧାନ ପ୍ରଥମ ଓଡ଼ିଆ ଭାବେ ୨ଟି ରାଜ୍ୟରୁ ରାଜ୍ୟ ସଭାକୁ ନିର୍ବାଚିତ ହୋଇଛନ୍ତି। ଏହାକୁ ଯଦି ବିଜେଡି କହିବ ଶର୍ଟକଟ୍ ତେବେ ଏହା ରାଜନୀତିରେ ଅପରିପକ୍ୱତାର ନିଦର୍ଶନ। ଧର୍ମେନ୍ଦ୍ର ନିର୍ବାଚନରେ ହାରିଥିବା କଥା ବିଜେଡି ମନ୍ତ୍ରୀମାନେ କହୁଛନ୍ତି। ଗୋଟିଏ ଘଟଣା ସମସ୍ତେ ମନେରଖିବା ଦରକାର ବିଜୁବାବୁ ଗୋଟେ ସମୟରେ ୫ଟା ଆସନରୁ ନିର୍ବାଚନ ଲଢ଼ି ସବୁଠି ହାରିଥିଲେ। ବିଜୁବାବୁ ନିର୍ବାଚନରେ ହାରି ମଧ୍ୟ କେବେ ଛୋଟ ହୋଇ ନ ଥିଲେ। ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାରୁ ଥରେ ବିଧାୟକ ଆଉ ଥରେ ଲୋକ ସଭାକୁ ନିର୍ବାଚିତ ହୋଇଛନ୍ତି। କେନ୍ଦ୍ର ସରକାର ଓଡ଼ିଶାକୁ ଅଣଦେଖା କରୁଥିବା ଯଦି ବିଜେଡି ନେତାମାନେ କହୁଛନ୍ତି, ତେବେ ସବୁ ସମୟରେ ଦିଲ୍ଲୀରେ ସମର୍ଥନ ଦେବା ପାଇଁ ଆଗଭର କେମିତି ହେଉଛ ବୋଲି ଗୌତମ ପ୍ରଶ୍ନ କରିଛନ୍ତି।


**Classified Everyday**
0674-2580101, 2549949


REAL ESTATE

**SALE**

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft., 3,00,000/-, ଛତାବର 1200sqft.- 3,00,000/-, ନଖରା- 300/-. 7978663279. D-75204

**3BHK Semi furnished flat sale at Jharpada, Bhubaneswar 80’ feet road side. Contact: 9437307086.** D-1184

ଭୁବନେଶ୍ୱର ପାହାଳ **NH** ପାଖରେ **developed yellowzone plot boundary, road,** ଇଲେକ୍ଟ୍ରିସିଟି ଥାଇ ତୁରନ୍ତ ଗୃହ ନିର୍ମାଣ କରନ୍ତୁ। **6370354458.** D-75207

Ready to move 2BHK and 3BHK flat for sale near to TATA Ariana and Sum Hospital at Kalinga Vihar. Contact: 9437309741. D-0993




Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75030

Reduce stress through professional massage, SPA Station, Krishna Plaza, Nayapalli. Contact: 8118079281. D-74579

Spa Kerala body Massage only best Therapist @699/- Bhubaneswar. 9337672475. D-1132

Newly open spa positively health benefits with expert therapist. 9938843929. D-75145

**Relax, Refresh your body, Mind at Saikrupa Spa with best therapies. 8984068077.** D-1190

**AFFIDAVIT**

Before Executive Magistrate, Bhubaneswar, my name has changed from Shanti Priya Das to Shanti Priya Sabat. Henceforth I'll be known as Shanti Priya Sabat, W/o Sidharth Sankar Das, At- Shyampur, Ghatikia, P.S.- Bharatpur, Bhubaneswar, Khordha for all purposes. D-1189

I, Damodar Patra, alias Damodar Pradhan (64), C/o Chandra Sekhar Pradhan, Vill. Marthapur, P.S.- Balipatana, Dist.- Khurda, I have a S.B. Pass Book of Postal vide A/c No.5430627939 where in my name is Damodar Pradhan. I declare by this affidavit No.32, Dt.29.08.2023 that now onwards I shall be known as Damodar Patra and Damodar Pradhan same and one person for all future purposes. D-75032

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**୰ତନୁଲତା ବାରିକ**

ସ୍ୱାମୀ- ୰ ଦୁଃଖିଶ୍ୟାମ ବାରିକ
ବାଳିଅନ୍ତା (ମାର୍ଟକୋଟ), ଭୁବନେଶ୍ୱର
ତିରୋଧାନ- ୨୨।୦୮।୨୦୨୩

ଚାହିଁ ଚାହିଁ ଆଜକୁ ଏଗାରଦିନ ବିତିଗଲା ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ । ତୁମେ ଯେଉଁଠି ଥାଅ, ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ହତଭାଗ୍ୟ ପୁଅ- ଦିନବନ୍ଧୁ ଓ କୃପାସିନ୍ଧୁ, ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ।

ଧ-୭୧୨୨୪

ଧରିତ୍ରୀ DHARITRI
**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ସ୍ଥାନୀୟ ନେତୃତ୍ୱ ଅପେକ୍ଷାରେ ଭୋଟର

## ବେଗୁନିଆ ନିର୍ବାଚନମଣ୍ଡଳୀ

### ୧୯୯୫ରୁ ବ୍ୟତିକ୍ରମ, କୁହୁଳୁଛି ଅସନ୍ତୋଷ

**ଖୋର୍ଦ୍ଧା,୩୧।୮ (ପ୍ରଭାତ ପାଣିଗ୍ରାହୀ)**



ଖୋର୍ଦ୍ଧା ଜିଲାର ବେଗୁନିଆ ଓ ବୋଲଗଡ଼ ଦୁଇଟି ବ୍ଲକକୁ ନେଇ ବେଗୁନିଆ ନିର୍ବାଚନମଣ୍ଡଳୀ ଗଠିତ। ଏଠାକାର ଭୋଟରଙ୍କ ସଂଖ୍ୟା ୧,୯୩,୯୨୦। ଅତୀତରେ ଏହି ଆସନରୁ ଲଢ଼ି ଜାନକୀ ବଲ୍ଲଭ ପଟ୍ଟନାୟକ ଥରେ ମୁଖ୍ୟମନ୍ତ୍ରୀ ଏବଂ ବିରୋଧୀ ଦଳ ନେତା ହୋଇଥିବାବେଳେ ପ୍ରଶାନ୍ତ ନନ୍ଦ ଶିକ୍ଷାମନ୍ତ୍ରୀ ମଧ୍ୟ ହୋଇଥିଲେ। ରାଜ୍ୟ ରାଜନୀତିରେ ବେଗୁନିଆର ସ୍ୱତନ୍ତ୍ର ପ୍ରଭାବ ରହିଛି। ସ୍ଥାନୀୟସ୍ତରରେ ନେତୃତ୍ୱର ଅଭାବ ନ ଥିଲେ ମଧ୍ୟ ଏଠାରେ ବାହାର ଲୋକଙ୍କୁ ଗୁରୁତ୍ୱ ଦିଆଯାଇଆସୁଛି। ୧୯୯୫ ପରଠାରୁ ୩ ପ୍ରମୁଖ ଦଳରେ ସ୍ଥାନୀୟ ପ୍ରାର୍ଥୀ ବଦଳରେ ବାହାର ଲୋକଙ୍କୁ ଲଢ଼ିବାର ସୁଯୋଗ ଦିଆଯାଇଛି। ଯିଏ ଏଠାରୁ ଥରେ ନିର୍ବାଚିତ ହୋଇଛନ୍ତି, ସିଏ ଦ୍ୱିତୀୟବାର ସୁଯୋଗ ପାଇନାହାନ୍ତି। ତେବେ ପ୍ରଶାନ୍ତ ନନ୍ଦ ୨୦୦୦ରେ ବିଜେଡି ଏବଂ ୨୦୦୯ରେ ଏନ୍‌ସିପିରୁ ଲଢ଼ି ଦୁଇଥର ଏଠାରୁ ବିଧାୟକ ହୋଇଥିଲେ। ପ୍ରତି ନିର୍ବାଚନରେ ପ୍ରାର୍ଥୀ ବଦଳୁଥିବାରୁ ସ୍ଥାୟୀ ନେତୃତ୍ୱ ମିଳୁନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳର ଦୀର୍ଘସ୍ଥାୟୀ ବିକାଶ ସମ୍ଭବ ହୋଇପାରୁ ନାହିଁ।

ନିକଟରେ ବେଗୁନିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିବର୍ତ୍ତନ ଲାଗି ଉଭୟ ବ୍ଲକର ସ୍ଥାନୀୟ ଲୋକେ ଏକାଠି ହୋଇ ରାଜରାସ୍ତାକୁ ଓହ୍ଲାଇଥିଲେ। ନିଜ ଅଞ୍ଚଳର ବିକାଶ ପାଇଁ ଏଣିକି ସ୍ଥାନୀୟସ୍ତରରେ ପ୍ରାର୍ଥୀଙ୍କୁ ଗୁରୁତ୍ୱ ଦେବା ଲାଗି ଦଳମତ ନିର୍ବିଶେଷରେ ଏକାଧିକ ବ୍ୟକ୍ତିବିଶେଷ ଏକାଠି ହୋଇଥିବା କୁହାଯାଇଛି। ଲୋକଙ୍କ ମଧ୍ୟରେ କୁହୁଳିଥିବା ଅସନ୍ତୋଷ ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ବିସ୍ଫୋରଣ ହେବା ସମ୍ଭାବନା ଅଧିକ ରହିଛି। ସାଧାରଣ ନିର୍ବାଚନ ଦୌଡ଼ରେ ଶାସକ ଦଳରୁ ଏକାଧିକ ଆଶାୟୀ ପ୍ରାର୍ଥୀ ରହିଛନ୍ତି। ବର୍ତ୍ତମାନର ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ଖୋର୍ଦ୍ଧା ପାଇଁ ଆଶାୟୀ ଥିବା ଆଲୋଚନା ହେଉଛି। ତଥାପି ସେ ବେଗୁନିଆକୁ ମାରାଥାନ ଗସ୍ତ କରୁଛନ୍ତି, ଯାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ପ୍ରକାଶ ଯେ, ୨୦୧୯ ନିର୍ବାଚନରେ ବିଜୟ ଲାଭ ପରେ ରାଜେନ୍ଦ୍ର ବେଗୁନିଆ ଉପରେ ସେଭଳି ଗୁରୁତ୍ୱ ଦେଉ ନ ଥିବାରୁ କର୍ମୀଙ୍କ ମହଲରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ତେବେ କରୋନା ମହାମାରୀ କଟକଣା ହଟିବା ପରଠାରୁ ରାଜେନ୍ଦ୍ର ନିଜ ନିର୍ବାଚନମଣ୍ଡଳୀ ଉପରେ ଅଧିକ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳୁଛି।

ବେଗୁନିଆ ବିଧାୟକ ପ୍ରାର୍ଥୀ ଦୌଡ଼ରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ନାଁ ମଧ୍ୟ ରହିଛି। ୨୦୧୪ରେ ଏଠାରୁ ସେ ବିପୁଳ ଭୋଟରେ ବିଜୟ ଲାଭ କରିଥିଲେ। ବେଗୁନିଆରେ ଏବେ ବି ତାଙ୍କର ବିଶେଷ ପ୍ରଭାବ ରହିଛି। ନିକଟରେ ସେ ବେଗୁନିଆରେ ଏକ ବହୁତଳ କୋଠା ମଧ୍ୟ ନିର୍ମାଣ କରିଛନ୍ତି। ଗତକିଛି ମାସ ତଳେ ତାଙ୍କୁ ଅନେକ ସାଧାରଣ କାର୍ଯ୍ୟକ୍ରମରେ ମଧ୍ୟ ଦେଖିବାକୁ ମିଳିଥିଲା। ସେ ମଧ୍ୟ ଖୋର୍ଦ୍ଧା ପାଇଁ ଆଶାୟୀ ରହିଥିବାବେଳେ ଶେଷ ମୁହୂର୍ତ୍ତରେ ବେଗୁନିଆରୁ ଠିଆ ହେବା ସମ୍ଭାବନାକୁ ମଧ୍ୟ ଏଡାଇ ଦିଆଯାଇ ନ ପାରେ। ଏହି ନିର୍ବାଚନମଣ୍ଡଳୀ କଂଗ୍ରେସର ଜଣେ ଟାଣୁଆ ନେତା ଭାବେ ପରିଚିତ ପ୍ରଦୀପ ସାହୁ ପଞ୍ଚାୟତ ନିର୍ବାଚନରେ ଦଳ ପରିତ୍ୟାଗ କରି ବିଜେଡିରେ ସାମିଲ ହୋଇଥିଲେ। ବର୍ତ୍ତମାନ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ମଧ୍ୟ ଅଛନ୍ତି। ସେ କଂଗ୍ରେସରୁ ୨ଥର ଏବଂ ଆମ ଓଡ଼ିଶା ପାର୍ଟିରୁ ନିର୍ବାଚନ ଲଢ଼ିଥିଲେ। ଏଠାରେ ତାଙ୍କର ଶତାଧିକ ସମର୍ଥକ ରହିଛନ୍ତି। ବୋଲଗଡ଼ ବ୍ଲକରେ ତାଙ୍କର ବିଶେଷ ପ୍ରଭାବ ମଧ୍ୟ ରହିଛି। ଦଳ ତାଙ୍କ ଉପରେ ଆସ୍ଥା ପ୍ରକଟ କରିପାରେ ବୋଲି ମଧ୍ୟ ଆଲୋଚନା ହେଉଛି। ବିଜେଡିର ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ କୈଳାସ ପାତ୍ର ମଧ୍ୟ ଆଶାୟୀ ରହିଛନ୍ତି। ଗତ କିଛି ମାସ ତଳେ ବେଗୁନିଆ ଓ ବୋଲଗଡ଼ରେ ଏକାଧିକ ସ୍ଥାନରେ ତାଙ୍କର ନୂତନବର୍ଷ ସ୍ୱାଗତ ପୋଷ୍ଟର ବ୍ୟାନର ଦେଖିବାକୁ ମିଳିଥିଲା। ଏପରି କି ଜିଲା ବିଜେଡି ସଭାପତି ବିଭୂତି ବଳବନ୍ତରାୟ ମଧ୍ୟ ଦୌଡ଼ରେ ଥିବା କୁହାଯାଉଛି। ବିଭୂତି ପୂର୍ବରୁ ଥରେ ଜଟଣୀ ବିଧାୟକ ରହିଥିଲେ। ତାଙ୍କ ସାଙ୍ଗଠନିକ ଦକ୍ଷତା ଉପରେ ଦଳ ଆସ୍ଥା ପ୍ରକଟ କରିଥିବାବେଳେ ସେ ଚଳିତ ନିର୍ବାଚନରେ ଜଟଣୀ ନ ହେଲେ ବେଗୁନିଆରୁ ଠିଆ ହେବା ପାଇଁ ମନ ବଳାଇଥିବା ଆଲୋଚନା ହେଉଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଆସନ୍ତା ସାଧାରଣ ନିର୍ବାଚନକୁ ନେଇ ଶାସକ ଦଳରେ ଘନ ଘନ କର୍ମୀ ସମ୍ମିଳନୀ, ସାଙ୍ଗଠନିକ ବୈଠକ, ଆଲୋଚନା ଚାଲିଥିବାବେଳେ ବିରୋଧୀ ଭାଜପା ଏବଂ କଂଗ୍ରେସର ନେତୃତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ପଞ୍ଚାୟତ ନିର୍ବାଚନରେ ଏଠାରେ ବିରୋଧୀ ଶୋଚନୀୟ ପରାଜୟ ବରଣ କରିଥିଲେ। ୨୦୧୯ରେ ଭାଜପାରୁ ଋଷଭ ନନ୍ଦ ନିର୍ବାଚନ ଲଢିଥିବାବେଳେ ଏବେ ତାଙ୍କୁ ନିର୍ବାଚନମଣ୍ଡଳୀରେ ଦେଖିବାକୁ ମିଳୁନି। ସେ ହଠାତ୍ କୁଆଡ଼େ ଗାଏବ ହୋଇଗଲେ, ତାହାକୁ ନେଇ ଚର୍ଚ୍ଚା ଜୋର ଧରିଥିବାବେଳେ ଏ ସମ୍ପର୍କରେ ଦଳୀୟ ନେତୃବୃନ୍ଦ ନୀରବ। ଅନ୍ୟପଟେ ଭାଜପାର ଜଣେ ଟାଣୁଆ ନେତା, ସାଙ୍ଗଠନିକ ଦକ୍ଷତା ସତ୍ତ୍ୱେ ଯତିନ ମହାନ୍ତିଙ୍କ ଏଠାରେ ସେଭଳି କୌଣସି ପ୍ରଭାବ ନାହିଁ, ଯଦିଓ ସେ ନିର୍ବାଚନ ଲଢ଼ିଥିଲେ। ଚଳିତ ନିର୍ବାଚନରେ ସେ ଦୌଡରେ ରହିଥିବା ବେଳେ ଦଳୀୟ ପାଣିପାଗ ଅଲଗା ରହିଛି। ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ବିଭିନ୍ନ ସାଙ୍ଗଠନିକ ସଭାସମିତିରେ ତାଙ୍କୁ ଦେଖିବାକୁ ମିଳୁ ନାହିଁ। ଅପରାଜିତା କୁଆଡେ ନିଜେ ଏହି ଆସନରୁ ଛିଡା ହେବା ପାଇଁ ଯୋଜନା କରିଥିବା ଚର୍ଚ୍ଚା ହେଉଛି। ସେପଟେ କଂଗ୍ରେସ ଏକ ପ୍ରକାର ସ୍ଥାଣୁ ପାଲଟିଛି। ଯଦିଓ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ପୁତ୍ର ପୃଥ୍ୱୀବଲ୍ଲଭଙ୍କ ନେତୃତ୍ୱରେ ଗତ ପଞ୍ଚାୟତ ଏବଂ ଜିଲା ପରିଷଦ ଆସନରେ ପ୍ରାର୍ଥୀମାନେ ଲଢ଼ିଥିଲେ, ତେବେ କୌଣସି ଗୋଟିଏ ଆସନରେ ଦଳ ବିଜୟ ଲାଭ କରିପାରି ନ ଥିଲା। ୨୦୨୪ ସାଧାରଣ ନିର୍ବାଚନରେ ଦଳ ପୃଥ୍ୱୀବଲ୍ଲଭଙ୍କୁ ବିଧାୟକ ପ୍ରାର୍ଥୀ କରିପାରେ ବୋଲି ଚର୍ଚ୍ଚା ହେଉଛି।

# ଉତ୍ଥାନ ପଥରେ ଭାରତୀୟ ମହିଳା ହକି



ଭାରତୀ ଭୂଷଣ ମିଶ୍ର

ଆମ ଜନ୍ମଭୂମି ଭାରତ ଆଜି ଜନସଂଖ୍ୟା ଦୃଷ୍ଟିରୁ ବିଶ୍ୱରେ ପ୍ରଥମ। ଭାରତ ତା'ର କଳା, ସଂସ୍କୃତି, ସଙ୍ଗୀତ, ସାହିତ୍ୟ, ଭାସ୍କର୍ଯ୍ୟ ଓ ପ୍ରାକୃତିକ ବିଭବ ପାଇଁ ଯୁଗେ ଯୁଗେ ସମଗ୍ର ବିଶ୍ୱବାସୀଙ୍କର ଦୃଷ୍ଟିଆକର୍ଷଣ କରିଛି। ଆମ ଦେଶ ଏବେ ଦ୍ରୁତ ପ୍ରଗତି ପଥରେ ଅଗ୍ରସର ହୋଇଚାଲିଛି। କିନ୍ତୁ ଯଦି ବିଶ୍ୱକ୍ରୀଡ଼ା ମାନଚିତ୍ରରେ ଆମର ସ୍ଥାନ ସମ୍ବନ୍ଧରେ ଆଲୋଚନା କରିବା, ତେବେ ଏହା ନିଶ୍ଚୟ ସୂଚେଇ ଦେବ ଯେ ଆମକୁ ଆହୁରି ଅନେକ ବାଟ ଯିବାକୁ ଅଛି। ଶହେ ଚାଳିଶ କୋଟି ଜନସଂଖ୍ୟାର ଦେଶ ଆମର। କିନ୍ତୁ ଆଧୁନିକ ଅଲିମ୍ପିକ କ୍ରୀଡ଼ା (ଗ୍ରୀଷ୍ମକାଳୀନ)ରେ ବିଗତ ୧୯୦୦ ମସିହାର ପ୍ୟାରିସ୍ ଅଲିମ୍ପିକ୍‌ଠାରୁ ୨୦୨୦ର ଟୋକିଓ ଅଲିମ୍ପିକ୍ କ୍ରୀଡ଼ା ପର୍ଯ୍ୟନ୍ତ ସୁଦୀର୍ଘ ୧୨୦ ବର୍ଷ ମଧ୍ୟରେ ଆମେମାନେ ମାତ୍ର ୧୦ଟି ସ୍ୱର୍ଣ୍ଣ, ୯ଟି ରୌପ୍ୟ ଓ ୧୬ଟି ବ୍ରୋଞ୍ଜପଦକ ସହିତ ମୋଟ ୩୫ଗୋଟି ପଦକ ହାସଲ କରିପାରିଛୁ, ଯାହାକି ଅନ୍ୟ ବିକାଶଶୀଳ ଓ ବିକଶିତ ରାଷ୍ଟ୍ରଙ୍କ ତୁଳନାରେ ବହୁତ କମ୍। ଏହି ୩୫ଟି ପଦକ ମଧ୍ୟରୁ କେବଳ ପୁରୁଷ ହକିରେ ଆମେମାନେ ୧୨ଟି ପଦକ ଲାଭ କରିଛୁ, ଯେଉଁଥିରେ କି ୮ଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ୩ଟି ବ୍ରୋଞ୍ଜ ପଦକ ସାମିଲ। ତେଣୁ ମୋଟାମୋଟି ଭାବରେ କହିବାକୁ ଗଲେ ପୁରୁଷ ବର୍ଗରେ ହକି ଖେଳ ହିଁ ଆମର ସମ୍ମାନ ରଖିଛି। କିନ୍ତୁ ଏହା ଏଠାରେ ପ୍ରଣିଧାନ ଯୋଗ୍ୟ ଯେ ୧୯୮୦ ମସ୍କୋ ଅଲିମ୍ପିକ୍ସରେ ପୁରୁଷ ହକିରେ ସ୍ୱର୍ଣ୍ଣ ପଦକ ଥିଲା ୨୦୨୦ର ଟୋକିଓ ଅଲିମ୍ପିକ୍ସ ପୂର୍ବରୁ ଶେଷ ପଦକ। ଯେତେବେଳେ ଆମ ଦଳ ୨୦୨୦ ଅଲିମ୍ପିକ୍ସରେ ପୁରୁଷ ହକିରେ ବ୍ରୋଞ୍ଜପଦକ ଲାଭ କଲା ତାହା ଥିଲା ୪୧ ବର୍ଷରେ ହକିରେ ପଦକ ଲାଭ କରିବାର ଅବସର।

ଏହି ପରିପ୍ରେକ୍ଷୀରେ ସ୍ୱତଃ ଆମ ମନକୁ ଆସେ ଯେ, ଅଧୁନାତନ ବିଶ୍ୱ ହକି ମାନଚିତ୍ରରେ ଆମ ଭାରତୀୟ ମହିଳା ହକି ଦଳର ସ୍ଥାନ କେଉଁଠି। ଇତିହାସର ପୃଷ୍ଠା ଲେଉଟାଇଲେ ଜଣାଯିବ ଯେ ଭାରତୀୟ ମହିଳା ହକିଦଳର ସଫଳ ଅନ୍ତର୍ଜାତୀୟ ପଦାର୍ପଣ ଆଜକୁ ପ୍ରାୟ ୫୦ବର୍ଷ ପୂର୍ବରୁ ହୋଇଛି। ୧୯୭୪ରେ ଫ୍ରାନ୍ସର ମାଣ୍ଡେଲ୍ୟୁ ସହରରେ ଆୟୋଜିତ ମହିଳା ହକି ବିଶ୍ୱକପ୍‌ରେ ଭାରତ ସୁନ୍ଦର କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରି ଚତୁର୍ଥ ସ୍ଥାନରେ ରହିଲା, ଯାହା କି ସେତେବେଳେ ଚର୍ଚ୍ଚାର ବିଷୟ ହୋଇଥିଲା। 'ଓମେନ୍ ଇନ୍ ବ୍ଲୁ' ଓ 'ନବ ବର୍ଣ୍ଣା' ସାଙ୍କେତିକ ନାମରେ ପରିଚିତ ଆମ ମହିଳା ହକି ଦଳ ଅନେକ ଉତ୍‌ଥାନ ପତନ ଦେଇ ଅଗ୍ରଗତି କରିବା ପରେ ସଫଳତା ଆଡ଼କୁ ଅଗ୍ରସର ହେଉଛି। ୧୯୭୮ର ମାଡ୍ରିଡ୍ ବିଶ୍ୱକପ୍‌ରେ ସପ୍ତମ ସ୍ଥାନ ପାଇବା ପରେ ୧୯୮୦ର ମସ୍କୋ ଅଲିମ୍ପିକ୍ କ୍ରୀଡ଼ାରେ ପ୍ରଥମ ଥର ପାଇଁ ଯୋଗଦେଇ ଆମେ ଚତୁର୍ଥସ୍ଥାନ ଲାଭ କରିଥିଲୁ। ତା'ପରେ ୧୯୮୨ରେ ନୂଆଦିଲ୍ଲୀରେ ଆୟୋଜିତ ଏସୀୟ କ୍ରୀଡ଼ାରେ କୋରିଆକୁ ପରାସ୍ତ କରି ସ୍ୱର୍ଣ୍ଣପଦକ ଲାଭ କରିବା ହିଁ ଥିଲା ପ୍ରଥମ ଆନ୍ତର୍ଜାତିକ ପଦକ। କିନ୍ତୁ ଏହାପରେ ଆମର ପ୍ରଦର୍ଶନ ସେତେଟା ସନ୍ତୋଷଜନକ ହେଲାନାହିଁ। ଫଳତଃ ୧୯୮୩ର କୁଆଲାଲମ୍ପୁର ବିଶ୍ୱକପ୍‌ରେ ଭାରତ ଏକାଦଶତମ ସ୍ଥାନ, ୧୯୮୬ର ସିଓଲ ଏସୀୟ କ୍ରୀଡ଼ାରେ ୩ୟ, ୧୯୮୯ର ହଂକଂ ଏସିଆ କପ୍‌ରେ ୪ର୍ଥ, ୧୯୯୦ ବେଜିଂ ଏସୀୟ କ୍ରୀଡ଼ାରେ ୪ର୍ଥ, ୧୯୯୩ ହିରୋଶିମା ଏସିଆ କପ୍‌ରେ ତୃତୀୟ ଓ ୧୯୯୪ରେ ସେହି ହିରୋଶିମାରେ ଅନୁଷ୍ଠିତ ଏସୀୟକ୍ରୀଡ଼ାରେ ୪ର୍ଥ ସ୍ଥାନ ଲାଭ କଲା। ଏହାପରେ ଭାରତୀୟ ମହିଳା ହକି ଦଳର ପ୍ରଶିକ୍ଷଣ ଉପରେ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରାଗଲା ଓ ଅନେକ ଆନୁଷଙ୍ଗିକ ପରିବର୍ତ୍ତନ ମଧ୍ୟ ଫଳପ୍ରଦ ହେଲା, ଯଦ୍ୱାରା କି ୧୯୯୮ର ବ୍ୟାଙ୍କକ୍ ଏସୀୟ କ୍ରୀଡ଼ାରେ ଦଳ ରୌପ୍ୟପଦକ ଲାଭ କଲା। ଏହାପରେ କୁଆଲାଲମ୍ପୁରରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୪ର୍ଥ ସ୍ଥାନ ଓ ୧୯୯୯ର ନୂଆଦିଲ୍ଲୀ ଏସିଆକପ୍‌ରେ ରୌପ୍ୟ ପଦକ ହାସଲ କଲା। ଅଧିନାୟିକା ସୂରଜ ଲତା ଦେବୀଙ୍କ ବଳିଷ୍ଠ ନେତୃତ୍ୱ ଦଳକୁ ନୂତନ ଉତ୍ସାହରେ ଭରିଦେବା ହେତୁ ୨୦୦୨ରେ ଇଂଲଣ୍ଡର ମାଞ୍ଚେଷ୍ଟର ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣପଦକ, ୨୦୦୩ରେ ଭାରତରେ ଅନୁଷ୍ଠିତ ହାଇଦ୍ରାବାଦ ଆଫ୍ରୋ-ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ଓ ୨୦୦୪ରେ ନୂଆଦିଲ୍ଲୀ ଏସିଆ କପ୍ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ଲାଭ କଲା ଭାରତ।

ସଫଳତା ଓ ବିଜୟର ଏହି ଧାରା ସମ୍ୟକ୍ ବଳବତ୍ତର ରହିଲା ଓ ପରବର୍ତ୍ତୀ ପର୍ଯ୍ୟାୟରେ ୨୦୦୬ର ମେଲବୋର୍ନ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ, କାତାରର ଦୋହାରେ ଅନୁଷ୍ଠିତ ଏସୀୟ କ୍ରୀଡ଼ାରେ ବ୍ରୋଞ୍ଜ, ୨୦୦୭ ହଂକଂ ଏସିଆକପ୍‌ରେ ୪ର୍ଥ ସ୍ଥାନ, ୨୦୦୯ରେ ବ୍ୟାଙ୍କକ୍ ଏସିଆ କପ୍‌ରେ ରୌପ୍ୟ ଓ ଦକ୍ଷିଣ କୋରିଆର ବୁସାନ୍‌ରେ ଆୟୋଜିତ ଏସିଆନ୍ ଚାମ୍ପିୟନ୍ସ ଟ୍ରଫିରେ ଦଳ ବ୍ରୋଞ୍ଜପଦକ ଲାଭ କଲା ୨୦୧୦ରେ। କିନ୍ତୁ ପରବର୍ତ୍ତୀ ସମୟରେ ଭାରତୀୟ ଦଳର ପ୍ରଦର୍ଶନ ସେତେଟା ଉତ୍ସାହଜନକ ହେଲା ନାହିଁ; ଯେଉଁଥିପାଇଁ ୨୦୧୦ରେ ଆର୍ଜେଣ୍ଟିନାର ରୋସାରିଓ ବିଶ୍ୱକପ୍‌ରେ ଆମେ ୯ମ, ନୂଆଦିଲ୍ଲୀରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୫ମ, ଚାଇନାର ଗୁଆଙ୍ଗଝୋ ଏସୀୟକ୍ରୀଡ଼ାରେ ୪ର୍ଥ, ଚାଇନାର ଓର୍ଡସ୍‌ରେ ଅନୁଷ୍ଠିତ ଏସିଆନ୍ ଚାମ୍ପିୟନ୍ସ ଟ୍ରଫିରେ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ହେବାକୁ ବାଧ୍ୟ ହେଲୁ।

ପରବର୍ତ୍ତୀ ପର୍ଯ୍ୟାୟରେ ହୃତସମ୍ମାନର ପୁନରୁଦ୍ଧାର ପାଇଁ ଚେଷ୍ଟା କରାଗଲା ଓ ଯାହାର ପରିଣାମରେ ମିଶ୍ରଫଳ ମିଳିଲା, ଯଥା ୨୦୧୩ କୁଆଲାଲମ୍ପୁର ଏସିଆକପ୍‌ରେ ବ୍ରୋଞ୍ଜ, ଜାପାନର କାକାମିଗାହାରରେ ସେହି ୨୦୧୩ରେ ଅନୁଷ୍ଠିତ ଏସିଆନ୍ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ, ୨୦୧୪ରେ ଦକ୍ଷିଣକୋରିଆର ଇଞ୍ଚିୟନ୍ ଏସୀୟ କ୍ରୀଡ଼ାରେ ବ୍ରୋଞ୍ଜ ଓ ୨୦୧୪ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୪ର୍ଥ ସ୍ଥାନ ମିଳିଲା। ଏହାପରେ ୨୦୧୬ରେ ସିଙ୍ଗାପୁରରେ ଅନୁଷ୍ଠିତ ଏସିଆନ୍ ଚାମ୍ପିୟନଶିପ୍‌ରେ ଆମ ଦଳ ପ୍ରଥମ ସ୍ଥାନ ଲାଭ କରିବା ସହ ସୁଦୀର୍ଘ ୩୬ବର୍ଷ ପରେ ବ୍ରାଜିଲର ରିଓ-ଡି ଜେନିରେ ଅଲିମ୍ପିକ୍‌ରେ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ପାଇଲା। କିନ୍ତୁ ଆମର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ରହିଲା। ଦଳ ୫ଗୋଟି ମ୍ୟାଚ୍ ଖେଳି ଗୋଟିଏ ଡ୍ର ଓ ୪ଟି ପରାଜୟ ସହିତ ମାତ୍ର ଗୋଟିଏ ପଏଣ୍ଟ ପାଇ ଗ୍ରୁପ୍-ବି'ରେ ଅନ୍ତିମ ସ୍ଥାନରେ ରହିଲା। ଏହି ପରାଜୟ ଗ୍ଲାନିରୁ ମୁକ୍ତ ହେବା ପାଇଁ ଦୀର୍ଘ ଏକବର୍ଷ ଅପେକ୍ଷା କରିବାକୁ ପଡ଼ିଲା ଜାପାନ୍‌ର କାକାମିଗାହାର ଏସିଆକପ୍ ପ୍ରତିଯୋଗିତା ପର୍ଯ୍ୟନ୍ତ, ଯେଉଁଥିରେ କି ପ୍ରଥମ ସ୍ଥାନ ହାସଲ କରିବା ଆମ ପାଇଁ ଏକ ସାନ୍ତ୍ୱନା ଥିଲା କହିଲେ ଭୁଲ୍ ହେବନି।

୨୦୧୮ ହେଉଛି ଭାରତୀୟ ହକି ପାଇଁ ଏକ ନୂତନ ରୂପାନ୍ତରଣର ବର୍ଷ। ଏହି ବର୍ଷ ଆମ ଓଡ଼ିଶା ସରକାର ଦେଶରେ ହକିର ହୃତ ଗୌରବ ଫେରାଇ ଆଣିବାର ମହତ ଲକ୍ଷ୍ୟ ନେଇ ଉଭୟ ଭାରତୀୟ ପୁରୁଷ ଓ ମହିଳା ହକି ଦଳର ପ୍ରାୟୋଜକ ହେଲେ ୨୦୧୮ରୁ ୨୦୨୩ ପର୍ଯ୍ୟନ୍ତ। ଆମକୁ ଏହି ରୂପାନ୍ତରଣର ସଫଳତା ମିଳିଲା ୨୦୧୮ର ଜାକର୍ତ୍ତା ଏସୀୟକ୍ରୀଡ଼ାରେ ରୌପ୍ୟ, ଦକ୍ଷିଣ କୋରିଆର ଡୋଂଘିରେ ଅନୁଷ୍ଠିତ ଏସୀୟ ଚାମ୍ପିୟନ୍ସ ଟ୍ରଫିରେ ଦ୍ୱିତୀୟ ଓ ଅଷ୍ଟ୍ରେଲିଆର କୁଇନ୍ସ ଲାଣ୍ଡ ରାଜ୍ୟଗୋଷ୍ଠୀ ଗ୍ରୀଡ଼ାରେ ୪ର୍ଥ ସ୍ଥାନ ହାସଲ ଦ୍ୱାରା।

ସବୁଠାରୁ ଆନନ୍ଦର କଥା ଯେ, ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ପୁରୁଷ ହକିଦଳ ବ୍ରୋଞ୍ଜପଦକ ହାସଲ କଲା ଓ ମହିଳା ହକି ଦଳ ଉନ୍ନତ କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରି ୪ର୍ଥ ସ୍ଥାନ ହାସଲ କଲା। ଏହି ସଫଳତାକୁ ବଳବତ୍ତର ରଖିବା ପାଇଁ ଓଡ଼ିଶା ସରକାର ଅଧିକ ଦଶବର୍ଷ ପାଇଁ ଭାରତୀୟ ହକି ଦଳର ପ୍ରାୟୋଜକ ରହିବା ପାଇଁ ନିଷ୍ପତ୍ତି ନେଲେ। ଏହାର ଫଳ ସ୍ୱରୂପ ବର୍ମିଂହାମ୍ ରାଜ୍ୟ ଗୋଷ୍ଠୀ କ୍ରୀଡ଼ାରେ ୨୦୨୨ରେ ଭାରତୀୟ ପୁରୁଷ ହକିଦଳ ରୌପ୍ୟ ଏବଂ ମହିଳା ଦଳ ବ୍ରୋଞ୍ଜପଦକ ଲାଭ କଲା। ଉତ୍ସାହିତ ମହିଳା ଦଳ ମୁଖ୍ୟ କୋଚ୍ ଜାନେକ ସ୍କୁପମାନଙ୍କ ସଫଳ ପ୍ରଶିକ୍ଷଣରେ ଭାଲେନ୍‌ସିଆଠାରେ ଅନୁଷ୍ଠିତ ପ୍ରଥମ ଏଫ୍‌ଆଇଏଚ୍ ନେସନ୍ସ କପ୍‌ରେ ଚାମ୍ପିୟନ ହେଲା। ୨୦୨୩ ଜୁଲାଇ ୩୦ରେ ଭାରତୀୟ ଦଳ ସ୍ପେନ୍‌କୁ ୩-୦ ବ୍ୟବଧାନରେ ପରାସ୍ତ କରି ବାର୍ସିଲୋନାରେ ଆୟୋଜିତ ''ଟର୍ନିଓ ଡେଲ ସେଣ୍ଟେନାରିଓ'' ଟ୍ରଫି ହାସଲ କରିବାର ଗୌରବ ଅର୍ଜନ କରିଛି। ଏହି ପରିପ୍ରେକ୍ଷୀରେ ବିଚାର କଲେ ଭାରତୀୟ ମହିଳା ହକି ଦଳ ୧୦ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୧୦ ବ୍ରୋଞ୍ଜପଦକ ସହିତ ମୋଟ ୨୭ଟି ଅନ୍ତର୍ଜାତୀୟ ପଦକ ହାସଲ କରିପାରିଛି। ୧୯୬୧ରେ ଅର୍ଜୁନ ପୁରସ୍କାର ଆରମ୍ଭ ହେବାଠାରୁ ଅଦ୍ୟାବଧି ମୋଟ ୩୦ଜଣ ମହିଳା ହକି ଖେଳାଳି ଏଥିରେ ସମ୍ମାନିତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଆମ ଓଡ଼ିଶାର ଜ୍ୟୋତି ସୁନିତା କୁଲୁ ଓ ଦିପ୍‌ଗ୍ରେସ୍ ଏକ୍କା ଅଛନ୍ତି ଯାହା ଆମ ପାଇଁ ଗର୍ବ ଓ ଗୌରବର ବିଷୟ।

ଇତିହାସର ପୃଷ୍ଠା ଲେଉଟାଇଲେ ଜଣାଯାଏ ଯେ ଭାରତୀୟ ମହିଳା ହକି ଦଳର ସଫଳ ଅନ୍ତର୍ଜାତୀୟ ପଦାର୍ପଣ ଆଜକୁ ପ୍ରାୟ ୫୦ବର୍ଷ ପୂର୍ବରୁ ହୋଇଛି। 'ଓମେନ୍ ଇନ୍ ବ୍ଲୁ' ନାମରେ ପରିଚିତ ଆମ ମହିଳା ହକି ଦଳ ଅନେକ ଉତ୍‌ଥାନ ପତନ ଦେଇ ଅଗ୍ରଗତି କରିବା ପରେ ଏବେ ସଫଳତା ଆଡ଼କୁ ଅଗ୍ରସର ହେଉଛି...




ଅଧିନାୟିକା ସବିତା ପୁନିଆ



# ଗେମ୍ ଚେଞ୍ଜର

ଭାରତୀୟ କ୍ରିକେଟ ଦଳ ପକ୍ଷରୁ ପଦାର୍ପଣ କରିଛନ୍ତି ରିଙ୍କୁ ସିଂ। ଆଇପିଏଲ୍‌ରେ ଚମତ୍କାର ପ୍ରଦର୍ଶନର ଫଳ ତାଙ୍କୁ ମିଳିଛି। ଭାରତୀୟ ଦଳର ଗତ ଆୟର୍ଲାଣ୍ଡ ଗସ୍ତରେ ଖେଳିବାର ସୁଯୋଗ ପାଇଥିବା ଏହି ଚର୍ଚ୍ଚିତ ବ୍ୟାଟରଙ୍କୁ ପ୍ରଥମ ମ୍ୟାଚ୍‌ରେ ବ୍ୟାଟିଂ ମିଳି ନ ଥିଲା। ତେବେ ଦ୍ୱିତୀୟ ମ୍ୟାଚରେ ୨୧ ବଲ୍‌ରୁ ୩୮ ରନ୍ ସ୍କୋର କରିବା ସହିତ ମ୍ୟାଚ୍‌ର ଗତିପଥ ବଦଳାଇ ଦେଇଥିଲେ। ଛୋଟ ଇନିଂସ୍ ହୋଇଥିଲେ ମଧ୍ୟ ଏହା ଖୁବ୍ ଚର୍ଚ୍ଚାରେ ରହିଥିଲା ଏବଂ ଭାରତୀୟ କ୍ରିକେଟରେ ଜଣେ ନୂତନ ଫିନିଶରଙ୍କ ଆବିର୍ଭାବ ଘଟିଲା ବୋଲି ଆଲୋଚନା ହୋଇଥିଲା। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରୁ ହିଁ ରିଙ୍କୁଙ୍କ ଆବିର୍ଭାବ ଘଟିଥିଲା। ତାଙ୍କ କ୍ରିକେଟ ଯାତ୍ରା ବେଶ୍ ସ୍ୱତନ୍ତ୍ର। ଉତ୍ତର ପ୍ରଦେଶ ଅଲିଗଡ଼ର ଏକ ଛୋଟ ସହରରୁ ଆସି ଜାତୀୟ ଦଳର ପ୍ରତିନିଧିତ୍ୱ କରିବା ନିଶ୍ଚିତ ଭାବରେ ଏକ ବୃହତ୍ ଉପଲବ୍ଧି। ୨୦୧୪ରେ ରିଙ୍କୁ ଉତ୍ତର ପ୍ରଦେଶ ପାଇଁ ୧୬ ବର୍ଷ ବୟସରେ ପ୍ରତିନିଧିତ୍ୱ କରିଥିଲେ। ଏହାର ୨ ବର୍ଷ ପରେ ନିଜର ପ୍ରଥମ ଲିଷ୍ଟ ଏ ମ୍ୟାଚ୍ ଖେଳିଥିଲେ। ତେବେ ଜୀବନର ସଂଘର୍ଷ ମଧ୍ୟରେ ଏକଦା ରିଙ୍କୁଙ୍କ କ୍ରିକେଟ୍ କିଟ୍‌ରେ ତାଲା ପଡ଼ିବା ପରିସ୍ଥିତି ଆସିଥିଲା। ଫଳରେ ସେ ସିକ୍ୟୁରିଟି ଗାର୍ଡ ଭାବରେ ଚାକିରି କରିବାକୁ ମଧ୍ୟ ନିଷ୍ପତ୍ତି ନେଇଥିଲେ। ୨୦୧୮ରେ ସେ ପ୍ରଥମ ଥର ପାଇଁ ଆଇପିଏଲ୍ ଖେଳିଥିଲେ। ୪ ମ୍ୟାଚ୍‌ରେ ମାତ୍ର ୨୯ ରନ୍ କରିଥିଲେ। ଏହାପରେ ସେ ଏକ ବିବାଦରେ ଫସି ଯାଇଥିଲେ। ନିଜ ନାମରେ ଏକ ଫେସବୁକ୍ ଫ୍ୟାନ୍ ଖୋଲିଥିବା ବେଳେ ଏହାକୁ ନେଇ ସୋସିଆଲ ମିଡିଆରେ ଟ୍ରୋଲ୍ ହେବାକୁ ପଡିଥିଲା। ଅନ୍ୟ କେହି ହୋଇଥିଲେ ଏହି ଘଟଣା ପରେ କ୍ରିକେଟରୁ ଦୂରେଇ ଯାଇଥାନ୍ତେ। ମାତ୍ର କ୍ରିକେଟ ପ୍ରତି ଭଲପାଇବା କାରଣରୁ ରିଙ୍କୁ ପଛକୁ ହଟି ନ ଥିଲେ। ୨୦୧୯ରେ ଏକ ବିଦେଶୀ ଲିଗ୍‌ରେ କ୍ରିକେଟ ଖେଳିଥିଲେ। ତେବେ ବିସିସିଆଇର ନିୟମ ସମ୍ପର୍କରେ ରିଙ୍କୁଙ୍କୁ ଜଣା ନ ଥିଲା। ବିଦେଶୀ ଲିଗ୍‌ରେ ଖେଳିଲେ ବାସନ୍ଦ ହେବାକୁ ପଡ଼ିଥାଏ। ଫଳରେ ୨୦୧୯ରେ ସେ ୩ ମାସ ବାସନ୍ଦର ମଧ୍ୟ ସମ୍ମୁଖୀନ ହୋଇଥିଲେ। ସେହିବର୍ଷ ଆଇପିଏଲ୍‌ରେ ମଧ୍ୟ ସଫଳତା ମିଳି ନ ଥିଲା। ୫ ମ୍ୟାଚ୍‌ରୁ ମାତ୍ର ୩୭ ରନ୍ କରିଥିଲେ। ୨୦୨୦ରେ ଗୋଟିଏ ମ୍ୟାଚ୍‌ରୁ ମାତ୍ର ୧୧ ରନ୍ କରିଥିଲେ। ୨୦୨୧ରେ ଆହତ କାରଣରୁ ଆଇପିଏଲ୍‌ରୁ ବାଦ୍ ପଡ଼ିଥିବା ବେଳେ ୨୦୨୨ ତାଙ୍କ ପାଇଁ ବ୍ରେକ୍ ଥ୍ରୁ ଇୟର ରହିଥିଲା। ଏହି ବର୍ଷ ରିଙ୍କୁ ୭ ମ୍ୟାଚ୍‌ରୁ ୧୭୪ ରନ୍ ସ୍କୋର କରିଥିବା ବେଳେ ତାଙ୍କର ଷ୍ଟ୍ରାଇକ୍ ରେଟ୍ ୧୪୮ ରହିଥିଲା। ସମାନ ବର୍ଷରେ ନିଜର ପ୍ରଥମ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ପୁରସ୍କାର ହାସଲ କରିଥିଲେ ରିଙ୍କୁ। ୨୦୨୩ରେ କୋଲକାତା ନାଇଟ ରାଇଡର୍ସ ପକ୍ଷରୁ ଫିନିଶର ଭୂମିକାରେ ନଜରକୁ ଆସିଥିଲେ। ୧୪ ମ୍ୟାଚ୍‌ରୁ ୫୯ ଆଭରେଜରେ ୪୭୪ ରନ୍ ସଂଗ୍ରହ କରିଥିବା ବେଳେ ଭାରତୀୟ ଚୟନକର୍ତ୍ତା ଓ ଫ୍ୟାନ୍‌ଙ୍କ ହୃଦୟ ଜିତିଥିଲେ। ଏପ୍ରିଲ ୯, ୨୦୨୩ରେ ଗୁଜରାଟ ଟାଇଟନ୍ସ ବିପକ୍ଷ ମ୍ୟାଚରେ ଶେଷ ଓଭରରୁ ୨୯ ରନ୍ ଆବଶ୍ୟକ ରହିଥିବା ବେଳେ ଯଶ୍ ଦୟାଲଙ୍କୁ ୫ ଛକା ମାରି ଦଳକୁ ବିଜୟୀ କରିଥିଲେ। ଆଇପିଏଲ୍ ଇତିହାସରେ ଏହା ଗୋଟିଏ ଓଭରରେ ସର୍ବାଧିକ ରନ୍ ରହିଥିଲା। ରିଙ୍କୁ ଏକ ମଧ୍ୟବିତ୍ତ ପରିବାରରୁ ଆସିଥିଲେ। ପିତା ଏଲ୍‌ପିଜି ସିଲିଣ୍ଡର ଡେଲିଭରି କରନ୍ତି। ୫ ଭାଇ ଭଉଣୀଙ୍କ ସହିତ ଦାରିଦ୍ର୍ୟର କଷାଘାତରେ ବଢ଼ିଥିଲେ ରିଙ୍କୁ। ଏସବୁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ କିନ୍ତୁ ତାଙ୍କ ଦୃଢ଼ ମନୋବଳ ଭାଙ୍ଗି ନ ଥିଲା। ୨୦୧୭ ସିଜନରେ ଆଇପିଏଲ୍‌ରୁ ୧୦ ଲକ୍ଷ ଟଙ୍କା ଆୟ କରିଥିବା ବେଳେ ଏଥିରେ ପରିବାରର କରଜ ଶୁଝିଥିଲେ। ଏବେ ଭାରତୀୟ କ୍ରିକେଟରେ ରିଙ୍କୁ ଏକ ପରିଚିତ ନାମ।

-ସରୋଜ ଜେନା



ରିଙ୍କୁ ସିଂ

## ଲକ୍ଷ୍ୟ

ବିନା କୋଚ୍‌ରେ ସଫଳ ପ୍ରଜ୍ଞାନନ୍ଦ
ବୟସ ଅଠର ବର୍ଷ
ଫିଡେ ଚେସ୍ ବିଶ୍ୱକପରେ ଖେଳି
ରଚି ଅଛି ଇତିହାସ
ଦୀର୍ଘ ଏକୋଇଶ ବର୍ଷ
ବ୍ୟବଧାନ ପରେ ଫାଇନାଲ ଗଲା
ଆନନ୍ଦ ପରେ ମୋ ଦେଶ।

ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ
ଓଡ଼ିଶା କିଶୋର ଜେନା
ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କଲା
ଜାଭେଲିନ୍ ଥ୍ରୋରେ ଅନା
ଦି ବର୍ଷ ଫ୍ୟାମିଲି ବିନା
ସାଧନା ବଳରେ ପଞ୍ଚମ ହେଲେ ବି
ଆମ ପାଇଁ ସିଏ ସୁନା।



ପଇଁତିରିଶ ଡିଗ୍ରୀ ଟେମ୍ପରଚରରେ
ଶାଙ୍କୁଲେ ଦଉଡ଼ି ଏକା
ସତସ୍ତରି ଜଣ ପଛରେ, ଶୀର୍ଷରେ
ଇଥିଓପିଆ ନାଁ ଲେଖା
ସ୍ଥିର ଲକ୍ଷ୍ୟ ଧ୍ୟାନ ଦୀକ୍ଷା
ବଳେ ବ୍ୟକ୍ତି ସଫଳତା ଲଭିଥାଏ
ଏମ୍ ଲେସ୍ ହେଲେ ଫିକା।

-ସୁବାସ ଚନ୍ଦ୍ର ପ୍ରଧାନ

# ଫୁଟ୍‌ବଲରେ ମହିଳା କୋଚ୍‌ଙ୍କ ସଂଖ୍ୟା ବଢ଼ୁଛି

ଫିଫା ମହିଳା ବିଶ୍ୱକପରେ ମହିଳା କୋଚ୍ ତଥା ମ୍ୟାନେଜରଙ୍କ ସଂଖ୍ୟା ବଢ଼ିଛି। ଫୁଟବଲ ଏକ ପୁରୁଷପ୍ରାଧାନ୍ୟ ଖେଳ ହୋଇଥିବାରୁ ଅଧିକାଂଶ ଦଳରେ କୋଚ୍ ଅଥବା ମ୍ୟାନେଜର ପୁରୁଷ ହିଁ ରହିଥାନ୍ତି। ତେବେ ଗତ ଅଷ୍ଟ୍ରେଲିଆ/ନ୍ୟୁଜିଲାଣ୍ଡ ମହିଳା ଫିଫା ବିଶ୍ୱକପରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ଏହି ବିଶ୍ୱକପରେ ୩୨ ଦଳ ଅଂଶଗ୍ରହଣ କରିଥିବା ବେଳେ ଏହା ମଧ୍ୟରୁ ୧୨ଟି ଦଳର କୋଚ୍ ମହିଳା ହିଁ ରହିଥିଲେ। ଚଳିତ ବିଶ୍ୱକପରେ ବିଭିନ୍ନ ଦଳରେ ମହିଳା କୋଚ୍‌ଙ୍କ ସଂଖ୍ୟା ବୃଦ୍ଧି ଅନ୍ୟ ମହିଳା ଖେଳାଳିଙ୍କୁ କୋଚିଂ ଆଡ଼କୁ ଆକୃଷ୍ଟ କରିବାର ଏକ କାରଣ ହୋଇପାରିବ। ୨୦୧୫ ଫୁଟବଲ ବିଶ୍ୱକପରେ ମହିଳା କୋଚ୍‌ଙ୍କ ସଂଖ୍ୟା ୮ ରହିଥିବା ବେଳେ ୨୦୧୯ରେ ଏହି ସଂଖ୍ୟା ୯କୁ ବୃଦ୍ଧି ପାଇଥିଲା। ବିଗତ ଦୁଇଟି ସଂସ୍କରଣରେ ଆମେରିକା ଚାମ୍ପିୟନ ହୋଇଥିବା ବେଳେ ଏହି ଦଳର କୋଚ୍ ଜଣେ ମହିଳା ଥିଲେ। ଜୁଲି ଏଲିସ୍‌ଙ୍କ ଅଧୀନରେ ଆମେରିକା ଦୁଇ ଥର ଚାମ୍ପିୟନ୍ ଆଖ୍ୟା ଅର୍ଜନ କରିଥିଲା। ତେବେ ଅନ୍ୟ କୌଣସି ମହିଳା କୋଚ୍ ଏହି ସଫଳତା ଦୋହରାଇ ପାରିନାହାନ୍ତି। ଅନ୍ୟ ପକ୍ଷରେ ଆମେରିକା ଦଳ ଚଳିତ ବର୍ଷ ପୁରୁଷ କୋଚ୍ ଭ୍ଲାଟ୍‌କୋ ଆଣ୍ଡୋନୋସ୍କିଙ୍କୁ ନିଯୁକ୍ତ କରିଥିଲେ ମଧ୍ୟ ଦଳ ପ୍ରଥମ ଥର ପାଇଁ ସେମିଫାଇନାଲ ପ୍ରବେଶରେ ବିଫଳ ହୋଇଥିଲା। ଗତ ବିଶ୍ୱକପରେ ମହିଳା କୋଚ୍‌ଙ୍କ ଅଧୀନରେ ଖେଳିଥିବା ୧୨ ଟିମ୍ ମଧ୍ୟରୁ ମାତ୍ର ୩ଟି ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିବାରେ ସମର୍ଥ ହୋଇଥିଲା। ତେବେ ହେଜେ ରିସଙ୍କ ନର୍ୱେ ଓ ଡେସିରେ ଏଲିସ୍‌ଙ୍କ ଦକ୍ଷିଣ ଆଫ୍ରିକା ନକ୍ ଆଉଟ୍‌ରେ ପରାସ୍ତ ହୋଇଥିଲା। ଅନ୍ୟ ପକ୍ଷରେ ଏକମାତ୍ର ମହିଳା କୋଚ୍ ଭାବରେ ସରିନା ୱିଗମାନଙ୍କ ଇଂଲଣ୍ଡ ଦଳ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଥିଲା। ସେମି ଫାଇନାଲରେ ଏହି ଦଳ ଆୟୋଜକ ଅଷ୍ଟ୍ରେଲିଆକୁ ପରାସ୍ତ କରିଥିଲା। ୨୦୧୭ ଓ ୨୦୨୨ରେ ଇଂଲଣ୍ଡକୁ ୟୁରୋ କପ୍ ଚାମ୍ପିୟନ କରିବାରେ ୱିଗମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା। ୱିଗ୍‌ମାନଙ୍କ ପ୍ରଶିକ୍ଷଣରେ ଇଂଲଣ୍ଡ ବିଶ୍ୱକପ ଫାଇନାଲରେ ସ୍ପେନ୍‌କୁ କଡ଼ା ଟକ୍କର ଦେଇଥିଲା। ତେବେ ଭାଗ୍ୟ ସାଥ୍ ନ ଦେବାରୁ ମାତ୍ର ଗୋଟିଏ ଗୋଲରେ ପରାଜିତ ହୋଇ ରନରଅପ୍‌ରେ ସନ୍ତୁଷ୍ଟ ହୋଇଥିଲା।



ସରିନା ୱିଗମାନ

## ସୁପର ସିରିଜ ଟେନିସ: ଆହାନ ଚାମ୍ପିୟନ



**ଭୁବନେଶ୍ୱର, ୩୧।୮ (ତପନ ସ୍ୱାଇଁ)**

ଓଡ଼ିଶାର ଆହାନ ରାୟପୁରରେ ଅନୁଷ୍ଠିତ ସୁପର ସିରିଜ ଟେନିସ ଟୁର୍ନାମେଣ୍ଟର ୧୪ ବର୍ଷରୁ କମ୍ ବାଳିକା ବର୍ଗରେ ଚାମ୍ପିୟନ ହୋଇଛନ୍ତି। ଫାଇନାଲରେ ସେ ଓଡ଼ିଶାର ଅନ୍ୟତମ ଖେଳାଳି ଅଭିପ୍ସା ଦେହୁରୀଙ୍କୁ ୬-୨, ୪-୬, ୬-୧ ସେଟ୍‌ରେ ପରାସ୍ତ କରିଛନ୍ତି। ଆହାନ ଏସ୍‌ବେସ୍ ଟେନିସ ଏକାଡେମୀରେ ରାଜ୍ୟର ପ୍ରତିଷ୍ଠିତ କୋଚ୍ ଅଜୟ ନିଶଙ୍କଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ। ରାୟପୁରରେ ଟୁର୍ନାମେଣ୍ଟ ଛତିଶଗଡ଼ ଟେନିସ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜନ ହୋଇଥିଲା।

# ତୃତୀୟ ରାଉଣ୍ଡରେ ଜୋକୋଭିଚ୍, ସ୍ୱିଟେକ୍

**ନ୍ୟୁୟର୍କ, ୩୧।୮ (ପି.ଟି.)**

ଟେନିସ୍ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ନୋଭାକ୍ ଜୋକୋଭିଚ୍ ଓ ଇଗା ସ୍ୱିଟେକ। ବୁଧବାର ବିଳମ୍ବିତ ରାତିରେ ଖେଳାଯାଇଥିବା ମ୍ୟାଚରେ ଉଭୟ ଖେଳାଳି ସିଧାସଳଖ ସେଟ୍‌ରେ ବିଜୟ ହାସଲ କରିଛନ୍ତି। ତାପମାତ୍ରା ୨୯ ଡିଗ୍ରୀ ସେଲ୍‌ସିୟସ ରହିଥିବା ବେଳେ ଉଭୟଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା। ଦ୍ୱିତୀୟ ସିଡେଡ୍ ଜୋକୋଭିଚ୍ ସ୍ପେନ୍‌ର ବର୍ନେବ ଜାପାଟା ମିରାଲେସଙ୍କୁ ୬-୧, ୬-୧ ଓ ୬-୧ ସେଟ୍‌ରେ ପରାସ୍ତ କରିଥିଲେ। ଅନ୍ୟପକ୍ଷରେ ଟପ୍ ସିଡ୍ ସ୍ୱିଟେକ୍ ଅଷ୍ଟ୍ରେଲିଆର ଦାରିଆ ସାଭିଲେଙ୍କୁ ପରାସ୍ତ କରିଛନ୍ତି।

୨୩ତମ ଗ୍ରାଣ୍ଡସ୍ଲାମ ଲକ୍ଷ୍ୟରେ ରହିଥିବା ଜୋକୋଭିଚ୍ ଆର୍ଥର ଆଶେ ଷ୍ଟାଡିୟମରେ ସହଜ ବିଜୟ ହାସଲ କରିଥିଲେ। ବିଶ୍ୱ ମାନ୍ୟତାର ୭୬ ନମ୍ବର ସ୍ଥାନରେ ଥିବା ସ୍ପାନିଆର୍ଡ ବର୍ନେବ ଜାପାଟା ମିରାଲେସଙ୍କୁ ୬-୧, ୬-୧ ଓ ୬-୧ର ସିଧାସଳଖ ସେଟ୍‌ରେ ହରାଇବା ପରେ ୩୬ ବର୍ଷୀୟ ଜୋକୋଭିଚ୍ ବିଜୟ ପାଇଁ କ୍ଷୁଧା ବଳବତ୍ତର ଥିବା କହିଛନ୍ତି। ୟୁଏସ୍ ଓପନ ଇତିହାସରେ



ନୋଭାକ୍ ଜୋକୋଭିଚ୍



ଇଗା ସ୍ୱିଟେକ

ସବୁଠାରୁ ଉତ୍ତପ୍ତ ଦିନ ରହିଥିଲେ ମଧ୍ୟ ଏହିଭଳି ପରିସ୍ଥିତି ପାଇଁ ନିରନ୍ତର ଅଭ୍ୟାସ କରିଥାଉ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଟପ୍ ସିଡ୍ ତଥା ମହିଳା ବର୍ଗର ଡିଫେଣ୍ଡିଂ ଚାମ୍ପିୟନ ଇଗା ସ୍ୱିଟେକ୍ ୬-୩, ୬-୪ର ସିଧାସଳଖ ସେଟ୍‌ରେ ଅଷ୍ଟ୍ରେଲିଆର ଦାରିଆ ସାଭିଲେଙ୍କୁ ହରାଇଥିଲେ। ଲୁଇସ୍ ଆର୍ମଷ୍ଟ୍ରଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ବିଶ୍ୱ ମାନ୍ୟତାର ୩୨୨ ନମ୍ବର ସ୍ଥାନରେ ଥିବା ଦାରିଆ ପରାଜିତ ହୋଇଥିଲେ। ପୁରୁଷ ସିଙ୍ଗଲ୍ସରେ ଗ୍ରୀସ୍‌ର ଷ୍ଟିଫାନୋସ୍ ସିଟ୍‌ସିପାସ ସଂଘର୍ଷ କରି ପରାସ୍ତ ହୋଇଛନ୍ତି। ବିଶ୍ୱ ମାନ୍ୟତାର ୧୨୮ ତମ ସ୍ଥାନରେ ଥିବା ସୁଇଜରଲାଣ୍ଡର ଡୋମିନିକ୍ ଷ୍ଟ୍ରାଇକର ୭-୫, ୬-୭(୨), ୬-୭(୫), ୭-୬(୬) ଓ ୬-୩ ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ଖେଳି ବିଜୟ ହାସଲ କରିଥିଲେ। ଏହି ମ୍ୟାଚ୍‌ଟି ୪ ଘଣ୍ଟା ଧରି ଚାଲିଥିଲା। ପ୍ରଥମ ସେଟ୍ ଜିତିବା ପରେ ପରବର୍ତ୍ତୀ ଦୁଇ ସେଟ୍ ଟାଇବ୍ରେକରରେ ପରାଜିତ ହୋଇଥିଲେ ଡୋମିନିକ୍। ତେବେ ଜବରଦସ୍ତ ପ୍ରତ୍ୟାବର୍ତ୍ତନ ସହିତ ପରବର୍ତ୍ତୀ ଦୁଇ ସେଟ୍ ଜିତି ପ୍ରଥମ ଥର ପାଇଁ ଏକ ଗ୍ରାଣ୍ଡସ୍ଲାମର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଆମେରିକୀୟ ମହିଳା ସିଙ୍ଗଲ୍ସ ଖେଳାଳି କୋକୋ ଗଫ୍ ୬-୩, ୬-୨ ସେଟ୍‌ରେ ୧୬ ବର୍ଷୀୟା ମୀରା ଆଣ୍ଡ୍ରିଭାଙ୍କୁ ପରାସ୍ତ କରିଛନ୍ତି। ୱିମ୍ବଲଡନ୍‌ରେ ସମସ୍ତଙ୍କୁ ପ୍ରଭାବିତ କରିଥିବା ମୀରା ୧୮ ଥର ଡବଲ ଫଲ୍ଟ କରିଥିଲେ। ପରବର୍ତ୍ତୀ ରାଉଣ୍ଡରେ ଗଫ୍ ବିଶ୍ୱ ମାନ୍ୟତାର ୩୨ ତମ ସ୍ଥାନରେ ଥିବା ଏଲିସ୍ ମର୍ଟେନ୍ସଙ୍କୁ ପରାସ୍ତ କରିଥିଲେ।

୨୦୨୦ରେ ୟୁଏସ୍ ଓପନ ଚାମ୍ପିୟନ ଡୋମିନିକ୍ ଥିମ୍ ଓହରିଯିବାରୁ ବେନ୍ ଶେଲ୍‌ଟନ୍ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୱାଇଲ୍ଡ କାର୍ଡ ଜରିଆରେ ପ୍ରବେଶ କରିଥିବା ଫ୍ରାନ୍ସର ବେଞ୍ଜାମିନ୍ ବୋଞ୍ଜି ବିଶ୍ୱ ମାନ୍ୟତାର ୨୮ ତମ ସ୍ଥାନରେ ଥିବା କ୍ରିଷ୍ଟୋଫର ୟୁବ୍ୟାଙ୍କସଙ୍କୁ ୭-୬(୬), ୨-୬, ୬-୨ ଓ ୭-୬(୭)ରେ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅଷ୍ଟ୍ରେଲିଆର ଆଲଜା ଟମଲାନୋଭିକଙ୍କ ବିପକ୍ଷରେ ୱାକଓଭର ପାଇ ଚତୁର୍ଥ ସିଡ୍ ଏଲିନା ରିବାକିନା ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୧୦ ନମ୍ବର ସିଡ୍ କାରୋଲିନା ମୁଚୋଭା ୬-୩, ୬-୩ ସେଟ୍‌ରେ ପୋଲାଣ୍ଡର ମାଗଦାଲେନା ଫ୍ରେଚଙ୍କୁ, ବେଲିଣ୍ଡା ବେନ୍ସିକ୍ ସମାନ ବ୍ୟବଧାନରେ ବ୍ରିଟେନର ୟୁରିକୋ ଲିଲି ମିୟାଜାକିଙ୍କୁ ପରାସ୍ତ କରିଛନ୍ତି।





ଡାନିଏଲ ମ୍ୟାକଗାହେ

## ଅନ୍ତର୍ଜାତୀୟ କ୍ରିକେଟରେ ପ୍ରଥମ ଟ୍ରାନ୍ସଜେଣ୍ଡର

**ଲଣ୍ଡନ, ୩୧।୮ (ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିବେ ପ୍ରଥମ ଟ୍ରାନ୍ସଜେଣ୍ଡର ଖେଳାଳି। କାନାଡା ପକ୍ଷରୁ ଆସନ୍ତା ୨୦୨୪ ମହିଳା ଟି୨୦ ବିଶ୍ୱକପ୍‌ର ଯୋଗ୍ୟତା ପର୍ଯ୍ୟାୟ ଖେଳି ଡାନିଏଲ ମ୍ୟାକଗାହେ ଇତିହାସ ରଚିବାକୁ ଯାଉଛନ୍ତି। ୨୯ ବର୍ଷୀୟ ଡାନିଏଲ ଜଣେ ଓପନିଙ୍ଗ ବ୍ୟାଟର। ଲସ୍ ଏଞ୍ଜେଲସରେ ସେପ୍ଟେମ୍ବର ୪ରୁ ୧୧ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ନାମେଣ୍ଟ ଖେଳାଯିବ। ଟି୨୦ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିବା ଲାଗି ଆର୍ଜେଣ୍ଟିନା, ବ୍ରାଜିଲ ଓ ଯୁକ୍ତରାଷ୍ଟ୍ର ଆମେରିକା ସହିତ ପ୍ରତିଦ୍ୱନ୍ଦ୍ୱିତା କରିବ କାନାଡା। ଟ୍ରାନ୍ସଜେଣ୍ଡର ଖେଳାଳିଙ୍କ ପାଇଁ ରହିଥିବା ଆଇସିସିର ନିୟମ ମେଲ୍ ଟୁ ଫିମେଲରେ ଆସିବା ପରେ ଡାନିଏଲଙ୍କୁ ଖେଳିବାକୁ ଅନୁମତି ମିଳିଛି। ଅନ୍ତର୍ଜାତୀୟ କ୍ରିକେଟରେ ମିଳିଥିବା ସୁଯୋଗ ପାଇଁ ମୁଁ ଅତ୍ୟନ୍ତ ଗର୍ବିତ। ମୋ କମ୍ୟୁନିଟିର ପ୍ରତିନିଧିତ୍ୱ କରିବାର ପ୍ରଥମ ଖେଳାଳି ହୋଇଥିବା ବେଳେ ଏହା ମୁଁ ସ୍ୱପ୍ନରେ ମଧ୍ୟ ଚିନ୍ତା କରି ନ ଥିଲି ବୋଲି ସେ କହିଥିଲେ। ଅଷ୍ଟ୍ରେଲିଆର ମୂଳ ନିବାସୀ ଡାନିଏଲ ୨୦୨୦ରେ କାନାଡାକୁ ଯାଇ ପୁରୁଷରୁ ମହିଳା ହେବାର ଚିକିତ୍ସା କରାଇଥିଲେ। ମହିଳା ହେବା ପରେ ତାଙ୍କୁ ବର୍ତ୍ତମାନ ଖେଳିବାକୁ ଅନୁମତି ପ୍ରଦାନ କରାଯାଇଛି।

# ବିସିସିଆଇ ଘରୋଇ ବ୍ରଡ୍‌କାଷ୍ଟ ରାଇଟ୍ ହାତେଇଲା ଭାଏକମ୍ ୧୮

**ନୂଆଦିଲ୍ଲୀ, ୩୧।୮ (ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଗୁରୁବାର ଏହାର ଘରୋଇ ପ୍ରସାରଣ ଅଧିକାର(ବ୍ରଡ୍‌କାଷ୍ଟିଂ ରାଇଟ୍) ବିକ୍ରି କରାଯାଇଛି। ୭୨୦ ମିଲିୟନ ଡଲାର ବା ଭାରତୀୟ ମୁଦ୍ରାରେ ୬ ହଜାର କୋଟି ଟଙ୍କା ବ୍ୟୟରେ ଏହି ଅଧିକାର ହାତେଇ ନେଇଛି ଭାଏକମ୍ ୧୮। ଆସନ୍ତା ୫ ବର୍ଷ ପାଇଁ ଭାଏକମ୍ ୧୮ପାଖରେ ଉଭୟ ଡିଜିଟାଲ ଓ ଟିଭିର ପ୍ରସାରଣ ଅଧିକାର ରହିବ। ବିଡିଂ ୱାରରେ ଷ୍ଟାର ଇଣ୍ଡିଆ ଓ ସୋନୀକୁ ପଛରେ ପକାଇଥିଲା ଭାଏକମ୍ ୧୮। ବିସିସିଆଇ ପକ୍ଷରୁ ଟିଭି ଓ ଡିଜିଟାଲ ପାଇଁ ଭିନ୍ନ ଭିନ୍ନ ବିଡ୍ ମଗାଯାଇଥିଲା। ଭାଏକମ୍ ୧୮ ଡିଜିଟାଲ ରାଇଟ୍ସ ପାଇଁ ୩୧୦୧ କୋଟି ଟଙ୍କା ବିଡ୍ କରିଥିବା ବେଳେ ଟିଭି ରାଇଟ୍ସ ପାଇଁ ୨୮୬୨ କୋଟି ଟଙ୍କା ପ୍ରଦାନ କରିବ। ଭାଏକମ୍ ୧୮ ସମୁଦାୟ ୫୯୬୩ କୋଟି ବ୍ୟୟରେ ପ୍ରସାରଣ ଅଧିକାର ପାଇଥିବା ବେଳେ ପୂର୍ବରୁ ଆଇପିଏଲ୍‌ର ଡିଜିଟାଲ ରାଇଟ୍ସ ମଧ୍ୟ ଏହା ନିକଟରେ ରହିଥିଲା। ୨୬ ହଜାର କୋଟି ଟଙ୍କା ବ୍ୟୟରେ ୫ ବର୍ଷ ପାଇଁ ଆଇପିଏଲର ଡିଜିଟାଲ ରାଇଟ୍ ହାସଲ କରିଛି ଭାଏକମ୍ ୧୮।

ଆଗାମୀ ଅଷ୍ଟ୍ରେଲିଆ ବିପକ୍ଷ ଘରୋଇ ଶୃଙ୍ଖଳାରୁ ଭାଏକମ୍ ୧୮ର ଟିଭି ରାଇଟ୍ସ ଆରମ୍ଭ ହେବ। ସେପ୍ଟେମ୍ବର ୨୨, ୨୦୨୩ରୁ ଏହି ଚୁକ୍ତି ଆରମ୍ଭ ହୋଇ ମାର୍ଚ୍ଚ ୧୮, ୨୦୨୮ ପର୍ଯ୍ୟନ୍ତ ବୈଧ ରହିବ। ଏହାକୁ ମିଶାଇ ସମସ୍ତ ଗୁରୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍‌ଗୁଡିକର ରାଇଟ୍ସ ନିଜ ପାଖରେ ରଖିବାରେ ସମର୍ଥ ହୋଇଛି ଭାଏକମ୍ ୧୮। ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରୁ ଏହି ଟିଭି ରାଇଟ୍ସ କାର୍ଯ୍ୟକ୍ଷମ ହେବ। ଫଳରେ ଆସନ୍ତା ଦିନିକିଆ କ୍ରିକେଟ ବିଶ୍ୱକପ୍ ମଧ୍ୟ କ୍ରିକେଟ୍ ଫ୍ୟାନମାନେ ସ୍ପୋର୍ଟ୍ସ ୧୮ ଓ ଜିଓ ସିନେମାରେ ଦେଖିପାରିବେ। ଗୁରୁବାର ଭାଏକମ୍‌କୁ ପ୍ରସାରଣ ରାଇଟ୍ସ ମିଳିବା ପରେ ବିସିସିଆଇ ସମ୍ପାଦକ ଜୟ ଶାହା ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି। ଭାରତ ଏହି ୫ ବର୍ଷର ସମୟ ସୀମା ମଧ୍ୟରେ ୮୮ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବ। ଏହା ମଧ୍ୟରେ ୨୫ ଟେଷ୍ଟ, ୨୭ ଦିନିକିଆ ଓ ୩୬ ଟି୨୦ ମ୍ୟାଚ୍ ସାମିଲ ରହିଛି। ମ୍ୟାଚ୍ ପିଛା ବିସିସିଆଇକୁ ୬୭.୭୬ କୋଟି ଟଙ୍କା ମିଳିବ। ପୂର୍ବ ବର୍ଷରେ ଏହା ୬୦ କୋଟି ରହିଥିଲା। ତେବେ ଗତବର୍ଷ ତୁଳନାରେ ବିସିସିଆଇ ୧୬୫ କୋଟି କମ୍ ଆୟ କରିବ। ପୂର୍ବ ସାଇକେଲରେ ବିସିସିଆଇ ୧୦୨ ମ୍ୟାଚ୍ ଖେଳିଥିବା ବେଳେ ଚଳିତ ବର୍ଷ ୧୪ଟି ମ୍ୟାଚ୍ କମ୍ ଖେଳୁଛି। ଭାରତ ଆଗାମୀ ୫ ବର୍ଷ ମଧ୍ୟରେ ଅଷ୍ଟ୍ରେଲିଆ ବିପକ୍ଷରେ ୨୧ ଓ ଇଂଲଣ୍ଡ ବିପକ୍ଷରେ ୧୮ ମ୍ୟାଚ୍ ଖେଳିବ।

# ଓଡ଼ିଶାର ଦୀପ୍ ଗ୍ରେସ୍, ଅମିତ ସାମିଲ

## ଏସିଆନ ଗେମ୍ସ ପାଇଁ ଭାରତୀୟ ମହିଳା ଓ ପୁରୁଷ ହକି ଦଳ ଘୋଷିତ

**ବେଙ୍ଗାଲୁରୁ, ୩୧।୮ (ପି.ଟି.)**

ଚାଇନାର ହାଙ୍ଗଝୋଠାରେ ହେବାକୁଥିବା ଏସିଆନ ଗେମ୍ସ ପାଇଁ ଗୁରୁବାର ଭାରତୀୟ ମହିଳା ଓ ପୁରୁଷ ହକି ଦଳ ଘୋଷଣା ହୋଇଛି। ଓଡ଼ିଶାର ଦୀପ୍ ଗ୍ରେସ୍ ଏକ୍କା ମହିଳା ଦଳର ଉପ-ଅଧିନାୟିକା ନିଯୁକ୍ତ ହୋଇଥିବାବେଳେ ପୁରୁଷ ଦଳରେ ଅମିତ ରୋହିଦାସଙ୍କୁ ସୁଯୋଗ ମିଳିଛି। ଏସିଆନ ଚାମ୍ପିୟନ୍ସ ଟ୍ରଫି ଜିତିଥିବା ଭାରତୀୟ ପୁରୁଷ ଦଳରୁ ଭେଟେରାନ ଷ୍ଟ୍ରାଇକର ଆକାଶଦୀପ ସିଂ, ଯୁଗରାଜ ସିଂ ଓ ସେଲଭାମ୍ କାର୍ଥୀଙ୍କୁ ବାଦ୍ ଦିଆଯାଇଛି। ଅଭିଜ୍ଞ ଲଳିତ ଉପାଧ୍ୟାୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସଞ୍ଜୟ ଓ ଅଭିଷେକଙ୍କୁ ମଧ୍ୟ ସାମିଲ କରାଯାଇଛି। ଡ୍ରାଗ୍ ଫ୍ଲିକର ହରମନପ୍ରୀତ ସିଂ ଓ ମିଡ୍‌ଫିଲ୍ଡର ହାର୍ଦ୍ଦିକ ସିଂ ଯଥାକ୍ରମେ ଅଧିନାୟକ ଓ ଉପ-ଅଧିନାୟକ ଦାୟିତ୍ୱରେ ଅପରିବର୍ତ୍ତିତ ରହିଛନ୍ତି। ସେହିପରି ମହିଳା ଦଳର ଅଧିନାୟକଭାବେ ନିଜର ସ୍ଥାନ ବଜାୟ ରଖିଛନ୍ତି ସବିତା ପୁନିଆ। ଦୀପ୍ ଗ୍ରେସ୍ ତାଙ୍କ ଡେପୁଟି ଦାୟିତ୍ୱରେ ରହିଛନ୍ତି। ଗତ ମାସରେ ଜର୍ମାନୀ ଓ ସ୍ପେନ୍ ଟୁର୍‌ରେ ଯାଇଥିବା ଅଭିଜ୍ଞ ସୁଶିଳା ଚାନୁ ପୁଖରାମବାମ, ବଳଜିତ କୌର ଓ ଓଡ଼ିଶାର ଜ୍ୟୋତି ଛତ୍ରୀ ଦଳରୁ ବାଦ୍ ପଡ଼ିଛନ୍ତି। ହକି ଇଣ୍ଡିଆ ପକ୍ଷରୁ ଏଠାରେ ଆୟୋଜିତ ବିଦାୟ କାଳୀନ ଉତ୍ସବ ଅବସରରେ ଆନୁଷ୍ଠାନିକଭାବେ ଭାରତୀୟ ମହିଳା ଓ ପୁରୁଷ ଦଳ ଘୋଷଣା କରାଯାଇଥିଲା।





ଦୀପ୍ ଗ୍ରେସ୍ ଏକ୍କା



ଅମିତ ରୋହିଦାସ

ଏସିଆନ ଗେମ୍ସପାଇଁ ଭାରତୀୟ ପୁରୁଷ ଦଳ ପୁଲ୍ 'ଏ'ରେ ଡିଫେଣ୍ଡିଂ ଚାମ୍ପିୟନ ଜାପାନ, ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ, ବାଂଲାଦେଶ, ସିଙ୍ଗାପୁର ଓ ଉଜ୍‌ବେକିସ୍ତାନ ସହ ସ୍ଥାନ ପାଇଛି। କୋରିଆ, ମାଲେସିଆ, ଚାଇନା, ଓମାନ, ଥାଇଲାଣ୍ଡ ଓ ଇଣ୍ଡୋନେସିଆ ପୁଲ୍ 'ବି'ରେ ରହିଛନ୍ତି। ସେପ୍ଟେମ୍ବର ୨୪ରେ ଭାରତୀୟ ପୁରୁଷ ଦଳ ଉଜ୍‌ବେକିସ୍ତାନ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ମହିଳା ଦଳ ସିଙ୍ଗାପୁର ବିପକ୍ଷରେ ସେପ୍ଟେମ୍ବର ୨୭ରେ ଏହାର ପ୍ରଥମ ମ୍ୟାଚ ଖେଳିବ।

**ଭାରତୀୟ ପୁରୁଷ ଦଳ:** ପି.ଆର. ଶ୍ରୀଜେଶ, କ୍ରିଶନ ପାଠକ, ବରୁଣ କୁମାର, ଅମିତ ରୋହିଦାସ, ଜରମନପ୍ରୀତ ସିଂ, ହରମନପ୍ରୀତ ସିଂ (ଅଧିନାୟକ), ସଞ୍ଜୟ, ସୁମିତ, ନିଳକାନ୍ତ ଶର୍ମା, ହାର୍ଦ୍ଦିକ ସିଂ (ଉପ-ଅଧିନାୟକ), ମନପ୍ରୀତ ସିଂ, ବିବେକ ସାଗର ପ୍ରସାଦ, ଶମଶେର ସିଂ, ଅଭିଷେକ, ଗୁରଜାନ୍ତ ସିଂ, ମନଦୀପ ସିଂ, ସୁଖଜିତ ସିଂ, ଲଳିତ କୁମାର ଉପାଧ୍ୟାୟ।

**ଭାରତୀୟ ମହିଳା ଦଳ:** ସବିତା (ଅଧିନାୟିକା), ବିଚ୍ଛୁ ଦେବୀ ଖାରିବାମ, ଦୀପିକା, ଲାଲରେମସିଆମି, ମୋନିକା, ନବନୀତ କୌର, ନେହା, ନିଶା, ସୋନିକା, ଉଦିତା, ଇଶିକା ଚୌଧାରୀ, ଦୀପ୍‌ଗ୍ରେସ୍‌ଏକ୍କା (ଉପ-ଅଧିନାୟିକା), ବନ୍ଦନା କାଟାରିୟା, ସଙ୍ଗିତା କୁମାରୀ, ବୈଷ୍ଣବୀ ଭିଟ୍ଠାଲ ଫାଲ୍‌କେ, ନିକ୍କି ପ୍ରଧାନ, ସୁଶୀଳା ଚାନୁ, ସାଲିମା ଟେଟେ।

## ହ୍ୟାଣ୍ଡବଲ ରେଫରି ପରୀକ୍ଷାରେ ରଶ୍ମି ଉତ୍ତୀର୍ଣ୍ଣ



**ଭୁବନେଶ୍ୱର, ୩୧।୮ (ତପନ ସ୍ୱାଇଁ)**

ହ୍ୟାଣ୍ଡବଲ ଆସୋସିଏଶନ ଅଫ୍ ଇଣ୍ଡିଆ ପକ୍ଷରୁ ପଞ୍ଜାବର ପଟିଆଲା ସ୍ଥିତ ଏନ୍‌ଆଇଏସ୍ ସେଣ୍ଟରରେ ଚଳିତ ମାସ ୨୨ରୁ ୨୮ ପର୍ଯ୍ୟନ୍ତ ଜାତୀୟ ରେଫରି ପରୀକ୍ଷା ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମୋଟ ୧୫୬ ଜଣ ଅଂଶ ଗ୍ରହଣ କରିଥିଲେ। ପୁରୀ ଜିଲାର ଏନ୍‌ଆଇଏସ୍ କୋଚ ରଶ୍ମୀ ରଞ୍ଜନ ତ୍ରିପାଠୀ ଏହି ପରୀକ୍ଷାରେ ସଫଳତାର ସହ ଉତୀର୍ଣ୍ଣ ହୋଇଛନ୍ତି। ଏହି ସଫଳତା ପାଇଁ ଓଡିଶା ରାଜ୍ୟ ହ୍ୟାଣ୍ଡବଲ ସଂଘ ସମ୍ପାଦକ ମାନସ ସିଂ, ସଭାପତି ବିପ୍ଳବ ଚୌଧୁରୀ ଓ କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ ରଶ୍ମୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ବିଜୟରୁ ଶ୍ରୀଲଙ୍କାର ଅଭିଯାନ

**ପାଲେକେଲ, ୩୧।୮**

ଏସିଆ କପ୍ କ୍ରିକେଟ ୨୦୨୩ରେ ଗୁରୁବାର ବାଂଲାଦେଶକୁ ୫ ଉଇକେଟରେ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି ଶ୍ରୀଲଙ୍କା। ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୧୬୪ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ନଜମୋଲ ହୋସେନ୍ ଶନ୍ତୋ ସର୍ବାଧିକ ୮୯ ରନ୍ କରିଥିଲେ। ଜବାବରେ ଶ୍ରୀଲଙ୍କା ସାଦିରା ସମରୱିକ୍ରମା ଓ ଚରିଥ୍ ଅସଲଙ୍କାଙ୍କ ଅର୍ଦ୍ଧଶତକ ବଳରେ ୩୯ ଓଭରରେ ୫ ଉଇକେଟ ହରାଇ ୧୬୫ ରନ୍ କରିଥିଲା ଶ୍ରୀଲଙ୍କା।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୪୨.୪ ଓଭରରେ ୧୬୪/୧୦ (ନଜମୋଲ ହୋସେନ୍ ଶନ୍ତୋ-୮୯, ମହମ୍ମଦ ନଇମ-୧୬, ତୋହିଦ୍ ହ୍ରିଦୟ-୨୦, ମଥୀଷା ପଥିରାନା-୪/୩୨, ମହୀଷ ଥିକ୍‌ସାନା-୨/୧୯, ଦାସୁନ ଶନକା-୧/୧୬)। ଶ୍ରୀଲଙ୍କା ୩୯ ଓଭରରେ ୧୬୫/୫ (ଚରିଥ୍ ଅସଲଙ୍କା-୬୨*, ସାଦିରା ସମରୱିକ୍ରମା-୫୪, ଦାସୁନ ଶନକା-୧୪*, ସାକିବ ଅଲ ହସନ-୨/୨୯, ଶୋରିଫୁଲ ଇସଲାମ-୧/୨୩, ତାସ୍କିନ୍ ଅହମଦ-୧/୩୪।





4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ